ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୪/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, April 24/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 149 | ମୂଲ୍ୟ ₹୭/-




ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମଠାରେ ଗୁରୁବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣରେ ମୁଖ୍ୟ ଅତିଥି ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ମୁଖ୍ୟବକ୍ତା ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ।

# ଶୂନରୁ ଶିଖରକୁ ପହଞ୍ଚିଥିବା ବ୍ୟକ୍ତି ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

## 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣ

### ୧୮ ଉଦ୍ୟୋଗୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୩।୪ (ଅନୁରାଧା ମହାରଣା)**

ଶୂନରୁ ଆରମ୍ଭ କରି ଯେଉଁମାନେ ସଫଳତାର ଶିଖରକୁ ପହଞ୍ଚନ୍ତି, ସେମାନେ ସମାଜ ପାଇଁ ପ୍ରେରଣାର ଉତ୍ସ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇଥିଲେ। ଚଳିତବର୍ଷ ମଧ୍ୟ ବିଭିନ୍ନ ଉଦ୍ୟୋଗରେ ସଫଳତା ହାସଲ କରିଥିବା ୧୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆଦ୍ୟାଶା ସ୍ୱାଗତ ଭାଷଣରେ କହିଥିଲେ, କୋଭିଡ୍ ସମୟରେ ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗ ଜଗତ ଅନେକ ଆହ୍ୱାନ ଦେଇ ଗତି କରୁଥିବାବେଳେ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ପରିକଳ୍ପନା କରାଯାଇଥିଲା। ପୂର୍ବରୁ କେବଳ ଭୁବନେଶ୍ୱର ଓ କଟକରେ ଉଦ୍ୟୋଗ ଜଗତ ସୀମିତ ଥିବାବେଳେ ବର୍ତ୍ତମାନ ସାରା ଓଡ଼ିଶାରେ ଉଦ୍ୟୋଗ ବିସ୍ତାର ହେଉଛି ଏବଂ ଏଭଳି ଉଦ୍ୟୋଗୀଙ୍କୁ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି।

ଶିଳ୍ପମନ୍ତ୍ରୀ ସ୍ୱାଇଁ କହିଲେ, ଓଡ଼ିଶା ଆଜି ଅର୍ଥନୈତିକ, ବ୍ୟବସାୟିକ ତଥା ଶିଳ୍ପ ଯାତ୍ରାରେ ଆଗକୁ ବଢୁଛି। ସରକାରଙ୍କର ଶିଳ୍ପ ଅନୁକୂଳ କାର୍ଯ୍ୟ, ଷ୍ଟ୍ରିମଲାଇନ୍ଡ ପ୍ରୋସେସେସ, ଲ୍ୟାଣ୍ଡ ବ୍ୟାଙ୍କ୍ ଏବଂ ସେକ୍ଟର୍-ସ୍ପେସିଫିକ ଇନିସିଏଟିଭ ଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ପୂର୍ବାପେକ୍ଷା ଆହୁରି ସହଜ ହୋଇପାରିଛି। ଆମେ ପାରମ୍ପରିକ ଶିଳ୍ପ ସହିତ ନ୍ୟୁ-ଏଜ୍ ଇଣ୍ଡଷ୍ଟ୍ରିଜ, ପରିବେଶ ଅନୁକୂଳ ଓ ଲେବର୍ ଇଣ୍ଟେନସିଭ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇ ଗତ ୨୨ ମାସ ଭିତରେ ଏଚ୍ଏଲ୍ସିଏ ଏବଂ ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ ମାଧ୍ୟମରେ ୪୩୩ଟି ଶିଳ୍ପ ପ୍ରକଳ୍ପ ସହିତ ପାଖାପାଖି ୮ ଲକ୍ଷ ୩୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ ଦେଇସାରିଛୁ। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ରାଜ୍ୟକୁ ଆସିଥିବା ପୁଞ୍ଜିନିବେଶର ପ୍ରସ୍ତାବ ମଧ୍ୟରୁ ପ୍ରାୟ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ୧୪୮ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହୋଇସାରିଲାଣି। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୨ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇପାରିଛି। ବୃହତ ଶିଳ୍ପକୁ ଆଧାର କରି ଅନେକ ଡାଉନଷ୍ଟ୍ରିମ ଓ ଆନ୍‌ସିଲାରି ଇଣ୍ଡଷ୍ଟ୍ରି ଏବଂ ଏମ୍ଏସ୍ଏମ୍ଇ ଓ ଷ୍ଟାର୍ଟଅପ୍ ଉଦ୍ୟୋଗ ଆରମ୍ଭ ହେବାକୁ ଯାଉଛି। ☞ପୃଷ୍ଠା-୭

# ଭାରତ 'ନର୍କକୁଣ୍ଡ' : ଟ୍ରମ୍ପ୍

**ୱାଶିଂଟନ, ୨୩।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ନିଜ ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଆମେରିକାରେ ଜନ୍ମଗତ ନାଗରିକତା ନିୟମକୁ ଶେଷ କରିବା ପାଇଁ ଅଭିଯାନ ଚଳାଇଥିବା ଟ୍ରମ୍ପ୍ ଜଣେ ରାଜନୈତିକ ସମୀକ୍ଷକ ମାଇକେଲ ସାଭେଜ୍‌ଙ୍କ ଲେଖାକୁ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଶେୟାର କରିଛନ୍ତି। ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଓ ଚାଇନା ଭଳି 'ନର୍କକୁଣ୍ଡ' ସମାନ ଦେଶରୁ ଲୋକମାନେ କେବଳ ନାଗରିକତା ପାଇବା ଆଶାରେ ଆମେରିକା ଆସି ପିଲା ଜନ୍ମ କରୁଛନ୍ତି। ଏହି ନିୟମ ବଳରେ ସେହି ପିଲାମାନେ ସହଜରେ ଆମେରିକୀୟ ନାଗରିକ ହୋଇଯାଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେମାନେ ନିଜର ପୂରା ପରିବାରକୁ ଆମେରିକା ନେଇ ଆସୁଛନ୍ତି।

ଆମେରିକା ସମ୍ବିଧାନର ୧୪ତମ ସଂଶୋଧନ ଅନୁଯାୟୀ, ଆମେରିକା ମାଟିରେ ଜନ୍ମିତ ଯେକୌଣସି ଶିଶୁ ସ୍ୱାଭାବିକ ଭାବେ ସେଠାକାର ନାଗରିକତା ପାଇଥାଏ। ଟ୍ରମ୍ପ୍ ଏହି ନିୟମକୁ ରଦ୍ଦ କରିବାକୁ ଚାହୁଁଛନ୍ତି। ଟ୍ରମ୍ପ ଶେୟାର କରିଥିବା ପୋଷ୍ଟରେ କୁହାଯାଇଛି ଯେ, କାଲିଫର୍ନିଆର ☞ପୃଷ୍ଠା-୭

# ମେ' ୧୫ରୁ ସିବିଏସ୍ଇ ଦ୍ୱିତୀୟ ବୋର୍ଡ ପରୀକ୍ଷା

**ଭୁବନେଶ୍ୱର,୨୩।୪ (ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ)ର ଦ୍ୱିତୀୟ ଦଶମ ବୋର୍ଡ ପରୀକ୍ଷା ମେ' ୧୫ରୁ ଆରମ୍ଭ ହେବ। ଏନେଇ ଗୁରୁବାର ସିବିଏସ୍ଇ ପକ୍ଷରୁ ବିଜ୍ଞପ୍ତି ଓ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଏହି ପରୀକ୍ଷା ମେ' ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟା ୩୦ରୁ ୧ଟା ୩୦ ଯାଏ ଚାଲିବ। ପ୍ରଥମ ଦିନ ଅର୍ଥାତ ୧୫ ତାରିଖରେ ଗଣିତ ପରୀକ୍ଷା ରହିଛି। ୧୬ ତାରିଖରେ ଇଂଲିଶ, ୧୮ରେ ବିଜ୍ଞାନ ଓ ୧୯ରେ ବିଭିନ୍ନ ଭାଷା ପରୀକ୍ଷା ଅନୁଷ୍ଠିତ ହେବ। ଛାତ୍ରୀଛାତ୍ର ହିନ୍ଦୀ, ଉର୍ଦ୍ଦୁ, ପଞ୍ଜାବୀ, ବଙ୍ଗଳା, ତାମିଲ, ତେଲୁଗୁ , ମରାଠୀ, ଗୁଜରାଟୀ, ମଣିପୁରି, ମାଲାୟଲମ, ଓଡ଼ିଆ, ଅସମିଆ, କନ୍ନଡ଼ ଏବଂ ଆରବି ଆଦି ଭାରତୀୟ ଭାଷା ବିଷୟରେ ପରୀକ୍ଷା ଦେଇପାରିବେ। ସେହିପରି ଫରାସୀ, ଜର୍ମାନ, ସ୍ପାନିସ ଏବଂ ଜାପାନୀ ପରି ବିଦେଶୀ ଭାଷାରେ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ୨୦ ତାରିଖରେ ଚିତ୍ରକଳା, ସଂସ୍କୃତ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ପରୀକ୍ଷା ଏବଂ ଶେଷ ଦିନ ଅର୍ଥାତ ୨୧ତାରିଖରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ। ସିବିଏସ୍ଇ ଦ୍ୱିତୀୟ ବୋର୍ଡ ପରୀକ୍ଷା ବ୍ୟବସ୍ଥା ୨୦୨୬ ମସିହାଠାରୁ ଲାଗୁ କରାଯାଇଛି। ଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ। ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ହର୍ମୁଜରୁ ତାଇୱାନ**

# ଭାରତରେ ବଢୁଛି ଅତି-ଧନୀଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୨୩।୪ (ଆଇଏଏନ୍ଏସ୍)**

ଭାରତରେ ଅତି ଧନୀ ବ୍ୟକ୍ତି ବା 'ଅଲଟ୍ରା-ରିଚ୍' ଲୋକଙ୍କ ସଂଖ୍ୟାରେ ବଡ଼ଧରଣର ବୃଦ୍ଧି ପରିଲକ୍ଷିତ ହୋଇଛି। ଗୁରୁବାର ପ୍ରକାଶିତ 'ନାଇଟ୍ ଫ୍ରାଙ୍କ୍' ରିପୋର୍ଟ ଅନୁଯାୟୀ, ଭାରତରେ ଅଲଟ୍ରା-ହାଇ୍-ନିଟ୍-ଓ୍ୱର୍ଥ ଇଣ୍ଡିଭିଜୁଆଲ (ୟୁଏଚ୍ଏନ୍‌ଡବ୍ଲ୍ୟୁଆଇ) ବ୍ୟକ୍ତିଙ୍କ ସଂଖ୍ୟା (ଯେଉଁମାନଙ୍କ ସମ୍ପତ୍ତି ପ୍ରାୟ ୨୫୦ କୋଟି ଟଙ୍କାରୁ ଅଧିକ) ବର୍ତ୍ତମାନ ୧୯,୮୭୭ ରହିଛି। ୨୦୩୧ ସୁଦ୍ଧା ଏହି ସଂଖ୍ୟା ୨୭% ବୃଦ୍ଧି ପାଇ ୨୫,୨୧୭ରେ ପହଞ୍ଚିବାର ସମ୍ଭାବନା ଅଛି। ବିଶ୍ୱସ୍ତରରେ ଅତି-ଧନୀ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ଏବେ ଷଷ୍ଠ ସ୍ଥାନରେ ରହିଛି। ନାଇଟ୍ ଫ୍ରାଙ୍କ୍ ରିପୋର୍ଟ ହେଉଛି ବିଶ୍ୱର ସମ୍ପତ୍ତି, ବିଳାସପୂର୍ଣ୍ଣ ନିବେଶ ଏବଂ ରିଅଲ ଇଷ୍ଟେଟ ବଜାର ଉପରେ ଆଧାରିତ ଏକ ପ୍ରମୁଖ ବାର୍ଷିକ ରିପୋର୍ଟ। ଏହି ରିପୋର୍ଟ ମୁଖ୍ୟତଃ ନାଇଟ୍ ଫ୍ରାଙ୍କ୍ ଏଲ୍ଏଲ୍‌ପି



ନାମକ ଏକ ବିଶ୍ୱସ୍ତରୀୟ ସ୍ୱାଧୀନ ରିଅଲ ଇଷ୍ଟେଟ ପରାମର୍ଶଦାତା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଏବଂ ପରିଚାଳିତ। ଏହାର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅଛି। ଏହି ରିପୋର୍ଟରେ ବିଶ୍ୱ ତଥା ଭାରତର ଆର୍ଥିକ ଅଭିବୃଦ୍ଧିକୁ ନେଇ ଅନେକ ତଥ୍ୟ ପ୍ରକାଶ ପାଇଛି।

ଗତ ୫ ବର୍ଷ ମଧ୍ୟରେ ଭାରତରେ ବିଲିୟନେୟାର (ଯେଉଁମାନଙ୍କ ସମ୍ପତ୍ତି ପ୍ରାୟ ୮୪୦୦ କୋଟି ଟଙ୍କାରୁ ଅଧିକ)ଙ୍କ ସଂଖ୍ୟା ୫୮% ବୃଦ୍ଧି ପାଇ ୨୦୭ରେ ପହଞ୍ଚିଛି। ଆମେରିକା ଏବଂ ଚାଇନା ପରେ ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ତମ ବିଲିୟନେୟାର ଦେଶ। ୨୦୩୧ ସୁଦ୍ଧା ଏହି ସଂଖ୍ୟା ଆହୁରି ୫୧% ବଢ଼ି ୩୧୩ ରେ ପହଞ୍ଚିବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁସାରେ, ସମ୍ପତ୍ତି କେବଳ କିଛି ସ୍ଥାନରେ ସୀମିତ ନ ରହି ଏବେ ବିଭିନ୍ନ ସହରକୁ ବ୍ୟାପିବାରେ ଲାଗିଛି। ମୁମ୍ବାଇ ଏବେ ମଧ୍ୟ ୩୫.୪% ଅଂଶଧନ ସହ ଦେଶର ଶୀର୍ଷରେ ରହିଛି। ଦିଲ୍ଲୀ (୨୨.୮%), ଚେନ୍ନାଇ ଏବଂ ହାଇଦ୍ରାବାଦରେ ଧନୀଙ୍କ ସଂଖ୍ୟା ବହୁତ ବଢ଼ିଛି। ଅନ୍ୟପଟେ, ବେଙ୍ଗାଲୁରୁରେ ଅତି-ଧନୀଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଛି।

ନାଇଟ୍ ଫ୍ରାଙ୍କ୍ ଇଣ୍ଡିଆର ଅଧ୍ୟକ୍ଷ ଶିଶିର ବୈଜଲ କହିଛନ୍ତି, ଭାରତୀୟ ଅର୍ଥନୀତି ଏବେ ଅଧିକ ଉଦ୍ୟୋଗୀଭିତ୍ତିକ ହେବାକୁ ଯାଉଛି। ଡିଜିଟାଲାଇଜେଶନ, ଶେୟାର ବଜାରର ସଫଳତା ଏବଂ ପାରିବାରିକ ବ୍ୟବସାୟର ଅଭିବୃଦ୍ଧି ଯୋଗୁ ଦେଶରେ ସମ୍ପତ୍ତି ସୃଷ୍ଟି ହେବାର ନୂଆ ସୁଯୋଗ ସୃଷ୍ଟି ହୋଇଛି। ନାଇଟ୍ ଫ୍ରାଙ୍କ୍‌ର ଗ୍ଲୋବାଲ ହେଡ୍ ଲିୟାମ ବେଲିଙ୍କ କହିବାନୁଯାୟୀ, ବିଶ୍ୱସ୍ତରରେ ଭାରତ ପରି ଉଦୀୟମାନ ଅର୍ଥନୀତିଗୁଡ଼ିକ ଏବେ ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

LOVELY PROFESSIONAL UNIVERSITY
Transforming Education Transforming India
NAAC GRADE A++

LPU'S FINAL YEAR STUDENT GOT
₹2.5 CRORE PACKAGE
Sri Saravana Vishnu JSB
Subbhulakshmi Ranganathan
B.Tech in Robotics & Automation
Batch 2025
*Batch 2021 - 2026

2000+ LPU students selected at packages of
₹10 Lakh-₹2.5 Crore*

₹1.03 CRORE ($1,18,000) Vamsi Reddy
₹1.0 CRORE Pavan Kunchala
₹58 lakh Shweta Ranjan
₹53 lakh Ayush Kumar Joshi
₹53 lakh Nitesh
₹53 lakh Anjali
₹53 lakh Aditi Gupta
& many more...
Scan QR code for details of students placed at different packages

You may EARN YOUR FEE BACK[1]
BEFORE COMPLETING YOUR DEGREE
Through paid Industry Projects, Internships, Consultancy, Share Trading, Drop-shipping, Hackthons & many more...
#Edu-Revolution
T&C Apply

RANKED AMONGST TOP UNIVERSITIES OF INDIA
THE World University Rankings 2026
Times Higher Education World University Rankings 2026
5th Amongst Both Government & Private Universities of India
World Wide- 601-800 Band
and many more...

ADMISSIONS OPEN 2026
Programmes after 10th, 12th, Graduation & Post Graduation

- Engineering
  - Computer Science & Engineering
  - Artificial intelligence & Machine Learning (AI & ML)
  - Genetics & Artificial Intelligence
  - Data Science & Data Engineering
  - Robotics and Automation
  - Electronics & Communication
  - Mechanical
  - Automobile
  - Aerospace
  - Civil
- Computer Applications and IT
- Forensic Sciences
- Microbiology
- Biotechnology
- Physics
- Chemistry
- Zoology
- Botany
- Mathematics & Statistics
- Management
- Commerce
- Economics
- Hotel Mangement & Tourism
- Architecture
- Planning
- Design
- Fashion Design
- Product & Industrial Design
- Multimedia & Animation, Gaming, Graphics & UI/UX
- Interior and Furniture Design
- Interaction Design(UI/UX)
- Journalism & Mass Communication
- Film & TV Production
- Performing Arts
- Fine Arts
- Nutrition and Dietetics
- Education
- Hindi/ Punjabi
- Agriculture
- Food Technology
- Law
- Pharmaceutical Sciences
- Ayurvedic Pharmaceutical Sciences
- Medical Laboratory Tech.
- Paramedical Sciences
- Embryology
- Physiotherapy
- English & Foreign Languages
- Arts (Humanities)
- Psychology
- Sociology
- History
- Political Science
- Governance & Public Policy
- Geography
- Library Science
- Physical Education

Apply for LPUNEST 2026
How to Apply: Applicants can apply online at www.lpu.in
For last date and other details, refer university website www.lpu.in
Scholarships upto 100% on the basis of merit
APPLY NOW Scan QR Code

APPLY BY 25th APRIL, 2026 TO AVAIL MAXIMUM SCHOLARSHIP

MEET OUR COUNSELLORS
BHUBANESWAR (24 - 26 April) The Presidency 1471/A, NH16, Near ISKCON Temple, Nayapalli Ph: 9875939957
RAURKELA (24 - 25 April) Regency Inn, Bisra Road, Behind World of Titan Showroom, Udit Nagar | Ph: 9888598769
ANGUL (26 - 30 April) Hotel Jasmin Palace, NH-55, Kandsar, Nalco Nagar. Ph: 9888598769

LOVELY PROFESSIONAL UNIVERSITY (LPU)
Jalandhar-Delhi G.T. Road, Phagwara, Punjab
admissions@lpu.co.in | www.lpu.in
Contact us: 01824-405517
ThinkBIG

## ଦିଲ୍ଲୀରେ ଆଜି



ନାରୀ ଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରିତା ଦାବିରେ ମହିଳା କଂଗ୍ରେସ ସଦସ୍ୟମାନେ ଗୁରୁବାର ନୂଆଦିଲ୍ଲୀର ଗୋଲ ଡାକ୍ ଖାନାଠାରେ ଏକାଠି ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପଠାଉଛନ୍ତି। (ଫଟୋ: ଚମନ ଗୌତମ)

# ପଞ୍ଜାବ ଏମ୍‌ପି ଅମ୍ରିତପାଲ୍ ସିଂ ଗିରଫ

## ୨୦୨୩ ହିଂସା ମାମଲା

**ଚଣ୍ଡିଗଡ଼, ୨୩।୪**

୨୦୨୩ର ଅଜନାଲା ହିଂସା ମାମଲାରେ ପଞ୍ଜାବ ଏମ୍‌ପି ଅମ୍ରିତପାଲ୍ ସିଂଙ୍କୁ ଗୁରୁବାର ଗିରଫ କରାଯାଇଛି। ଅଜନାଲା ଥାନା ଆକ୍ରମଣ ସହ ଅମ୍ରିତପାଲ୍ ସମ୍ପୃକ୍ତ ଥିଲେ। ତାଙ୍କର ଏନ୍‌ଏସ୍‌ଏ ହାଜତ ମିଆଦ ଶେଷ ହେବା ପରେ ପୁନର୍ବାର ଗିରଫ କରାଯାଇ ଦିବ୍ରୁଗଡ଼ରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଅଜନାଲା କୋର୍ଟରେ ହାଜର କରାଯାଇଥିଲା। ଏବେ ସେ ଦିବ୍ରୁଗଡ଼ କେନ୍ଦ୍ରୀୟ ଜେଲରେ ରହିବେ। ସୂଚନାଯୋଗ୍ୟ, ଏନ୍‌ଏସ୍‌ଏ



ଦ୍ୱାରା ଗିରଫ ହେବା ପରେ ଅମ୍ରିତପାଲ୍ ୨୦୨୩ ଏପ୍ରିଲ ୨୩ରୁ ଦିବ୍ରୁଗଡ଼ କେନ୍ଦ୍ରୀୟ ଜେଲରେ ରହିଆସୁଛନ୍ତି।

# ଓଡ଼ିଶାରୁ ୫ ଫସଲ କ୍ରୟ ଉପରେ ଏମ୍‌ଏସ୍‌ପିକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୩।୪**

ଓଡ଼ିଶାରୁ ୫ଟି ଫସଲ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ କରିବାକୁ କେନ୍ଦ୍ର ମଞ୍ଜୁରୀ ଦେଇଛି। ଏମ୍‌ଏସ୍‌ପି ବାବଦ ମୋଟ ୧,୪୨୮.୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ଓଡ଼ିଶାର କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ଭର୍ଚୁଆଲ ବୈଠକ ପରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହା ଘୋଷଣା କରିଛନ୍ତି। ଅନୁମୋଦିତ ଫସଲ ମଧ୍ୟରେ ରହିଛି ମୁଗ, ବିରି, ବାଦାମ, ସୂର୍ଯ୍ୟମୁଖୀ ଓ ଶୋରିସ। ଏହିସବୁ ଫସଲ ସିଧାସଳଖ ଚାଷୀଙ୍କଠାରୁ କିଣାଯିବ ଓ କ୍ରୟରେ ସ୍ୱଚ୍ଛତା ବଜାୟ ରହିବ। ଓଡ଼ିଶାରୁ ୩୦୨.୪ କୋଟି ଟଙ୍କା ଏମ୍‌ଏସ୍‌ପି ମୂଲ୍ୟରେ ୩୪,୪୯୨ ଟନ୍ ମୁଗ, ୯୩୧.୨ କୋଟି ଟଙ୍କା ମୂଲ୍ୟରେ ୧.୧୯ ଲକ୍ଷ ଟନ୍ ବିରି, ୨୦,୨୧୯ ଟନ୍ ବାଦାମ, ୨,୨୧୦ ଟନ୍ ସୂର୍ଯ୍ୟମୁଖୀ ଓ ୩୦.୭୭ କୋଟି ମୂଲ୍ୟରେ ୪,୯୬୪ ଟନ୍ ଶୋରିସ କିଣାଯିବ।

# ୪ ଅଭିଯୁକ୍ତ ଦୋଷମୁକ୍ତ

## ମାଲେଗାଁଓ ବିସ୍ଫୋରଣ ମାମଲା

**ମୁମ୍ବାଇ, ୨୩।୪**

୨୦୦୬ ମାଲେଗାଁଓ ବିସ୍ଫୋରଣ ମାମଲାରେ ବମ୍ବେ ହାଇକୋର୍ଟ ବୁଧବାର ୪ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ସ୍ୱତନ୍ତ୍ର କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୪ ଅଭିଯୁକ୍ତ ରାଜେନ୍ଦ୍ର ଚୌଧରୀ, ଧନ ସିଂ, ମନୋହର ରାମସିଂ ନରୱାରିଆ ଏବଂ ଲୋକେଶ ଶର୍ମା ସ୍ୱତନ୍ତ୍ର ଅଦାଲତଙ୍କ ରାୟ ବିରୋଧରେ କରିଥିବା ଆବେଦନକୁ ମୁଖ୍ୟ ବିଚାରପତି ଶ୍ରୀ ଚନ୍ଦ୍ରଶେଖର ଏବଂ ଜଷ୍ଟିସ୍ ଶ୍ୟାମ ଚଣ୍ଡକଙ୍କ ଖଣ୍ଡପୀଠ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

୨୦୦୬ ସେପ୍ଟେମ୍ବର ୮ରେ ଶୁକ୍ରବାର ନମାଜ ପାଠ ବେଳେ ନାଶିକ ଜିଲାର ମାଲେଗାଁଓ ସହରରେ ଥବା ହମିଦିଆ ମସ୍‌ଜିଦ, ବଡ଼ କବ୍ରସ୍ତାନ ଏବଂ ମୁଶାୱରତ ଚୌକରେ ୪ଟି ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୩୧୨ ଜଣ ଆହତ ହୋଇଥିଲେ। ୪ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ସମେତ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିଲା।

# ହର୍ମୁଜ୍‌ରେ ଜାହାଜରୁ ଟୋଲ୍ ସଂଗ୍ରହକଲା ଇରାନ

## ଭାରତ ଆସୁଥିବା ଜାହାଜ ଜବତ ବେଳର ଭିଡିଓ ଜାରି

**ତେହରାନ୍, ୨୩।୪**

ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନାକୁ ନେଇ ଅନିଶ୍ଚିତତା ଜାରି ରହିଥିବାବେଳେ ତେହରାନ୍ ଗୁରୁବାର ପ୍ରଥମ ଥର ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜରୁ ଟୋଲ୍ ଆଦାୟ ଆରମ୍ଭ କରିଥିବା ଏହାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଯୋଗୁ ସୃଷ୍ଟି ହୋଇଥିବା ଅସ୍ଥିରତା ବିଶ୍ୱ ଅର୍ଥନୀତିକୁ କ୍ରମାଗତ ଭାବେ କ୍ଷତି ପହଞ୍ଚାଉଥିବାବେଳେ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ପରିବହନର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜଗୁଡ଼ିକରୁ ଇରାନର ଟୋଲ୍ ସଂଗ୍ରହ ତୈଳ ବଜାରକୁ ଆହୁରି ପ୍ରଭାବିତ କରିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଅସ୍ତ୍ରବିରତି ଅବଧି ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ଅନିଶ୍ଚିତତା ଜାରି ରହିଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଛି। ଇନ୍ଧନ ଅଭାବରୁ ଅନେକ ଏୟାରଲାଇନ୍ସ ବମାନ ଚଳାଚଳ ବାତିଲ କଲେଣି। ଆମେରିକା ଯେପର୍ଯ୍ୟନ୍ତ ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି, ସେ ପର୍ଯ୍ୟନ୍ତ ଅନୁମୋଦିତ ଅଳ୍ପ କେତେକ ଜାହାଜକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜାହାଜ



ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ ରଖାଯିବ ବୋଲି ତେହରାନ୍ କହିଛି। ଆମେରିକାର ଧମକ ଆଗରେ ମୁଣ୍ଡ ନୋଇଁବା, ହର୍ମୁଜ୍‌କୁ ଖୋଲିବା ଏବଂ ସମୃଦ୍ଧ ୟୁରାନିୟମକୁ ସମର୍ପଣ କରିବା ପାଇଁ ଟ୍ରମ୍ପଙ୍କ ଦାବିକୁ ତେହରାନ୍ ପ୍ରତ୍ୟାଖ୍ୟାନ କରିଦେଇଛି। ଗତ ୮ ତାରିଖରୁ ୨ ସପ୍ତାହବ୍ୟାପୀ ଅସ୍ତ୍ରବିରତି ଆରମ୍ଭ ହେବା ପରେ ଆକ୍ରମଣ ବନ୍ଦ ରହିଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପଥକୁ ନେଇ ଲାଗିରହିଥିବା ବିବାଦରେ କୌଣସି କୋହଳ ମନୋଭାବ ଦେଖାଯାଇ ନାହିଁ। ଉଭୟ ପକ୍ଷ ଆର୍ଥିକ ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ ଚଳାଇଛନ୍ତି।

ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଥିବା ଗୁରୁବାର ଏହା ଜାରି କରିଥିବା ଏକ ଭିଡିଓରୁ ସ୍ପଷ୍ଟ ହୋଇଛି। ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର କମାଣ୍ଡୋମାନେ ଏକ ବୃହତ୍ ଜାହାଜ ଭିତରକୁ ଧସେଇ ପଶୁଥିବା ଭିଡିଓରେ ଦେଖିବାକୁ ମିଳିଛି। ବୁଧବାର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଭାରତ ଅଭିମୁଖେ ଆସୁଥିବା ଜାହାଜକୁ ସଶସ୍ତ୍ର କମାଣ୍ଡୋମାନେ ଅଟକାଇବା ସହ ଏହା ଭିତରେ ପ୍ରବେଶ କରୁଥିବାର ଭିଡିଓ ଆଇଆର୍‌ଜିସି ଜାରି କରିଛି। ମୁଖା ପିନ୍ଧିଥିବା କମାଣ୍ଡୋମାନେ ସ୍ପିଡ୍ ବୋଟ୍‌ରେ ଆସି ଜାହାଜ ଉପରେ ଚଢୁଥିବା ଦେଖାଯାଇଛି। ଏପାମିନୋଣ୍ଡାସ୍ ଜାହାଜ ଇରାନ ସେନାର ସତର୍କ ସୂଚନାକୁ ଅଣଦେଖା କରିବାରୁ ଗାର୍ଡମାନେ ଗୁଳି ଚଳାଇଥିଲେ ବୋଲି ସେଠାର ସରକାରୀ ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମ ପ୍ରକାଶ କରିଛି। ଏହା ପରେ ୟୁଫୋରିଆ ନାମକ ଦ୍ୱିତୀୟ ଜାହାଜକୁ ଗୁଳି କରାଯିବାରୁ ତାହା ଅଟକିଥିଲା। ତୃତୀୟ ଜାହାଜ ଏମ୍‌ଏସ୍‌ସି ଫ୍ରାନ୍ସେସ୍କାକୁ ମଧ୍ୟ ଆଇଆର୍‌ଜିସି ଟାର୍ଗେଟ କରିଥିଲା।

# ହର୍ମୁଜ୍‌ରେ ମାଇନ୍ ବିଛାଉଥିବା ବୋଟ୍‌କୁ ଗୁଳିକର: ଟ୍ରମ୍ପ

**ୱାଶିଂଟନ୍, ୨୩।୪**

ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ଏକ ଭୟାନକ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ମାଇନ୍ ବିଛାଉଥିବା ବୋଟ୍‌ଗୁଡ଼ିକୁ ଗୁଳି କରି ଧ୍ୱଂସ କରିଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ନୌସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ନୌସେନା ହର୍ମୁଜ୍‌ର ମାଇନ୍ ହଟାଇବା କାର୍ଯ୍ୟ ଜାରି ରଖିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି। ମାଇନ ଭୟ ଏବଂ ୨ ଦେଶର ନୌସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବା ଆଶଙ୍କା ଥିବାବେଳେ ଟ୍ରମ୍ପ ଏଭଳି ଧମକ ଦେଇଛନ୍ତି। ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିବା ଟ୍ରମ୍ପ ଦାବି କରିଛନ୍ତି। ଆମେରକାର ଅନୁମୋଦନ ବିନା କୌଣସି ଜାହାଜ ଉକ୍ତ ଜଳପଥ ମଧ୍ୟରେ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରିବ ନାହିଁ ବୋଲି ସେ କହିଛନ୍ତି।

# ନେପାଳ ଗୃହମନ୍ତ୍ରୀଙ୍କ ଇସ୍ତଫା

**କାଠମାଣ୍ଡୁ, ୨୩।୪**

ନେପାଳ ଗୃହମନ୍ତ୍ରୀ ଭାବେ ଶପଥ ନେବାର ୩ ସପ୍ତାହ ପରେ ଗୃହମନ୍ତ୍ରୀ ସୁଦନ ଗୁରୁଙ୍ଗ ବୁଧବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଥିଲା। ନୂଆ ସରକାର କ୍ଷମତାକୁ ଆସିବାର ୨୪ ଘଣ୍ଟା ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏବଂ ତତ୍କାଳୀନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ଜେଲ୍ ପଠାଇ ଗୁରୁଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଜଣେ ବିବାଦୀୟ ବ୍ୟବସାୟୀଙ୍କ ସହ ବ୍ୟାବସାୟିକ ସମ୍ପର୍କ ରଖିବା ସହ ଶେୟାର କାରବାରକୁ ନେଇ ଗୁରୁଙ୍ଗ ସମାଲୋଚିତ ହୋଇଛନ୍ତି।

# ଆମେରିକାର ୩ ପୂର୍ବତନ ରାଷ୍ଟ୍ରପତି ପ୍ରତ୍ୟାଖ୍ୟାନ କରିଥିଲେ

## ନେତାନ୍ୟାହୁଙ୍କ ଇରାନ ଆକ୍ରମଣ ଯୋଜନା

**ୱାଶିଂଟନ୍, ୨୩।୪**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ ଆକ୍ରମଣ ପାଇଁ ପୂର୍ବରୁ ଆମେରିକାର ୩ ପୂର୍ବତନ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ଜନ୍ କେରି ଏହା କହିଛନ୍ତି। ଦି ଲେଟ୍ ଶୋ' ୱିଥ୍ ଷ୍ଟିଫେନ୍ କୋଲବର୍ଟରେ ଉଦ୍‌ବୋଧନ ଦେଇ କେରି କହିଛନ୍ତି, ଇରାନ ବିରୋଧରେ ଯୁଦ୍ଧ ପାଇଁ ନେତାନ୍ୟାହୁଙ୍କ ପ୍ରସ୍ତାବକୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଗ୍ରହଣ କରି ନ ଥିଲେ। ସେହିପରି ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଏବଂ ଜୋ ବାଇଡେନ୍ ମଧ୍ୟ ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ପୂର୍ବତନ ରାଷ୍ଟ୍ରପତିମାନେ ଇରାନ ବିରୋଧରେ ଯୁଦ୍ଧ କରିବାକୁ ରାଜି ହୋଇ ନ ଥିଲେ, କାରଣ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନର ବିକଳ୍ପ ଶେଷ ହୋଇ ନ ଥିଲା। ଉଭୟ ଭିଏତ୍‌ନାମ ଏବଂ ଇରାକ ଯୁଦ୍ଧ ସମାନ ଶିକ୍ଷା ଦେଇଥାଏ, ଯାହା ସେ ଭିଏତ୍‌ନାମ ଯୁଦ୍ଧର ଜଣେ ଅନୁଭବୀ ସୈନିକ ଭାବେ ପ୍ରତ୍ୟକ୍ଷ ଭାବେ ଜାଣନ୍ତି ବୋଲି କେରି କହିଛନ୍ତି।

କେରିଙ୍କ ଅଡିଓ କ୍ଲିପ୍‌କୁ ଇରାନର ପ୍ରେସ୍ ଟିଭି ଶେୟାର କରିଛି। ନେତାନ୍ୟାହୁଙ୍କ ଯୁଦ୍ଧ ପ୍ରସ୍ତାବକୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଓବାମା, ବୁଶ୍ ଏବଂ ବାଇଡେନ୍ ପ୍ରତ୍ୟାଖ୍ୟାନ କରିଥିଲେ। ସେତେବେଳେ ଅନୁମାନ



ଜର୍ଜ ଡବ୍ଲ୍ୟୁ ବୁଶ୍ | ବାରାକ୍ ଓବାମା | ଜୋ ବାଇଡେନ୍

କରାଯାଉଥିଲା ଯେ, ଶାସନ ବଦଳିବ, ଲୋକେ ବିଦ୍ରୋହ କରିବେ, କିନ୍ତୁ କିଛି ଘଟିଲା ନାହିଁ ବୋଲି ଇରାନ ପ୍ରେସ୍ ଟିଭି ଲେଖିଛି। ତେବେ ନେତାନ୍ୟାହୁ ଇରାନ ଆକ୍ରମଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କିଭଳି ମନାଇଲେ, ତାହାର ସବିଶେଷ ରିପୋର୍ଟ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଥିଲା। ଫେବୃଆରୀ ୧୧ରେ ସିଚୁଏଶନ ରୁମ୍‌ରେ ନେତାନ୍ୟାହୁ କହିଥିଲେ, ଇରାନର ବର୍ତ୍ତମାନର ସରକାର ଦୁର୍ବଳ ଏବଂ ଏହାକୁ ବଦଳାଯାଇପାରିବ। ସେ ଆମେରିକାକୁ ଇସ୍ରାଏଲ୍ ସହ ମିଶି ଇରାନ ଶାସନ ପରିବର୍ତ୍ତନ ପାଇଁ ସାମରିକ ଅଭିଯାନରେ ସାମିଲହେବା ନିମନ୍ତେ ଟ୍ରମ୍ପଙ୍କୁ ମନାଇବାରେ ସଫଳ ହୋଇଥିଲେ।

# ଆଇଆର୍‌ଏସ୍ ଅଫିସରଙ୍କ ଝିଅଙ୍କୁ ବଳାତ୍କାର ପୂର୍ବରୁ ଅନ୍ୟ ଜଣଙ୍କୁ ବଳାତ୍କାର କରିଥିଲେ ଅଭିଯୁକ୍ତ

**ନୂଆଦିଲ୍ଲୀ, ୨୩।୪**

ଦକ୍ଷିଣ ଦିଲ୍ଲୀର ବରିଷ୍ଠ ଆଇଆର୍‌ଏସ୍ ଅଫିସରଙ୍କ ଝିଅଙ୍କୁ ତାଙ୍କ ବାସଭବନରେ ପଶି ବଳାତ୍କାର ପରେ ହତ୍ୟା କରିଥିବା ପୂର୍ବତନ ଘରୋଇ ସହାୟକ ୧୯ ବର୍ଷୀୟ ରାହୁଲ ମୀନା ୨.୫ ଲକ୍ଷ ଟଙ୍କା ଚୋରିକରି ନେଇଯାଇଥିବା ଜଣାପଡ଼ିଛି। ଦିଲ୍ଲୀର ଦ୍ୱାରିକା ଅଞ୍ଚଳରୁ ଗିରଫ ହୋଇଥିବା ରାହୁଲ ୮ ମାସ ଆଇଆର୍‌ଏସ୍‌ଙ୍କ ଘରେ କାମ କରିଥିବାରୁ ଘରର ଚାବି ଜୋତା ଷ୍ଟାଣ୍ଡରେ ରହୁଥିବା ଜାଣିଥିଲେ। ଏହା ସହାୟତାରେ ସେ ଘର ଭିତରେ ପ୍ରବେଶ କରିଥିଲେ। ଏହି ଘଟଣାର ଅଳ୍ପ କେଇଘଣ୍ଟା ପୂର୍ବରୁ ସେ ଅଲ୍‌ୱାରରେ ମଙ୍ଗଳବାର ରାତିରେ ଜଣେ ବନ୍ଧୁଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିଲେ। ସେ ନିଜ ମୋବାଇଲ୍ ଫୋନ୍‌କୁ ୧୦ ହଜାର ଟଙ୍କାରେ ବିକିଦେବା ପରେ ୬,୦୦୦ ଟଙ୍କାରେ କ୍ୟାବ୍ ବୁକ୍ କରି ଦିଲ୍ଲୀ ଆସିଥିଲେ। ଆଇଆର୍‌ଏସ୍ ଅଫିସର ଓ ତାଙ୍କ ସ୍ତ୍ରୀ କେତେବେଳେ ବାହାରକୁ ଯାଆନ୍ତି ଓ ଝିଅ ଏକାକୀ ଘରେ ଥାଏ, ତାହା ଜାଣିଥିବାରୁ ବୁଧବାର ସକାଳେ ରାହୁଲ ତାଙ୍କ ଘରେ ପ୍ରବେଶ କରି ଝିଅଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିଦେବାରୁ ବଳାତ୍କାର ପରେ ମୋବାଇଲ୍ ଫୋନ୍ ଚାର୍ଜର କେବୁଲରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ ବୋଲି ଜେରାବେଳେ କହିଛନ୍ତି।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା କୋଲାଥୁର ଆସନର ଡିଏମ୍‌କେ ପ୍ରାର୍ଥୀ ଏମ୍.କେ.ଷ୍ଟାଲିନ୍ ଓ ତାଙ୍କ ସ୍ତ୍ରୀ ଦୁର୍ଗା ଷ୍ଟାଲିନ୍ ଚେନ୍ନାଇର ଏକ ମତଦାନ କେନ୍ଦ୍ରରେ ଭୋଟ ଦେବା ପରେ ଶ୍ୟାହି ଲାଗିଥିବା ଆଙ୍ଗୁଠି ଦେଖାଉଛନ୍ତି।

# ପୁଣି ଚମକିବେ ପିସି

**ମୁମ୍ବାଇ**

ବଲିଉଡ୍‌ରୁ ହଲିଉଡ୍ ପର୍ଯ୍ୟନ୍ତ ସବୁଠି ରାଜ୍ କରୁଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା(ପିସି) ଏବେ ଚର୍ଚ୍ଚାରେ। ତାଙ୍କ ଅଭିନୀତ ହଲିଉଡ୍ ସିରିଜ୍ 'ସିଟାଡେଲ' ଚହଳ ସୃଷ୍ଟି କରିଛି। ୨୦୨୩ରେ 'ସିଟାଡେଲ' ସିରିଜ୍‌ରେ ନଜରକୁ ଆସିଥିଲେ ପିସି। ଏହାକୁ ଦର୍ଶକେ ଅନେକ ପ୍ରଶଂସା କରିଥିଲେ। ତିନି ବର୍ଷର ପ୍ରତୀକ୍ଷା ପରେ 'ସିଟାଡେଲ'ର ଦ୍ୱିତୀୟ ସିଜନ୍ ଆସୁଛି। ନୂତନ ସିଜନ୍‌ର ଟ୍ରେଲର ମଧ୍ୟ ମୁକ୍ତିଲାଭ କରିଛି।

ଟ୍ରେଲରରେ ପୂର୍ବାପେକ୍ଷା ଅଧିକ ଅନ୍ଧକାର ଏବଂ ବିପଦପୂର୍ଣ୍ଣ ମିଶନର ଏକ ଝଲକ ଦେଖାଯାଉଛି। ଏଥିରେ ପ୍ରିୟଙ୍କା ପୁଣି ତାଙ୍କ ଆକ୍ସନ ଅବତାରରେ ନଜରକୁ ଆସିଛନ୍ତି। ସେ ରିଚାର୍ଡ ମ୍ୟାଡେନଙ୍କ ସହ ବିପଜ୍ଜନକ ମିଶନ ଆରମ୍ଭ କରିଛନ୍ତି। ଏହି ଆକ୍ସନ-ପ୍ୟାକ୍ଡ ଟ୍ରେଲରଟି ବିଶ୍ୱସ୍ତରରେ ହାଇ-ରିସ୍କ ମିଶନର ଏକ ଝଲକ ପ୍ରଦାନ କରୁଛି। ଏହା ଅନେକ ଆଶ୍ଚର୍ଯ୍ୟଜନକ ବିଶ୍ୱାସଘାତକତା ଏବଂ ନୂତନ ଏଜେଣ୍ଟଙ୍କ ପରିଚୟକୁ ମଧ୍ୟ ସୂଚିତ କରେ।

ସିଟାଡେଲ ସିଜନ୍-୨ ଆସନ୍ତା ମେ' ୬ରୁ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମିଂ ଆରମ୍ଭ ହେବାକୁ ଯାଉଛି। ଏହି ସିଜନ୍‌ରେ ମୋଟ ୭ଟି ଏପିସୋଡ୍ ରହିବ। ପ୍ରିୟଙ୍କା ଚୋପ୍ରା ଏବଂ ରିଚାର୍ଡ ମ୍ୟାଡେନ୍‌ଙ୍କ ସମେତ ଷ୍ଟାନ୍‌ଲି ଟୁସି, ଲେସ୍‌ଲି ମ୍ୟାନଭିଲ, ଆସ୍ଲେ କମିଙ୍ଗ୍‌ସ, ଜ୍ୟାକ ରେନର୍, ମ୍ୟାଟ ବେରୀ, ଲାଇଲା ରବିନ୍ସ, ମେର୍ଲେ ଡାଣ୍ଡ୍ରିଜ, ଗାବ୍ରିଏଲ ଲୁନା ଏବଂ ରାୟନା ଭାଲାଣ୍ଡିଂହାମ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

ଅପରପକ୍ଷେ ପ୍ରିୟଙ୍କା ଦୀର୍ଘ ଦିନ ପରେ ଏକ ଭାରତୀୟ ଫିଲ୍ମରେ ବଡ଼ ପରଦାକୁ ଫେରିବାକୁ ଯାଉଛନ୍ତି। ଏସ୍.ଏସ୍. ରାଜାମୌଳିଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ରେ ମହେଶ ବାବୁଙ୍କ ସହ ପ୍ରିୟଙ୍କାଙ୍କୁ ଅଭିନୟ କରୁଥିବାର ଦେଖିବାକୁ ମିଳିବ।



ପ୍ରିୟଙ୍କା ଚୋପ୍ରା




ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର କଳିଙ୍ଗ ହକି ଷ୍ଟାଡିୟମରେ ଅନୁଷ୍ଠିତ ୧୫ତମ ନିଯୁକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଜନଗଣନାରେ ବାଧା ଦେଲେ ୩ ବର୍ଷ ଜେଲଦଣ୍ଡ

## ରାଜସ୍ୱ ବିଭାଗର ଏସ୍‌ଓପି: ଅଧିକାରୀଙ୍କୁ ମିଳିବ ସୁରକ୍ଷା

ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)

ରାଜ୍ୟରେ ଏପ୍ରିଲ ୧୬ରୁ ଆରମ୍ଭ ହୋଇଥିବା ଜନଗଣନାକୁ କିଭଳି ଶୃଙ୍ଖଳିତ କରାଯିବ ସେନେଇ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବା ପରେ ଗୁରୁବାର ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଅର(ଏସ୍‌ଓପି) ଜାରି କରିଛନ୍ତି। ଏସ୍‌ଓପିରେ ଡ. ପାଢ଼ୀ ଦର୍ଶାଇଛନ୍ତି, ଜନଗଣନା କାର୍ଯ୍ୟରେ ନିୟୋଜିତ ସୁପରଭାଇଜର ଓ ଏନ୍ୟୁମେରେଟରଙ୍କୁ ସୁରକ୍ଷା ମିଳିବ। ଯଦି କୌଣସି ବ୍ୟକ୍ତି ଏହି କାର୍ଯ୍ୟ ନିର୍ବାହ ବେଳେ ବାଧା ସୃଷ୍ଟି କରନ୍ତି ତେବେ ସେ ଆର୍ଥିକ ଓ ଜେଲଦଣ୍ଡରେ ଦଣ୍ଡିତ ହେବେ।

ଡ. ପାଢ଼ୀ ଏସ୍‌ଓପିରେ ଦର୍ଶାଇଛନ୍ତି, ଜନଗଣନା କର୍ମଚାରୀମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏନ୍ୟୁମେରେଟର ଓ ସୁପରଭାଇଜର (ଇଆଣ୍ଡଏସ୍) ମାନେ ସବୁବେଳେ ତାଙ୍କର ଆଧାରକାର୍ଡ ପିନ୍ଧିବାକୁ ପଡ଼ିବ। କ୍ଷେତ୍ରସ୍ଥଳରେ କାର୍ଯ୍ୟ ସମୟରେ ସେମାନେ ନିଯୁକ୍ତି ପତ୍ର ପାଖରେ ରଖିବେ। ଗ୍ରୀଷ୍ମପ୍ରବାହ ଅତ୍ୟଧିକ ଯୋଗୁ ଅଂଶୁଘାତ ଏଡ଼ାଇବା ପାଇଁ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରିବେ। ଦିନ ୧୧ଟାରୁ ୩ଟା ମଧ୍ୟରେ ଜନଗଣନା କାର୍ଯ୍ୟରୁ ନିବୃତ ରହିବେ ଏବଂ ପାଖରେ ଓଆର୍‌ଏସ୍ ନେବେ। ସମ୍ବେଦନଶୀଳ ଅଞ୍ଚଳରେ ଇଆଣ୍ଡଏସ୍‌ମାନେ ସୁରକ୍ଷା ପାଇଁ ସମ୍ମିଳିତ ହୋଇ କାମ କରିବେ। ଯଦି କୌଣସିଠାରେ ଜନଗଣନାବେଳେ ବିପଦ ଆଶଙ୍କା କରିବେ ସେ ସ୍ଥାନକୁ ଚିହ୍ନଟ କରି ସୁରକ୍ଷାବଳ ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ଯିବେ। ସୁପରଭାଇଜରମାନେ ଏନ୍ୟୁମେରେଟରମାନଙ୍କୁ ଟ୍ରାକ୍ କରି କାମର ଗତିବିଧି ଜାଣିପାରିବେ ଏବଂ ସୁରକ୍ଷା ଯୋଗାଇଦେବେ। ଯଦି କୌଣସି ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଲା ତେବେ ତୁରନ୍ତ ସେଠାରୁ ହଟିଯିବେ କିମ୍ବା ସମସ୍ୟାକୁ ଏଡ଼ାଇବା ପାଇଁ ଚେଷ୍ଟା କରିବେ। ଏପରି ଘଟଣାକୁ ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ।

ଡ. ପାଢ଼ୀ ଦର୍ଶାଇଛନ୍ତି, ସ୍ଥାନୀୟ ପୋଲିସ୍ ଅଧିକାରୀଙ୍କୁ ଇଆଣ୍ଡଏସ୍‌ମାନେ ସେମାନଙ୍କ ବିବରଣୀ ଦେବେ। ଜିଲା ପ୍ରଶାସନ ଦ୍ୱାରା ସମସ୍ତ ପୋଲିସ୍ ଥାନାକୁ ଏନ୍ୟୁମେରେଟରମାନଙ୍କ କାର୍ଯ୍ୟସୂଚୀ ସମ୍ବନ୍ଧରେ ଜଣାଇବେ। ସମ୍ବେଦନଶୀଳ ଅଞ୍ଚଳ ତଥା ପୂର୍ବ ଚିହ୍ନଟ ହୋଇଥିବା ଅଞ୍ଚଳକୁ ପୋଲିସ୍ କର୍ମଚାରୀଙ୍କ ସହିତ ଇଆଣ୍ଡଏସ୍‌ମାନେ ଯାଇ ଜନଗଣନା କରିବେ। ଜଣେ ପୋଲିସ ଅଫିସର ଏହି କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବେ। ଜନଗଣନା କାମ ଆରମ୍ଭ ପୂର୍ବରୁ ଇଆଣ୍ଡଏସ୍‌ମାନେ ସ୍ଥାନୀୟ ସମୁଦାୟ ନେତାମାନଙ୍କୁ ସମ୍ପର୍କ କରି ସହଯୋଗ ନେଇପାରିବେ। ଏହି ସମୟରେ ଯଦି କୌଣସି ବ୍ୟକ୍ତି ଜନଗଣନା କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି ତେବେ ତାଙ୍କ ବିରୋଧରେ ୧୯୪୮ର ସଂଶୋଧିତ ଜନଗଣନା ଆଇନ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅପରାଧ ପାଇଁ ଅର୍ଥଦଣ୍ଡ କିମ୍ବା ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିବ ବୋଲି ଡ. ପାଢ଼ୀ ଏସ୍‌ଓପିରେ ଦର୍ଶାଇଛନ୍ତି।

# ଭାଜପା ରାଲି ଯୋଗୁ ଟ୍ରାଫିକ୍ ଜାମ୍: କ୍ଷମା ମାଗିଲେ ମନ୍ତ୍ରୀ

ମୁମ୍ବାଇ,୨୩।୪



ମୁମ୍ବାଇର ୱର୍ଲି ଅଞ୍ଚଳରେ ଶାସକ ଭାଜପା ନେତୃତ୍ୱରେ ମହାମେଣ୍ଟ ପକ୍ଷରୁ ବୁଧବାର ଆୟୋଜିତ ଏକ ରାଲି ଯୋଗୁ ଟ୍ରାଫିକ୍ ଜାମ୍ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୁମ୍ବାଇର ଜଣେ ମହିଳା ମହାରାଷ୍ଟ୍ର ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନଙ୍କ ସମେତ ସ୍ଥାନୀୟ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଉତ୍ତେଜିତ ମହିଳା ଜଣକ ଭାଜପା ମନ୍ତ୍ରୀଙ୍କ ସହ ଯୁକ୍ତିତର୍କ କରିବା ସହିତ 'ଗେଟ୍ ଆଉଟ୍' କହୁଥିବା ଦେଖାଯାଇଥିଲା। ଆପଣମାନେ ଟ୍ରାଫିକ୍ ଜାମ୍ କରୁଛନ୍ତି। ଖୋଲା ସ୍ଥାନରେ କାହିଁକି ରାଲି କରାଯାଇପାରିଲା ନାହିଁ ବୋଲି ମହିଳା ଜଣକ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ମନ୍ତ୍ରୀ ଟ୍ରାଫିକ୍ ଜାମ୍ ପାଇଁ କ୍ଷମା ମାଗିଛନ୍ତି। ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରି ଭାଜପା ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ସୂଚନା ଅନୁଯାୟୀ, ମହିଳା ଜଣଙ୍କ ତାଙ୍କ ପିଲାମାନଙ୍କୁ ସ୍କୁଲ୍‌ରୁ ଆଣିବାକୁ ଯାଉଥିଲେ। ତେବେ ଟ୍ରାଫିକ୍ ଜାମ୍‌ରେ ସେ ଅନେକ ଘଣ୍ଟା ଅଟକି ରହିବାରୁ ରାଗିଯାଇଥିଲେ। ସେ ଗାଡ଼ିରୁ ବାହାରି ଶୋଭାଯାତ୍ରା ମଧ୍ୟଭାଗକୁ ଯାଇ ମନ୍ତ୍ରୀ ମହାଜନଙ୍କ ସହ ବଚସା କରିଥିଲେ। ରାସ୍ତା ଅବରୋଧକୁ ନେଇ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ଅସୁବିଧାରେ ପଡୁଥିବାରୁ ରାଲିର ଆୟୋଜକମାନଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ତୁରନ୍ତ ଗହଳି ହଟାଇବା ପାଇଁ ମହିଳା ଜଣକ ଦାବି କରିଥିଲେ।

# ପୃଥକ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ

ଗୁଣପୁର, ୨୩।୪(ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁର ଥାନା ଅନ୍ତର୍ଗତ ସିର୍ଜିଲି- ଗଠଲପଦର ମୁଖ୍ୟ ରାସ୍ତାରେ ଗୁରୁବାର ୨ଟି ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଆର୍କା ଭୁଗାନ (୬୦), ଶିବା ମାଣ୍ଡାଙ୍ଗୀ (୩୦) ଓ ଦୀପକ ଗୌଡ଼ (୩୨)।

ସୂଚନା ଅନୁଯାୟୀ, ଗୁଣପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ବଡବାରିଡି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ଉପର ଗୁମୁରିଗୁଡା ଗ୍ରାମର ଆର୍କା ଓ ଆନ୍ଧ୍ରପ୍ରଦେଶ ଆଡାମଗୁଡା ଗ୍ରାମର ଶିବାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ତ୍ରିପତି ଆପ୍ରାକା ଗୁରୁତର ଆହତ ହୋଇଥିବାବେଳେ ଶଙ୍କର ଶବର ସାମାନ୍ୟ ଆହତ ହୋଇଛନ୍ତି। ତ୍ରିପତିଙ୍କୁ ପ୍ରଥମେ ଗୁଣପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ରେଙ୍ଗଲପଦର ନିକଟରେ ଏକ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ ଏକ ବାଇକ୍‌କୁ ପଛରୁ ଧକ୍କାଦେବାରୁ ଦୀପକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୀପକ ଜଣେ ପୋଲିସ କନ୍‌ଷ୍ଟେବଲ ଥିଲେ ବୋଲି ଜଣାପଡିଛି। ଏହି ଦୁର୍ଘଟଣାରେ କେଦାରନାଥ ଗୌଡ (୫୨)ଙ୍କୁ ପ୍ରଥମେ ଗୁଣପୁର ଉପଖଣ୍ଡ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟେ କେଦାରନାଥ ଓ ଦୀପକ ସମ୍ପର୍କରେ ଦାଦାପୁତୁରା ବୋଲି ସୂଚନା ମିଳିଛି। ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏସ୍‌ଡିପିଓ ବାବୁଲି ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିବାବେଳେ ଥାନା ଅଧିକାରୀ କମଳକାନ୍ତ ବସନ୍ତ କହଁର ଓ ଏସ୍‌ଆଇ ରଞ୍ଜିତ ତ୍ରିପାଠୀ ତଦନ୍ତ ଜାରି ରଖିଛନ୍ତି।

# ବାଇକ୍ ଦୁର୍ଘଟଣାରେ ୨ ମୃତ

ଝରିଗାଁ,୨୩।୪ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ନୂଆଁଗୁଡ଼ା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଅଛନ୍ତି। ମୃତକମାନେ ହେଲେ ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅଧୀନ ସିନ୍ଧିଭଙ୍ଗା ଗ୍ରାମର ହୀରାଧାର ଜାନୀ(୧୮) ଓ ଚଚା ପଞ୍ଚାୟତ ଗବାଗୁଡ଼ା ଗ୍ରାମର ମିରୁ ଜାନୀ(୨୨)। ଧହଡାକୋଟ ଗ୍ରାମର ଟିବୁ ଜାନୀ(୨୨) ଏବଂ ମଙ୍ଗଲୁ ଜାନୀ(୧୭) ଗୁରୁତର ଅଛନ୍ତି। ସୂଚନାନୁଯାୟୀ, ହୀରାଧାର, ମିରୁ, ଟିବୁ ଏବଂ ମଙ୍ଗଲୁ ଏକ ବାଇକ୍‌ରେ ପାପଡ଼ାହାଣ୍ଡି ବ୍ଲକ ଅଧୀନ ବାର୍ଲୀ ଗ୍ରାମକୁ କୌଣସି କାମରେ ଯାଇଥିଲେ। ସେଠାରୁ କାମ ସାରି ସନ୍ଧ୍ୟା ପ୍ରାୟ ୫ଟାରେ ଫେରୁଥିଲେ। ଏହି ସମୟରେ ବଡ଼ଟେମେରା ପଞ୍ଚାୟତ ଅଧୀନ ନୂଆଗୁଡ଼ା ଗ୍ରାମ ନିକଟରେ ଥିବା ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ତାଙ୍କର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ହୀରାଧାର ଏବଂ ମିରୁ ଜାନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଟିବୁ ଜାନୀଙ୍କ ଛାତିରେ ମାଡ଼ ବାଜିଥିବାବେଳେ ମଙ୍ଗଲୁ ଜାନୀଙ୍କ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ମୃତଦେହ ରହିଛି। ଗୁରୁତରମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଖବରପାଇ ଝରିଗାଁ ପୋଲସ ପହଞ୍ଚି ତଦନ୍ତ ଜାରି ରଖିଛି।

# ବାଲିଚନ୍ଦ୍ରପୁର ଏସ୍‌ବିଆଇ କ୍ୟାଶିୟର ଜେଲ ଗଲେ

## ସୁନାରଣ ନାଁରେ ୫.୨୧ କୋଟି ହେରଫେର ମାମଲା

ଭୁବନେଶ୍ୱର/ଚଣ୍ଡିଖୋଲ, ୨୩।୪ (ତ୍ରିନାଥ ମହାନ୍ତି/ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର କ୍ୟାସିୟର ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ବୁଧବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ଗୁରୁବାର କଟକସ୍ଥିତ ଓପିଆଇଡି କୋର୍ଟରେ ହାଜର ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ୧୦୬ଟି ସୁନା ଋଣ ନାଁରେ ସେ ୫ କୋଟି ୨୧ ଲକ୍ଷ ୪୨ ହଜାର ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ବ୍ୟାଙ୍କରେ ନକଲି ସୁନା ବନ୍ଧକ ରଖି ଏହି ଟଙ୍କା ଉଠାଇ ନେଇଥିଲେ। ତାଙ୍କ ନିକଟରୁ ମୋବାଇଲ ଫୋନ, ବ୍ୟାଙ୍କ ପାସ୍‌ବୁକ୍, କ୍ରେଡିଟ କାର୍ଡ ଓ କିଛି କାଗଜପତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ପ୍ରଶାନ୍ତ ୨୦୨୨ ଜୁନ ୧ରେ ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କରେ ନିଯୁକ୍ତି ପାଇଥିଲେ। ସେ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ସୁନା ବନ୍ଧକ ରଖି ଋଣ ପ୍ରଦାନ ଦାୟିତ୍ୱରେ ଥିଲେ। ଏହାପରେ କ୍ୟାସିୟର ଭାବେ କାର୍ଯ୍ୟ କରିଥିଲେ। ୨୦୨୫ ଜୁଲାଇ ୧୦ରେ ବ୍ୟାଙ୍କ ଅଡିଟ ଆରମ୍ଭ ହୋଇଥିବାବେଳେ ସୁନା ଋଣ ସମ୍ବନ୍ଧୀୟ କାଗଜପତ୍ର ଯାଞ୍ଚ ପାଇଁ ପ୍ରଶାନ୍ତଙ୍କୁ କୁହାଯାଇଥିଲେ ମଧ୍ୟ ସେ କୌଣସି କାଗଜପତ୍ର ନ ଦେଇ ୧୪ ତାରିଖରୁ ଆଉ ବ୍ୟାଙ୍କ ଆସି ନ ଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିଲା। ବ୍ୟାଙ୍କର ମୁଖ୍ୟ ପରିଚାଳିକା ସଞ୍ଜିତା ମହାରଣା ପ୍ରଶାନ୍ତଙ୍କ ନିଜ ଗ୍ରାମ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ହାତୁଓଡା ଗ୍ରାମକୁ ଯାଇ ଖୋଜା ଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ବାଲିଚନ୍ଦ୍ରପୁର ଥାନାରେ ୧୬ ତାରିଖରେ ନିଖୋଜ ଅଭିଯୋଗ କରିଥିଲେ। ଉପରିସ୍ଥ ଅଧିକାରୀ ବ୍ୟାଙ୍କ ଆସି ତଦନ୍ତ କରିବାରୁ ସୁନା ଋଣ ପ୍ରଦାନରେ ଠକେଇ ହୋଇଥିବା ଜଣାପଡିଥିଲା। ନକଲି ସୁନା ବନ୍ଧକ ରଖି ୧୦୬ଟି ଋଣ ଉଠାଣ ହୋଇଥିବା ଧରାପଡ଼ିଥିଲା। ଏନେଇ ଏସ୍‌ବିଆଇର ଆଞ୍ଚଳିକ ଶାଖା ମହାପ୍ରବନ୍ଧକ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପ୍ରଶାନ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ଖୋଳତାଡ଼ ଚଳାଇଛି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଏସ୍‌ବିଆଇ ମୁଖ୍ୟ ଶାଖା ପରିଚଳିକା ସଞ୍ଜିତା କୁହନ୍ତି, ବ୍ୟାଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଥିଲା। ତେବେ ପ୍ରଶାନ୍ତଙ୍କ ଉପରେ ଅଫିସିଆଲ୍ କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟ।

# ଗଞ୍ଜାମରେ ପୁଣି ବଢ଼ିଲା ଛୁଟି

## ଆଉ ୨ଦିନ ବନ୍ଦ ରହିବ ସବୁ ସ୍କୁଲ

ଛତ୍ରପୁର, ୨୩।୪(ଦିଲୀପ ସାମଲ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ସ୍କୁଲ ଛୁଟି ଅବଧି ଆଉ ୨ଦିନ ପାଇଁ ବୃଦ୍ଧି କରିଛି। ଏପ୍ରିଲ ୨୪ ଓ ୨୫ ଦୁଇ ଦିନ ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦ ରହିବ। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହେବ। ତେବେ ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁରହିବ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏପ୍ରିଲ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଥିଲା।




# ବାରଣ ସମୟରେ ଶ୍ରମିକଙ୍କୁ କାମ କରାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଶ୍ରମମନ୍ତ୍ରୀ

ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିପାଇଁ ଦିନ ୧୧ଟାରୁ ୩ଟା ଯାଏ ଶ୍ରମିକମାନଙ୍କୁ କାର୍ଯ୍ୟ ନ କରାଇବା ପାଇଁ ବିଭାଗ ପକ୍ଷରୁ ବାରଣ କରାଯାଇଛି। ମାତ୍ର କେତେକ କ୍ଷେତ୍ରରେ ଏହି ନିର୍ଦ୍ଦେଶନାମା ପାଳନ ହେଉ ନ ଥିବା ଦୃଷ୍ଟିଗୋଚର ହୋଇଛି। ଏହାକୁ ନେଇ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଭିଯୋଗ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସରକାରୀ ହେଉ ଅବା ବେସରକାରୀ କାର୍ଯ୍ୟସ୍ଥଳି ସବୁଠାରେ ସରକାରୀ କଟକଣା ସମାନ। ତେବେ ଝାରସୁଗୁଡ଼ାରେ ଶିଳ୍ପ ଓ ପୋଡୁଚାଷ ପାଇଁ ଏବେ ତାପମାତ୍ରା ବଢ଼ିବାରେ ଲାଗୁଛି। ଝାରସୁଗୁଡ଼ାରେ ପ୍ରାୟ ୧୫ ପ୍ରତିଶତ ଜଙ୍ଗଲ ରହିଛି । ଚାଷୀମାନେ ପାରମ୍ପରିକ ଭାବେ ପୋଡୁଚାଷ ଅମଳ ପରେ ବିଲରେ ନିଆଁ ଲଗାଉଛନ୍ତି। ଏହାଦ୍ୱାରା ଉତ୍ତାପ ବଢୁଛି। ସେଥିରୁ ଚାଷୀମାନଙ୍କୁ ଦୂରେଇ ରଖିବା ପାଇଁ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ବଦଳିଲେ ୨୦ ବରିଷ୍ଠ ଓଏଏସ୍

ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଏହାସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନର କ୍ଷେତ୍ରୀୟ ଅଧିକାରୀ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସୁଧାକର ନାୟକଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ଡ. ଶ୍ୱେତ କୁମାର ଦାଶଙ୍କୁ ବ୍ରହ୍ମପୁର ମେଡିକାଲ କଲେଜର ରେଜିଷ୍ଟ୍ରାର ଭାବେ, ଡ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲାପାଳ, ସଚ୍ଚିଦାନନ୍ଦ ନାୟକଙ୍କୁ ଗଞ୍ଜାମ ଅତିରିକ୍ତ ଜିଲାପାଳ, ତପନ କୁମାର ଖୁଣ୍ଟିଆଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ, ସବ୍ୟସାଚୀ ପଣ୍ଡାଙ୍କୁ ରାଇରଙ୍ଗପୁର ବାମନଘାଟି ଉପଜିଲାପାଳ, ବିଜୟ କୁମାର ନାୟକଙ୍କୁ ଇଡ୍‌କୋ ଭୂ-ଅଧିକାରୀ, ଚାର୍ଲେସ ନାୟକଙ୍କୁ କେନ୍ଦୁଝର ଆନନ୍ଦପୁର ଅତିରିକ୍ତ ଉପଜିଲାପାଳ, ପଦ୍ମ ଚରଣ ସାହୁଙ୍କୁ ଢେଙ୍କାନାଳ ଉପଜିଲାପାଳ, ଟି. ପଦ୍ମନାଭ ଦୋରାଙ୍କୁ କନ୍ଧମାଳ ଅତିରିକ୍ତ ଉପଜିଲାପାଳ, ଦୀନମଣି ନାଏକଙ୍କୁ ପର୍ଯ୍ୟଟନ ବିଭାଗ ଉପସଚିବ ଭାବେ ବଦଳି କରାଯାଇଛି।

ସେହିପରି ବିବୁଧ ଗଡ଼ନାୟକଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଉପସଚିବ ଭାବେ ବଦଳି କରାଯାଇଥିବା ବେଳେ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପାନପୋଷ ଉପଜିଲାପାଳ, ଅଜୟ ପ୍ରକାଶ ତିର୍କୀଙ୍କୁ ଶକ୍ତି ବିଭାଗ ଉପସଚିବ, ବିକାଶ କୁମାର ମହାନ୍ତିଙ୍କୁ କାମାକ୍ଷାନଗର ଉପଜିଲାପାଳ, ତାପସ କୁମାର ସେଠୀଙ୍କୁ ଭଦ୍ରକ ଅତିରିକ୍ତ ଉପଜିଲାପାଳ, ସ୍ମୃତିରଞ୍ଜନ ମଲ୍ଲିକଙ୍କୁ ଇଡ୍‌କୋ ଭୂ-ଅଧିକାରୀ, ଅଶୋକ କୁମାର ମାଝୀଙ୍କୁ ଝାରସୁଗୁଡ଼ା ଉପଜିଲାପାଳ ଓ ଯୁଧିଷ୍ଠିର ମେହେରଙ୍କୁ ଫୁଲବାଣୀ ଆଇଟିଡିଏର ପିଏ ଭାବେ ନିଯୁକ୍ତ କରାଯାଇଛି। ଏଠାରେ ସୂଚନାଯୋଗ୍ୟ, କିଛିଦିନ ତଳେ ଭୁବନେଶ୍ୱର ମହାନଗର ନିଗମରେ ଅତିରିକ୍ତ ଆୟୁକ୍ତ ଭାବେ କାର୍ଯ୍ୟରତ ଥିବାବେଳେ ରତ୍ନାକର ସାହୁ ରାଜନୈତିକ ଶିକାରର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା।



ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିରେ ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। - ଶ୍ରୀଅରବିନ୍ଦ



# ହର୍ମୁଜରୁ ତାଇୱାନ



ଟୋଡ ଜି.ବୁଚ୍‌ହୋଜ୍

ଅଧିକାଂଶ ସ୍କୁଲପିଲାଙ୍କୁ ଶିକ୍ଷା ଦିଆଯାଉଛି ଯେ, ପୃଥିବୀର ପରିଧିର ଲମ୍ବ ପାଖାପାଖି ୨୫,୦୦୦ ମାଇଲ ବା ୪୦,୦୦୦ କିଲୋମିଟର। ହେଲେ ସେମାନେ ଜାଣିନାହାନ୍ତି ଯେ, ଏହା ମଧ୍ୟରୁ ମାତ୍ର ୧୦୦ କିଲୋମିଟର ଉପରେ ବିଶ୍ୱର ଅର୍ଥ ବ୍ୟବସ୍ଥା ନିର୍ଭର କରେ। ଦୁଇଟି ଅଣଓସାରିଆ ଜଳପଥ ଯଥା ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଏବଂ ତାଇୱାନ ଷ୍ଟ୍ରେଟ୍‌କୁ ବନ୍ଦ କରି ଏହା ବିଶ୍ୱ ଅର୍ଥ ବ୍ୟବସ୍ଥାକୁ କିଛି ଦଶନ୍ଧି ପୂର୍ବାବସ୍ଥାକୁ ନେଇଯାଇ ଧ୍ୱଂସ କରିଦେଇପାରେ। ତେବେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତର ଯୁଗକୁ ନ ନେଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଇରାନ୍ ଉପରେ ବୋମାବର୍ଷଣ କରି ତାହାର ଅର୍ଥନୈତିକ ବ୍ୟବସ୍ଥାକୁ ଅତିକମ୍‌ରେ ବିଂଶ ଶତାବ୍ଦୀର ମଧ୍ୟଭାଗକୁ ଫେରାଇ ନେଇଯିବେ ବୋଲି ଧମକ ଦେଇଛନ୍ତି। ଦେଢ଼ ମାସରୁ ଅଧିକ ସମୟ ଧରି ଇରାନ୍ ହର୍ମୁଜ ଷ୍ଟ୍ରେଟ୍‌ର ସବୁଠୁ ଅଣଓସାରିଆ ଅଂଶ ୨୧ ମାଇଲରେ କିଛି ପରିବର୍ତ୍ତନ ଆଣି ତାହାକୁ ଏକ ଭାସମାନ ଶୁଟିଂ ଗ୍ୟାଲେରିରେ ପରିଣତ କରିଛି। ଏହି ଷ୍ଟ୍ରେଟ୍ ଦେଇ ଜାହାଜ ଚଳାଚଳ ପୂରା ହ୍ରାସପାଇଛି। ଏଠାରେ ଇରାନ୍‌ର ସ୍ପିଡ୍‌ବୋଟ ଏବଂ ଡ୍ରୋନ୍‌ଗୁଡ଼ିକ ଯାତାୟାତ କରିବା ଯୋଗୁ ଟ୍ୟାଙ୍କରଗୁଡ଼ିକ ଘାବରେଇ ଯାଇ ଏଠିସେଠି ଘୂରି ବୁଲୁଛନ୍ତି। ଏଭଳି ଅବରୋଧ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଘୋର ପ୍ରଭାବିତ କରିଛି। କାରଣ ଏହି ହର୍ମୁଜ ଷ୍ଟ୍ରେଟ୍ ଦେଇ ବିଶ୍ୱର ସବୁଠୁ ଅଧିକ ଭାଗ ତୈଳ ଓ ତରଳ ପ୍ରାକୃତିକ ଗ୍ୟାସ୍ ପରିବହନ ହୋଇଥାଏ।

ଏହା କେବଳ ମଧ୍ୟପ୍ରାଚ୍ୟର ସମସ୍ୟା ନୁହେଁ, ଏହା ହେଉଛି ଏସିଆରେ ଯୁଦ୍ଧ ପାଇଁ ଏକ ପୂର୍ବ ଅଭ୍ୟାସ, ଯାହା ତାଇୱାନ ପାଇଁ ଚାଇନାକୁ ପୂର୍ବରୁ କିଛି ଯୋଜନା କରିବାକୁ ସୁଯୋଗ ଦେଇଛି। ତାଇୱାନ ଷ୍ଟ୍ରେଟ୍‌ର ସବୁଠୁ ଅଣଓସାରିଆ ଭାଗର ଚଉଡ଼ା ୮୧ ମାଇଲ। ଏହି ବାଟଦେଇ ସେମିକଣ୍ଡକ୍ଟର ପରିବହନ ଅଧିକ ହୋଇଥାଏ। ତାଇୱାନର ସେମିକଣ୍ଡକ୍ଟର କମ୍ପାନୀ ଟିଏସ୍‌ଏମ୍‌ସି ବିଶ୍ୱର ଅତ୍ୟାଧୁନିକ ଚିପ୍ସର ୯୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିଥାଏ, ଯାହା ଏଆଇ ଡେଟା ସେଣ୍ଟର, ଫାଇଟର ଜେଟ୍ ଏବଂ ସ୍ମାର୍ଟଫୋନରେ ବ୍ୟବହାର କରାଯାଇଥାଏ। ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିଦେଶରେ ନିର୍ମିତ ଚିପ୍ସର ବିପଦ ରହିଥିବା ସତର୍କ କରି ଆମେରିକା ୨୦୨୨ରେ ଚିପ୍ସ ଆଣ୍ଡ୍ ସାଇନ୍ସ ଆକ୍ଟ ପାସ୍ କରିଥିଲା। ଉତ୍ପାଦକଙ୍କୁ ଆମେରିକାରେ କାରଖାନା କରିବା ସକାଶେ ଆକର୍ଷିତ କରିବା ପାଇଁ ଏହା କରିଥିଲା। ଟେକ୍ସାସ, ଓହିଓ ଏବଂ ନ୍ୟୁୟର୍କରେ ନୂଆ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଆମେରିକା ଯୋଜନା କରିଥିଲେ ମଧ୍ୟ ତାହା ଏଯାବତ୍ ଚିପ୍ସ ଆମଦାନୀ ଉପରେ ଅତ୍ୟଧିକ ନିର୍ଭର କରୁଛି, ଯେଭଳି ଅନେକ ଦେଶ କରୁଛନ୍ତି। ଏଣୁ ତାଇୱାନ ଉପରେ ଚାଇନା ଆକ୍ରମଣ କରିବା କିମ୍ବା ତାହାକୁ ଅବରୋଧ କଲେ ଏକବିଂଶ ଶତାବ୍ଦୀର ଟେକ୍ନୋଲୋଜିର ନର୍ଭସ ସିଷ୍ଟମ ଦୁର୍ବଳ ହୋଇଯିବ ଏବଂ ବୈଶ୍ୱିକ କ୍ଷତି ୧୦ ଟ୍ରିଲିଅନ ଡଲାରରେ ପହଞ୍ଚିଯାଇପାରେ। ଏହା ଏକ ଆର୍ଥିକ ମାନ୍ଦାବସ୍ଥା ନୁହେଁ, ବରଂ ଏହା ଯୋଗୁ ଯୋଗାଣ ଶୃଙ୍ଖଳ ଅଚାନକ ବନ୍ଦ ହୋଇଯିବ।



ଏଲନ୍ ମସ୍କଙ୍କଠାରୁ ଭଲ କାର୍ ବ୍ୟାଟେରି ନିର୍ମାଣ କରାଇ ପାରୁଥିବା ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗ୍ ଚାଇନାର ୪,୦୦୦ ବର୍ଷର ଇତିହାସରେ ତାଙ୍କୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବେ ସ୍ମରଣ କରାଯାଉ ବୋଲି ଚାହାନ୍ତି ନାହିଁ। ମାଓ ଜେଡଙ୍ଗ ଯାହା ପ୍ରତିଶ୍ରୁତି ଦେଇଥିଲେ ଶି' ତାହା ହାସଲ କରିବାକୁ ଚାହାନ୍ତି। ତାଇୱାନ ଉପରେ ଆକ୍ରମଣ ପରେ ଆମେରିକା ଦ୍ୱିଧାବୋଧ କରିପାରେ, ଦ୍ୱନ୍ଦ୍ୱରେ ପଡ଼ିପାରେ କିମ୍ବା ବୁଝାମଣା କରିପାରେ ବୋଲି ଶି ଯଦି ବିଶ୍ୱାସ କରନ୍ତି, ତେବେ ଅବରୋଧ କଥା ଉଠିବ ନାହିଁ। ଯଦି ବିଶ୍ୱର ଶକ୍ତିଶାଳୀ ନୌସେନା ଟ୍ୟାଙ୍କରଗୁଡ଼ିକୁ ଏକ ଆର୍ଥିକ ଭାବେ ଦୁର୍ବଳ ଆଞ୍ଚଳିକ ଶକ୍ତି, ଯାହାର ନୌଜାହାଜ ଶକ୍ତି ପୂରା ହ୍ରାସ ପାଇଯାଇଛି, ତାହା ପାଖରୁ ସୁରକ୍ଷିତ ଭାବେ ନେଇ ପାରୁନାହିଁ, ତେବେ ଶି' କାହିଁକି ସିଦ୍ଧାନ୍ତ ନେବେ ଯେ ଚାଇନାର ତାଇୱାନ ଅବରୋଧକୁ ହଟାଇବା ପାଇଁ ଆମେରିକା ହଜାର ହଜାର ଆମେରିକୀୟ ଜୀବନ ପ୍ରତି ବିପଦ ସୃଷ୍ଟି କରିବ? ଏପରି ସ୍ଥିତିରେ, ତାଇୱାନ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଇତିହାସ ଦ୍ୱିଧାବୋଧ ବା ଅସ୍ପଷ୍ଟ ନିର୍ଣ୍ଣୟ ନେବାର ଅନେକ ଶିକ୍ଷାଦିଏ। ଯେତେବେଳେ ମୁସୋଲିନି ଇଥିଓପିଆ ଉପରେ ଲିଗ୍ ଅଫ୍ ନେଶନ୍ସ ପରୀକ୍ଷା କଲେ ଏବଂ ଏହା ପ୍ରଭାବହୀନ ବୋଲି ଦେଖିଲେ, ସେତେବେଳେ ହିଟ୍‌ଲର ଏହା ଉପରେ ଧ୍ୟାନ ରଖିଥିଲେ। ୧୯୫୬ରେ ଇଜିପ୍ଟ ରାଷ୍ଟ୍ରପତି ଗମାଲ ଅବଦେଲ ନାସିର ସୁଏଜ କେନାଲ ଦଖଲ କରିବା ପରେ ଆମେରିକାର ସେତେବେଳର ରାଷ୍ଟ୍ରପତି ଆଇଜେନ ହୋୟର ଗୁଜବ ସୃଷ୍ଟି କରିବାରୁ ବ୍ରିଟେନ୍ ଏବଂ ଫ୍ରାନ୍ସ ଏକାଠି ହୋଇଯାଇଥିଲେ। ସିରିଆ ରାଷ୍ଟ୍ରପତି ବସରର ଅଲ-ଅସଦ ରାସାୟନିକ ଅସ୍ତ୍ର ବ୍ୟବହାର କରୁଥିବା ବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଓବାମା ପଛଘୁଞ୍ଚା ଦେବା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କ୍ରିମିଆରେ ସେନା ପ୍ରବେଶ କରାଇଥିଲେ।

ତେବେ ହର୍ମୁଜ ସ୍ଥିତିର ପ୍ରତିକାର ସରଳ ହେଲେ ବି ଯନ୍ତ୍ରଣାଦାୟକ ଏବଂ ବିଳମ୍ବିତ। ଆମେରିକାକୁ ନିଶ୍ଚିତ ଭାବରେ ହର୍ମୁଜ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ଭାବେ ଖୋଲିବାକୁ ପଡ଼ିବ। ଦୀର୍ଘ ଅବଧିରେ ଲାଭ ପାଇଁ ଆମେରିକା ଜାହାଜ ନିର୍ମାଣକୁ ତ୍ୱରାନ୍ୱିତ କରିବ, ଗୋଳାବାରୁଦ ଆବଶ୍ୟକତାକୁ ପୂରଣ କରିବ ଏବଂ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଅନ୍ୟାନ୍ୟ ଦେଶରେ ଅଧିକ ପାଇପ୍‌ଲାଇନକୁ ସମର୍ଥନ କରିପାରିବ। ୨୦୨୦ରେ ଗ୍ରୀସ୍, ଇଜିପ୍ଟ, ପାଲେଷ୍ଟାଇନ୍ ନ୍ୟାଶନାଲ ଅଥରିଟି ଏବଂ ଇସ୍ରାଏଲ ସରକାର ନୂତନ ଆବିଷ୍କୃତ ଗ୍ୟାସ କ୍ଷେତ୍ରଗୁଡ଼ିକର ଶୋଷଣ ପାଇଁ ଅନ୍ୟ ଆଞ୍ଚଳିକ ଶକ୍ତି ପୂର୍ବ ଭୂମଧ୍ୟସାଗରୀୟ ଗ୍ୟାସ୍ ଫୋରମ ପ୍ରତିଷ୍ଠା କରିଥିଲେ। ଦୁର୍ଭାଗ୍ୟବଶତଃ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଇସ୍ରାଏଲରୁ ୟୁରୋପ ପର୍ଯ୍ୟନ୍ତ ପ୍ରସ୍ତାବିତ ପାଇପ୍‌ଲାଇନ ପାଇଁ ଆମେରିକାର ସମର୍ଥନ ପ୍ରତ୍ୟାହାର କରିନେଇଛି। କିନ୍ତୁ ଏହା ଠିକ୍ ପ୍ରକାରର ପ୍ରକଳ୍ପ, ଯାହା ହର୍ମୁଜ ଷ୍ଟ୍ରେଟ୍ ଉପରେ ନିର୍ଭରଶୀଳତା ହ୍ରାସ କରିପାରେ।

ବିକଳ୍ପ ଅତ୍ୟନ୍ତ ସ୍ପଷ୍ଟ। ସବୁ ୟୁରୋପୀୟ କୂଟନୀତିଜ୍ଞମାନେ କଡ଼ା ଶବ୍ଦରେ ପତ୍ର ଲେଖିଥିବାବେଳେ ଟ୍ରମ୍ପ ବଳପୂର୍ବକ ହର୍ମୁଜ ଷ୍ଟ୍ରେଟ ଖୋଲନ୍ତୁ କିମ୍ବା ଶି'ଙ୍କ ତାଇୱାନ ଆକ୍ରମଣ ତାରିଖ ପ୍ରସ୍ତୁତି ଉପରେ ଲକ୍ଷ୍ୟ ରଖନ୍ତୁ। ସମର୍ଥନ ପାଇଁ ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ୟୁରୋପ ଏହି ଯୁଦ୍ଧରୁ ନିଜକୁ ଦୂରେଇ ରଖିଥିବା ପ୍ରକାଶ କରିଛି, ଯାହା ବିଶ୍ୱ ଅର୍ଥନୀତିକୁ ରକ୍ଷା କରିବାରେ ସେମାନେ ଅନିଚ୍ଛୁକ ବୋଲି ଦର୍ଶାଇଛି। ଏହା ସତ୍ତ୍ୱେ ଆମେରିକା ଦୀର୍ଘ ଦିନ ଧରି ବିଶ୍ୱର ସାମୁଦ୍ରିକ ପଥର ଟ୍ରାଫିକ ଅଧିକାରୀ ଭାବରେ କାର୍ଯ୍ୟ କରୁଛି ଏବଂ ସମୁଦ୍ର ପଥକୁ ଖୋଲିବାକୁ ଚେଷ୍ଟା କରୁଛି, ଯଦ୍ୱାରା ଚାଇନା ସମେତ ୟୁରୋପୀୟ ଏବଂ ଏସୀୟ ଦେଶଗୁଡ଼ିକ ଶସ୍ତା ଶକ୍ତି ନେଇପାରିବେ ଏବଂ ଯେକୌଣସି ଦେଶରେ ସେମାନଙ୍କ ସାମଗ୍ରୀ ବିକ୍ରି କରିପାରିବେ। ଭଲ ଖବର ହେଉଛି, ଆମେରିକା ପାଖରେ ଏବେ ବିଶ୍ୱର ସବୁଠୁ ଘାତକ ନୌସେନା ରହିଛି ଏବଂ ଯେକୌଣସି ପ୍ରତିଦ୍ୱନ୍ଦ୍ୱୀକୁ ମୁକାବିଲା କରିବା ଲାଗି ଆର୍ଥିକ ଶକ୍ତି ଅଛି। ସମ୍ପ୍ରତି ଇରାନ ଯୁଦ୍ଧ ଟ୍ରମ୍ପ ପ୍ରଶାସନକୁ ଏକ ଅଭ୍ୟାସ ପରୀକ୍ଷଣର ସୁଯୋଗ ଦେଇଛି। ତାଇୱାନ ହେଉଛି ତାହାର ଅନ୍ତିମ ପରୀକ୍ଷା। ଶି' ଏବଂ ତାଙ୍କ ନେତୃତ୍ୱ ଗୋଷ୍ଠୀ ଇରାନ୍ ଯୁଦ୍ଧର ପୂର୍ବ ଏବଂ ଏବକାର ସ୍ଥିତିରେ ଟ୍ରମ୍ପଙ୍କ ପଦକ୍ଷେପ ଉପରେ ଅନୁଧ୍ୟାନ କରୁଛନ୍ତି। ତେବେ ତାଇୱାନକୁ ନେଇ ସମ୍ଭାବନା ଅଧିକ ଥିବାରୁ ଟ୍ରମ୍ପଙ୍କ ଅସ୍ଥିର ମନ ଏବଂ ଅପ୍ରତ୍ୟାଶିତ ପଦକ୍ଷେପ ତ୍ରୁଟିପୂର୍ଣ୍ଣ ନୁହେଁ, ବରଂ ଅଧିକ ରଣନୀତିକ ହୋଇପାରେ।

ପୂର୍ବତନ ହ୍ୱାଇଟ୍ ହାଉସ ଡିରେକ୍ଟର ଅଫ୍
ଇକୋନୋମିକ ପଲିସି

# ଚରିତ୍ର କିଣି ହୁଏନି



ଧ୍ରୁବ ଚରଣ ଘିବେଲା

ଚିତ୍ର ଦିଶେ। ଦୃଶ୍ୟ ଦିଶେ। ଅନେକ ଜଡ଼ବସ୍ତୁ ସହ ଜୀବନ୍ତ ଗଛଲତା, ଜୀବଜନ୍ତୁ, ସର୍ବୋପରି ପ୍ରାଣୀ ଶ୍ରେଷ୍ଠ ମଣିଷ ବି ଦେଖାଯାନ୍ତି ନଗ୍ନ ଆଖିକୁ। ହେଲେ ମଣିଷର ଚରିତ୍ର ଖାଲି ଆଖିକୁ ଦିଶେନାହିଁ। ଦେଖାଯାଇ ନ ଥାଏ। ଅସଲକୁ ଚରିତ୍ର ଦିଶେନି ସିନା ମଣିଷର ଆଚରଣରେ ପ୍ରତିଫଳିତ ହୁଏ। ମଣିଷର ଉଚ୍ଚାରଣରୁ ବି ସ୍ପଷ୍ଟ ବାରି ହୋଇଥାଏ। ଶାଳୀନତାପୂର୍ଣ୍ଣ କଥାଭାଷା ମଣିଷକୁ ସୁସଂସ୍କୃତ ଓ ସଭ୍ୟ କରାଇଥାଏ। ଅଶାଳୀନ କଥାବାର୍ତ୍ତାରୁ ତଥା ଅସୁନ୍ଦର ଆଚରଣରୁ ଜଣେ କେତେ ସଭ୍ୟ ଓ ସଂସ୍କୃତ ତାହା ଜଣାପଡ଼େ। ଠଉରେଇ ହୁଏ। କେଉଁଠି କ'ଣ କହିବ, କ'ଣ କହିଲେ କଥା ଶୋଭାପାଇବ, ସେ କଥା ବିଚାରି କୁହାଯିବା ଭଲ। ମଣିଷ ପରା ଏ ଧରାର ଶ୍ରେଷ୍ଠ ପ୍ରାଣୀ। ବୁଦ୍ଧି, ବିଚାର ଓ ବିବେକ ମଣିଷଠି ଥାଏ। ବୁଦ୍ଧି ବଳରେ ମଣିଷ ହାତୀ ଭଳି ପ୍ରାଣୀଙ୍କୁ ନିଜ ବୋଲକରା କରାଏ, ବାଘକୁ ପୋଷା ମନାଏ, ସିଂହକୁ ବି ବଶୀଭୂତ କରିପାରେ। ଏମିତି ଅନେକ ଅସାଧ୍ୟକୁ ସାଧନ କରିବାର ସାମର୍ଥ୍ୟ ରଖେ ପ୍ରାଣୀ ଶ୍ରେଷ୍ଠ ମଣିଷ।

ସାଧାରଣତଃ ଶିକ୍ଷା ପାଇ ମଣିଷ ହୁଏ ଶିକ୍ଷିତ। ବୋଲାଏ ଜ୍ଞାନୀ ପଣ୍ଡିତ। ଅବଶ୍ୟ ସବୁ ମଣିଷ ଯଥାର୍ଥରେ ଶିକ୍ଷିତ ନ ଥାନ୍ତି। ପ୍ରକୃତ ଜ୍ଞାନୀ ହୋଇପାରି ନ ଥାନ୍ତି। ଆଜି ଅନେକାନେକ କ୍ୱାଲିଫିକେଶନ ବଳରେ କ୍ୱାଲିଫାଏଡ୍ ଥାନ୍ତି, କିନ୍ତୁ ପ୍ରକୃତ ଏଜୁକେଶନ ଅଭାବରୁ ଏଜୁକେଟେଡ୍ ହୋଇପାରି ନ ଥାନ୍ତି। ଅନେକ କ୍ୱାଲିଫାଏଡ୍‌ଙ୍କ ପାଖରେ ସାଧାରଣ ଶିଷ୍ଟାଚାର ଅଭାବ ଥାଏ। ପ୍ରକୃତ ଶିକ୍ଷା ସହ ସଂସ୍କାରିତ ନ ଥିବାରୁ ଯଥାର୍ଥ ମଣିଷପଣିଆ ସବୁ ଶିକ୍ଷିତଙ୍କଠି ରହିପାରି ନ ଥାଏ। ଯାହାଙ୍କଠି ଉତ୍ତମ ଶିକ୍ଷା ସହ ସଂସ୍କାର ଥାଏ, ସେମାନେ ଯଥାର୍ଥ ଶିକ୍ଷିତ ପଦବାଚ୍ୟ। ଆଦୌ ମାନବୀୟ ଗୁଣ ନ ଥିବା ବ୍ୟକ୍ତି ଯେତେ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହୋଇଥିଲେ ମଧ୍ୟ ସଂସ୍କାର ଅଭାବରୁ ଯଥାର୍ଥରେ ଶିକ୍ଷିତ ନ ଥାନ୍ତି। ସାମାନ୍ୟ ମଣିଷପଣିଆ ନ ଥିଲେ, କି ମଣିଷ ସେମାନେ? ବରଂ ସେମାନଙ୍କୁ ଅମଣିଷ ଆଖ୍ୟାୟିତ କରାଯିବା ବହୁଗୁଣରେ ଭଲ। ଅମଣିଷ ସବୁବେଳେ ଅସତ ଚରିତ୍ରର ଥାନ୍ତି। ସତ ମଣିଷ ହିଁ ସତ ଚରିତ୍ରର ଅଧିକାରୀ ଥାନ୍ତି।

ଆଜିର ଦିନରେ ଚରିତ୍ର ନ ଥିବା ଅମଣିଷଙ୍କ ଗହଳ ଚହଳ ବେଶି। ସବୁଠି ପୁଣି ସେମାନଙ୍କ ରହିଥାଏ ଅବାଧ ଅନୁପ୍ରବେଶ। ଶିକ୍ଷା କ୍ଷେତ୍ରଠୁ ଆରମ୍ଭକରି ସାହିତ୍ୟର ସବୁଜ କ୍ଷେତ୍ର ପର୍ଯ୍ୟନ୍ତ ଅନେକ ସ୍ଥାନରେ ଆଜି ଅସଂସ୍କୃତ ବ୍ୟକ୍ତିବିଶେଷ ସେମାନଙ୍କ କାୟା ବିସ୍ତାରକରିବା କାମରେ ରହିଛନ୍ତି। ସାହିତ୍ୟ କ୍ଷେତ୍ର ବି ଅନେକ ଅସଂସ୍କୃତ ନକାରାତ୍ମକ ମାନସିକତାର ବ୍ୟକ୍ତିଙ୍କ ଦ୍ୱାରା ସ୍ଥାନେ ସ୍ଥାନେ କବଳିତ ତଥା କଳୁଷିତ ହେଉଛି। ହୋଇଚାଲିଛି। ଶିକ୍ଷା କ୍ଷେତ୍ରରେ ବେପାରୀ ଯେମିତି ମୁଣ୍ଡ ଟେକିଛନ୍ତି, ସାହିତ୍ୟ କ୍ଷେତ୍ରରେ ସେମିତି ବେପାରୀ ଛକି ରହିଛନ୍ତି। ଯାହାକିଛି ବେପାରକରି ଜୀବନଜୀବିକାରେ ରହିଥିବା କିଛି ଅସତ ବେପାରୀ ଆଜି ସାହିତ୍ୟମୁହାଁ ହୋଇଛନ୍ତି। ତାଙ୍କ ଅସାଧୁ ବେପାର ଆଡୁ ଅନ୍ୟର ନଜର ହଟାଇବା ପାଇଁ ସାହିତ୍ୟ ମଞ୍ଚ ଭିଡ଼ି ପ୍ରଶାସନିକ ଅଧିକାରୀଙ୍କୁ ସେ ମଞ୍ଚରେ ବସାଇ ସାହିତ୍ୟ ବେପାର କଲେଣି। ସାହିତ୍ୟ ପୁରସ୍କାର ନାଁରେ ନିଜ ମଞ୍ଚରୁ ନିଜେ ପୁରସ୍କାର ନେଲେଣି। କି କଥା ଦେଖନ୍ତୁ, ପୁରସ୍କାର ଦିଆନିଆ / ବିକାକିଣା କାମରେ ରହି ସାହିତ୍ୟକ୍ଷେତ୍ରକୁ ଗୋଳିଆ କରିସାରିଲେଣି। ଅସାଧୁଙ୍କ ଚରିତ୍ର କୌଣସି ସାହିତ୍ୟ ପୁରସ୍କାର ତିଆରି କରିପାରେନି। ଚରିତ୍ର କିଣିବାର ଅପଚେଷ୍ଟା କରାଗଲାଣି ସାହିତ୍ୟ ପୁରସ୍କାର କେଉଁଠୁ କେଉଁଠୁ କିଣି ଅଣାଯାଇ। ପୁରସ୍କାର ମାଧ୍ୟମରେ ଭାବମୂର୍ତ୍ତି ତିଆରି କରିବାର ପ୍ରୟାସ କରାଯାଉଛି।

ସୁତରାଂ, ବେପାରରେ ଦୁର୍ନାମ ଅର୍ଜନ କଲାପରେ ସାହିତ୍ୟରେ ସୁନାମ ଅର୍ଜନ କରିବାର ଦୁର୍ବାର ଆକାଂକ୍ଷାରେ ଆକ୍ରାନ୍ତ / ଜଡ଼ସଡ଼ ଆଜିର କେତେଜଣ ବେପାରୀ। କଣ୍ଟ୍ରାକ୍ଟର ଭାବେ ବ୍ଲାକ୍ ଲିଷ୍ଟେଡ୍ ହେଲା ପରେ ଅନ୍ୟ ବେପାରକୁ ଆସି ସେଠି ବି ସେଇ ଗୋଳିଆ ସ୍ଥିତିକୁ ଠିକ୍ ଦର୍ଶାଇବା ପାଇଁ ସବୁ ଫନ୍ଦିଫିକର କରନ୍ତି। କରାନ୍ତି। ଟଙ୍କା ଲଗାଣ କରି ଯେମିତି ସାଧାରଣ ବେପାର କରାଯାଏ, ଠିକ୍ ସେମିତି ଟଙ୍କା ଲଗାଣ କରି ସାହିତ୍ୟ ବେପାର ମାଧ୍ୟମରେ ପୁରସ୍କାର କିଣାବିକା କରି ଚରିତ୍ର କିଣିବାର ଅଭିନବ ପ୍ରୟାସ ବି ଏଠି ଚାଲିଛି। କବାଟକିଳା ସାହିତ୍ୟ ସଭା କରି ସାହିତ୍ୟର ସବୁଜ କ୍ଷେତ୍ରରୁ ଏଠୁସେଠୁ ଥୋକାଏ ପୁରସ୍କାର କିଣି ନିଜ ଚରିତ୍ର ତିଆରିବା ପାଇଁ ରୀତିମତ ଚେଷ୍ଟା କରିଚାଲିଛନ୍ତି। ଅସଲକୁ ଚରିତ୍ର କ'ଣ କିଣି ହୁଏ? ଚରିତ୍ର କିଣି ହୁଏନି। ଯିଏ ଯେତେ ଚେଷ୍ଟାକଲେ ବି ପୁରସ୍କାର କିଣି ସାହିତ୍ୟ ମଞ୍ଚ ଭିଡ଼ି ଚରିତ୍ର ଦେଖାଇ ହୁଏନି। ସେ ପ୍ରକାରେ ନିଜକୁ ଚରିତ୍ରବାନ୍ ବୋଲାଇ ହୁଏନି। ଚରିତ୍ର ତିଆରି ହୁଏ ଭଲ ମଣିଷ ହେବାରେ। ଶିକ୍ଷିତ ସଂସ୍କାରିତ ହେବାରେ।

ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

୧୫ ଏକର ଆମ୍ବ ବଗିଚାରେ ୨୫,୦୦୦ ଗଛ ଲାଗିଛି। ତାହା ଠିକ୍ ଭାବେ ବଢୁଛି ଓ ଆମ୍ବ ମଧ୍ୟ ଅଧିକ ଫଳୁଛି। ଏଭଳି ଆଧୁନିକ ଜ୍ଞାନ ଆଧାରିତ ଚାଷରେ ସଫଳ ହୋଇଛନ୍ତି ବେଙ୍ଗାଲୁରୁର ସୁରଜ ପାଣିଗ୍ରାହୀ। ଡ୍ରୋନ, ସେନ୍‌ସର ଏବଂ ସିଞ୍ଚନ ଜଳସେଚନ ସାହାଯ୍ୟରେ ଏହି ଚାଷ କରାଯାଉଛି। ସୁରଜ ଏହି ଫାର୍ମର ନାମ ରଖିଛନ୍ତି ମ୍ୟାଙ୍ଗୋମେଜ୍। କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଡ୍ରୋନ ସାହାଯ୍ୟରେ ଆମ୍ବ ଗଛର ସ୍ଥିତି, ରୋଗପୋକ ତଥା ଜଳସେଚନ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଉଛି। ସିଞ୍ଚନ ଜଳସେଚନ ବ୍ୟବସ୍ଥାରେ ୭୦ ପ୍ରତିଶତ ଜଳ ବଞ୍ଚାଯାଇପାରୁଛି। ତେବେ ପାରମ୍ପରିକ ପଦ୍ଧତିରେ ଏକ ଏକର ଜମିରେ ଯେତିକି ଗଛ ଲାଗିଥାଏ ତାହା ତୁଳନାରେ ୧୫ ଗୁଣ ଅଧିକ ଗଛ ଲାଗିଛି। ଗଛଗୁଡ଼ିକ ପାଖାପାଖି ରହିଥିଲେ ମଧ୍ୟ ଅମଳ ଭଲ ହେଉଛି। ୨୦୧୮ରେ ବେଙ୍ଗାଲୁରୁରେ ୧୫ ଏକର ଜାଗା କିଣି ଏହି ଫାର୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ୨୦୨୧ରେ ଆମ୍ବଗଛ ଲଗାଇଥିଲେ। ଚଳିତ ବର୍ଷ ୪୦ ଟନ ଆମ୍ବ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୪ ଏପ୍ରିଲ ୧୯୭୭

- କ୍ଷମତାର ଅପବ୍ୟବହାର, ପ୍ରିୟାପ୍ରୀତିତୋଷଣ, ସମ୍ପତ୍ତି ନଷ୍ଟ ଓ ଅପରାଧମୂଳକ ଷଡ଼ଯନ୍ତ୍ର ପ୍ରଭୃତି ଅଭିଯୋଗ କରାଯାଇ ଶ୍ରୀ ସଞ୍ଜୟ ଗାନ୍ଧୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ନାରାୟଣଦତ୍ତ ତିୱାରୀ ଓ ଅନ୍ୟ ୬ ଜଣ ଅଫିସରଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର।
- କଂଗ୍ରେସ ଦଳରେ ବ୍ୟାପକ ଦୁର୍ନୀତି ଓ ସମ୍ବିଧାନ ବହିର୍ଭୂତ କାର୍ଯ୍ୟକଳାପର ପ୍ରତିବାଦ କରି ପଶ୍ଚିମବଙ୍ଗର ୪ ଜଣ କଂଗ୍ରେସ ଏମ୍‌ଏଲ୍‌ଏଙ୍କ ଇସ୍ତଫା ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | 1 |
| 8 | | 4 | | | | | 3 | |
| | | | 4 | | | 8 | 5 | |
| 5 | | | | | 2 | | 6 | |
| | | 6 | 9 | | | | | |
| | | | | 3 | | | 4 | |
| | | | | | 8 | | | |
| | 7 | | | | 9 | | | 4 |
| | | | | | 5 | 1 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 9 | 8 | 5 | 3 | 4 | 1 |
| 1 | 4 | 8 | 2 | 3 | 6 | 5 | 7 | 9 |
| 9 | 5 | 3 | 7 | 4 | 1 | 2 | 6 | 8 |
| 4 | 3 | 9 | 1 | 2 | 8 | 7 | 5 | 6 |
| 8 | 2 | 1 | 6 | 5 | 7 | 4 | 9 | 3 |
| 7 | 6 | 5 | 4 | 9 | 3 | 1 | 8 | 2 |
| 3 | 9 | 4 | 8 | 7 | 2 | 6 | 1 | 5 |
| 6 | 8 | 2 | 5 | 1 | 4 | 9 | 3 | 7 |
| 5 | 1 | 7 | 3 | 6 | 9 | 8 | 2 | 4 |

ଗତକାଲିର ଉତ୍ତର

# ଭଲ ପିଲାର ସଂଜ୍ଞା



ଅଞ୍ଜନ ଚାନ୍ଦ

ରାସ୍ତାର ଦୁଇ ପଟେ ଦୁଇଟି ଗଛ। ଆମ୍ବ ଗଛ। ଦୁଇ ଗଛରେ ପ୍ରଚୁର ଆମ୍ବ ଫଳିଛି। ପାଚିଛି ଓ ସୁନ୍ଦର ଦିଶୁଛି। ଗୋଟିଏ ଗଛ ତଳେ ପିଲାମାନେ ରୁଣ୍ଡ ହୋଇଛନ୍ତି। ଆମ୍ବ ବିଛାଇବା ପାଇଁ ବିଭିନ୍ନ ଉପାୟ କରୁଛନ୍ତି। ଅନ୍ୟ ଗଛ ତଳେ କେହି ନାହାନ୍ତି। ଷଣ୍ଢଟିଏ ଶୋଇ ପାକୁଳି କରୁଛି। କାରଣ ସେ ଗଛଟିର ଆମ୍ବ ଖଟା। ଯେଉଁ ଗଛର ଆମ୍ବର ସାଦ ମଧୁର ସେଇ ଗଛ ତଳେ ପିଲାମାନଙ୍କର ଭିଡ଼। ଫଳ ହେଉଛି ଗଛର ପରିଚୟ। ଫଳ ଭଲ ହେଲେ ଗଛଟି ଭଲ। ଫଳ ଖଟା ହେଲେ ଗଛ ଭଲ ନୁହେଁ।

ବିଦ୍ୟାଳୟ ଯଦି ଗଛଟିଏ ହୁଏ ଛାତ୍ରୀଛାତ୍ରମାନେ ସେ ଗଛରେ ଫୁଲ ହୋଇ ଫୁଟିଛନ୍ତି। ଫଳ ହୋଇ ଫଳିଛନ୍ତି। ସେମାନଙ୍କ ପରିଚୟରେ ବିଦ୍ୟାଳୟ ନିଜର ପରିଚୟ ପାଇଥାଏ। ଯେଉଁ ବିଦ୍ୟାଳୟର ପିଲାମାନେ ଭଲ ସେ ବିଦ୍ୟାଳୟ ଓ ସେଠାରେ ଥିବା ଶିକ୍ଷକ ଶିକ୍ଷିକା ମାନେ ଭଲ ବୋଲି ପ୍ରଶଂସିତ ହୁଅନ୍ତି। ପ୍ରଶ୍ନ ହେଉଛି କେଉଁ ପିଲା ଭଲ? ସମୟର ବିବର୍ତ୍ତନରେ ଏଇ ଭଲ ପିଲାର ସଂଜ୍ଞା ଏବେ ବଦଳି ଯାଇଛି। ବର୍ତ୍ତମାନ ସମୟରେ କେବଳ ଯେଉଁ ପିଲାମାନେ ଭଲ ପଢୁଛନ୍ତି, ପରୀକ୍ଷାରେ ଭଲ ନମ୍ବର ରଖୁଛନ୍ତି ସେମାନଙ୍କୁ ଭଲ ପିଲା କୁହାଯାଉଛି। ସେମାନଙ୍କ ବାପା, ମାଆ, ଅଭିଭାବକମାନେ କେବଳ ସେଇ ଗୋଟିଏ ଦିଗରେ ପିଲାମାନଙ୍କୁ ଆଗକୁ ନେବାକୁ ପ୍ରୟାସ କରୁଛନ୍ତି। ଏବଂ ସେଥିପାଇଁ ଯେ କୌଣସି କଳ କୌଶଳ, ଅନୈତିକ ହେଲେ ବି ତାହାକୁ ଅବଲମ୍ବନ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ସମସ୍ତେ ଚାହୁଁଛନ୍ତି ତାଙ୍କ ପିଲା ହିଁ ପରୀକ୍ଷାରେ ପ୍ରଥମ ହୁଅନ୍ତୁ। ଡାକ୍ତର ହୁଅନ୍ତୁ। ଇଞ୍ଜିନିଅର ହୁଅନ୍ତୁ। ପ୍ରଶାସନିକ ଉଚ୍ଚ ଅଧିକାରୀ ହୁଅନ୍ତୁ। ପ୍ରଚୁର ଧନ ଉପାର୍ଜନ କରନ୍ତୁ। ବର୍ତ୍ତମାନ ସମୟରେ ଯାହାର ଯେତେ ଅଧିକ ଧନ ତାହାର ଜୀବନ ସେତେ ସଫଳ: ଏମିତି ଏକ ବିଚାରଧାରା ମାତା ପିତାଙ୍କ ମନକୁ କବଳିତ କରିଛି। ଭଲ ଗୁଣ, ସଚ୍ଚରିତ୍ର, ଏହା ଯେ ଭଲ ପିଲାର ବାସ୍ତବ ସଂଜ୍ଞା ତାହା ସେମାନେ ଭୁଲି ଯାଉଛନ୍ତି।

ବସ୍ତୁତଃ ପୂର୍ବରୁ ବିଦ୍ୟାଳୟରେ ପିଲାମାନଙ୍କର ଚରିତ୍ର ଗଠନ ହେଉଥିଲା। ବିଦ୍ୟା ଦାନ ସହିତ ସେଇ ବିଦ୍ୟାକୁ ନିରତ ବହନ କରିବା ନିମନ୍ତେ ଶିକ୍ଷକମାନେ ଛାତ୍ରଙ୍କୁ ଯୋଗ୍ୟ କରୁଥିଲେ। ଗୋଟିଏ ଛିଦ୍ର ଯୁକ୍ତ କଳସରେ ଯେତେ ଜଳ ପୂରାଇଲେ ମଧ୍ୟ ସମୟ କ୍ରମେ ତାହା ନିଃଶେଷ ହୋଇଯାଏ। ସେମିତି କୁଗୁଣଯୁକ୍ତ ଛାତ୍ରଠାରେ ବିଦ୍ୟାର ପ୍ରଭାବ ଅଧିକ ଦିନ ରହି ନ ଥାଏ। ସେଥିପାଇଁ ଶିକ୍ଷକମାନେ ବିଦ୍ୟାଳୟରେ ବିଦ୍ୟା ଦାନ ସହିତ ନୈତିକ ଶିକ୍ଷା ଓ ଶାରୀରିକ ଶିକ୍ଷା ଦେଇ ଛାତ୍ରମାନଙ୍କର ଚରିତ୍ର ଗଠନ କରୁଥିଲେ। ଏଥି ନିମନ୍ତେ ଆବଶ୍ୟକ ଅନୁଶାସନ ପାଇଁ ସେମାନେ କଠୋର ହେବାର ଅଭିନୟ କରୁଥିଲେ। ଦଣ୍ଡ ବିଧାନ ଆଳରେ ଶାରୀରିକ ବ୍ୟାୟାମ କରାଉଥିଲେ। କିନ୍ତୁ ସମୟ ବଦଳିବା ସହିତ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଘଟିଲା। କତିପୟ ଶିକ୍ଷକ ଅନୁଶାସନ ପାଇଁ ଛାତ୍ରଙ୍କୁ ଦଣ୍ଡ ଦେବା ସମୟରେ ନିଷ୍ଠୁର ବ୍ୟବହାର କଲେ। ଏକଦା ଯେଉଁ ଅଭିଭାବକ ନିଜ ପିଲାକୁ ଶାସନ କରିବା ପାଇଁ ଶିକ୍ଷକଙ୍କୁ ନିବେଦନ କରୁଥିଲେ ସେମାନେ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କଲେ। ଏବଂ ସରକାର ମହୋଦୟ ଅଭିଯୁକ୍ତ ଶିକ୍ଷକଙ୍କୁ ସୁଧାରିବାକୁ ପଦକ୍ଷେପ ନ ନେଇ ସିଧାସଳଖ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କଲେ। ଯେଉଁ ଶିକ୍ଷକ ଏହାକୁ ପାଳନ କରିବେ ନାହିଁ ତାଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ବିଦ୍ୟାଳୟ କାନ୍ଥରେ ଟୋଲ ଫ୍ରି ନମ୍ବର ଲେଖିଲେ।



ଏକବିଂଶ ଶତାବ୍ଦୀର ଆରମ୍ଭରେ ସର୍ବଶିକ୍ଷା ନାମରେ ପ୍ରାଥମିକ ଶିକ୍ଷାରେ ଅତ୍ୟଧିକ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଥିଲା। ସବୁ ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକର୍ଷିତ କରିବା ପାଇଁ ବିବିଧ ଯୋଜନା ପ୍ରସ୍ତୁତ ହେଲା। ପାଠ୍ୟ ପୁସ୍ତକ ସହିତ ମାଗଣା ଖାଦ୍ୟ, ପୋଷାକ, ଜୋତା ଇତ୍ୟାଦି ବଣ୍ଟନ ହେଲା। ସ୍କୁଲ ଘରଗୁଡ଼ିକୁ ନୂତନ ଓ ସୁନ୍ଦର କରି ନିର୍ମାଣ କରାଗଲା। ଯେଉଁ ପିଲା ସ୍କୁଲକୁ ଆସୁନାହାନ୍ତି ସେମାନଙ୍କୁ ସ୍କୁଲକୁ ଆଣିବାକୁ ଯତ୍ନ କରାଗଲା। ବିଡ଼ମ୍ବନା ଯେ ଏସବୁ କାର୍ଯ୍ୟରେ ଶିକ୍ଷକମାନେ ହିଁ ନିଯୁକ୍ତ ହେଲେ। ସମୟ କ୍ରମେ ଶିକ୍ଷାଦାନ ଠାରୁ ଏହି କାର୍ଯ୍ୟଗୁଡ଼ିକ ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଗଲା। ସ୍କୁଲଗୁଡ଼ିକ ସରକାରୀ ଆବଣ୍ଟନ କେନ୍ଦ୍ର ଓ ଶିକ୍ଷକମାନେ ସେ କେନ୍ଦ୍ରର କିରାଣି ଅଥବା କର୍ମଚାରୀ ହୋଇଗଲେ। ପିଲାମାନଙ୍କୁ ନିର୍ଭୟ କରିବା ପାଇଁ ପରୀକ୍ଷାରେ ପାସ୍ ଓ ଫେଲ୍ ଦୁଇଟି ଫଳ ଯାହା ଶିକ୍ଷାର ଆରମ୍ଭ କାଳରୁ ରହିଥିଲା ସେଥିରେ ମଧ୍ୟ ପରିବର୍ତ୍ତନ ଆସିଲା। ଯିଏ ପରୀକ୍ଷା ଦେବେ ସମସ୍ତେ ପାସ୍ ଏହି ନୀତିକୁ ଶିକ୍ଷା ବ୍ୟବସ୍ଥାରେ ଅନୁପ୍ରବେଶ କରାଗଲା। ଫଳରେ ହୁଏତ ସ୍କୁଲରେ ଛାତ୍ରସଂଖ୍ୟା କିଛି ବୃଦ୍ଧିପାଇଲା କିନ୍ତୁ ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଶିଖି ନ ଥିବା ଅନେକ ପିଲା ଅଷ୍ଟମ ପାସ୍ କରି ନବମରେ ପ୍ରବେଶ କରିଗଲେ। ସେହି ତ୍ରୁଟିକୁ ସୁଧାରିବା ପାଇଁ ଏବେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ବୋର୍ଡ ପରୀକ୍ଷାର ବ୍ୟବସ୍ଥା ହୋଇଛି। କିନ୍ତୁ ତାହା ନାମକୁ ମାତ୍ର। ନିଜ ସ୍କୁଲରେ ପରୀକ୍ଷା। ସେଇ ସ୍କୁଲର ଶିକ୍ଷକ ଖାତା ଦେଖିବେ। ପିଲା ଯଦି ଫେଲ୍ ହେବେ ସେମାନଙ୍କୁ ସୁଧାରିବାକୁ ପୁଣି ପାଠ ପାଢ଼, ପୁଣି ପରୀକ୍ଷା। ଏତେ ଧନ୍ଦା କିଏ କରିବ? ଶିକ୍ଷକମାନେ ବାମ ହାତରେ ଲେଖି ଡାହାଣ ହାତରେ ନମ୍ବର ଦେଇ ସମସ୍ତଙ୍କୁ ପାସ୍ କରି ଦେଉଛନ୍ତି।

ଏବେ ଅବଶ୍ୟ ସର୍ବଶିକ୍ଷା ଆଉ ନାହିଁ। ୨୦୧୮- ୧୯ ମସିହାରୁ ତାହା ସମଗ୍ର ଶିକ୍ଷାରେ ସାମିଲ ହୋଇଛି। କିନ୍ତୁ ସର୍ବଶିକ୍ଷାର ଯୋଜନାଗୁଡ଼ିକ ପୂର୍ବପରି କାର୍ଯ୍ୟ କରୁଛି। ମଧ୍ୟାହ୍ନଭୋଜନରେ ନବମ ଓ ଦଶମ ପିଲାମାନେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସ୍କୁଲ କାମ ସହିତ ଭୋଟର ତାଲିକା, ଜନଗଣନା, ଶିକ୍ଷକମାନଙ୍କର ଅନ୍ୟାନ୍ୟ କାର୍ଯ୍ୟ ଏତେ ବଢ଼ିଛି ଯେ, ସେମାନେ ଠିକ୍ ସମୟରେ ପାଠ୍ୟକ୍ରମ ଶେଷ କରିବାକୁ ବ୍ୟସ୍ତ ହୋଇ ପଡୁଛନ୍ତି। ସୁତରାଂ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦେଇ ସଚ୍ଚରିତ୍ର କରିବା ନିମନ୍ତେ ସେମାନେ ଏବେ ଆଉ ଅବସର ପାଉନାହାନ୍ତି।

ପୂର୍ବରୁ ସମାଜରେ ଶିକ୍ଷକମାନଙ୍କର ଯେଉଁ ମର୍ଯ୍ୟାଦା ଥିଲା ବର୍ତ୍ତମାନ ସମୟରେ ତାହା ଆଉ ଦେଖାଯାଉନାହିଁ। ଯେଉଁ ଦେଶରେ ଶିକ୍ଷକମାନଙ୍କର ମର୍ଯ୍ୟାଦା ନଷ୍ଟ ହେଉଛି ସେ ଦେଶରେ ଶିକ୍ଷାର ପ୍ରକୃତ ଅର୍ଥ ଯେ ଜ୍ଞାନ ଆହରଣ ଏକଥା ବୁଝିବ କିଏ? ସମସ୍ତେ କେବଳ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ପଛରେ ଧାଇଁଛନ୍ତି। ସ୍କୁଲଗୁଡ଼ିକରେ ସୁନ୍ଦର ପକ୍କାଘର ନିର୍ମାଣ ହେଉଛି ଅଥଚ ଛାତ୍ରମାନଙ୍କର ଚରିତ୍ର ନିର୍ମାଣ ହୋଇ ପାରୁନାହିଁ। ପିଲାମାନେ କଞ୍ଚା ମାଟି ପିଣ୍ଡୁଳା। ଆମେ ଯେପରି ଗଢ଼ିବୁ ସେମାନେ ସେପରି ହେବେ। ହରି ସିଂ ପରି କେବଳ ବଡ଼ ହେବାର ନିଶା ପୁଅ ମନରେ ପୂରାଇ ଦେଲେ ସେମାନେ ଭବିଷ୍ୟତରେ କେବଳ ଗୋପାଳ ହିଁ ହୋଇପାରିବେ। ସୁତରାଂ ଅଭିଭାବକମାନେ ନିଜ ସନ୍ତାନମାନଙ୍କୁ ଶିକ୍ଷିତ କରିବା ସହିତ ସେମାନେ କିପରି ସଚ୍ଚରିତ୍ର ହେବେ ସେଥିପ୍ରତି ମଧ୍ୟ ଧ୍ୟାନଦେବା ଉଚିତ। ତା'ହେଲେ ଯାଇ ଭବିଷ୍ୟତରେ ଏକ ସୁନ୍ଦର ପରିବାର ଓ ସୁସ୍ଥ ସମାଜ ଗଠନ ହୋଇପାରିବ।

ବିକାଶନଗର, ଅଙ୍ଗାରଗ, ବାଲେଶ୍ୱର
ମୋ : ୬୩୭୦୬୬୧୧୪୭

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀରେ ପୁଷ୍କରିଣୀଗୁଡ଼ିକୁ ସ୍ନାନୋପଯୁକ୍ତ କରାଯାଉ

**ମହାଶୟ,**

ଶ୍ରୀକ୍ଷେତ୍ର ପୁରୀର ପବିତ୍ର ପଞ୍ଚତୀର୍ଥ ପୁଷ୍କରିଣୀ ମଧ୍ୟରୁ ଅନ୍ୟତମ ପୁଷ୍କରିଣୀ ହେଉଛି ନରେନ୍ଦ୍ର ପୋଖରୀ ; ଯେଉଁଠାରେ ରାମକୃଷ୍ଣ, ଶ୍ରୀଦେବୀ ଭୂଦେବୀ ମଦନମୋହନ ସମେତ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ନନ୍ଦା ଓ ଭଦ୍ରା ନାମରେ ଦୁଇଟି ଚାପରେ ୨୧ ଦିନର ଚନ୍ଦନଯାତ୍ରା ସମୟରେ ଚାପ ଖେଳନ୍ତି। ସେଥି ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀର ଜଳ ପବିତ୍ର। ଏଥିରେ ଭକ୍ତ ସ୍ନାନକଲେ ପୁଣ୍ୟ ଅର୍ଜନ ହୋଇଥାଏ। ଦୁଃଖର ବିଷୟ, ପୁଷ୍କରିଣୀ ଜଳ ଦୂଷିତ ଓ ନେଳି ଶିଉଳି ପୋକରେ ଭରପୂର। ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଚାପ ଖେଳ ପୂର୍ବରୁ ନରେନ୍ଦ୍ର ପୋଖରୀ ଜଳକୁ ଶୁଦ୍ଧୀକରଣ କରି ସ୍ନାନପୋଯୋଗୀ କରିବାରେ ପଦକ୍ଷେପ ନେବା ଆବଶ୍ୟକ। ବର୍ତ୍ତମାନ ମଧ୍ୟ ବହୁ ସମୟ ରହିଛି ପ୍ରଶାସନ ପାଖରେ। ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରମାଗତ ଭାବେ ପୁଷ୍କରିଣୀ ଗୁଡ଼ିକର ଶୁଦ୍ଧତା ମାନତା ଓ ଗୁଣବତ୍ତା ଉପରେ ପର୍ଯ୍ୟବେକ୍ଷଣ କରିବା ଆବଶ୍ୟକ। କେବଳ ନରେନ୍ଦ୍ର ପୋଖରୀ ନୁହେଁ, ପୁରୀ ସହରରେ ଥିବା ସମସ୍ତ ତୀର୍ଥ ପୁଷ୍କରିଣୀକୁ ସ୍ନାନପୋଯୁକ୍ତ କରାଯାଉ। ନରେନ୍ଦ୍ର ପୁଷ୍କରିଣୀର ଶୁଦ୍ଧତା ରକ୍ଷା ଦିଗରେ ପ୍ରଶାସନ ଧ୍ୟାନ ଦେଲେ ସମ୍ଭାବ୍ୟ ଜଳ ବାହିତ ରୋଗର ସଂକ୍ରମଣକୁ ପ୍ରତିହିତ କରାଯାଇପାରିବ।

**- ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ଫାଟି ପଡ଼ିଥିଲା ନାଲି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ-ଚୁମ୍ବ ତା'ର ।

**-(ଲୋହିତ ବ୍ୟଥା)**

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୁମ୍ବାଇ ବିପକ୍ଷରେ ଚେନ୍ନାଇର ବଡ଼ ବିଜୟ

ମୁମ୍ବାଇ,୨୩।୪

ସଞ୍ଜୁ ସାମସନଙ୍କ ଅପରାଜିତ ଶତକ ଦମ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୁମ୍ବାଇ

## ସାମସନଙ୍କ ଅପରାଜିତ ଶତକ

ଇଣ୍ଡିଆନ୍ସ (ଏମ୍‌ଆଇ)କୁ ୧୦୩ ରନର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏହା ଚେନ୍ନାଇର ସର୍ବବୃହତ୍ ବିଜୟ ହୋଇଥିବା ବେଳେ ଏହି ବିଜୟ ସହ ଦଳ ପଞ୍ଚମ ସ୍ଥାନକୁ ଉଠିଛି। ମୁକେଶ ଚୌଧାରୀଙ୍କ ମାତୃ ବିୟୋଗ ଲାଗି ଏହି ମ୍ୟାଚ୍‌ରେ ସିଏସ୍‌କେର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ପାଇଁ ଫର୍ମରେ ଥିବା ସାମସନ ଗୋଟିଏ ପକ୍ଷ ସମ୍ଭାଳି ଶେଷ ପର୍ଯ୍ୟନ୍ତ ଖେଳିଥିବା ବେଳେ ଅନ୍ୟ ବ୍ୟାଟରମାନେ ତାଙ୍କୁ ଉପଯୋଗୀ ସମର୍ଥନ ପ୍ରଦାନ କରିଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ ୧୪ ବଲରେ ୨୨ (୩ ଚୌକା ଓ ୧ ଛକା), ସର୍ଫରାଜ ଖାନ ୮ ବଲରେ ୧୪ (୩ ଚୌକା), ଡେୱାଲ୍ଡ ବ୍ରେଭିସ ୧୧ ବଲରେ ୨୧ (୧ ଚୌକା ଓ ୨ ଛକା), କାର୍ତ୍ତିକ ଶର୍ମା ୧୮ (୨ ଛକା), ଜେମି ଓଭରଟନ ୭ ବଲରେ ୧୫ (୨ ଚୌକା ଓ ୧ଛକା) ରନ କରି ଆଉଟ୍ ହୋଇଥିଲେ। ସାମସନ ଶେଷ ଓଭରରେ ୨ ଛକା ଓ ୧ ଚୌକା ମାରି ବ୍ୟକ୍ତିଗତ ଶତକ ପୂରଣ କରିଥିଲେ। ଫଳରେ ସିଏସ୍‌କେ ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ସାମସନ ୫୪ ବଲରେ ୧୦ ଚୌକା ଓ ୬ ଛକା ସହିତ ୧୦୧ ରନ କରି ଅପରାଜିତ ରହିଥିଲେ। ଏହା ଚଳିତ ସିଜନରେ ତାଙ୍କର ଦ୍ୱିତୀୟ ଓ ମୋଟ ଉପରେ ପଞ୍ଚମ ଆଇପିଏଲ୍ ଶତକ। ଜବାବରେ ଚେନ୍ନାଇର ବୋଲରମାନେ ପ୍ରଥମ ୩ ଓଭର ମଧ୍ୟରେ ମାତ୍ର ୧୧ ରନରେ ୩ ଉଇକେଟ ନେଇ ମୁମ୍ବାଇକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏଭଳି ପରିସ୍ଥିତିରେ ସୂର୍ଯ୍ୟକୁମାର ଯାଦବ (୩୦ ବଲ, ୩୬ ରନ, ୫ ଚୌକା) ଓ ତିଲକ ବର୍ମା (୨୯ ବଲ, ୩୭ ରନ୍, ୫ ଚୌକା) ଚତୁର୍ଥ ଉଇକେଟରେ ୭୩ ରନ ଯୋଡ଼ି ଦଳୀୟ ସ୍ଥିତି ସମ୍ଭାଳିଥିଲେ। ହେଲେ ଏହି ଯୋଡ଼ି ଭାଙ୍ଗିବା ସହ ଦଳ ପୁଣି କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୧୯ ଓଭରରେ ୧୦୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଚେନ୍ନାଇ ପାଇଁ ଅକିଲ ହୋସେନ ୪ ଓ ନୂର ଅହମଦ ୨ ଉଇକେଟ ନେଇଥିଲେ।



ଅପରାଜିତ ଶତକୀୟ ଇନିଂସ ଅବସରରେ ସଞ୍ଜୁ ସାମସନ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୦୭/୬ (ସଞ୍ଜୁ ସାମସନ–୧୦୧*, ଆଲା ଘଜନାଫର–୨/୨୫, ଅଶ୍ୱିନୀ କୁମାର–୨/୩୭)। ମୁମ୍ବାଇ ଇଣ୍ଡିଆନ୍ସ: ୧୯ ଓଭରରେ ୧୦୪/ଅଲଆଉଟ୍ (ସୂର୍ଯ୍ୟକୁମାର ଯାଦବ–୩୬, ତିଲକ ବର୍ମା–୩୭, ଅକିଲ ହୋସେନ–୪/୧୭, ନୂର ଅହମଦ–୨/୨୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ବେଙ୍ଗାଲୁରୁ ବନାମ ଗୁଜରାଟ

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୦ | ୮ | +୧.୧୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୦ | ୬ | –୦.୧୩୦ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୦ | ୬ | –୦.୮୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | –୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୨ | ୫ | ୦ | ୪ | –୧.୨୭୭ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | –୦.୮୭୯ |

# ଦିଲ୍ଲୀ କ୍ୟାପିଟାଲ୍ସ ଗେମ୍ ପାଇଁ ଉପଲବ୍ଧ ହେବେ ଷ୍ଟାର୍କ

ସିଡ୍‌ନୀ, ୨୩।୪ (ପି.ଟି.)

ମିଚେଲ ଷ୍ଟାର୍କଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି କ୍ରିକେଟ ଅଷ୍ଟ୍ରେଲିଆ ଅନୁମତି ଦେଇଛି। ଫଳତଃ ମେ ୧'ରେ ଦିଲ୍ଲୀ କ୍ୟାପିଟାଲ୍ସର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ପାଇଁ ସେ ଉପଲବ୍ଧ ହେବେ। କହୁଣି ଓ କାନ୍ଧରେ ସମସ୍ୟା ଯୋଗୁ ଏହି ବାମହାତୀ ପେସ୍ ବୋଲର ଗତ ଜାନୁଆରୀରୁ ଖେଳରୁ ଦୂରେଇ ରହିଥିଲେ। ଇଂଲଣ୍ଡ ବିପକ୍ଷ ସମସ୍ତ ୫ ଆଶେସ ଟେଷ୍ଟରେ ତାଙ୍କର ବଡ଼ ଭୂମିକା ଥିଲା। ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେହି ମାସର ପରବର୍ତ୍ତୀ ଭାଗରେ ସେ ସିଡ୍‌ନୀ ସିକ୍ସର୍ସ ତରଫରୁ ୫ ବିଗ୍ ବାଶ୍ ଗେମ୍ ଖେଳିଥିଲେ। ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ଏହି ୩୬ ବର୍ଷୀୟ ଖେଳାଳିଙ୍କ ଅନୁପସ୍ଥିତି ପରେ ବିଦେଶୀ ଖେଳାଳିଙ୍କ ପ୍ରତିବଦ୍ଧତାକୁ ନେଇ ବିତର୍କ ସୃଷ୍ଟି ହୋଇଥିଲା, ଯାହା ଫଳରେ ଷ୍ଟାର୍କଙ୍କୁ ସୋସିଆଲ ମିଡିଆରେ ସଫେଇ ଦେବାକୁ ପଡ଼ିଥିଲା। ଏହା ଭୁଲ୍ ସୂଚନାଯୁକ୍ତ



ମତାମତ ବୋଲି ସେ ଦର୍ଶାଇଥିଲେ। ତାଙ୍କ କାନ୍ଧ ଓ କହୁଣିରେ ଆଘାତ ଲାଗିଥିବାରୁ ସେ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ସୂଚନାଯୋଗ୍ୟ, ଷ୍ଟାର୍କ ଗତ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସର ଅଗ୍ରଣୀ ପେସ୍ ବୋଲର ଥିଲେ। ସେ ୧୧ଟି ମ୍ୟାଚରେ ୧୪ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ଆଇପିଏଲ୍‌ରେ ଦିଲ୍ଲୀ ଏପର୍ଯ୍ୟନ୍ତ ସୁଦ୍ଧା ୬ଟି ଗେମ୍ ଖେଳି ୩ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ଅଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ଏହି ସିଜନରେ ପ୍ରଥମ ଥର ସନ୍‌ରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳିବେ।

# ମାମଲା ପ୍ରତ୍ୟାହାର କଲେ ଥୁଶାରା

କଲମ୍ବୋ, ୨୩।୪ (ପି.ଟି.)

ଶ୍ରୀଲଙ୍କା ଫାଷ୍ଟ ବୋଲର ନୁୱାନ ଥୁଶାରା ଦେଶର କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି) ବିରୋଧରେ କରିଥିବା ମାମଲାକୁ ପ୍ରତ୍ୟାହାର କରି ନେଇଛନ୍ତି। ଥୁଶାରା ଆଇପିଏଲ୍‌ରେ ଖେଳିବାକୁ ଚାହୁଁଥିଲେ। ହେଲେ ଏଥିପାଇଁ ଏସ୍‌ଏଲ୍‌ସି ତାଙ୍କୁ ନୋ ଅବ୍‌ଜେକ୍ସନ ଦେଇ ନ ଥିଲା। ଏଥିଯୋଗୁ ସେ ଗଭର୍ଜିଂ ବଡି ବିରୋଧରେ ମାମଲା କରିଥିଲେ। ଥୁଶାରା ୨୦୨୨ରୁ ୩୦

## ଆଇପିଏଲ୍ ଏନ୍‌ଓସି ପ୍ରସଙ୍ଗ

ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଫିଟ୍‌ନେସ୍ ଟେଷ୍ଟରେ ବିଫଳ ହୋଇଥିବା ଦର୍ଶାଇ ଏସ୍‌ଏଲ୍‌ସି ତାଙ୍କୁ ନୋ ଅବ୍‌ଜେକ୍ସନ ଦେଇ ନ ଥିଲା। ଥୁଶାରା ଆର୍ଟର୍ନି ଜିଲା କୋର୍ଟଙ୍କୁ କହିଥିଲେ ଆଇପିଏଲ୍‌ର ଅଧିକାଂଶ ଗେମ୍ ଇତିମଧ୍ୟରେ ଶେଷ ହୋଇଗଲାଣି। ତେଣୁ ତାଙ୍କ କ୍ଲାଏଣ୍ଟ ଏହି ମାମଲାକୁ ପ୍ରତ୍ୟାହାର କରିନେବାକୁ ଚାହାନ୍ତି।

# ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଜିତିଲା ବାଂଲାଦେଶ

ଢାକା,୨୩।୪(ପି.ଟି.)

ନଜମୁଲ ହୋସେନ ଶାଣ୍ଟୋଙ୍କ ଶତକ ଓ ପରେ ମୁସ୍ତାଫିଜୁର ରହମାନଙ୍କ ୫ ଉଇକେଟ ସଫଳତା ବଳରେ ବାଂଲାଦେଶ ଏଠାରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୫୫ ରନରେ ପରାସ୍ତ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ବାଂଲାଦେଶ ଦଳ ୨–୧ ବ୍ୟବଧାନରେ ଜିତି ନେଇଛି। ଶାଣ୍ଟୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ନାହିଦ ରାଣାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରିଥିଲା। ଦଳ ପାଇଁ ଲିଟନ ଦାସ ୭୬ (୩ ଚୌକା ଓ ୧ ଛକା) ଓ ଶାଣ୍ଟୋ ୧୦୫ (୯ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ। ଦୁହେଁ ଚତୁର୍ଥ ଉଇକେଟରେ ୧୬୦ ରନ ଯୋଡ଼ିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିଅମ ଓରାଉକେ ୩ ଉଇକେଟ ନେଇଥିଲେ। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୫ ଓଭରରେ ୨୧୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡିନ ଫକ୍ସକ୍ରଫ୍ଟ ୭୫ (୭ ଛକା) ଓ ନିକ କେଲି ୫୯ (୬ ଚୌକା ଓ ୧ ଛକା) ରନ କରିଥିଲେ। ବିଜୟୀ ଦଳ ପାଇଁ ମୁସ୍ତାଫିଜୁର ୫ ଉଇକେଟ ନେଇଥିଲେ।

# ମାହାତ୍ରେଙ୍କ ସ୍ଥାନରେ ମାଧୱାଲ

ଚେନ୍ନାଇ, ୨୩।୪ (ପି.ଟି.)

ଚେନ୍ନାଇ ସୁପର କିଙ୍ଗ୍ସ ଆୟୁଷ ମାହାତ୍ରେଙ୍କ ସ୍ଥାନରେ ବଦଳ ଖେଳାଳି ହିସାବରେ ଆକାଶ ମାଧୱାଲଙ୍କ ସହିତ ଚୁକ୍ତି କରିଛି। ମାହାତ୍ରେ ଆଘାତପ୍ରାପ୍ତ ଯୋଗୁ ୨୦୨୬ ଆଇପିଏଲ ଅବଶିଷ୍ଟାଂଶରୁ ବାଦ ପଡ଼ିଛନ୍ତି। ସେ ହେଉଛନ୍ତି ଭାରତର ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଦଳର ଅଧିନାୟକ। ଏହି ସିଜନରେ ସେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଜଣେ ପ୍ରଭାବୀ ଖେଳାଳି ଭାବେ ଉଭା ହୋଇଥିଲେ। ୬ଟି ମ୍ୟାଚରେ ତାଙ୍କର ଦୁଇଟି ଅର୍ଦ୍ଧଶତକ ରହିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ତାଙ୍କ ବାମ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ହୋଇଛି। ମାଧୱାଲ ୩୦ ଲକ୍ଷ ଟଙ୍କା ବିନିମୟରେ ସିଏସ୍‌କେରେ ଯୋଗ ଦେଇଛନ୍ତି। ଡାହାଣହାତି ଫାଷ୍ଟ ବୋଲର ମାଧୱାଲ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ (୨୦୨୩ ଓ ୨୦୨୪) ଏବଂ ରାଜସ୍ଥାନ ରୟାଲ୍ସ (୨୦୨୫)ରୁ ପ୍ରତିନିଧିତ୍ୱ କରିଛନ୍ତି। ଉତ୍ତରାଖଣ୍ଡର ଏହି ପେସ୍ ବୋଲର ଚଳିତ ସିଜନ ଆରମ୍ଭରେ ସିଏସ୍‌କେ ଟ୍ରାଏଲ୍ସରେ ଭାଗ ନେଇଥିଲେ। ସେ ଖେଳିଥିବା ୧୭ ଆଇପିଏଲ୍ ମ୍ୟାଚରେ ମୋଟ ୨୩ ଉଇକେଟ ଅକ୍ତିଆର କରିଥିଲେ।

# ୨୪ରୁ ଜାତୀୟ ପୂର୍ବାଞ୍ଚଳ ରୋଲ ବଲ



ଅତିଥିଙ୍କ ଗହଣରେ ଓଡ଼ିଶା ରୋଲ ବଲ ଦଳ।

ଭୁବନେଶ୍ୱର,୨୩।୪(ଅନାଦି କର)

ଆସନ୍ତା ୨୪ ଓ ୨୫ ତାରିଖରେ ମେଘାଳୟର ଶିଲଂଠାରେ ଜାତୀୟ ପୂର୍ବାଞ୍ଚଳ ରୋଲ ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ସିନିୟର ଦଳ ଗୁରୁବାର ଶିଲଂ ଅଭିମୁଖେ ଯାତ୍ରା କରିଛି। ଦଳର ଯାତ୍ରା ପୂର୍ବରୁ ଖେଳାଳିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦ୍ଦୁଲା ବିଜୟ, ପ୍ରଶାସକ କମ୍ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଡ଼ିଶା ରୋଲ ବଲ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ଉପସ୍ଥିତ ଥିଲେ। ପ୍ରୀତିଶ ଆର୍ଯ୍ୟନ ଜେନାଙ୍କ ନେତୃତ୍ୱରେ ଘୋଷିତ ଦଳରେ କୌସ୍ତୁଭ ପଟ୍ଟନାୟକ (ଉପ ଅଧିନାୟକ), ସ୍ୱସ୍ତିକ ପ୍ରହରାଜ, କମଳ କୁମାର ଦାସ, ଅଂଶୁମାନ ପାତ୍ର, ସାଇ ଶ୍ରୀୟାଂଶୁ ରାଉତ, ଅଙ୍କିତ ନାୟକ, ରାଜୀବ ସାହୁ, ପ୍ରତୀକ ଅର୍ଣ୍ଣବ ଜେନା, ଆୟୁଷ ଜେନା, ଅର୍ମାନ ସୁବୁଦ୍ଧି।

# ମୁକେଶ ଚୌଧାରୀଙ୍କ ମାତୃ ବିୟୋଗ

ଚେନ୍ନାଇ,୨୩।୪

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପେସର ମୁକେଶ ଚୌଧାରୀ ବୁଧବାର ତାଙ୍କ ମା'ଙ୍କୁ ହରାଇଛନ୍ତି। ଏ ନେଇ ଚେନ୍ନାଇ ଫ୍ରାଞ୍ଚାଇଜ ପକ୍ଷରୁ ସୂଚନା ଦିଆଯିବା ସହ ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ପୋଷ୍ଟ ଶେଷ କରାଯାଇଛି। ନିଜ ହୋମଟାଉନ ଭିଲାଇରେ ମା'ଙ୍କ ଶେଷକୃତ୍ୟରେ ସାମିଲ ହେବା ପରେ ମୁକେଶ ଦଳରେ ଯୋଗ ଦେଇଛନ୍ତି।

## ରାଜ୍ୟ ସିନିୟର ସନ୍ତରଣ ପ୍ରତିଯୋଗିତା

# ୧୫୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଭାଗ ନେବେ

ଭୁବନେଶ୍ୱର,୨୩।୪ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରଠାରେ ଆସନ୍ତା ମେ' ମାସ ୧୬ ଓ ୧୭ ଦୁଇ ଦିନ ଧରି ୬୬ତମ ରାଜ୍ୟ ସିନିୟର ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟପାର ବିଭାଗ ଏବଂ ଓଡିଶା ରାଜ୍ୟ ସୁଇମିଂ ଆସୋସିଏଶନ ମିଳିତ ଭାବେ ଏହାର ଆୟୋଜନ କରିଛନ୍ତି। ରାଜ୍ୟ ସିନିୟର ସନ୍ତରଣ ପ୍ରତିଯୋଗିତା ଉଭୟ ମହିଳା ଓ ପୁରୁଷ ବିଭାଗ ରେ ବିଭିନ୍ନ କଟେଗୋରି ଯଥା ଫ୍ରି –ଷ୍ଟାଇଲର ୫୦, ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର, ବ୍ରେକ୍ ଷ୍ଟ୍ରୋକ୍‌ରେ ୫୦, ୧୦୦ ଓ ୨୦୦ ମିଟର, ବ୍ରେଷ୍ଟ ଷ୍ଟ୍ରୋକରେ ୫୦,୧୦୦ ଓ ୨୦୦ ମିଟର, ବଟରଫ୍ଲାଏ ରେ ୫୦,୧୦୦ ଓ ୨୦୦ ମିଟର, ବ୍ୟକ୍ତିଗତ ମିଡ୍‌ଲେରେ ୨୦୦ଓ ୪୦୦ ମିଟର, ଫ୍ରି–ଷ୍ଟାଇଲ ରିଲେରେ ୪ ଗୁଣା ୧୦୦ ମିଟର, ମିକ୍ସଡ ରିଲେ ଯାହାକି ଦୁଇ ଜଣ ପୁରୁଷ ଏବଂ ୨ ଜଣ ମହିଳା ଖେଳାଳିଙ୍କୁ ନେଇ ଟିମ ତିଆରି ହୋଇଥାଏ ସେଥିରେ ୪ ଗୁଣା ୧୦୦ ଫ୍ରି–ଷ୍ଟାଇଲ , ୪ ଗୁଣା ୧୦୦ ମି. ମିଡ୍‌ଲେ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ଏହି ସମସ୍ତ ପ୍ରତିଯୋଗିତା ପ୍ରବେଶିକା ଫି' ସନ୍ତରଣକାରୀ ପିଛା ୨୦୦ ଟଙ୍କା ରଖାଯାଇଥିବା ରାଜ୍ୟ ସନ୍ତରଣ ସଂଘ ତରଫରୁ ସୂଚନା ଦିଆଯାଇଛି। ପ୍ରତିଯୋଗୀମାନେ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ପ୍ରତିଯୋଗିତା ୱାର୍ଲ୍ଡ ଆକ୍ୱାଟିକ ନିୟମାବଳୀ ୨୦୨୫ ଅନୁଯାୟୀ ୫୦ମିଟର ବିଶିଷ୍ଟ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ହେବ। ପଞ୍ଜୀକରଣ ପାଇଁ ଶେଷ ତାରିଖ ମେ' ୮ ତାରିଖ ରଖାଯାଇଥିବା ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଏବଂ ସଂପାଦକ ଗୋଲାପ ମଣି ମହନ୍ତ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ସାଂଗଠନିକ ଜିଲ୍ଲାରୁ ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ସିନିୟର ସନ୍ତରଣକାରୀ ଅଂଶଗ୍ରହଣ କରିବେ। ଖେଳାଳିମାନଙ୍କ ପାଇଁ ଖାଦ୍ୟ ଓ ରହଣୀ ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସନ୍ତରଣ ସଂଘର କୋଷାଧ୍ୟକ୍ଷ ବିଜୟ କୁମାର ଦିକ୍ଷିତ ଜଣାଇଛନ୍ତି ।

# ଦକ୍ଷିଣ ଆଫ୍ରିକାର କ୍ରମାଗତ ତୃତୀୟ ବିଜୟ

ଓଲ୍‌ଭାର୍ଡଟ, ୨୩।୪ (ପି.ଟି.)

ଲାଉରା ଓଲ୍‌ଭାର୍ଡଟଙ୍କ ଶତକୀୟ ଇନିଂସ ବଳରେ ଦକ୍ଷିଣ ଆଫ୍ରିକା ଏଠାରେ ଖେଳାଯାଇଥିବା ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତକୁ ୯ ଉଇକେଟରେ ପରାସ୍ତ କରିଛି। ଏଥିସହିତ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୩–୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରି ନେଇଛି। ଫଳରେ ଜୋହାନେସ୍‌ବର୍ଗ ଓ ବେନୋନିଠାରେ ଖେଳାଯିବାକୁ ଥିବା ସିରିଜର ଅବଶିଷ୍ଟ ଦୁଇ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଛି। ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୧୯୨ ରନ କରିଥିଲା। ଅଧିନାୟକ ହରମନପ୍ରୀତ କୌର ଓ ଶେଫାଳି ବର୍ମା ଯଥାକ୍ରମେ ୬୬ ଓ ୬୪ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ଏହା ହେଉଛି ସର୍ବବୃହତ୍ ସ୍କୋର। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୩ ଓଭରରେ ୧ ଉଇକେଟ ବିନିମୟରେ୧୯୩ ରନ କରି ମ୍ୟାଚ ଜିତିନେଇଥିଲା। ଭାରତର ପ୍ରଭାବହୀନ

## ମହିଳା ଟି୨୦

ବୋଲିଂ ଯୋଗୁ ବର୍ତ୍ତମାନ ଭଲ ଫର୍ମରେ ଥିବା ଅଧିନାୟିକା ଓଲ୍‌ଭାର୍ଡଟ ମାତ୍ର ୫୩ ବଲ୍‌ରୁ ୧୧୫ ରନ କରିଥିବା ବେଳେ ତାଙ୍କ ଓପନିଂ ପାର୍ଟନର ସୁନ୍ ଲୁସ୍ ୪୨ବଲରୁ ୬୪ ରନ କରି ଅପରାଜିତ ରହିଥିଲେ। ଘରୋଇ ଦଳ ୨୧ ବଲ୍ ବାକିଥାଇ ୯୩ ରନରବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲା। ମହିଳା ଅନ୍ତର୍ଜାତୀୟ ଟି୨୦ରେ ଇତିହାସରେ ଏହା ଥିଲା ତୃତୀୟ ସର୍ବୋଚ୍ଚ ରନ୍ ଚେଜ୍। ପୂର୍ବରୁ ୨୦୨୩ ଓ ୨୦୧୮ ଯଥାକ୍ରମେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଓ ଭାରତ ୨୧୨ ଓ ୧୯୮ ରନର ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲେ।



ଶତକୀୟ ଇନିଂସ ଅବସରରେ ଲାଉରା ଓଲ୍‌ଭାର୍ଡଟ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୪/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Friday, April 24/2026 Page 16 ₹ 7.00 | SAMBALPUR

୫୨ଶ ଭାଗ ୧୪୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 149 ମୂଲ୍ୟ₹୭/-

# ପଶ୍ଚିମବଙ୍ଗରେ ୯୨.୬୪%, ତାମିଲନାଡୁର ୮୫.୧୩% ମତଦାନ

**ଗୋଟିଏ ପଟେ ହିଂସାର ତାଣ୍ଡବ, ଅନ୍ୟପଟେ ଗଣତନ୍ତ୍ରର ବିଜୟ। ଗୁରୁବାର ଦେଶର ଦୁଇ ପ୍ରମୁଖ ରାଜ୍ୟ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭୋଟରଙ୍କ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ବୋମା ବିସ୍ଫୋରଣ ଏବଂ ଗୋଷ୍ଠୀ ସଂଘର୍ଷର ଭୟକୁ ପଛରେ ପକାଇ ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟରେ ୯୨ ପ୍ରତିଶତରୁ ଅଧିକ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ତାମିଲନାଡୁରେ ମଧ ପ୍ରାୟ ୮୫ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ତେବେ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଶାସକ ଟିଏମ୍‌ସି ଏବଂ ଏୟୁଜେପି କର୍ମୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ହିଂସାକାଣ୍ଡରେ ଅନେକେ ଆହତ ହୋଇଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ କେନ୍ଦ୍ର ଆଗରେ ଲୋକଙ୍କ ଲମ୍ବା ଲାଇନ୍ ଗଣତନ୍ତ୍ର ପ୍ରତି ସାଧାରଣ ଜନତାଙ୍କ ଅତୁଟ ଆସ୍ଥାକୁ ପ୍ରମାଣିତ କରିଛି।**

କୋଲକାତା/ଚେନ୍ନାଇ, ୨୩।୪

ପଶ୍ଚିମବଙ୍ଗ ବିଧାନସଭାର ୧୫୨ ଆସନ ଲାଗି ଗୁରୁବାର ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଭୋଟ ସନ୍ଧ୍ୟା ୬ଟାରେ ଶେଷ ହୋଇଥିବାବେଳେ ମତଦାନ ହାର ୯୨.୬୪ ପ୍ରତିଶତ ରହିଛି। ସେହିପରି ତାମିଲନାଡୁର ସମସ୍ତ ୨୩୪ ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟ ହୋଇଥିବାବେଳେ ମତଦାନ ହାର ୮୫.୧୩ ପ୍ରତିଶତ ରହିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଭୋଟ ବେଳେ କେତେକ ସ୍ଥାନରେ ଶାସକ ଟିଏମ୍‌ସି ଏବଂ ଏୟୁଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଓ ହିଂସାକାଣ୍ଡ ଘଟିଥିଲା। ବିଶେଷକରି ମୁର୍ଶିଦାବାଦରେ ବଡ଼ଧରଣର ହିଂସା ଘଟିଛି। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି।

## ମୁର୍ଶିଦାବାଦରେ ହିଂସା: ଅନେକେ ଆହତ



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଗୁରୁବାର ଦକ୍ଷିଣ ଦିନାଜପୁର ଜିଲାରେ ଅଶାନ୍ତି ଖବର ପାଇ ଏକ ଭୋଟ କେନ୍ଦ୍ରକୁ ଯାଉଥିବା ସମୟରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ସରକାରଙ୍କୁ ମାଡ଼ ମରାଯାଉଛି।

ଗୁରୁବାର ସକାଳେ ମୁର୍ଶିଦାବାଦ ଜିଲାର ନଓଡ଼ାରେ ଏକ ବିସ୍ଫୋରଣରେ କେତେଜଣ ଆହତ ହେବା ପରେ ଏହାକୁ ନେଇ ବଚସା ହୋଇଥିଲା। ଏୟୁଜେପି ଅଧକ୍ଷ ହୁମାୟୁନ କବୀର ଟିଏମ୍‌ସି କର୍ମୀମାନଙ୍କ ସହ ସଂଘର୍ଷ କରୁଥିବା ଏକ ଭିଡିଓରୁ ଦେଖିବାକୁ ମିଳିଛି। ମତଦାନ ଚାଲିଥିବାବେଳେ ଦଳୀୟ କର୍ମୀ ଓ ପୋଲିସ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବାରୁ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ଅଧିକ ସୁରକ୍ଷା ବଳ ନିୟୋଜନ କରାଯାଇଥିଲା। କେତେକ ସ୍ଥାନରେ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସକୁ ମୃଦୁ ☞ପୃଷ୍ଠା–୪

# ଝାରସୁଗୁଡ଼ା, ତାଳଚେରରେ ୪୪ ଡିଗ୍ରୀ

## ୪୨ ଡିଗ୍ରୀ ଡେଇଁଲା ଭୁବନେଶ୍ୱର ତାପମାତ୍ରା

ଭୁବନେଶ୍ୱର, ୨୩।୪(ବନ୍ଦନା ସେଠୀ)

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମ ଓ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରିଥିବାବେଳେ ଲୋକେ ଘରେ, ବାହାରେ ସ୍ୱାଭାବିକ ଭାବେ ରହିପାରୁ ନାହାନ୍ତି। ସକାଳୁ ଟାଇଁ ଟାଇଁ ଖରା ଉରାଉଥିବାବେଳେ ଦିନସାରା ତତଲା ପବନ ଦେହକୁ ପୋଡି ଦେଉଛି। ଆହୁରି ଦୁଇଦିନ ଅର୍ଥାତ୍ ୨୫ ତାରିଖ ଯାଏ ରାଜ୍ୟରେ ହିଟ୍ ୱେଭ୍ ବା ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟର ୨୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଝାରସୁଗୁଡା ଓ ତାଳଚେରରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଚଳିତବର୍ଷ ପ୍ରଥମଥର ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୨.୧ ଡିଗ୍ରୀ ଛୁଇଁଥିଲା। ଅପରାହ୍ନ ବେଳକୁ ଝାଞ୍ଜି ପବନ ସାଙ୍ଗକୁ ପ୍ରବଳ ତାତିରେ ଲୋକମାନେ ଆଉଟୁପାଉଟୁ ହୋଇ ଯାଇଥିଲେ। ସେହିପରି ଟିଟିଲାଗଡ଼ରେ ୪୩.୮ ଡିଗ୍ରୀ, ଅନୁଗୋଳ ଓ ଢେଙ୍କାନାଳ ୪୩.୫, ହୀରାକୁଦ ୪୩.୪, ସମ୍ବଲପୁର ଓ ପାରଳାଖେମୁଣ୍ଡି ୪୩, ବରଗଡ଼ ୪୨.୬, ସୁନ୍ଦରଗଡ଼, ନୂଆପଡ଼ା ଏବଂ ରାଉରକେଲା ୪୨.୫, ବଲାଙ୍ଗୀର ଓ ସୋନପୁର ୪୨.୨୩, କଟକ ୪୧.୮, ବୌଦ୍ଧ ୪୧.୪, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ନୟାଗଡ଼ ୪୧, କେନ୍ଦୁଝର ୪୦.୯ ଏବଂ ଫୁଲବାଣୀ ଓ ଯାଜପୁରରେ ଦିନର ସର୍ବୋଚ୍ଚ ତାପମାତ୍ରା ☞ପୃଷ୍ଠା–୪

## ଖୋର୍ଦ୍ଧା ଜିଲାରେ ସକାଳ ସାଢ଼େ ୬ଟାରୁ ସାଢ଼େ ୯ଟା ପାଠପଢ଼ା

ଭୁବନେଶ୍ୱର, ୨୩।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। ଖରାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରେ ଶିକ୍ଷାନୁଷ୍ଠାନକୁ ସାମୟିକ ଛୁଟି କରାଯାଇଥିବାବେଳେ ଆଉ କେତେକ ଜିଲାରେ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯାଇଛି। ତେବେ ଗରମ ଓ ଗୁଳୁଗୁଳି ବଢ଼ୁଥିବାରୁ ଚଳିତବର୍ଷ ଅଙ୍ଗନୱାଡ଼ି ଓ ବିଦ୍ୟାଳୟକୁ ଆଗୁଆ ଖରାଛୁଟି ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। ଏନେଇ ରାଜସ୍ୱ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ମିଳିତ ଭାବେ ବୈଠକ କରି ଗ୍ରୀଷ୍ମ ପ୍ରବାହ ସ୍ଥିତି ସମୀକ୍ଷା କରିବା ପରେ ନିଷ୍ପତ୍ତି ନିଆଯିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କମିବାର ସମ୍ଭାବନା ନାହିଁ। ଆଞ୍ଚଳିକ ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ଉଭୟ ଅଙ୍ଗନୱାଡ଼ି ଓ ବିଦ୍ୟାଳୟଗୁଡ଼ିକୁ ଆଗୁଆ ଛୁଟି ଘୋଷଣା କରାଯିବ। ଏ ସମ୍ପର୍କରେ ମିଳିତ ଆଲୋଚନା ପରେ ଆଗୁଆ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରାଯାଇଛି। କେବେଠାରୁ ଛୁଟି କରାଯିବ ସେନେଇ ☞ପୃଷ୍ଠା–୪

No. 19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି। ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର

OIPR-19001/19001/2/26-27/0002

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ହତ୍ୟା ମାମଲାରେ ସାନ ଭାଇଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି, ୨୩।୪ (ଗୁରୁ ଦୟାଳ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ କଂଦେଇ ଗାଁରେ ଗତ ୨୦୨୨ରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରା ଜଜ୍ ରାଜେଶ କୁମାର ନାୟାର ହତ୍ୟାକାରୀ ଟିକଚନ୍ଦ ବାଗଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରକାଶ ଯେ, ଘଟଣାଦିନ ଘରୋଇ କଳହକୁ ନେଇ ଟିକଚନ୍ଦ ଓ ତାଙ୍କ ବଡ଼ଭାଇ ଫୁଲପ୍ରସାଦ ବାଗଙ୍କ ମଧ୍ୟରେ ଗାଁ ପାଖ ଅର୍ଜନୀ ନଦୀ କୂଳରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଟିକଚନ୍ଦ ରାଗିଯାଇ ବଡ଼ଭାଇ ଫୁଲପ୍ରସାଦକୁ ପଥରରେ ଛେଚି ହତ୍ୟା କରିଥିଲେ। ପରେ ମୃତଦେହ ନଦୀରେ ଫୋପାଡି ଦେଇଥିଲେ। ଏହି ଘଟଣାରେ ତୁରେକେଲା ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରି ସମସ୍ତ ପ୍ରମାଣ କୋର୍ଟକୁ ଦେଇଥିଲା। ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ନାୟାର ଏହି ଘଟଣାରେ ଟିକଚନ୍ଦଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ। ଏହି ମାମଲାକୁ ସରକାରୀ କ୍ୟାଡର ଏପିପି ସିଲେନ କିଣ୍ଡୋ ପରିଚାଳନା କରୁଥିଲେ।

### ନୂଆପଡ଼ା ଜିଲା ପାଇବ ରାଜ୍ୟ ପଞ୍ଚାୟତ ପୁରସ୍କାର

■ଆଜି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିବ
■ଏମ୍‌ଜିଏନ୍‌ଆର୍‌ଇଏସ୍‌ରେ ରାଜ୍ୟରେ ତୃତୀୟ

ନୂଆପଡ଼ା, ୨୩।୪ (ମକାରୁ ବେମାଲ)

ଏମ୍‌ଜିଏନ୍‌ଆର୍‌ଇଏସ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲାକୁ 'ରାଜ୍ୟ ପଞ୍ଚାୟତ ପୁରସ୍କାର୨୦୨୫-୨୬' ପାଇଁ ମନୋନୀତ କରାଯାଇଛି। ଯୋଜନାର ସଫଳ ରୂପାୟନ ପାଇଁ ନୂଆପଡ଼ା ଜିଲା ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲା ପରିଷଦକୁ ଏହି ସମ୍ମାନ ପ୍ରଦାନ କରାଯିବ। ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଜିଲାକୁ ଏହି ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିବେ। ଗତ ଆର୍ଥିକବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସୂଚାରୁ କାର୍ଯ୍ୟାନ୍ୱୟନ, ସମୟୋପଯୋଗୀ ମଜୁରି ପ୍ରଦାନ, ଗ୍ରାମାଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି, ଜଳ ସଂରକ୍ଷଣ ଆଦି କ୍ଷେତ୍ରରେ ଜିଲାର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏହି ଉପଲବ୍ଧିର ମୂଳ ଆଧାର ରହିଛି। ଏହି ସଫଳତା ପାଇଁ ଜିଲାପାଳ ମଧୁସୂଦନ ଦାଶ ସମଗ୍ର ଟିମ ନୂଆପଡାକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ସ୍ତରର ଅଧିକାରୀ, କର୍ମଚାରୀ, ପଞ୍ଚାୟତ ପ୍ରତିନିଧି ଓ ଶ୍ରମିକଙ୍କ ସମନ୍ୱିତ ପ୍ରୟାସ ଓ ନିଷ୍ଠା ଯୋଗୁ ଏହି ଗୌରବ ସମ୍ଭବ ହୋଇପାରିଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ ଜିଲାପାଳଙ୍କ ଦୂରଦୃଷ୍ଟି, ନିରନ୍ତର ପରାମର୍ଶ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଏହି କାର୍ଯ୍ୟଧାରାକୁ ଅବ୍ୟାହତ ରଖି ଜିଲାକୁ ଅଧିକ ସଫଳତା ଦିଗରେ ନେବାକୁ ଟିମ ନୂଆପଡା ସଂକଳ୍ପବଦ୍ଧ। ଏହି ଉପଲବ୍ଧି ନୂଆପଡ଼ା ଜିଲାର ଗ୍ରାମୀଣ ଉନ୍ନତି କ୍ଷେତ୍ରରେ ସାମୂହିକ ଉଦ୍ୟମ ଓ କାର୍ଯ୍ୟଦକ୍ଷତାର ଏକ ସ୍ପଷ୍ଟ ପ୍ରତିଫଳନ ବୋଲି କୁହାଯାଉଛି।

# ୪ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ଭିସୁଟ୍‌ରେ ରାଗିଂ ଘଟଣା

■ଚୂଡ଼ାନ୍ତ ରିପୋର୍ଟ ଦାଖଲ ହୋଇନାହିଁ: କୁଳପତି




ସମ୍ବଲପୁର, ୨୩।୪ (ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ନିକଟରେ ଘଟିଥିବା ଏକ ରାଗିଂ ଘଟଣାରେ ୪ ଜଣ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ଗ୍ରେଡ୍ କମାଇବା ପରିବର୍ତ୍ତେ ଆର୍ଥିକ ଜରିମାନା ସହ ଅଭିଭାବକଙ୍କଠାରୁ ଏକ ଅଣ୍ଡରଟେକିଂ ରଖିବାକୁ ବିଶ୍ୱବିଦ୍ୟାଳୟର ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଏହା ଏକ ପୂର୍ବ ପରିକଳ୍ପିତ ସଙ୍ଗଠିତ ରାଗିଂ ନୁହେଁ। ବରଂ ୧୨ରୁ ୧୫ ଦିନ ତଳେ ଭିସୁଟ୍ ଫାଟକ ନିକଟରେ ହୋଇଥିବା ଏକ ସାମାନ୍ୟ ବାଦବିବାଦ ଯାହା ପରବର୍ତ୍ତୀ ସମୟରେ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ମଧ୍ୟ ହୋଇଯାଇଥିଲା। ତେବେ ଏହାକୁ ଅଣଦେଖା ନ କରି ଏକ ସମ୍ବେଦନଶୀଳ ଘଟଣା ଭାବେ ଗ୍ରହଣକରି ଭିସୁଟ୍ କର୍ତ୍ତୃପକ୍ଷ ଆଣ୍ଟି ରାଗିଂ ସେଲ୍ ଦ୍ୱାରା ଏହାର ତଦନ୍ତ କରାଇଥିଲେ। ପରବର୍ତ୍ତୀ ସମୟରେ ଘଟଣାକୁ ଆହୁରି ନିରପେକ୍ଷ କରିବାକୁ ତାଙ୍କ ନିଜ ଅଧକ୍ଷତାରେ ସମ୍ବଲପୁର ସଦର ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ବୁର୍ଲା ଥାନାର ଅଧିକାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ, ଭିସୁଟ୍‌ର ଆଭ୍ୟନ୍ତରୀଣ କମିଟି ସଦସ୍ୟ, ଡିନ୍ (ଛାତ୍ର କଲ୍ୟାଣ) ପ୍ରମୁଖଙ୍କୁ ନେଇ ଗଠିତ ଅନ୍ୟ ଏକ କମିଟି ଘଟଣାର ତଦନ୍ତ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ସମସ୍ତ ବରିଷ୍ଠ ଓ କନିଷ୍ଠ ଛାତ୍ରମାନଙ୍କୁ ମଧ ସେମାନଙ୍କ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। ପରେ ୪ ବରିଷ୍ଠ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ଏ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ (ରିଜୋଲ୍ୟୁଶନ) ଦାଖଲ ହେଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ପ୍ରଫେସର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ୧୫ ଦିନ ତଳେ ୨ ଜଣ ମେକାନିକାଲ ୧ମ ବର୍ଷ ଛାତ୍ର ବିଜୁ ପଟ୍ଟନାୟକ ଇ. ଲର୍ନିଂ ସେଣ୍ଟରରୁ କ୍ଲାସ୍ ସାରି ରାସ୍ତା ଅତିକ୍ରମକରି ଭିସୁଟ୍ ମୁଖ୍ୟ ଫାଟକ ଆଡ଼କୁ ଆସୁଥିଲେ। ଏହି ସମୟରେ ୪ ଜଣ ବରିଷ୍ଠ ଛାତ୍ର ଜଣେ ୧ମ ବର୍ଷର ଛାତ୍ରଙ୍କୁ ଜୋତାର ଲେସ୍ କାହିଁକି ବାନ୍ଧିନୁ ବୋଲି ପଚାରିବା ସହ ତାଗିଦ କରିଥିଲେ। ପରେ ସେହି ଛାତ୍ରଙ୍କୁ ଛାଡ଼ି ଅନ୍ୟ ଜଣେ କନିଷ୍ଠ ଛାତ୍ରଙ୍କୁ ମଧ ବରିଷ୍ଠ ଛାତ୍ରମାନେ ଅନୁରୂପ ତାଗିଦ କରିଥିବାରୁ ଉଭୟ ପକ୍ଷଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଉପସ୍ଥିତ ଜଣେ କନିଷ୍ଠ ଛାତ୍ର ଏହି ଘଟଣାର ଭିଡିଓ ଚିତ୍ର ଉତ୍ତୋଳନ କରୁଥିବା ଦେଖି ବରିଷ୍ଠ ଛାତ୍ରମାନେ ମୋବାଇଲ୍ ଛଡ଼ାଇନେବାକୁ ଉଦ୍ୟମ କଲାବେଳେ ତାହା ତଳେ ପଡ଼ି ଭାଙ୍ଗିଯାଇଥିଲା। ଫଳରେ ଉଭୟ ଛାତ୍ରଙ୍କ ମଧରେ ଚାଲିଥିବା ଯୁକ୍ତିତର୍କ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ସୁରକ୍ଷା କର୍ମୀଙ୍କ ହସ୍ତକ୍ଷେପ ପରେ ବିବାଦ ସମାଧାନ ହୋଇଥିଲେ ମଧ ଭିସୁଟ୍ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଉତ୍କଳମଣି ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ରାଉରକେଲା, ୨୩।୪ (ଦିନେଶ ମିଶ୍ର)

ସେକ୍ଟର-୨୧ସ୍ଥିତ ନୟାବଜାର ଅଞ୍ଚଳରେ ଥିବା ଉତ୍କଳମଣି ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟର ୫୦ତମ ବାର୍ଷିକୋତ୍ସବ ଅଧ୍ୟକ୍ଷ ଶୁଭାଶିଷ ସେଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ମଙ୍ଗଳ ସମିତି ସଭାପତି ମୁକେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ଡ. ସନାତନ ପ୍ରଧାନ, ଡ. ଲକ୍ଷ୍ମୀକାନ୍ତ ନନ୍ଦ, ଡ. ଭରତ ଭୂଷଣ ଦାସ, ଜଗନ୍ନାଥ ବେହେରା, ଶୋଭନ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୁଷ ଛାତ୍ରୀ ପ୍ରିୟା କୁମାରୀ ଓ ସହିତା ହଲଦର ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଅମିତ କୁମାର ବେହେରା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାବ୍ୟତୀତ ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ଓ ଶୈକ୍ଷିକ କ୍ଷେତ୍ରରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅମିତ କୁମାର ବେହେରାଙ୍କ ସମେତ ସମସ୍ତ ଆୟୁଷ ଡାକ୍ତର ସହଯୋଗ କରିଥିଲେ।

## ରାସ୍ତାପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

■ଆର୍‌ପିଏଫ୍‌ର ଅମାନବୀୟ କାର୍ଯ୍ୟ ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ
■୪୪ ଡିଗ୍ରୀ ଉତ୍ତାପରେ ଯୁବକଙ୍କୁ ରାସ୍ତାରେ ଛାଡ଼ି ଚାଲିଯାଇଥିଲା ଆର୍‌ପିଏଫ୍

ବ୍ରଜରାଜନଗର, ୨୩।୪ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଅଣ୍ଡାଛକ ରାସ୍ତାପାର୍ଶ୍ୱରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳର ହରେକ ବାହାଦୁର(୩୫)। ଆର୍‌ପିଏଫ୍ (ରେଳ ସୁରକ୍ଷା ବଳ) କର୍ମଚାରୀଙ୍କ ଅମାନବୀୟ କାର୍ଯ୍ୟ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ହରେକ ଏବଂ ତାଙ୍କ ସାଙ୍ଗ ଅନିଲ ମୁଖୀ(୩୫) ମଙ୍ଗଳବାର ରାୟପୁରରୁ ରାଉରକେଲା ଅଭିମୁଖେ ଟ୍ରେନ୍‌ରେ ଘରକୁ ଫେରୁଥିଲେ। ହେଲେ କୌଣସି କାରଣରୁ ବ୍ରଜରାଜନଗର ଷ୍ଟେଶନରେ ରାତି ପ୍ରାୟ ସାଢ଼େ ୭ଟାରେ ଓହ୍ଲାଇ ବୁଲାବୁଲି କରିଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବାରୁ ସେମାନେ ଅଲଗା ହୋଇଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ହରେକ୍‌ଙ୍କୁ ଅନିଲ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଗୁରୁବାର ସକାଳେ ହରେକ୍‌ଙ୍କ ମୃତଦେହ ସ୍ଥାନୀୟ ଅଣ୍ଡାଛକ ରାସ୍ତାପାର୍ଶ୍ୱରେ ପଡିଥିବା ଲୋକମାନେ ଦେଖି ବ୍ରଜରାଜନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଏହି ଘଟଣା ଭିନ୍ନମୋଡ ନେଇଛି। ଅଣ୍ଡା ଛକଠାରେ ଥିବା କେତେଜଣ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ବୁଧବାର ୪ଜଣ ଆର୍‌ପିଏଫ୍ କର୍ମଚାରୀ ଏକ ଷ୍ଟ୍ରେଚର ସାହାଯ୍ୟରେ ହରେକଙ୍କୁ ନେଇ ଉକ୍ତ ସ୍ଥାନରେ ପକାଇ ଦେଇ ଚାଲିଯାଇଥିଲେ। ପ୍ରାୟ ୪୪ ଡିଗ୍ରୀ ଉତ୍ତାପରେ ଦୀର୍ଘ ସମୟ ପଡିରହିବାରୁ ହରେକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରୁଛୁ। ଗୁରୁବାର ହରେକଙ୍କ ବାପା କୁଳ ବାହାଦୁର ଖେତି, କାକା ହଁସତା ବାହାଦୁର ଖେତି ପହଞ୍ଚିବା ପରେ ବ୍ରଜରାଜନଗର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ଆଇଆଇସି ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପ୍ରଭାକର ପାତ୍ର, ଏଏସ୍‌ଆଇ ଅଭୟ ମହାନ୍ତି, ଦିଲ୍ଲୀପ ବାଗ୍ ତଦନ୍ତ ଚଳାଇଛନ୍ତି। ସେପଟେ ଆର୍‌ପିଏଫ୍‌ର ଉଚ୍ଚପଦସ୍ଥ ଅଧିକାରୀ କୁଳଦୀପ କୁମାର ଏବଂ ଏ. ବନ୍ଦୋପାଧ୍ୟାୟ ବ୍ରଜରାଜନଗର ରେଳଷ୍ଟେଶନରେ ଥିବା ଆର୍‌ପିଏଫ୍ ଓ ଜିଆର୍‌ପି କର୍ମଚାରୀଙ୍କୁ ପଚରାଉଚରା କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ଥାନୀୟ ଆର୍‌ପିଏଫ୍ ଅଧିକାରୀ ଆର୍.କେ. ସିଂହ କହିଛନ୍ତି, ବ୍ରଜରାଜନଗର ଷ୍ଟେଶନ ନିକଟ ରେଳଧାରଣାରେ ହରେକ୍ ଅଚେତ ଅବସ୍ଥାରେ ପଡିଥିଲେ। ଆର୍‌ପିଏଫ୍ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସମୟରେ ସେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଆର୍‌ପିଏଫ୍ କର୍ମଚାରୀ ତାଙ୍କୁ ଷ୍ଟ୍ରେଚରରେ ଆଣି ଅଣ୍ଡାଛକ ନିକଟ ରାସ୍ତାପାର୍ଶ୍ୱରେ ଛାଡ଼ି ଦେଇଥିଲେ। ଏନେଇ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ କହିଛନ୍ତି, ହରେକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ।

## ନାଟକ 'କଳାମଲ୍ଲୀ' ମଞ୍ଚସ୍ଥ



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ରାଉରକେଲା, ୨୩।୪ (ସଙ୍ଗୀତା ଜେନା)

ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ଦାମନଯୋଡିର ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ପ୍ରସ୍ତୁତ ନାଟକ 'କଳାମଲ୍ଲୀ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ସୁଶାନ୍ତ କୁମାର ଦାସ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଶେଷଦେବ ଶତପଥୀ। କେ. ନାରାୟଣ ପାତ୍ର ମଞ୍ଚ ସଜ୍ଜା କରିଥିବା ବେଳେ ଶକ୍ତି ପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ପଞ୍ଚସଖା ଯୁଗର ବଳରାମ ଦାସଙ୍କ ବିରୋଧରେ ହୋଇଥିବା ଷଡଯନ୍ତ୍ରକୁ ସ୍ୱୟଂ ଲୀଳାମୟ ଜଗନାଥ ଭଣ୍ଡୁର କରିଛନ୍ତି। ତାଙ୍କୁ ପରମସଖା ଭାବେ ବିଦିତ କରି ଭକ୍ତବତ୍ସଳର ପରିଚୟ ଦେଇଛନ୍ତି। ଏହିପରି ଭଗବାନ ଓ ଭକ୍ତଙ୍କ ମଧ୍ୟରେ ହୋଇଥିବା ଐଶ୍ୱରୀୟ ଚେତନା ଉପରେ ଆଧାରିତ ନାଟକଟି ବେଶ୍ ଉଚ୍ଚକୋଟୀର ଭାବେ ମଞ୍ଚସ୍ଥ କରାଯାଇଥିଲା। ବିଭିନ୍ନ ଭୂମିକାରେ ଶ୍ରୀକାନ୍ତ ସାହୁ, ମୁରଲୀଧର ଦାସ, ଚିତ୍ତରଞ୍ଜନ ଦାଶ, ଉତ୍ତମ ପଟ୍ଟନାୟକ, ନିର୍ମଳ କୁମାର ରାଉତ, ଏନ୍. ରବି କୁମାର, ସୁନୀଲ କୁମାର ଦାଶ, ଅଲେଖ ଚନ୍ଦ୍ର ମହାକୁଡ଼, ପଞ୍ଚାନନ ସେଠୁଆ, ସାଇ ସୁମନ ଦାଶ, ସସ୍ମିତା ଦାଶ, ଶ୍ରୀବିଦ୍ୟା ମିଶ୍ର, ସ୍ୱାତିଲଗ୍ନା ସାହୁ, ଶକୁନ୍ତଳା ପଣ୍ଡା, ସସ୍ମିତା ସେଠୁଆ, କଳ୍ପନା ପଟ୍ଟନାୟକ, ଶୀତେଶ ପଟ୍ଟନାୟକ, ମମତା ବେହେରା, ଏନ୍. ରେଣୁକା, ସୌମ୍ୟା ପ୍ରିୟଦର୍ଶିନୀ ସାହୁ, ସୁଶ୍ରୀ ସଙ୍ଗୀତା ଦାଶ, ବବିତା ସାହୁ, ଦେବାଂଶୁ ଦାଶ, ଶିବାଙ୍ଗୀ ପଟ୍ଟନାୟକ, ଆର୍ଯ୍ୟନ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଇଂ. ଜନ୍ମେଜୟ ମହାନ୍ତି ଉଦ୍‌ଘାଟନ କରିଥିଲେ। ଇଂ. ନବଘନ ସାହୁ ମୁଖ୍ୟ ଦର୍ଶକ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଡ଼ ସୁଶାନ୍ତ କୁମାର ପାଣି ଏଥିରେ ଅଧକ୍ଷତା କରିବା ସହ ସଂଯୋଜନା କରିଥିଲେ। ଇଂ. ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ନାୟକ, ବିଜୟ ପାତ୍ର, ପ୍ରଳୟ ଶତପଥି, କଲ୍ୟାଣୀ ଦାସ, ରୁନୁ ବେକ, ଡ. ଅଜୟ ମିଶ୍ର, ସରୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ ମହିଳା କଲେଜରେ ବିଶ୍ୱ ଧରିତ୍ରୀ ଦିବସ

ସୁନ୍ଦରଗଡ, ୨୩।୪ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ବୁଧବାର ବିଶ୍ୱ ଧରିତ୍ରୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଇକୋ କ୍ଲବ, ଏନଏସଏସ, ଯୁବ ରେଡକ୍ରସ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡ଼ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ. ଶାରଦା ପ୍ରସାଦ ମହାପାତ୍ର ଛାତ୍ରୀମାନଙ୍କୁ ଏହି ଦିବସ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗଣିତ ବିଭାଗର ଅଧାପକ ଡ. ସଞ୍ଜୟ କୁମାର ବେହେରା ଯୋଗଦେଇ ସୁନ୍ଦର ପୃଥିବୀର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷର ମୁଖ୍ୟ ବିଷୟବସ୍ତୁ ଆମ ଶକ୍ତି, ଆମ ଗ୍ରହ ଉପରେ ଅଧାପକ ଅଧାପିକା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇକୋ କ୍ଲବ ଏବଂ ଯୁବ ରେଡକ୍ରସ ସଂସ୍କାର ସଂଯୋଜକ ଚିତରଞ୍ଜନ ବାରିକ ସଭା ସଞ୍ଚାଳନ କରିଥିଲେ। ଉଭିଦ ବିଜ୍ଞାନର ଅଧାପକ ଅଧାପିକା ରୁନୁବାଳା ବେହେରା, ସହକାରୀ ପ୍ରଫେସର ଦୀପାଞ୍ଜଳି ହାଂସଦା , ଘନଶ୍ୟାମ ଜୟ ପୁରିଆ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ।ଶେଷରେ ଅଧାପକ ନୟନ କୁମାର ଶଙ୍କରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

## ହରଭଙ୍ଗାରେ ବିଜେଡିର ସାଙ୍ଗଠନିକ ବୈଠକ

ବୌଦ୍ଧ, ୨୩।୪ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିଜେଡି ପକ୍ଷରୁ ପୁରୁଣାକଟକ ପୂର୍ତ୍ତ ବଙ୍ଗଳାରେ ଗୁରୁବାର ଅପରାହ୍ଣରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ମନ୍ତ୍ରୀ ତଥା କନ୍ଧମାଳ ବିଜେଡି ସଭାପତି ପଦ୍ମନାଭ ବେହେରା ଓ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଯୋଗ ଦେଇ ସାଙ୍ଗଠନିକ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳକୁ ସଙ୍ଗଠିତ ଓ ସୁଦୃଢ ନେଇ ଆଲୋଚନା ହୋଇଥିଲା । ବୈଠକରେ ହରଭଙ୍ଗା ବ୍ଲକ ସଭାପତି ପଙ୍କଜ ସାହୁ, ବରିଷ୍ଠ ନେତା ରବିଚନ୍ଦ୍ର ପ୍ରଧାନ, ଅବକାଶ ସାହୁ, ସୀତାରାମ ଅଗ୍ରୱାଲା, ସୁଶାନ୍ତ ପ୍ରଧାନ, ତ୍ରିବିକ୍ରମ ମହାକୁଡ, ଦିଲୀପ ସାହୁ, ଅଜିତ ଭୋକ୍ତାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।



ବୈଠକରେ ପୂର୍ବତନ ମନ୍ତ୍ରୀ ଓ ଅନ୍ୟମାନେ।

## ଭାଗବତ ପାରାୟଣ ଉତ୍ସବ ଉଦ୍‌ଯାପିତ

ରାଉରକେଲା, ୨୩।୪ (ଦିନେଶ ମିଶ୍ର)



ଉଦିତନଗର ଶାନ୍ତି କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଚାଲିଥିବା ଦୁଇ ଦିନିଆ ଭାଗବତ ପାରାୟଣ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ରାଧାକୃଷ୍ଣ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା। ପ୍ରଥମ ଦିନରେ ପଣ୍ଡିତ ପ୍ରାଣବନ୍ଧୁ ରଥଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ପାର୍ଶ୍ୱଦେବାଦେବୀ ପୂଜା କରାଯାଇଥିଲା। ପରେ ରାଧାକୃଷ୍ଣଙ୍କୁ ଏକ ଖଟୁଲିରେ ସ୍ଥାପନ କରି ୧୦୮ ତୁଳସୀ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାରେ ଶାନ୍ତି କଲୋନୀର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପୂର୍ବାହ୍ଣ ସାଢ଼େ ୧୧ଟାରେ ଭକ୍ତଙ୍କ ଲାଗି ସାମୂହିକ ଦର୍ଶନ ଓ ଆଳତୀ ହୋଇଥିଲା। ସନ୍ଧ୍ୟା ସମୟରେ ଆୟୋଜିତ ଭାଗବତ ପାରାୟଣରେ ମହିଳାମାନେ ଭାଗବତର ବିଭିନ୍ନ ସ୍କନ୍ଦ ପଠନ କରିଥିଲେ। ପରେ ହୋମଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ସତ୍ୟନାରାୟଣ ପଣ୍ଡା, ଗୋକୁଳ ମହାନ୍ତି, ନରେଶ ରାଉତ, ସୁବାଷ ସ୍ୱାଇଁ, ଜିତେନ୍ଦ୍ର ନାଥ, ହିମାଂଶୁ ନାୟକ, ଗୋକୁଳ ପରିଡା, ହଳଧର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# କର୍ମଚାରୀଙ୍କ ରୋଷର ଶିକାର ହେଲେ ଅଧୀକ୍ଷଣ ଯନ୍ତ୍ରୀ

■କ୍ଷୁଦ୍ର ଜଳସେଚନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ହୋହଲ୍ଲା, ପାଟିତୁଣ୍ଡ
■ବଦଳି ଦାବିରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ସୁନ୍ଦରଗଡ, ୨୩।୪ (ଜୟ ନାରାୟଣ ମେଣ୍ଡୁଲି)



କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ବାହାରେ କର୍ମଚାରୀମାନେ ପାଟିତୁଣ୍ଡ କରୁଛନ୍ତି।

କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡିଛି ଅଧିକାରୀଙ୍କୁ। ଗୁରୁବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା ସୁନ୍ଦରଗଡ କ୍ଷୁଦ୍ର ଜଳସେଚନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ। ଏହି ଡିଭିଜନରେ କାର୍ଯ୍ୟରତ ୩ ସହକାରୀ ଯନ୍ତ୍ରୀ, ୫ କନିଷ୍ଠ ଯନ୍ତ୍ରୀଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମଚାରୀ ଅଧୀକ୍ଷଣ ଯନ୍ତ୍ରୀ ଧୀରେନ୍ଦ୍ର କୁମାର ନାଏକଙ୍କ ସହିତ ତାଙ୍କ ପ୍ରକୋଷ୍ଠରେ ପ୍ରାୟ ୩ଘଣ୍ଟା କାଳ ଯୁକ୍ତିତର୍କ ଓ ପାଟିତୁଣ୍ଡ ଘଟଣା ଦେଖିବାକୁ ମିଳିଥିଲା। କର୍ମଚାରୀମାନଙ୍କ ପ୍ରତି ଅଧିକାରୀ ଜଣକ ବିଭିନ୍ନ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ଗାଳିଗୁଲଜ କରି ମାନସିକ ନିର୍ଯାତନା ଦେଉଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ଏପରି କି ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ କରି ମହିଳା ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଫିସ ଡକାଇ କାର୍ଯ୍ୟ କରାଉଥିବା ଅଭିଯୋଗ ହୋଇଥିଲା। ଅଧିକାରୀଙ୍କ ଏଭଳି ବ୍ୟବହାର ସମ୍ପର୍କରେ କର୍ମଚାରୀମାନେ ଅଭିଯୋଗ କରିଆସୁଥିଲେ ମଧ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଫଳରେ ଗୁରୁବାର ଏମ୍‌ପି ତଥା କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ସୁଖଲାଲ ମୁଣ୍ଡାଙ୍କ ଉପସ୍ଥିତିରେ ଏହି ପ୍ରସଙ୍ଗରେ ଅଧୀକ୍ଷଣ ଯନ୍ତ୍ରୀ ନାଏକଙ୍କ ସହ ଆଲୋଚନା ହୋଇଥିଲା। ଆଲୋଚନା ବେଳେ କର୍ମଚାରୀମାନେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ନାଏକ ନିଜର ଏଭଳି ବ୍ୟବହାର ଆଗକୁ ପୁନର୍ବାର ନ କରିବା ପାଇଁ କର୍ମଚାରୀମାନଙ୍କୁ କହିଥିଲେ। ହେଲେ କର୍ମଚାରୀମାନେ ଏଠାରୁ ତାଙ୍କର ବଦଳି ଜିଦରେ ଅଟଳ ରହିଥିଲେ। ଫଳରେ ଅଧୀକ୍ଷଣ ଯନ୍ତ୍ରୀ ଅଫିସ ପ୍ରକୋଷ୍ଠରୁ ଉଠିଚାଲିଯାଇଥିଲେ। ପରେ କର୍ମଚାରୀମାନେ ଅଫିସ ବାହାରକୁ ଆସି ତାଙ୍କ ବଦଳି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଅଧୀକ୍ଷଣ ଯନ୍ତ୍ରୀ ନାଏକ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ କିଛି କର୍ମଚାରୀଙ୍କୁ ତାଗିଦା କରିଥିଲେ। ହେଲେ ଉଦ୍ଦେଶ୍ୟମୂଳକ ଭାବରେ କୌଣସି କର୍ମଚାରୀଙ୍କୁ ଗାଳିମନ୍ଦ କରିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।



## ସଂକ୍ଷେପରେ

### ହତ୍ୟା ମାମଲାରେ ସାନ ଭାଇଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି,୨୩।୪(ଗୁରୁ ଦୟାଳ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ କଂଦେଇ ଗାଁରେ ଗତ ୨୦୨୨ରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରା ଜଜ୍ ରାଜେଶ କୁମାର ନାୟାର ହତ୍ୟାକାରୀ ଟିକଚନ୍ଦ ବାଗଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରକାଶ ଯେ, ଘଟଣାଦିନ ଘରୋଇ କଳହକୁ ନେଇ ଟିକଚନ୍ଦ ଓ ତାଙ୍କ ବଡ଼ଭାଇ ଫୁଲପ୍ରସାଦ ବାଗଙ୍କ ମଧ୍ୟରେ ଗାଁ ପାଖ ଅର୍ଜନୀ ନଦୀ କୂଳରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଟିକଚନ୍ଦ ରାଗିଯାଇ ବଡ଼ଭାଇ ଫୁଲପ୍ରସାଦକୁ ପଥରରେ ଛେଚି ହତ୍ୟା କରିଥିଲେ। ପରେ ମୃତଦେହ ନଦୀରେ ଫୋପାଡି ଦେଇଥିଲେ। ଏହି ଘଟଣାରେ ତୁରେକେଲା ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରି ସମସ୍ତ ପ୍ରମାଣ କୋର୍ଟକୁ ଦେଇଥିଲା। ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ନାୟାର ଏହି ଘଟଣାରେ ଟିକଚନ୍ଦଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ। ଏହି ମାମଲାକୁ ସରକାରୀ କ୍ୟାଡର ଏପିପି ସିଲେନ କିଣ୍ଡୋ ପରିଚାଳନା କରୁଥିଲେ।

### ନୂଆପଡ଼ା ଜିଲା ପାଇବ ରାଜ୍ୟ ପଞ୍ଚାୟତ ପୁରସ୍କାର

- ଆଜି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିବ
- ଏମ୍‌ଜିଏନ୍‌ଆର୍‌ଇଏସ୍‌ରେ ରାଜ୍ୟରେ ତୃତୀୟ

ନୂଆପଡ଼ା,୨୩।୪ (ମକାରୁ ବେମାଲ)

ଏମ୍‌ଜିଏନ୍‌ଆର୍‌ଇଏସ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲାକୁ 'ରାଜ୍ୟ ପଞ୍ଚାୟତ ପୁରସ୍କାର୨୦୨୫-୨୬' ପାଇଁ ମନୋନୀତ କରାଯାଇଛି। ଯୋଜନାର ସଫଳ ରୂପାୟନ ପାଇଁ ନୂଆପଡ଼ା ଜିଲା ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲା ପରିଷଦକୁ ଏହି ସମ୍ମାନ ପ୍ରଦାନ କରାଯିବ। ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଜିଲାକୁ ଏହି ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିବେ। ଗତ ଆର୍ଥିକବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସୂଚାରୁ କାର୍ଯ୍ୟାନ୍ୱୟନ, ସମୟୋପଯୋଗୀ ମଜୁରି ପ୍ରଦାନ, ଗ୍ରାମାଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି, ଜଳ ସଂରକ୍ଷଣ ଆଦି କ୍ଷେତ୍ରରେ ଜିଲାର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏହି ଉପଲବ୍ଧିର ମୂଳ ଆଧାର ରହିଛି। ଏହି ସଫଳତା ପାଇଁ ଜିଲାପାଳ ମଧୁସୂଦନ ଦାଶ ସମଗ୍ର ଟିମ ନୂଆପଡାକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ସ୍ତରର ଅଧିକାରୀ, କର୍ମଚାରୀ, ପଞ୍ଚାୟତ ପ୍ରତିନିଧି ଓ ଶ୍ରମିକଙ୍କ ସମନ୍ୱିତ ପ୍ରୟାସ ଓ ନିଷ୍ଠା ଯୋଗୁ ଏହି ଗୌରବ ସମ୍ଭବ ହୋଇପାରିଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ ଜିଲାପାଳଙ୍କ ଦୂରଦୃଷ୍ଟି, ନିରନ୍ତର ପରାମର୍ଶ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଏହି କାର୍ଯ୍ୟଧାରାକୁ ଅବ୍ୟାହତ ରଖି ଜିଲାକୁ ଅଧିକ ସଫଳତା ଦିଗରେ ନେବାକୁ ଟିମ ନୂଆପଡା ସଂକଳ୍ପବଦ୍ଧ। ଏହି ଉପଲବ୍ଧି ନୂଆପଡ଼ା ଜିଲାର ଗ୍ରାମୀଣ ଉନ୍ନତି କ୍ଷେତ୍ରରେ ସାମୂହିକ ଉଦ୍ୟମ ଓ କାର୍ଯ୍ୟଦକ୍ଷତାର ଏକ ସ୍ପଷ୍ଟ ପ୍ରତିଫଳନ ବୋଲି କୁହାଯାଉଛି।

# ୪ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)




**ଭିସୁଟ୍‌ରେ ରାଗିଂ ଘଟଣା**

- ଚୂଡ଼ାନ୍ତ ରିପୋର୍ଟ ଦାଖଲ ହୋଇନାହିଁ: କୁଳପତି

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ନିକଟରେ ଘଟିଥିବା ଏକ ରାଗିଂ ଘଟଣାରେ ୪ ଜଣ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ଗ୍ରେଡ୍ କମାଇବା ପରିବର୍ତ୍ତେ ଆର୍ଥିକ ଜରିମାନା ସହ ଅଭିଭାବକଙ୍କଠାରୁ ଏକ ଅଣ୍ଡରଟେକିଂ ରଖିବାକୁ ବିଶ୍ୱବିଦ୍ୟାଳୟର ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଏହା ଏକ ପୂର୍ବ ପରିକଳ୍ପିତ ସଙ୍ଗଠିତ ରାଗିଂ ନୁହେଁ। ବରଂ ୧୨ରୁ ୧୫ ଦିନ ତଳେ ଭିସୁଟ୍ ଫାଟକ ନିକଟରେ ହୋଇଥିବା ଏକ ସାମାନ୍ୟ ବାଦବିବାଦ ଯାହା ପରବର୍ତ୍ତୀ ସମୟରେ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ମଧ୍ୟ ହୋଇଯାଇଥିଲା। ତେବେ ଏହାକୁ ଅଣଦେଖା ନ କରି ଏକ ସମ୍ବେଦନଶୀଳ ଘଟଣା ଭାବେ ଗ୍ରହଣକରି ଭିସୁଟ୍ କର୍ତ୍ତୃପକ୍ଷ ଆଣ୍ଟି ରାଗିଂ ସେଲ୍ ଦ୍ୱାରା ଏହାର ତଦନ୍ତ କରାଇଥିଲେ। ପରବର୍ତ୍ତୀ ସମୟରେ ଘଟଣାକୁ ଆହୁରି ନିରପେକ୍ଷ କରିବାକୁ ତାଙ୍କ ନିଜ ଅଧ୍ୟକ୍ଷତାରେ ସମ୍ବଲପୁର ସଦର ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ବୁର୍ଲା ଥାନାର ଅଧିକାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ, ଭିସୁଟ୍‌ର ଆଭ୍ୟନ୍ତରୀଣ କମିଟି ସଦସ୍ୟ, ଡିନ୍ (ଛାତ୍ର କଲ୍ୟାଣ) ପ୍ରମୁଖଙ୍କୁ ନେଇ ଗଠିତ ଅନ୍ୟ ଏକ କମିଟି ଘଟଣାର ତଦନ୍ତ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ସମସ୍ତ ବରିଷ୍ଠ ଓ କନିଷ୍ଠ ଛାତ୍ରମାନଙ୍କୁ ମଧ୍ୟ ସେମାନଙ୍କ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। ପରେ ୪ ବରିଷ୍ଠ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ଏ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ (ରିଜୋଲ୍ୟୁଶନ) ଦାଖଲ ହେଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ପ୍ରଫେସର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ୧୫ ଦିନ ତଳେ ୨ ଜଣ ମେକାନିକାଲ ୧ମ ବର୍ଷ ଛାତ୍ର ବିଜୁ ପଟ୍ଟନାୟକ ଇ. ଲର୍ନିଂ ସେଣ୍ଟରରୁ କ୍ଲାସ୍ ସାରି ରାସ୍ତା ଅତିକ୍ରମକରି ଭିସୁଟ୍ ମୁଖ୍ୟ ଫାଟକ ଆଡ଼କୁ ଆସୁଥିଲେ। ଏହି ସମୟରେ ୪ ଜଣ ବରିଷ୍ଠ ଛାତ୍ର ଜଣେ ୧ମ ବର୍ଷର ଛାତ୍ରଙ୍କୁ ଜୋତାର ଲେସ୍ କାହିଁକି ବାନ୍ଧିନୁ ବୋଲି ପଚାରିବା ସହ ତାଗିଦ କରିଥିଲେ। ପରେ ସେହି ଛାତ୍ରଙ୍କୁ ଛାଡ଼ି ଅନ୍ୟ ଜଣେ କନିଷ୍ଠ ଛାତ୍ରଙ୍କୁ ମଧ୍ୟ ବରିଷ୍ଠ ଛାତ୍ରମାନେ ଅନୁରୂପ ତାଗିଦ କରିଥିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଉପସ୍ଥିତ ଜଣେ କନିଷ୍ଠ ଛାତ୍ର ଏହି ଘଟଣାର ଭିଡିଓ ଚିତ୍ର ଉତ୍ତୋଳନ କରୁଥିବା ଦେଖି ବରିଷ୍ଠ ଛାତ୍ରମାନେ ମୋବାଇଲ୍ ଛଡ଼ାଇନେବାକୁ ଉଦ୍ୟମ କଲାବେଳେ ତାହା ତଳେ ପଡ଼ି ଭାଙ୍ଗିଯାଇଥିଲା। ଫଳରେ ଉଭୟ ଛାତ୍ରଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିତର୍କ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ସୁରକ୍ଷା କର୍ମୀଙ୍କ ହସ୍ତକ୍ଷେପ ପରେ ବିବାଦ ସମାଧାନ ହୋଇଥିଲେ ମଧ୍ୟ ଭିସୁଟ୍ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମହିଳାଙ୍କ ଗଳିତ ମୃତଦେହ ଜବତ: ହତ୍ୟା ସନ୍ଦେହ

ଥୁଆମୂଳ ରାମପୁର, ୨୩।୪ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ଥାନା ଇନ୍ଦ୍ରାବତୀ ନଦୀର ବାଗଝୋଲା ଘାଟ ନିକଟରୁ ଗୁରୁବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତଦେହ ଏକ ଆଳୁ ବସ୍ତାରେ ଭର୍ତ୍ତି ହୋଇ ପଡ଼ିରହିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ପୂର୍ବାହ୍ନରେ ଖବର ପାଇ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସନ୍ତୋଷ କୁମାର ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ପ୍ରାଥମିକ ତଦନ୍ତ ସାରି ମୃତଦେହ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଏ ନେଇ କୁମାରକାଣୀ ଗ୍ରାମରକ୍ଷୀ ସୋମନାଥ ନାଏକଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୬) ରୁଜୁ କରିଛି। ପୋଲିସର ସୂଚନା ମୁତାବକ, ନିକଟ ଅତୀତରେ ଥାନାରେ କୌଣସି ମହିଳା ନିଖୋଜ ଥିବା ନେଇ ଅଭିଯୋଗ ହୋଇ ନ ଥିବାରୁ ମୃତା ମହିଳା କିଏ ତାହା ରହସ୍ୟାବୃତ୍ତ ହୋଇ ରହିଛି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ମହିଳାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି ନା ଏହା ବାହାର ଅଞ୍ଚଳରୁ ବୋହି ଆସିଛି ତାହାକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି।

# ରାସ୍ତାପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ବ୍ରଜରାଜନଗର,୨୩।୪(ବିଜୟ ବରାଡ଼)

- ଆର୍‌ପିଏଫ୍‌ର ଅମାନବୀୟ କାର୍ଯ୍ୟ ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ
- ୪୪ ଡିଗ୍ରୀ ଉତ୍ତାପରେ ଯୁବକଙ୍କୁ ରାସ୍ତାରେ ଛାଡ଼ି ଚାଲିଯାଇଥିଲା ଆର୍‌ପିଏଫ୍

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଅଣ୍ଡାଛକ ରାସ୍ତାପାର୍ଶ୍ୱରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳର ହରେକ ବାହାଦୁର(୩୫)। ଆର୍‌ପିଏଫ୍ (ରେଳ ସୁରକ୍ଷା ବଳ) କର୍ମଚାରୀଙ୍କ ଅମାନବୀୟ କାର୍ଯ୍ୟ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ହରେକ ଏବଂ ତାଙ୍କ ସାଙ୍ଗ ଅନିଲ ମୁଖୀ(୩୫) ମଙ୍ଗଳବାର ରାୟପୁରରୁ ରାଉରକେଲା ଅଭିମୁଖେ ଟ୍ରେନ୍‌ରେ ଘରକୁ ଫେରୁଥିଲେ। ହେଲେ କୌଣସି କାରଣରୁ ବ୍ରଜରାଜନଗର ଷ୍ଟେଶନରେ ରାତି ପ୍ରାୟ ସାଢ଼େ ୭ଟାରେ ଓହ୍ଲାଇ ବୁଲାବୁଲି କରିଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବାରୁ ସେମାନେ ଅଲଗା ହୋଇଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ହରେକ୍‌ଙ୍କୁ ଅନିଲ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଗୁରୁବାର ସକାଳେ ହରେକ୍‌ଙ୍କ ମୃତଦେହ ସ୍ଥାନୀୟ ଅଣ୍ଡାଛକ ରାସ୍ତାପାର୍ଶ୍ୱରେ ପଡିଥିବା ଲୋକମାନେ ଦେଖି ବ୍ରଜରାଜନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଏହି ଘଟଣା ଭିନ୍ନମୋଡ ନେଇଛି। ଅଣ୍ଡା ଛକଠାରେ ଥିବା କେତେଜଣ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ବୁଧବାର ୪ଜଣ ଆର୍‌ପିଏଫ୍ କର୍ମଚାରୀ ଏକ ଷ୍ଟ୍ରେଚର ସାହାଯ୍ୟରେ ହରେକଙ୍କୁ ନେଇ ଉକ୍ତ ସ୍ଥାନରେ ପକାଇ ଦେଇ ଚାଲିଯାଇଥିଲେ। ପ୍ରାୟ ୪୪ ଡିଗ୍ରୀ ଉତ୍ତାପରେ ଦୀର୍ଘ ସମୟ ପଡିରହିବାରୁ ହରେକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରୁଛୁ। ଗୁରୁବାର ହରେକଙ୍କ ବାପା କୁଳ ବାହାଦୁର ଖେତି, କାକା ହଁସତା ବାହାଦୁର ଖେତି ପହଞ୍ଚିବା ପରେ ବ୍ରଜରାଜନଗର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ଆଇଆଇସି ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ପ୍ରଭାକର ପାତ୍ର, ଏଏସ୍‌ଆଇ ଅଭୟ ମହାନ୍ତି, ଦିଲ୍ଲୀପ ବାଗ୍ ତଦନ୍ତ ଚଳାଇଛନ୍ତି। ସେପଟେ ଆର୍‌ପିଏଫ୍‌ର ଉଚ୍ଚପଦସ୍ଥ ଅଧିକାରୀ କୁଳଦୀପ କୁମାର ଏବଂ ଏ. ବନ୍ଦୋପାଧ୍ୟାୟ ବ୍ରଜରାଜନଗର ରେଳଷ୍ଟେଶନରେ ଥିବା ଆର୍‌ପିଏଫ୍ ଓ ଜିଆର୍‌ପି କର୍ମଚାରୀଙ୍କୁ ପଚରାଉଚରା କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ଥାନୀୟ ଆର୍‌ପିଏଫ୍ ଅଧିକାରୀ ଆର୍.କେ. ସିଂହ କହିଛନ୍ତି, ବ୍ରଜରାଜନଗର ଷ୍ଟେଶନ ନିକଟ ରେଳଧାରଣାରେ ହରେକ୍ ଅଚେତ ଅବସ୍ଥାରେ ପଡିଥିଲେ। ଆର୍‌ପିଏଫ୍ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସମୟରେ ସେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଆର୍‌ପିଏଫ୍ କର୍ମଚାରୀ ତାଙ୍କୁ ଷ୍ଟ୍ରେଚରରେ ଆଣି ଅଣ୍ଡାଛକ ନିକଟ ରାସ୍ତାପାର୍ଶ୍ୱରେ ଛାଡ଼ି ଦେଇଥିଲେ। ଏନେଇ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ କହିଛନ୍ତି, ହରେକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ।

# ବିରୋଧୀ ଦଳ ଦୋମୁହାଁ ନୀତି ଆପଣାଉଛି



ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

ବୌଦ୍ଧ,୨୩।୪(ଅଜିତ କୁମାର ବାରିକ)

**ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଭାଜପାର ଖବରଦାତା ସମ୍ମିଳନୀ**

ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ କଂଗ୍ରେସ ବୌଦ୍ଧ ପକ୍ଷରୁ ଗତ ବୁଧବାର ଏକ ଖବରଦାତା ସମ୍ମିଳନୀରେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ଅନୁମୋଦନ ହୋଇ ଆଇନରେ ପରିଣତ ହୋଇସାରିଥିବାବେଳେ ଭାଜପା ଏହାକୁ ନେଇ ଅପପ୍ରଚାର ଚଳାଇଥିବା ଅଭିଯୋଗ କରାଯାଇଥିଲା। ତେବେ ସମାନ ପ୍ରସଙ୍ଗରେ ଗୁରୁବାର ବୌଦ୍ଧ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହାର ଜବାବ ରଖାଯିବା ସହିତ ମହିଳାଙ୍କ ସଂରକ୍ଷଣ ଓ ସୁରକ୍ଷା ନେଇ ବିରୋଧୀ ଦଳ ଦୋମୁହାଁ ନୀତି ଆପଣାଉଥିବା ଅଭିଯୋଗ କରାଯାଇଛି। ଜିଲା ଭାଜପା କାର୍ଯ୍ୟାଳୟରେ ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ କହ୍ନାଇଁ ଚରଣ ଡାଙ୍ଗ ଯୋଗଦେଇ ମହିଳାଙ୍କ ସଂରକ୍ଷଣ ଓ ସୁରକ୍ଷା ନେଇ ବିରୋଧୀ ଦଳ ଦୋମୁହାଁ ନୀତି ଆପଣାଉଛି। ଏହାକୁ ନେଇ ଭଜପା ତୃଣମୂଳସ୍ତରକୁ ଯିବ ଏବଂ ବିରୋଧୀ ଦଳର ମୁଖା ଖୋଲିବ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ସଚେତକ ପ୍ରଧାନ କହିଥିଲେ ଯେ, ୨୦୨୩ରୁ ଯଦିଓ ଏହି ବିଲ୍ ସଂସଦରେ ପାଶ୍ ହୋଇସାରିଛି କିନ୍ତୁ କାର୍ଯ୍ୟକାରୀ ହୋଇ ନ ଥିଲା। ସେତେବେଳେ ମଧ୍ୟ ଭାଜପା ସରକାର ମହିଳାଙ୍କୁ ରାଜନୀତି କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ଯାଇ ଏହି ବିଲ୍ ଆଣିଥିଲା। ହେଲେ ୧୫୦ କୋଟି ଜନସଂଖ୍ୟା ଦେଶରେ ଲୋକଙ୍କ ସମସ୍ୟା ସମାଧାନ ପାଇଁ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣର ଆବଶ୍ୟକତା ରହିଥିବାରୁ ଏହି ବିଲ୍‌କୁ ସଂସଦରେ ପୁନର୍ବାର ପାଶ କରାଇବା ଆବଶ୍ୟକତା ରହିଛି। ତେଣୁ ସରକାର ଏହି ବିଲ୍‌କୁ ଆଣି ମହିଳାଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବାକୁ ପ୍ରୟାସ କରିଛନ୍ତି, ଯାହାକି ବିରୋଧୀ ଦଳଙ୍କ ଅସହଯୋଗରୁ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଆଗାମୀ ଦିନରେ ଭାଜପା ଲୋକଙ୍କ ନିକଟରେ ପହଞ୍ଚି ଏ ସମ୍ପର୍କରେ ସୂଚନା ଦେବାକୁ ପ୍ରୟାସ କରିବ ବୋଲି ପ୍ରଧାନ କହିଥିଲେ। ଯୋଜନା କମିଟି ଅଧ୍ୟକ୍ଷ ଡାଙ୍ଗ କହିଥିଲେ, ଭାଜପା ସରକାରର ସଫଳତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ନେଇ ବିରୋଧୀ ବିଚଳିତ। ତେଣୁ ମହିଳା ବିଲ୍‌କୁ ବିରୋଧ କରାଯାଉଛି ଏବଂ ଆଗାମୀ ନିର୍ବାଚନରେ ମହିଳାମାନେ ଏହାର ଜବାବ ଦେବେ ବୋଲି ସେ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ର ଚରଣ ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାପତି ମିନାରାଣୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଯୁକ୍ତା ନାୟକ ଓ ନମିତାରାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ମହିଳା କଲେଜରେ ବିଶ୍ୱ ଧରିତ୍ରୀ ଦିବସ

ସୁନ୍ଦରଗଡ,୨୩।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ବୁଧବାର ବିଶ୍ୱ ଧରିତ୍ରୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଇକୋ କ୍ଲବ, ଏନଏସଏସ, ଯୁବ ରେଡକ୍ରସ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ. ଶାରଦା ପ୍ରସାଦ ମହାପାତ୍ର ଛାତ୍ରୀମାନଙ୍କୁ ଏହି ଦିବସ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗଣିତ ବିଭାଗର ଅଧ୍ୟାପକ ଡ. ସଞ୍ଜୟ କୁମାର ବେହେରା ଯୋଗଦେଇ ସୁନ୍ଦର ପୃଥିବୀର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷର ମୁଖ୍ୟ ବିଷୟବସ୍ତୁ ଆମ ଶକ୍ତି, ଆମ ଗ୍ରହ ଉପରେ ଅଧ୍ୟାପକ ଅଧ୍ୟାପିକା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇକୋ କ୍ଲବ ଏବଂ ଯୁବ ରେଡକ୍ରସ ସଂସ୍କାର ସଂଯୋଜକ ଚିତରଞ୍ଜନ ବାରିକ ସଭା ସଞ୍ଚାଳନ କରିଥିଲେ। ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଅଧ୍ୟାପିକା ରୁନୁବାଳା ବେହେରା, ସହକାରୀ ପ୍ରଫେସର ଦୀପାଞ୍ଜଳି ହାଂସଦା , ଘନଶ୍ୟାମ ଜୟ ପୁରିଆ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ ।ଶେଷରେ ଅଧ୍ୟାପକ ନୟନ କୁମାର ଶଙ୍କରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ହରଭଙ୍ଗାରେ ବିଜେଡିର ସାଙ୍ଗଠନିକ ବୈଠକ

ବୌଦ୍ଧ,୨୩।୪(ଅଜିତ କୁମାର ବାରିକ)



ବୈଠକରେ ପୂର୍ବତନ ମନ୍ତ୍ରୀ ଓ ଅନ୍ୟମାନେ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିଜେଡି ପକ୍ଷରୁ ପୁରୁଣାକଟକ ପୂର୍ତ୍ତ ବଙ୍ଗଳାରେ ଗୁରୁବାର ଅପରାହ୍ନରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ମନ୍ତ୍ରୀ ତଥା କନ୍ଧମାଳ ବିଜେଡି ସଭାପତି ପଦ୍ମନାଭ ବେହେରା ଓ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଯୋଗ ଦେଇ ସାଙ୍ଗଠନିକ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳକୁ ସଙ୍ଗଠିତ ଓ ସୁଦୃଢ଼ ନେଇ ଆଲୋଚନା ହୋଇଥିଲା । ବୈଠକରେ ହରଭଙ୍ଗା ବ୍ଲକ ସଭାପତି ପଙ୍କଜ ସାହୁ, ବରିଷ୍ଠ ନେତା ରବିଚନ୍ଦ୍ର ପ୍ରଧାନ, ଅବକାଶ ସାହୁ, ସୀତାରାମ ଅଗ୍ରୱାଲା, ସୁଶାନ୍ତ ପ୍ରଧାନ, ତ୍ରିବିକ୍ରମ ମହାକୁଡ, ଦିଲୀପ ସାହୁ, ଅଜିତ ଭୋକ୍ତାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# କଳସ ଯାତ୍ରା ସହ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ସିନାପାଲି,୨୩।୪(ମନଫୁଲ ମେହେର)



ନୂଆପଡ଼ା ଜିଲା ସିନାପାଲିଠାରେ ଗୁରୁବାର କଳସ ଶୋଭାଯାତ୍ରା ସହ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ପ୍ରାୟ ୫ଶହ ମହିଳା ସ୍ଥାନୀୟ ଉଦନ୍ତୀ ନଦୀରୁ ପୂର୍ଣ୍ଣ କଳସ ଧାରଣ କରି ନଗର ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ଘଣ୍ଟ, ସଂକୀର୍ତ୍ତନ, ଘୁମୁରା, ରାମକାଠି ଆଦି ପାରମ୍ପରିକ ସାଂସ୍କୃତିକ ଦଳ ସାମିଲ ଥିଲେ। ଏହି ଅବସରରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆସନ୍ତା ସୋମବାର ଯାଏ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ଉତ୍ସବ ପରିଚାଳନା କମିଟି ସଭାପତି ସୁବାସ ଅଗ୍ରୱାଲ, ଉପସଭାପତି ଈଶ୍ୱର ପ୍ରସାଦ ମେହେର, ସମ୍ପାଦକ ଚନ୍ଦ୍ରଶେଖର ମେହେର, ସହ ସମ୍ପାଦକ ଗଣେଶରାମ ମେହେର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମେହେର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଚାଲିଛି। ହରେକୃଷ୍ଣ ମେହେର, ଲମ୍ବୋଦର ମେହେର, ବଜ୍ରୁ ଅଗ୍ରୱାଲ, ସୁବାସ ଗର୍ଗ, ବିଘ୍ନରାଜ ମେହେର ପ୍ରମୁଖ ସପତ୍ନୀକ କର୍ତ୍ତା ଦାୟିତ୍ୱରେ ରହିଛନ୍ତି। ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ ଓ ସହଯୋଗୀ ପୂଜା ଦାୟିତ୍ୱ ତୁଲାଉଛନ୍ତି।

# କର୍ମଚାରୀଙ୍କ ରୋଷର ଶିକାର ହେଲେ ଅଧୀକ୍ଷଣ ଯନ୍ତ୍ରୀ

ସୁନ୍ଦରଗଡ,୨୩।୪(ଜୟ ନାରାୟଣ ମେଣ୍ଡୁଲି)



କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ବାହାରେ କର୍ମଚାରୀମାନେ ପାଟିତୁଣ୍ଡ କରୁଛନ୍ତି।

- କ୍ଷୁଦ୍ର ଜଳସେଚନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ହୋହଲ୍ଲା, ପାଟିତୁଣ୍ଡ
- ବଦଳି ଦାବିରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡିଛି ଅଧିକାରୀଙ୍କୁ। ଗୁରୁବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା ସୁନ୍ଦରଗଡ କ୍ଷୁଦ୍ର ଜଳସେଚନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ। ଏହି ଡିଭିଜନରେ କାର୍ଯ୍ୟରତ ୩ ସହକାରୀ ଯନ୍ତ୍ରୀ, ୫ କନିଷ୍ଠ ଯନ୍ତ୍ରୀଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମଚାରୀ ଅଧୀକ୍ଷଣ ଯନ୍ତ୍ରୀ ଧୀରେନ୍ଦ୍ର କୁମାର ନାଏକଙ୍କ ସହିତ ତାଙ୍କ ପ୍ରକୋଷ୍ଠରେ ପ୍ରାୟ ୩ଘଣ୍ଟା କାଳ ଯୁକ୍ତିତର୍କ ଓ ପାଟିତୁଣ୍ଡ ଘଟଣା ଦେଖିବାକୁ ମିଳିଥିଲା। କର୍ମଚାରୀମାନଙ୍କ ପ୍ରତି ଅଧିକାରୀ ଜଣକ ବିଭିନ୍ନ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ଗାଳିଗୁଲଜ କରି ମାନସିକ ନିର୍ଯାତନା ଦେଉଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ଏପରି କି ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ କରି ମହିଳା ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଫିସ ଡକାଇ କାର୍ଯ୍ୟ କରାଉଥିବା ଅଭିଯୋଗ ହୋଇଥିଲା। ଅଧିକାରୀଙ୍କ ଏଭଳି ବ୍ୟବହାର ସମ୍ପର୍କରେ କର୍ମଚାରୀମାନେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଫଳରେ ଗୁରୁବାର ଏମ୍‌ପି ତଥା କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ସୁଖଲାଲ ମୁଣ୍ଡାଙ୍କ ଉପସ୍ଥିତିରେ ଏହି ପ୍ରସଙ୍ଗରେ ଅଧୀକ୍ଷଣ ଯନ୍ତ୍ରୀ ନାଏକଙ୍କ ସହ ଆଲୋଚନା ହୋଇଥିଲା। ଆଲୋଚନା ବେଳେ କର୍ମଚାରୀମାନେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ନାଏକ ନିଜର ଏଭଳି ବ୍ୟବହାର ଆଗକୁ ପୁନର୍ବାର ନ କରିବା ପାଇଁ କର୍ମଚାରୀମାନଙ୍କୁ କହିଥିଲେ। ହେଲେ କର୍ମଚାରୀମାନେ ଏଠାରୁ ତାଙ୍କର ବଦଳି ଜିଦରେ ଅଟଳ ରହିଥିଲେ। ଫଳରେ ଅଧୀକ୍ଷଣ ଯନ୍ତ୍ରୀ ଅଫିସ ପ୍ରକୋଷ୍ଠରୁ ଉଠିଚାଲିଯାଇଥିଲେ। ପରେ କର୍ମଚାରୀମାନେ ଅଫିସ ବାହାରକୁ ଆସି ତାଙ୍କ ବଦଳି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଅଧୀକ୍ଷଣ ଯନ୍ତ୍ରୀ ନାଏକ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ କିଛି କର୍ମଚାରୀଙ୍କୁ ତାଗିଦା କରିଥିଲେ। ହେଲେ ଉଦ୍ଦେଶ୍ୟମୂଳକ ଭାବରେ କୌଣସି କର୍ମଚାରୀଙ୍କୁ ଗାଳିମନ୍ଦ କରିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।



## ସଂକ୍ଷେପରେ

### ଖରା ଯୋଗୁ ସ୍କୁଲ ଛୁଟି ଦାବି

**ଖଡ଼ିଆଳ,୨୩।୪(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଯାହାଫଳରେ ସାଧାରଣ ଜୀବନ ଯାପନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କିଛି ଦିନ ହେବ ତାପମାତ୍ରା ୪୩ ଡ଼ିଗ୍ରୀ ଉପରେ ରହୁଛି। ଗୁରୁବାର ୪୪ ଡ଼ିଗ୍ରୀ ତାପମାତ୍ରା ରହିଥିଲା। ଏଣୁ ସକାଳ ୯ଟାରୁ ଗ୍ରୀଷ୍ମର ପ୍ରକୋପ ସହ ଝାଞ୍ଜି ପବନ ବୋହୁଛି। ଲୋକେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଘରୁ ବାହାରି ପାରୁନାହାନ୍ତି। ଏପରିସ୍ଥିତିରେ ଛାତ୍ରୀଛାତ୍ର ମଧ୍ୟ ବିଦ୍ୟାଳୟରେ ପାଠ ପଢ଼ିବାକୁ ଅସମର୍ଥ ମନେ କରୁଛନ୍ତି। ଖଡ଼ିଆଳ ଅଞ୍ଚଳର ଅନେକ ବିଦ୍ୟାଳୟରେ ବିଦ୍ୟୁତ୍ କିମ୍ବା ପଙ୍ଖା ଲାଗିନି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରଶାସନ ସ୍କୁଲକୁ ଛୁଟି ଘୋଷଣା କରିଥିଲେ। ୨୩ ତାରିଖ ଅର୍ଥାତ ଗୁରୁବାରଠାରୁ ପୁଣି ସ୍କୁଲ ଖୋଲିଛି। ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଖରା ଛୁଟି ଘୋଷଣା କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

### ଆଇନ ସହାୟତା ସଚେତନତା ଶିବିର

**ନୂଆପଡ଼ା,୨୩।୪ (ମକାରୁ ବେମାଲ):** ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଟାନୱାଟସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସଭାଗୃହଠାରେ ପୃଥିବୀ ଦିବସ ଉପଲକ୍ଷେ ନାଲସା ପକ୍ଷରୁ ହିଂସ୍ରଜନ୍ତୁ-ମନୁଷ୍ୟ ସଂଘର୍ଷରେ ପୀଡିତଙ୍କୁ ଆଇନ ସହାୟତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ, ପ୍ରାଧିକରଣ ସଚିବ ନବନୀତା ଦାଶ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବଲାଙ୍ଗୀର ବବିତା ସିଂ, ବନ ବିଭାଗ ଏସିଏଫ୍ ମହମ୍ମଦ ସାଲିହା, ନୂଆପଡା ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ବନପାଳ ଲକ୍ଷ୍ମୀଧର ଘିବେଲା, ଟାନୱାଟ ସରପଞ୍ଚ ଜୟରାମ ସତନାମୀ, ପିଇଓ ଭାନୁପଲି ପଦ୍ମାବତୀ ପ୍ରମୁଖ ଯୋଗଦେଇଥିଲେ। ପୃଥିବୀ ଦିବସରେ ନୂଆପଡା ଜିଲାକୁ ପ୍ଲାଷ୍ଟିକ ମୁକ୍ତ କରି ପରିବେଶ ସୁରକ୍ଷା କରିବାକୁ ସଂକଳ୍ପ ନେବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ଦାଶ ନାଲସା ଦ୍ୱାରା ପ୍ରଚଳିତ ହିଂସ୍ରଜନ୍ତୁ-ମନୁଷ୍ୟ ସଂଘର୍ଷରେ ପୀଡିତଙ୍କୁ ଆଇନ ସହାୟତା ସମ୍ପର୍କରେ ଧାରଣା ଦେଇଥିଲେ। ପରେ ପ୍ଲାଷ୍ଟିକ ଆବର୍ଜନା ସଫେଇ ଅଭିଯାନ ଆରମ୍ଭ ହୋଇଥିଲା।

### ଖବରଦାତାଙ୍କ ଅକାଳ ବିୟୋଗ

**କଲମପୁର,୨୩।୪(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ପଞ୍ଚାୟତ ପୋଟେସ ଗ୍ରାମର ଖବରଦାତା ଶରତଚନ୍ଦ୍ର ସୁନାନୀ (୪୬)ଙ୍କ ଗୁରୁବାର ସକାଳେ ଅକାଳ ବିୟୋଗ ଘଟିଛି। ସୂଚନା ଅନୁସାରେ, ଏକ ପତ୍ରିକାର ବ୍ଲକ ପ୍ରତିନିଧି ଭାବେ କାମ କରୁଥିବା ଶରତ ସକାଳୁ ନିଜ ଘର ପାଖରେ ଠିଆ ହୋଇଥିବା ସମୟରେ ମୁଣ୍ଡ ବୁଲାଇବାରୁ ହଠାତ୍ ତଳେ ପଡି ଅଚେତ ହୋଇଯାଇଥିଲେ। ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଚାଷ ଜମି ନିକଟରେ ମୃତଦେହ ସଂସ୍କାର କରାଯାଇଥିଲା। ତାଙ୍କ ସାନଭାଇ ବିନୋଦ ସୁନାନୀ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ତ୍ରୀ ବିଳାସିନୀ ଓ ତିନି ଝିଅ ଅସହାୟ ହୋଇପଡିଛନ୍ତି । ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବ୍ଲକର ଖବରଦାତା ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ।

# କଳାହାଣ୍ଡିରେ ଏସ୍‌ଟିପିଆଇ ଟେକ୍ନୋଲୋଜି ପାର୍କ ବିଳମ୍ବିତ

**ଜମି ଚିହ୍ନଟ ପରେ ବି ୧୨ବର୍ଷ ଧରି ଝୁଲିରହିଛି**

**ଭବାନୀପାଟଣା, ୨୩।୪ (ଉତ୍ତମ କୁମାର ଦାଶ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ ଯୋଗୁ କଳାହାଣ୍ଡି ଜିଲାରେ ଏସ୍‌ଟିପିଆଇ ଟେକ୍ନୋଲୋଜି ପାର୍କ ବିଳମ୍ବିତ ହୋଇଚାଲିଛି। ଏଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଜମି ଦିଆଯାଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଣସି ଆନ୍ତରିକତା ନ ଥିବାରୁ ଏହ ପ୍ରକଳ୍ପ ଶୀତଳ ଭଣ୍ଡାରରେ ପଡିରହିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେବିକେ ଅଞ୍ଚଳରେ ସୂଚନା ପ୍ରଯୁକ୍ତିବିଦ୍ୟା ଶିଳ୍ପର ବିକାଶ ପାଇଁ କଳାହାଣ୍ଡିର ଭବାନୀପାଟଣାଠାରେ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ) ସ୍ଥାପନ କରିବାକୁ ଦାବି ହୋଇଆସୁଛି। ୨୦୧୪ରେ ତତ୍କାଳୀନ କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଓଡିଶାରେ ୬ଟି ଏସ୍‌ଟିପିଆଇ ସ୍ଥାପନ ନିମନ୍ତେ ଘୋଷଣା କରିଥିଲେ। ଓଡିଶାରେ ବର୍ତ୍ତମାନ ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର, ଅନୁଗୋଳ ଓ କଳିଙ୍ଗନଗର (ଯାଜପୁର)ରେ ୩ଟି କରିବା ପାଇଁ ୨୦୧୪-୧୫ ମସିହାରେ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ଏଥିରେ ବିଶେଷ କିଛି ପ୍ରଗତି ହୋଇ ନ ଥିଲା। ୨୦୧୫ରେ ଓଡିଶା ସରକାର ଜୟପୁର, ସମ୍ବଲପୁର, ଅନୁଗୋଳ ଓ ଯାଜପୁର ପାଇଁ ପ୍ରସ୍ତାବ ପଠାଇବା ସହ ଭବାନୀପାଟଣା ଓ ରାୟଗଡାରେ ଜମି ନ ପାଇବାରୁ ବିଳମ୍ବ ହେଉଛି ବୋଲି ଜଣାଇଥିଲେ। ଏହା ମଧ୍ୟରେ ଜୟପୁର ପ୍ରକଳ୍ପ ପାଇଁ ଅନୁଦାନ ପ୍ରଦାନ କରାଯିବା ସହିତ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ଭବାନୀପାଟଣା ପ୍ରକଳ୍ପ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ଜୟପୁରରେ ଏହି ପ୍ରକଳ୍ପ ପାଇଁ ୨.୮ ଏକର ଜମି ଅଧିଗ୍ରହଣ ହୋଇସାରିଛି। ଓଡିଶା ସରକାର ଭବାନୀପାଟଣା ସହର ନିକଟ ରିଷିଗାଁ ନିକଟରେ ଜମି ଚିହ୍ନଟ କରିଥିବାବେଳେ ଏପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କଳବଳ କରୁଛି ଗ୍ରୀଷ୍ମତାତି



କେସିଙ୍ଗା ମହାବିଦ୍ୟାଳୟ ଛାତ୍ରୀ ଟାଣ ଖରାରେ କଲେଜ ଯାଉଛନ୍ତି।

**କେସିଙ୍ଗା,୨୩।୪ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଅଞ୍ଚଳରେ ଗ୍ରୀଷ୍ମତାତି ଲୋକଙ୍କୁ କଳବଳ କରୁଛି। ବିଗତ କିଛିଦିନ ହେଲା ଏଠାରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ପ୍ରଚଣ୍ଡ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପୂର୍ବାହ୍ନ ୧୦ଟାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଶୋଷ ମେଣ୍ଟାଇବା ପାଇଁ ସହର ଦେଇ ଯାଇଥିବା ୨୬ନଂ. ରାଜପଥ ପାର୍ଶ୍ୱରେ ଥିବା ଆଖୁରସ, ଲସି, ତରଭୁଜ ଦୋକାନରେ ଲୋକେ ଭିଡ ଜମାଉଛନ୍ତି। ପରିସ୍ଥିତି ଏପରି ହୋଇଛି ଜରୁରୀ କାମ ନ ଥିଲେ ଲୋକେ ପଦାକୁ ବାହାରୁନାହାନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ସମସ୍ତ ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା କରିବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ କେସିଙ୍ଗା ଏନ୍ଏସି ଅଧକ୍ଷ ନୃପରାଜ ଯାଦବ କହନ୍ତି, ପଥଚାରୀଙ୍କ ପାଇଁ ୧୨ ୱାର୍ଡ ସାଙ୍ଗକୁ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାନୀୟଜଳ ସୁବିଧା କରାଯାଇଛି। ସେହିପରି ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି ବୋଲି ପ୍ରକାଶ କରିଥିଲେ।

# ୨ବର୍ଷ ମଧ୍ୟରେ ଅପପୁଷ୍ଟି ଶୂନ କରିବା ଉପରେ ଆଲୋଚନା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

**ଜିଲା ସ୍ତରୀୟ ପୋଷଣ ପକ୍ଷ ପାଳନ**

**ଭବାନୀପାଟଣା,୨୩।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ନିହାର ରଞ୍ଜନ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସମାଜ କଲ୍ୟାଣ ଅଧିକାରୀ ସୁମିତା ଦେବୀ ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲା ସମାଜ କଲ୍ୟାଣ ଅଧିକାରୀ ନିଶା ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ସଂଯୋଜକ ଅଜୟ ବିହାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ବିଶ୍ୱନାଥ ଦାଶ ପୋଷଣ ଅଭିଯାନ ଓ ପୋଷଣ ପକ୍ଷ ଉପରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୨ ବର୍ଷ ମଧ୍ୟରେ କିପରି ଅତିଶୟ ପୁଷ୍ଟିହୀନତା ଶିଶୁଙ୍କର ସଂଖ୍ୟାକୁ ଶୂନ କରିପାରିବା ତାହା ଉପରେ ଜିଲାପାଳ କହିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ନମିତା ରାଣୀ ପଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ମୃତ୍ୟୁ ଘଟଣା, ସ୍ୱାମୀ କୋର୍ଟ ଚାଲାଣ

**କୋକସରା,୨୩।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ଥାନା ଲଡୁଗାଁ ଗ୍ରାମର ଏକ ଭଡ଼ା ଘରୁ ଶିଶୁ ମନ୍ଦିର ଶିକ୍ଷୟିତ୍ରୀ ସୁପ୍ରିତି ଦାସଙ୍କ ମୃତଦେହ ଜବତ ଘଟଣାରେ ସ୍ୱାମୀ ପ୍ରଭାସ କୁମାର ଦାସ(୩୫)ଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସୂଚନା ଅନୁସାରେ, ଲଡୁଗାଁ ଗ୍ରାମର ସୁରଞ୍ଜନ ଦାସଙ୍କ ଦ୍ୱିତୀୟ ଝିଅ ଓ ଜ୍ୱାଇଁ ନୂଆପଡା ଜିଲା ସିଙ୍ଗଝର ଗ୍ରାମରୁ ଆସି ଲଡୁଗାଁରେ ଏକ ଭଡ଼ା ଘରେ ରହି ଆସୁଥିଲେ। ତେବେ ମଙ୍ଗଳବାର ଘର ଭିତରେ ସୁପ୍ରିତିଙ୍କ ଝୁଲନ୍ତା ମୃତଦେହ ଦେଖି ପ୍ରଭାସ ଶ୍ୱଶୁର ଘରକୁ ଖବର ଦେଇଥିଲେ। ପରିବାର ଲୋକେ ଆସି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ପ୍ରଭାସଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ପ୍ରଭାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଫିସର ଡି. ମୋହନ ସୂଚନା ଦେଇଛନ୍ତି।

# ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକ ନିଖୋଜ

**ଜିଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ସ୍ତ୍ରୀ**

**ଭବାନୀପାଟଣା,୨୩।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରାଣୀବାହାଲ ଗ୍ରାମର ରଘୁନାଥ ରାଉତ ନାମକ ଜଣେ ଯୁବକ ତେଲେଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିଖୋଜ ହେବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ତାଙ୍କ ସ୍ତ୍ରୀ ଅହଲ୍ୟା କଳାହାଣ୍ଡି ଜିଲାପାଳ, ଜିଲା ଶ୍ରମ ଅଧିକାରୀ, ନିୟୋଜନ ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୫ ମାସ ତଳେ ରଘୁନାଥ ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ନିକଟ ଭୋଲାରାମକୁ ଯାଇଥିଲେ। ସେଠାରେ ସେ ଜଣେ ଘର ମାଲିକଙ୍କ ନିକଟରେ ମିସ୍ତ୍ରୀ ଭାବରେ କାମ କରୁଥିଲେ। ତେବେ ଗତ ମାସକ ତଳେ ସେଠାରେ କାମ ସରିଯିବାରୁ ଭୋଲାରାମରୁ ପଠାନଚୋର ନାମକ ଆଉ ଏକ ସ୍ଥାନକୁ କାମ କରିବାକୁ ବାହାରିଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ଉକ୍ତ ସ୍ଥାନରେ ପହଞ୍ଚି ନ ଥିଲେ। ସାଙ୍ଗମାନେ ସେଠାରେ ବହୁତ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ। ପରେ ଘଟଣା ସମ୍ପର୍କରେ ସାଙ୍ଗମାନେ ଘର ଲୋକଙ୍କୁ ଜଣାଇଥିଲେ। ସେହିପରି ତାଙ୍କ ମୋବାଇଲକୁ ବାରମ୍ବାର କଲ କଲେ ମଧ ସୁଇଚ୍ ଅଫ ରହିଥିବାରୁ ଯୋଗାଯୋଗ ହୋଇପାରି ନ ଥିଲା। ବର୍ତ୍ତମାନ ଏହି ଘଟଣାର ମାସେ ପୁରି ଯାଇଥିବାବେଳେ ରଘୁନାଥଙ୍କ କୌଣସି ଖୋଜଖବର ମିଳି ପାରିନାହିଁ। ଏହାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କୁ ଶୀଘ୍ର ସେଠାରୁ ଖୋଜିଆଣିବାକୁ ସ୍ତ୍ରୀ ଅହଲ୍ୟା ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# କଳାହାଣ୍ଡିର ୫ ସହରର ଇଂରାଜୀ ବନାନ ହେବ ସଂଶୋଧନ

**ଭବାନୀପାଟଣା,୨୩।୪(ଉତ୍ତମ କୁମାର ଦାଶ)**



ଐତିହାସିକ ଡ. ଲୋକେଶ ଦୁର୍ଗା।

ରାଜ୍ୟପାଳଙ୍କ ଆଦେଶ କ୍ରମେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସହରର ନାମକୁ ଶୁଦ୍ଧ ଓଡ଼ିଆ ଉଚ୍ଚାରଣ ଓ ଐତିହାସିକ ପରମ୍ପରା ସହିତ ମେଳ କରିବା ପାଇଁ ଇଂରାଜୀ ବନାନ ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲାର ୫ ସହରର ନାମ ଇଂରାଜୀ ବନାନ ସଂଶୋଧନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଜିଲାର ମୁଖ୍ୟାଳୟ ଭବାନୀପାଟଣା ସମେତ ଜୁନାଗଡ଼, ଧର୍ମଗଡ଼, ଜୟପାଟଣା ଓ ଲାଞ୍ଜିଗଡ଼ ସହର ରହିଛି। ଏହି ସମସ୍ତ ନାମ ପରିବର୍ତ୍ତନ ଓଡ଼ିଆ ଭାଷାର ଠିକ୍ ଉଚ୍ଚାରଣ ଓ ସ୍ଥାନୀୟ ପରମ୍ପରାକୁ ଧ୍ୟାନରେ ରଖି ପ୍ରସ୍ତାବିତ ହୋଇଛି। କଳାହାଣ୍ଡିର ଐତିହାସିକ ଡ. ଲୋକେଶ ଦୁର୍ଗା ଏହି ପ୍ରସ୍ତାବକୁ ଆଗକୁ ଆଣିବାରେ ମୁଖ୍ୟ ଭୂମିକା ନେଇଥିଲେ। କିଛିଦିନ ତଳେ ସେ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇ ଏହି ପରିବର୍ତ୍ତନର ଆବଶ୍ୟକତା ବ୍ୟାଖ୍ୟା କରିଥିଲେ। ସେ ଜୁନାଗଡ଼ ସହରର ଉଦାହରଣ ଦେଇ କହିଥିଲେ ଯେ, ଜୁନାଗଡ ଶବ୍ଦର ଅର୍ଥ ପୁରୁଣା ଗଡ଼ ଓ ଏହା ଏହି ଅଞ୍ଚଳର ଐତିହାସିକ ପରିଚୟକୁ ଠିକ ଭାବେ ଦେଖାଏ। ବର୍ତ୍ତମାନର ନାମଗୁଡ଼ିକ ଉପନିବେଶୀୟ ପ୍ରଭାବରେ ବିକୃତ ହୋଇଥିବା ସେ ଉଲ୍ଲେଖ କରିଛନ୍ତି। ଏହା ଓଡ଼ିଆ ଭାଷା, ଐତିହ୍ୟ ଓ ସାଂସ୍କୃତିକ ପରିଚୟକୁ ସୁରକ୍ଷା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଐତିହାସିକ ଦୁର୍ଗା କହିଛନ୍ତି। ଏହି ପଦକ୍ଷେପକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।

### ଶାଖାତରାରେ ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ

**ନୂଆପଡ଼ା,୨୨।୪ (ମକାରୁ ବେମାଲ)**

ନୂଆପଡ଼ା ଏନ୍ଏସିର ଶାଖାତରା ୱାର୍ଡ ନଂ.୧ରେ ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞର ଗୁରୁବାର ଚତୁର୍ଥ ଦିବସରେ ଶ୍ରୀକୃଷ୍ଣ ଜନ୍ମ କଥା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସୁନ୍ଦରୁ ପଟେଲ, ସ୍ୱର୍ଗତ ଭାଗବତୀ ପଟେଲ ଓ ସ୍ୱର୍ଗତ ସୁକମତ ବାଇ ପଟେଲଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି । ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗାଁ ପୋଖରୀରୁ ପୂର୍ଣ୍ଣକଳସ ଆଣି ବେଦୀରେ ସ୍ଥାପନ ପରେ ଜ୍ଞାନଯଜ୍ଞରେ ପୌରାଣିକ କଥା ଆରମ୍ଭ ହୋଇଛି। ଗଣେଶ ପୂଜନ ପରାୟଣ, ଗୋକର୍ମ କଥା, ପରିକ୍ଷିତ କଥା, କଳିଯୁଗ ଆଗମନ, ଧ୍ରୁବ ଚରିତ୍ର, ରାଜା ଭରତ ଚରିତ୍ର କଥା, ରାଜା ରଘୁନାଥ ଜ୍ଞାନ ସମ୍ବାଦ ଭଳି ପୌରାଣିକ ଚର୍ଚ୍ଚା କଥା ଓ ଗୀତ ମାଧ୍ୟମରେ ଚାଲିଛି। ଲଖନ ଲାଲ ପଟେଲ ଧର୍ମପତ୍ନୀ ଗାୟତ୍ରୀ ପଟେଲ, ଉମେଶ ଚନ୍ଦ୍ର ପଟେଲ ଧର୍ମପତ୍ନୀ ଭାନ କେଶରୀ ପଟେଲ, ହିତେଶ ଚନ୍ଦ୍ର ପଟେଲ ଧର୍ମପତ୍ନୀ ହୀନା ପଟେଲ, ଇତେଶ ପଟେଲ ଧର୍ମପତ୍ନୀ ଡିମ୍ପଲ ପଟେଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଛତିଶଗଡ ମହାଦେବ ଘାଟର ଲୋକପ୍ରିୟ କଥା ବାଚକ ରାଷ୍ଟ୍ରୀୟ ସନ୍ଥ ରାଜୀବ ନୟନ ଜୀ ମହାରାଜ ଓ ଛତିଶଗଡ କୀର୍ତ୍ତନ ସମ୍ରାଟ ସଞ୍ଜୀବ ନୟନ ଜୀ ମହାରାଜ ଶ୍ରୀମଦ୍ ଭାଗବତ ଚର୍ଚ୍ଚା କରୁଛନ୍ତି ।

# ପ୍ରାଣିସମ୍ପଦ ସହାୟକ କେନ୍ଦ୍ର ଉଦ୍‌ଘାଟିତ



ପ୍ରାଣିସମ୍ପଦ ସହାୟକ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

**କୋକସରା,୨୩।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମରେ ନବ ନିର୍ମିତ ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଟେମରା ସରପଞ୍ଚ କ୍ଷୀତିରାମ ପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋକସରା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ ପରିଡ଼ା ମୁଖ୍ୟବକ୍ତା, ସୁଧୀର କୁମାର ପାତ୍ର, ସମିତି ସଭ୍ୟା ଅନସୂୟା ମାଝୀ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, ରାଜେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କ୍ରମରେ ଗୋ' ଚାଷୀ, ମତ୍ସ୍ୟ ଓ ଛେଳି ଚାଷୀମାନଙ୍କ ସହିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅଧିକାରୀମାନେ ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ ଚାଷୀମାନଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ସେ ସବୁର କେମିତି ଲାଭ ଉଠାଇବେ ସେ ନେଇ ଚାଷୀମାନଙ୍କୁ ବୁଝାଇଥିଲେ। ମଞ୍ଚକୁ ରମେଶ ଚନ୍ଦ୍ର ହଂସ ପରିଚାଳନା କରିଥିବା ବେଳେ ଟେମରା ଏଲ୍‌ଆଇ ଜୟରାମ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଲଆଇ ଦେବି ସିଂ ନାଗ, କୈଳାଶ ସାହୁ, ଅର୍ଜୁନ ଲହଜଲ, ମୁକୁନ୍ଦ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜନଆକ୍ରୋଶ ପଦଯାତ୍ରା

**ଭବାନୀପାଟଣା,୨୩।୪(ଉତ୍ତମ କୁମାର ଦାଶ)**

ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିଥିବା ଦଳଗୁଡ଼ିକ ବିରୋଧରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଭବାନୀପାଟଣା ଗାନ୍ଧୀ ଛକଠାରେ ଜନ ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇଣ୍ଡି ମେଣ୍ଟ ଓ ଅନ୍ୟ ବିରୋଧୀ ଦଳଗୁଡିକ ମହିଳାଙ୍କ ୩୩% ଆରକ୍ଷଣ ବିଲ୍‌କୁ ବିରୋଧ କରି ସଂସଦରେ ଭୋଟ ଦେଇଥିଲେ। ନାରୀ ସମାଜ ପ୍ରତି ବିରୋଧୀଙ୍କ ଏଭଳି ହିନ ମାନସିକତାକୁ ନିନ୍ଦା କରିଛି ଭାଜପା। ଆଜି ଦେଶର ୫୦% ମହିଳାଙ୍କ ସଂଖ୍ୟା ଥିବା ସତ୍ତ୍ୱେ ନିଜ ହକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ମହିଳାଙ୍କ ଭିତରେ ଆକ୍ରୋଶ ରହିଛି ବୋଲି ଅଭିଯୋଗ ଆଣିଛି ଭାଜପା। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା ସହ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ମହିଳା ମୋର୍ଚ୍ଚା ନଗର ମଣ୍ଡଳ ସଭାପତି ଅନିତା ବିଶାଳ, ମାନସୀ ଜେନା, ଆଇନଜୀବୀ ନିବେଦିତା ମିଶ୍ର, ସ୍ନେହା ଶୁକ୍ଳା, ପଦ୍ମା ଶବର ଦେବସ୍ମିତା ପୂଜାରୀ, ରାକେଶ ଶର୍ମା, ମାନସ ଜେନା, ହରପିତ ସିଂ, ପୃଥ୍ୱୀ ସିଂ, ସୁଧିର ମୁଣ୍ଡ, ଜିଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସହାୟତାର ହାତ ବଢ଼ାଇଲେ କଣ୍ଠଶିଳ୍ପୀ ରୁକୁ ସୁନା

**ନୂଆପଡ଼ା,୨୩।୪ (ମକାରୁ ବେମାଲ)**



ଦିବାକରଙ୍କୁ ଭେଟିବା ଅବସରରେ ରକଷ୍ଟାର ରୁକୁ ସୁନା।

ବାଇକ୍ ଦୁର୍ଘଟଣାରେ ଗୋଡ ହରାଇଥିବା ବ୍ୟକ୍ତିଙ୍କୁ କଣ୍ଠଶିଳ୍ପୀ ରକଷ୍ଟାର ରୁକୁ ସୁନା ସହାୟତାର ହାତ ବଢାଇଛନ୍ତି। ବୁଧବାର ସେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡିତଙ୍କୁ ଭେଟି ତାଙ୍କ ପରିବାରକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ଟିଖାଳି ମହୋତ୍ସବର ୧୫ ତାରିଖ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୁନାଙ୍କ କାର୍ଯ୍ୟକ୍ରମ ରହିଥିଲା। କୋମନା ବ୍ଲକ ଠିକପାଲି ପଞ୍ଚାୟତ ବାବୁପାଲି ଗାଁର ଦିବାକର ସୁନାନୀ ତାଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ବାହାରିଥିଲେ। ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଅଚେତ ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ଡାକ୍ତର ଗୋଟିଏ ଗୋଡ ଭାଙ୍ଗିଯାଇଛି ବୁର୍ଲା ବଡ ଡାକ୍ତରଖାନା ନେଇ ଅସ୍ତ୍ରୋପଚାର କରିବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକେ ରାୟପୁରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଲକ୍ଷେ ଟଙ୍କା ଜମା କଲେ ଗୋଡ ଅସ୍ତ୍ରୋପଚାର ହେବ ବୋଲି କହିଥିଲେ। ପରିବାର ଲୋକେ ଜମିବାଡ଼ି, ସୁନାଗହଣା ବିକ୍ରୟ କରି ୭୦ ହଜାର ଟଙ୍କା ଦେବାପରେ ଦିବାକରଙ୍କ ଗୋଡ ଅପରେଶନ କରାଯାଇ କାଟି ଦିଆଯାଇଛି। ତାଙ୍କର ସ୍ତ୍ରୀ ଓ ଦୁଇ ପିଲା ଏବେ ଅସହାୟ ହୋଇପଡିଛନ୍ତି। ଏ ନେଇ ଦିବାକର ସାମାଜିକ ଗଣମାଧ୍ୟମରେ ଭିଡିଓ ବାର୍ତ୍ତା ମାଧ୍ୟମରେ ସାହାଯ୍ୟ ଲୋଡିଥିଲେ। ରୁକୁ ସୁନା ଏହା ଜାଣିପାରି ନିଜ ମ୍ୟାନେଜରଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେ ଦିବାକରଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ନଗଦ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

# ନଦୀର ଦୂଷିତ ପାଣି ପିଉଛନ୍ତି ଗ୍ରାମବାସୀ

**ଖଡ଼ିଆଳ,୨୩।୪ (ସୁଜିତ କୁମାର ପ୍ରଧାନ)**



ନଦୀପଠାରୁ ପାନୀୟଜଳ ସଂଗ୍ରହ କରୁଛନ୍ତି ମହିଳାମାନେ।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁଆଝର ପଞ୍ଚାୟତର ଆଦିବାସୀ ବହୁଳ ଗୁଡଭେଲି ଗାଁରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ବସୁଧା ଯୋଜନାରେ ଗାଁକୁ ଜଳ ଯୋଗାଣ ହେଉଥିଲେ ବି ତାହା ନିୟମିତ ହେଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶେଷରେ ବାଧ୍ୟ ହୋଇ ଗାଁର ମହିଳାମାନେ ୨ କି.ମି. ଦୂର ସୁନ୍ଦର ନଦୀପଠାରେ ଗାତ ଖୋଳି ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ସୂଚନା ଅନୁସାରେ ଏହି ଗ୍ରାମରେ ବସୁଧା ଯୋଜନାରେ ୧୯୯୭ ମସିହାରେ ନିକଟସ୍ଥ ସୁନ୍ଦର ନଦୀ ତଟରେ ଗଭୀର କୂପ ଖୋଳି ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଗାଁଲୋକେ ନିୟମିତ ପାଣି ପାଉଥିଲେ। ହେଲେ ୨୦୧୭ରୁ ଏହି ପ୍ରକଳ୍ପ ସହ ସ୍ଥାନୀୟ ଡୁଆଝର ଗାଁକୁ ଯୋଡି ଦିଆଯାଇଥିଲା। ଫଳରେ ଗୁଡଭେଲି ଗାଁକୁ ଠିକ୍ ଭାବେ ପାଣି ପହଞ୍ଚି ନ ଥିଲା। ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନିଦିନ ବନ୍ଦ ରହିଲା। ଫଳରେ ଗ୍ରାମବାସୀ ସୁନ୍ଦର ନଦୀରୁ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ସୂଚନା ଦେଇଛନ୍ତି। ଗାଁରେ ନଳକୂପ ନ ଥିବାବେଳେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ ନଳକୂପ ନାହିଁ। ଫଳରେ କୋମଳମତି ଛାତ୍ରୀଛାତ୍ର ଜଳ କଷ୍ଟ ଭୋଗୁଛନ୍ତି। ଏପରି କି ମଧ୍ୟାହ୍ନଭୋଜନ ପ୍ରସ୍ତୁତ ପାଇଁ ପାଚିକା ଏକ କି.ମି. ଦୂରତାରୁ ପାଣି ସଂଗ୍ରହ କରି ରୋଷେଇ କରୁଥିବା କହିଛନ୍ତି। ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମର କୌଶଲ୍ୟା ଶବର, ନିଲେନ୍ଦ୍ରି ଶବର, ଧୀର ଶବର, ରେଖା ଶବର, ନୃପରାଜ ଶବରଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ସମସ୍ୟାକୁ ଖଡ଼ିଆଳ ବିଡ଼ିଓ ମିଲନ କୁମାର ଝାଙ୍କର ସ୍ୱୀକାର କରିବା ସହିତ ତଦନ୍ତ କରି ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

- ଜିଲା ବିକାଶ ସମନ୍ୱୟ, ପରିଚାଳନା କମିଟି ବୈଠକ
- ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

ବରଗଡ,୨୩।୪(ପ୍ରେମାନନ୍ଦ ଖମାରୀ)


ଜିଲା ବିକାଶ ସମନ୍ୱୟ ଓ ପରିଚାଳନା କମିଟି ବୈଠକରେ ଜନ ପ୍ରତିନିଧି ଏବଂ ଅଧିକାରୀବୃନ୍ଦ।

ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ବିକାଶ ସମନ୍ୱୟ ଏବଂ ପରିଚାଳନା କମିଟି(ଦିଶା)ର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ବୈଠକର ପ୍ରଥମ ସମ୍ପାନରେ ଏମ୍‌ପି ପୁରୋହିତ ପ୍ରଥମ ବୈଠକରେ ଆଲୋଚ୍ୟ ବିଷୟ ଅନୁଯାୟୀ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ପଚାରି ବୁଝି ପର୍ଯ୍ୟାପ୍ତ ପରିମାଣରେ ନଳକୂପ ଖନନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସହିତ ଜିଲାର ସମସ୍ତ ଗ୍ରାମରେ ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଶନ କାର୍ଡ ବଣ୍ଟନ ପାଇଁ ପଞ୍ଜୀକରଣ ବ୍ୟବସ୍ଥା ଓ ଉଜ୍ଜ୍ୱଳା ଗ୍ୟାସ ବିତରଣର ସ୍ଥିତି ସମୀକ୍ଷା କରି କୃଷି ଏବଂ କୃଷକ ସଶକ୍ତୀକରଣ ନିମିତ୍ତ ଉପଲବ୍ଧ ବିଭିନ୍ନ ଯୋଜନା ତଥା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ, ଉଦ୍ୟାନ, କୃଷି ଏବଂ ମତ୍ସ୍ୟ ବିଭାଗର ସମସ୍ତ ଯୋଜନାର ପ୍ରଗତି, ଜଳସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଶୀତଳ ଭଣ୍ଡାର ନିର୍ମାଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଡ ବିତରଣ ସ୍ଥିତି, ମହିଳା ଓ ଶିଶୁ ବିକାଶ ବିଭାଗର ବେଟି ବଚାଓ ବେଟି ପଢାଓ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା, ଛତୁଆ ବଣ୍ଟନ ବ୍ୟବସ୍ଥା, ୱାଟରଶେଡ ବିଭାଗର କାର୍ଯ୍ୟ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ନିର୍ମାଣ କାର୍ଯ୍ୟ, ଟାଟା ପାୱାରର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ତଥା ନିରବଚ୍ଛିନ୍ନ ବିଜୁଳି ଯୋଗାଣ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟୁତ୍ କାଟ ବନ୍ଦ କରିବା, ଜଙ୍ଗଲ ବିଭାଗର ବୃକ୍ଷ ରୋପଣ ଓ ନିଆଁ ଲିଭା କାର୍ଯ୍ୟକ୍ରମ, ଗ୍ରାମୀଣ ବିକାଶ ବିଭାଗର କାର୍ଯ୍ୟ ତଥା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ରାସ୍ତା ନିର୍ମାଣ କାର୍ଯ୍ୟ, ମାଇନିଂ ବିଭାଗ ଦ୍ୱାରା ବାଲି ଓ ପଥର ଖାଦାନ ନିଲାମ କାର୍ଯ୍ୟ, ଜରିମାନା ଆଦାୟ, ଚୋରା ଚାଲାଣରେ ବ୍ୟବହୃତ ଗାଡ଼ି ଜବତ, ପଞ୍ଚାୟତିରାଜ ବିଭାଗର କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ଶିକ୍ଷା ବିଭାଗ ତଥା ପିଏମ୍‌ଶ୍ରୀ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ, ସର୍ବଶିକ୍ଷା ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଓ ସିଏମ୍ ପୋଷଣ ଯୋଜନା ଅଧୀନରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟର ପୁନଃ କାର୍ଯ୍ୟକ୍ଷମ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନରେ ବିଦ୍ୟାଳୟରେ ପାଇଖାନା ଓ ପାନୀୟ ଜଳର ବ୍ୟବସ୍ଥା, ସ୍କୁଲ ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା, ନକଲିଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ବର୍ତ୍ତମାନର ସ୍ଥିତି, ପ୍ରଗତି ଉପରେ ଆଲୋଚନା ହୋଇଥିଲା। ପୌରାଞ୍ଚଳରେ ଅର୍ବାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କାର୍ଯ୍ୟ, ରାଷ୍ଟ୍ରୀୟ ଗୋକୁଳ ମିଶନର କାର୍ଯ୍ୟାନ୍ୱୟନ ଏଂ ସାମାଜିକ କଲ୍ୟାଣ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଥିବା ବିଭିନ୍ନ ଫ୍ଲାଗସିପ ପ୍ରୋଗ୍ରାମ, ଶକ୍ତି ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସ୍ଥିତି ଏବଂ ପ୍ରଗତି ବିଷୟରେ ଆଲୋଚନା କରି ଶିକ୍ଷା, କୃଷି, ପୂର୍ତ୍ତ, ରାଜସ୍ୱ, ପାନୀୟଜଳ ଯୋଗାଣ ଏବଂ ଜଳସେଚନ ଭଳି ସମସ୍ତ ବିଭାଗର ଅଟକି ରହିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ପାଇଁ ଏମ୍‌ପି ପୁରୋହିତ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ସମସ୍ତ ନିର୍ମାଣ ସ୍ଥଳରେ ପ୍ରକଳ୍ପ ଆଧାରିତ ତଥ୍ୟ ତଥା ଅଟକଳ ମୂଲ୍ୟ, ବିଭାଗର ନାମ ଆଦି ପ୍ରଦର୍ଶନ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ବ୍ଲକ ଚେୟାରମ୍ୟାନ ଏଂ ପୌରାଧ୍ୟକ୍ଷ, ପୌରାଧ୍ୟକ୍ଷଙ୍କ ସମେତ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀଙ୍କ ସମେତ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ଦୃଢ଼ ପରିଶ୍ରମ କରି ଲୋକଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ପଥଚାରୀଙ୍କୁ ସରବତ ବାଣ୍ଟିଲେ ଏସ୍‌ପି


ବରଗଡ଼ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ପି ସରବତ ବଣ୍ଟନ କରୁଛନ୍ତି।

**ଅସହ୍ୟ ତାତି**

ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଅସହ୍ୟ ତାତି ଅନୁଭୂତ ହେଉଛି। ଏହା ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ପଥଚାରୀମାନଙ୍କ ଦୁର୍ଦ୍ଦଶା ବଢି ଚାଲିଛି। ରାସ୍ତାପାର୍ଶ୍ୱରେ ଆଶ୍ରୟ ଏବଂ ପାନୀୟ ଜଳ ପାଇଁ ସେମାନଙ୍କୁ ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ସ୍ଥିତିରେ ବରଗଡ଼ ଜିଲା ପୋଲିସ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ଗୁରୁବାର ବରଗଡ଼ ଏସ୍‌ପି ପି.ଏସ୍. ମୀନା ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଖୋଲାଯାଇଥିବା ଜଳ ସେବା କେନ୍ଦ୍ରରେ ପଥଚାରୀମାନଙ୍କୁ ସରବତ୍ ବଣ୍ଟନ କରିଥିଲେ। ଜିଲାର ପ୍ରତି ଥାନା ସମ୍ମୁଖରେ ଏଭଳି ଜଳସେବା ଯୋଗାଇବା ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ମୀନା କହିଛନ୍ତି। ପୋଲିସର ଏଭଳି ସେବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ

ପଦ୍ମପୁର,୨୩।୪ (ପ୍ରଦୀପ୍ତ ଦାଶ)

ପଦ୍ମପୁରରେ ଚିରାଚରିତ ସମସ୍ୟାରେ ପରିଣତ ହୋଇସାରିଛି ପାନୀୟ ଜଳ ସମସ୍ୟା। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଫଳରେ ବର୍ତ୍ତମାନ ପଦ୍ମପୁର ଜନସାଧାରଣ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି ବୋଲି କାଉନ୍‌ସିଲର କୁନାଲ ପାଣିଗ୍ରାହୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଳ ସମସ୍ୟା ନିରାକରଣ ନାଁରେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟରେ ଅଙ୍ଗ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଗଲା, ହେଲେ ସଠିକ ପର୍ଯ୍ୟବେକ୍ଷଣ ଓ ନିମ୍ନମାନର ଯୋଜନା ଯୋଗୁ ଏହାର ଜଳଧାରଣ କ୍ଷମତା ନାହିଁ ସଦୃଶ। ଏପ୍ରିଲରେ ଏହି ବ୍ୟାରେଜରେ ୪ ମିଟର ପାଣି ରହିବା କଥା କିନ୍ତୁ ଦୁଃଖର କଥା ଜାନୁଆରୀରେ ଏହି ବ୍ୟାରେଜରେ ୪ ମିଟର ପାଣି ରହୁନାହିଁ। ଅନ୍ୟପଟେ ପଦ୍ମପୁରକୁ ପାଣି ଯୋଗାଉଥିବା ନାଗେନ ଦର୍ହା ଇଣ୍ଟେକ ୱେଲ ପାଖରେ ମଧ୍ୟ ସ୍ଥାୟୀ ଆନିକଟ ପାଇଁ ଦାବି ହେଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତେବେ ସରକାର ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପାଣିଗ୍ରାହୀ ଅନୁରୋଧ କରିଛନ୍ତି।

## ଫୁଟ୍‌ବଲ ଖେଳାଳିଙ୍କ ପରଲୋକ


ସ୍ୱର୍ଗତ ମହମ୍ମଦ ସକିଲ ।

ସୋହେଲା,୨୩।୪(ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ସୋହେଲାର ସୁନାମଧନ୍ୟ ଫୁଟବଲ ଖେଳାଳି ମହମ୍ମଦ ସକିଲ(୬୧)ଙ୍କ ଗୁରୁବାର ପରଲୋକ ହୋଇଛି। ସେ ପ୍ରାୟ ୨ବର୍ଷ ହେବ ଅସୁସ୍ଥତା ଯୋଗୁ ଚିକିତ୍ସିତ ହେଉଥିଲେ। ଗୁରୁବାର ପ୍ରାୟ ୧ଟାରେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ବର୍ଗ ତାଙ୍କୁ ସୋହେଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ସକିଲ ଜଣେ ଦକ୍ଷ ଫୁଟବଲ ଖେଳାଳି ଥିଲେ। ସେ ବହୁ ବର୍ଷ ପାଇଁ ସୋହେଲା ଫୁଟବଲ ଦଳର ଅଧିନାୟକ ରହିଥିଲେ। ବରଗଡ଼ ଜିଲାରେ ଜଣେ ଖେଳାଳି ଭାବେ ସେ ବେଶ୍ ଲୋକପ୍ରିୟ ଥିଲେ। ସ୍ୱର୍ଗତ ସକିଲଙ୍କ ବିୟୋଗରେ ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସମେତ ବରଗଡ଼ ଜିଲା କ୍ରୀଡ଼ା ସଂସଦ, ସୋହେଲା ଆଥଲେଟିକ୍ ଆସୋସିଏଶନ, ସାମ୍ବାଦିକ ସଂଘ, ସୋହେଲା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ପରିବେଶ ସଂରକ୍ଷଣରେ ଜନସାଧାରଣଙ୍କୁ ସାମିଲ ଆହ୍ୱାନ

ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ଚକରକେନ୍ଦସ୍ଥିତ ନବ୍ୟଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚ ସହଭାଗିତାରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ମୌସୁମୀ ଲିଜା ନାୟକ, ସମ୍ମାନିତ ଅତିଥି ଭାବରେ ପ୍ରକୃତିବନ୍ଧୁ ବଡ଼ ଶତପଥୀ, ମଞ୍ଚର ସମ୍ପାଦକ ମୀନକେତନ ସାହୁ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ପଣ୍ଡା ଚଳିତବର୍ଷ ବିଶ୍ୱ ଧରିତ୍ରୀ ଦିବସର ପ୍ରସଙ୍ଗ ଆମ କ୍ଷମତା, ଆମ ଧରିତ୍ରୀ ଉପରେ ଆଲୋକପାତ କରିବା ସହ ପରିବେଶ ସଂରକ୍ଷଣ ଦିଗରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ସୂଚନା ଦେଇଥିଲେ। ଉପସ୍ଥିତ ଅତିଥିବୃନ୍ଦ ବିଶ୍ୱ ଧରିତ୍ରୀ ଦିବସ, ପରିବର୍ତ୍ତିତ ପରିବେଶ, ତାପମାତ୍ରା ବୃଦ୍ଧି, ଜଳସ୍ତର ହ୍ରାସ ଉପରେ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାର ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ପ୍ରକୃତିବନ୍ଧୁ ଭୈରବ ପାତ୍ର, ରାମଚନ୍ଦ୍ର ସାହୁ, ନୀଳକଣ୍ଠ ସା, ବିପିନ ବରର୍ଡ଼ୀ, ରାମଚନ୍ଦ୍ର ନାୟକ, ବିଭୂତି ଭୂଷଣ ମୁଣ୍ଡ, ଭୁବନେଶ୍ୱର ପ୍ରଧାନ, ପରିବେଶବିତ୍ ସଞ୍ଜୟ ଖମାରୀ ପ୍ରମୁଖଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ବର୍ଷାରାଣୀ ନନ୍ଦ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଜିଲା ପରିବେଶ ସୁରକ୍ଷା ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ କୃଷକ ସଂଗଠନର ନୂତନ କର୍ମକର୍ତ୍ତା

ଅତାବିରା, ୨୩।୪(ଯୁଧିଷ୍ଠିର ମହାପାତ୍ର)

ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରାର ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ଗୁରୁବାର କରାଯାଇଛି। ବୀରେନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅତାବିରା ବଜାର ପ୍ରାଙ୍ଗଣରେ ହୋଇଥିବା କମିଟିରେ ବୈଠକରେ ଭୁବନ ପ୍ରଧାନ ସଭାପତି, ସମ୍ପାଦକ ନରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବୃନ୍ଦଦେବ ନନ୍ଦ ମନୋନିତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ତ୍ରିଲୋଚନ ନାଏକ, ସୁବାଷ ବିଶ୍ୱାଲ, ସୁଜିତ ପ୍ରଧାନ, ବି ପାପା ରାଓ, ସତ ବାବୁ, ସୁରେଶ କର୍ଣ୍ଣ, ସୁବାଷ ବିଶ୍ୱାଲ, କେ ରାମବାବୁ, ଭି ସଂକ୍ରାନ୍ତୀ, କୁବେର ପ୍ରଧାନ, ମି ପ୍ରଭାରୀ ନରେନ୍ଦ୍ର ଦାଶ ରହିଛନ୍ତି। ବେଠକରେ ରାଜେଶ ପ୍ରଧାନ, ଭି କ୍ରିଷ୍ଣା ରେଡ୍ଡି, ଜୟ ବାବୁ, ହରେରାମ ସ୍ୱାଇଁ, ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭେଷଜ ସମିତି ପକ୍ଷରୁ ଧରିତ୍ରୀ ଦିବସ ପାଳିତ



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ପଦ୍ମପୁର,୨୩।୪(ପ୍ରଦୀପ୍ତ ଦାଶ)

ଭେଷଜ ସମିତି ନରସିଂହନାଥ, ପଦ୍ମପୁର ତରଫରୁ ବିଶ୍ୱ ଧରିତ୍ରୀ ଦିବସ ପଦ୍ମପୁରଠାରେ ଆୟୋଜିତ ହୋଇଥିଲା। ସମିତିର ସଭାପତି ଡା. ମାନଭଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁରର ଅଧ୍ୟକ୍ଷ ଖଗେଶ୍ୱର ଦାଶ, ପଦ୍ମପୁର ବନାଞ୍ଚଳ ଅଧିକାରୀ ରମେଶ ସାହୁ, ନାଟ୍ୟକାର କେଶରଞ୍ଜନ ପଧାନ, ମୁଖ୍ୟବକ୍ତା ଭାବରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ମୋନାଲିସା ସ୍ୱାଇଁ ଯୋଗଦେଇ ଧରିତ୍ରୀ ମାତାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରକୃତି ବନ୍ଧୁ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରକୃତି ରକ୍ଷକ ସମ୍ମାନ, ସେହିପରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଦ୍ୟାଳୟର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଏବଂ ଭଦ୍ରବ୍ୟକ୍ତିମାନଙ୍କୁ ପ୍ରକୃତି ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଶୋକ ଚାରାକୁ ସୁରକ୍ଷିତ କରି ରଖିଥିବା ପାଞ୍ଚ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଶିଷ୍ଟ ବେତାର କଳାକାର ଦାଉଦ କୁଅଁର ପରିବେଶ ସୁରକ୍ଷା ଉପରେ ପ୍ରାରମ୍ଭିକ ଏବଂ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ।

## ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଝାରୀଙ୍କ ଜୟନ୍ତୀ

ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)



ଆକାଶବାଣୀ ଶ୍ରୋତା ସଂଘ, ବରଗଡ଼ ଆନୁକୂଲ୍ୟରେ ଗୁରୁବାର ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଝାରୀଙ୍କ ୯୨ତମ ଜୟନ୍ତୀ ବରଗଡ଼ରେ ପାଳିତ ହୋଇଯାଇଛି। ସଂଘ ସଭାପତି ଜଗନ୍ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ସାହୁ, ସହ ସମ୍ପାଦକ ସୁଦାମ ସାହୁ, ହରି ପ୍ରସାଦ ପ୍ରଧାନ, ଅନିଲ କୁମାର ଖମାରୀ, ଦିଲୀପ ସାହୁ, ବିଶିକେଶନ ଭୋଇ, ଡୋଳାମଣି ଭୋଇ, ନମିତା ଦୀପ ଯାଦବ, ଉପଦେଷ୍ଟା ବିମଳ କୁମାର ଦାଶ, ଆଶୁତୋଷ ରଥ, ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଆକାଶବାଣୀ ଶ୍ରୋତା ସଂଘର ପ୍ରତିଷ୍ଠାତା ସଦସ୍ୟ ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଝାରୀଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କୁ କଳାର ପୂଜାରୀ ବୋଲି ଅଭିହିତ କରିଥିଲେ। ତାଙ୍କର ନିଖୁଣ ଅଭିନୟ ଆଜି ବି ଜୀବନ୍ତ ଭଳି ସଭିଙ୍କ ମାନସ ପଟରେ ପ୍ରତିଫଳିତ ହେଉଛି ବୋଲି ଉପସ୍ଥିତ ସଦସ୍ୟବୃନ୍ଦ ଉଲ୍ଲେଖ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସଟ୍ଟା ଚଢ଼ାଉ, ୫ ଗିରଫ

ବରଗଡ଼,(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ପୋଲିସ ସଟ୍ଟା କାରବାରରେ ବୁଧବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବରଗଡ଼ ସଦର ଥାନା ଅନ୍ତର୍ଗତ ନିଲେଶ୍ୱର ଗ୍ରାମର ନେପାଳ ସାହୁ, ସଦାନନ୍ଦ ସାହୁ, ଗିରିଜା ଶଙ୍କର ସାହୁ, ଶୁରୁବାବୁ ସାହୁ ଏବଂ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ମହାନ୍ତି ପଡ଼ାର ସନ୍ତୋଷଜନକ ପୋପଟାନୀ। ସେମାନଙ୍କ ପାଖରୁ ନଗଦ ୧୦ହଜାର ୨୧୦ଟଙ୍କା, ସଟ୍ଟା ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ, ଗୋଟିଏ ମୋବାଇଲ, ଗୋଟିଏ ଜୁପିଟର ସ୍କୁଟି, ଗୋଟିଏ ବାଇକ ଜବତ ହୋଇଛି।

## ବାଳିକାରେ କଦଳୀପାଲି, ବାଳକରେ ୟୁନାଇଟେଡ ସ୍ପୋର୍ଟସ ଚାମ୍ପିୟନ

**ସି.ଏମ୍ ଟ୍ରଫି ଜୁନିୟର୍ ଫୁଟବଲ**

ବରଗଡ,୨୩।୪(ପ୍ରେମାନନ୍ଦ ଖମାରୀ)


କୃତୀ ଦଳକୁ ପୁରସ୍କୃତ କରାଯାଉଛି।

ଓଡ଼ିଶା ରାଜ୍ୟ ସରକାର, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ତଥା ବରଗଡ଼ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସି.ଏମ୍. ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ବାଳିକା ବିଭାଗରେ କଦଳୀପାଲି ଏବଂ ବାଳକ ବିଭାଗରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ବିଜୟୀ ହୋଇଛି। ବାଳକ ବିଭାଗର ଫାଇନାଲ ମ୍ୟାଚ ବରଗଡ଼ ୟୁନାଇଟେଡ୍ କ୍ଲବ ଓ ଖରମୁଣ୍ଡା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍‌ଟି ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ଟ୍ରାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ଦଳ ୫-୪ ଗୋଲରେ ଚାମ୍ପିୟନ ହୋଇଥିଲା। ଫାଓର ମାନ୍ୟତାପ୍ରାପ୍ତ ରେଫରି ପିଙ୍କି ହଂସ ମ୍ୟାଚ ପରିଚାଳନା କରିଥିଲେ। ଉମାକାନ୍ତ ସାହୁ ଚତୁର୍ଥ ରେଫରି ଥିଲେ । ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା , ଉପ ବିଜେତା ଓ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ବାଳକ ବିଭାଗରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ଚାମ୍ପିୟନ, ଖରମୁଣ୍ଡା ଫୁଟବଲ କ୍ଲବ ରନର୍ସ ଅପ ଏବଂ ବାଳିକା ବିଭାଗରେ କଦଳୀପାଲି ଫୁଟବଲ କ୍ଲବ ଚାମ୍ପିୟନ ଓ କନବାର ଫୁଟବଲ କ୍ଲବ ରନର୍ସ ଅପ ଟ୍ରଫି ସହ ପୁରସ୍କୃତ ହୋଇଥିଲେ। ସେହିପରି ବାଳକ ବିଭାଗରେ ଅନିରୁଦ୍ଧ ପ୍ରଧାନ ଓ ବାଳିକା ବିଭାଗରେ ସ୍ନେହା ଟିର୍କିଆ ଶ୍ରେଷ୍ଠ ଖେଳାଳି, ଖୁସି ସେଟ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳି ଏବଂ ବାଳକ ବିଭାଗରେ ଆରବ କୁମାର ଶ୍ରେଷ୍ଠ ଖେଳାଳି ଏବଂ ପ୍ରତୀକ ବିଶାଳ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳି ମନୋନୀତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ଫାଇନାଲର ଶ୍ରେଷ୍ଠ ଖେଳାଳି ଭାବରେ ଭବେଶ ଦୀପ, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବରେ ଦେବ ସାହୁ, ଶ୍ରେଷ୍ଠ ସ୍କୋରର ଭାବରେ ତୋଫାନ ନନ୍ଦ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ସମାରୋହରେ ଫାଓ ଉପ ସଭାପତି ରବି ପଣ୍ଡା, ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଅଭୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ ପ୍ରଭାତାଦିତ୍ୟ ମିଶ୍ର, କୋଷାଧ୍ୟକ୍ଷ ଡା. ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ ସମ୍ପାଦକ ସେକ ସବଦର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, ଆଜୀବନ ସଦସ୍ୟ ସୁବ୍ରତ ଚାଟାର୍ଜୀ, ଜ୍ଞାନ ରଞ୍ଜନ ପୂଜାରୀ, ବିକାଶ ବିଶାଳ, କାଳିଆ ପ୍ରଧାନ, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଲ ସଟ୍ ବଲ ଖେଳାଳିଙ୍କ କଲମ୍ବୋ ଯାତ୍ରା

ବରପାଲି,୨୩।୪(ଚିତ୍ତରଞ୍ଜନ ସାହୁ)

ଶ୍ରୀଲଙ୍କାର ଅନ୍ତର୍ଜାତୀୟ ସ୍ତରରେ କଲମ୍ବୋଠାରେ ଆୟୋଜିତ ଦଶମ ଏସିଆ ଗୋଲ୍‌ସଟ୍ ବଲ ଚାମ୍ପିୟନଶିପ୍‌ରେ ଯୋଗଦେବାକୁ ବରପାଲି ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲର ଛାତ୍ର ରାଜ ମେହେର, ଛାତ୍ରୀ ପରୀ ମେହେର ଯାତ୍ରା ଆରମ୍ଭ କରିଛନ୍ତି। ଏମାନଙ୍କ ସମେତ ଓଡ଼ିଶାରୁ ୪ଜଣ ଜାତୀୟ ଖେଳାଳି ଭାବେ ଯୋଗଦେବେ।



ଆସନ୍ତା ୨୪ ତାରିଖରେ ବିମାନ ଯୋଗେ ଚେନ୍ନାଇରୁ କଲମ୍ବୋ ଅଭିମୁଖେ ସେମାନେ ଯାତ୍ରା କରିବେ। ଏହି ପ୍ରତିଯୋଗିତ ୨୪ରୁ ୨୮ ତାରିଖଯାଏ ଚାଲିବ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡା. ସୁବ୍ରତ ମୁଣ୍ଡ, ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ଦିଲ୍ଲୀପ କୁମାର ମିଶ୍ରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

## ପର୍ଯ୍ୟଟନ ମାନଚିତ୍ରରେ ବିଶ୍ୱେଶ୍ୱର ଅଷ୍ଟଶମ୍ଭୁ ଶୈବପୀଠ

ଅତାବିରା,୨୩।୪(ଯୁଧିଷ୍ଠିର ମହାପାତ୍ର)


ସରଣ୍ଡାର ବିଶ୍ୱେଶ୍ୱର ବାବା ଅଷ୍ଟଶମ୍ଭୁ ଶୈବ ପୀଠ ।

ଦୀର୍ଘ ବର୍ଷର ଦାବି ପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାସ୍ଥିତ ବିଶ୍ୱେଶ୍ୱର ବାବା ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିବା ଗୁରୁବାର ଜଣାପଡ଼ିଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି (ନଂ ୬୬୨୦/୧୮।୦୪।୨୬) ଅନୁସାରେ ରାଜ୍ୟର ୩ଟି ଧାର୍ମିକ ପୀଠ ଓ ପୁରୀ ଜିଲାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜନ୍ମପୀଠକୁ ସରକାର ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ କରିଛନ୍ତି । ଫଳରେ ରାଜ୍ୟ ମାନଚିତ୍ରରେ ଥିବା ୩୭୮ରୁ ୩୮୨କୁ ବଢ଼ିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ବୋଲି ଚିଠିରେ ଦର୍ଶାଯାଇଛି।

ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ଅନ୍ୟତମ ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ବିଶ୍ୱେଶ୍ୱର ମନ୍ଦିର ଏବଂ ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁର ବୈଦ୍ୟନାଥ ମନ୍ଦିର ନୂତନ ଭାବେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି । ବିଗତ ବିଜେଡି ସରକାର ବେଳେ ସରଣ୍ଡା ବିଶ୍ୱେଶ୍ୱର ପୀଠର ଉନ୍ନତୀକରଣ ପାଇଁ ୨କୋଟି ୬୦ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ ସତ, ହେଲେ ବାରମ୍ବାର ଦାବି ସତ୍ତ୍ୱେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରି ନ ଥିଲେ। ତେବେ ଓଡ଼ିଶାରେ ଭାଜପା ଦଳର ମୋହନ ସରକାର ଆସିବା ପରେ ସ୍ଥାନୀୟ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦଙ୍କୁ ଗତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣାହୁତି ଜାନୁୟାରୀ ୨୬ରେ ପୁନଃ ଦାବି ଉପସ୍ଥାପନ କରାଯାଇଥିଲା। ସେହିଦିନ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଶୀଘ୍ର ବିଶ୍ୱେଶ୍ୱର ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ତାହା ସଫଳ ହୋଇଛି। ବିଶ୍ୱେଶ୍ୱର ପୀଠକୁ ମିଳିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା।

ସୂଚନାଯୋଗ୍ୟ, ୨୦୧୭ରୁ ଲଗାତର ପ୍ରତି ବର୍ଷ ଶିବରାତ୍ରି ଦିନ ଓଡ଼ିଶାର ପ୍ରମୁଖ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ସ୍ୱତନ୍ତ୍ର ପୃଷ୍ଠାରେ ସ୍ୱତନ୍ତ୍ର ଖବର ପ୍ରକାଶ କରାଯାଇ ସରଣ୍ଡାର ଏହି ଅଷ୍ଟଶମ୍ଭୁ ଶୈବପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି କରି ଆସୁଥିଲା । ଶେଷରେ ସରକାରଙ୍କ ଦୃଷ୍ଟି ପଡିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି । ମନ୍ଦିର ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ଦୀର୍ଘ ବର୍ଷରୁ ଆମର ଏହି ଦାବି ରହିଥିଲା, ସରକାର ଆମ ଦାବିକୁ ପ୍ରାଧାନ୍ୟ ଦେଇ ଆମ ଅଷ୍ଟଶମ୍ଭୁ ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଥିବାରୁ ଧନ୍ୟବାଦ ଜଣାଉଛୁ । ଏହାଦ୍ୱାରା ମନ୍ଦିରର ଆହୁରି ଅନେକ ଅଧୁରା ରହିଯାଇଥିବା ଉନ୍ନୟନ କାର୍ଯ୍ୟ ହୋଇପାରିବ ; ଯଦ୍ଦ୍ୱାରା ସମଗ୍ର ଦେଶର ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ହୋଇପାରିବ ବୋଲି ମିଶ୍ର କହିଛନ୍ତି।

# ମହୁଲ ଓଡ଼ିଶାର, ପଡ଼ୋଶୀ ରାଜ୍ୟ ଲାଭବାନ୍

■ ଚାହିଦା ବଢ଼ିବା ସତ୍ତ୍ୱେ ସର୍ବନିମ୍ନ ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରାଯାଉନାହିଁ

■ କମ୍ ମୂଲ୍ୟରେ କିଣି ନେଉଛନ୍ତି ରାଜ୍ୟ ବାହାର ବେପାରି


ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ମହୁଲ ସଂଗ୍ରହ କରୁଛନ୍ତି।

ରାଉରକେଲା, ୨୩।୪(ସଙ୍ଗୀତା ଜେନା)

ଓଡ଼ିଶାର ଜଙ୍ଗଲରୁ ସଂଗ୍ରହ ହେଉଛି ମହୁଲ, ହେଲେ ପଡ଼ୋଶୀ ରାଜ୍ୟ ହେଉଛନ୍ତି ଲାଭବାନ। ମହୁଲର ଚାହିଦା ବଢ଼ିବା ସତ୍ତ୍ୱେ ସର୍ବନିମ୍ନ ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରାଯାଇନାହିଁ। ଫଳରେ କମ୍ ମୂଲ୍ୟରେ କିଣି ନେଉଛନ୍ତି ବାହାର ରାଜ୍ୟର ବେପାରି। ସୁନ୍ଦରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁଳ ପରିମାଣର ମହୁଲ ସଂଗ୍ରହ ହେଉଥିବାବେଳେ ପଡ଼ୋଶୀ ରାଜ୍ୟକୁ ଚାଲାଣ ହେଉଛି। ସୁନ୍ଦରଗଡ଼ ଜିଲାରେ ଅଧିକ ସଂଖ୍ୟାରେ ମହୁଲ ଗଛ ରହିଛି। ଫେବୃଆରୀ, ମାର୍ଚ୍ଚ ଏବଂ ଏପ୍ରିଲରେ ମହୁଲ ଫୁଲ ଗଛରୁ ଝଡ଼ିଥାଏ। ଏହାକୁ ସ୍ଥାନୀୟ ଲୋକମାନେ ସଂଗ୍ରହ କରିଥାନ୍ତି। ଦିନକୁ ଦିନ ମହୁଲରୁ ଅଣମାଦକ ପେୟ(ନନ୍ ଆଲକୋହୋଲିକ୍ ବେଭରେଜ୍) ଓ ଅନ୍ୟ ବ୍ୟଞ୍ଜନ ତିଆରି ଫର୍ମୁଲା କରାଯାଉଛି। ଓଡ଼ିଶାର ଓରମାସ୍ ପକ୍ଷରୁ ସୁସ୍ୱାଦୁ ବ୍ୟଞ୍ଜନ ତିଆରି କରାଯାଉଛି। କେତେକ ବ୍ଲକରେ ଏସ୍‌ଏଚଜି ଦ୍ୱାରା ମହୁଲ ସଂଗ୍ରହ କରି ଓର୍‌ମାସ ବ୍ୟବହାର କରୁଛି। ଯାହା ଦ୍ୱାରା ଏହି ଜଙ୍ଗଲଜାତ ଦ୍ରବ୍ୟର ଚାହିଦା ବଢ଼ିବାରେ ଲାଗିଛି। ଏହି ମହୁଲ ଉପରେ ଅନ୍ୟ ରାଜ୍ୟର ବେପାରିଙ୍କ ଆଖି ରହିଛି। ସ୍ଥାନୀୟ ଲୋକଙ୍କଠାରୁ ସେଗୁଡ଼ିକ କମ୍ ଦରରେ କିଣି ସେମାନେ ନେଇଯାଉଥିବା ଦେଖାଯାଉଛି। ଏହାକୁ ସୁରକ୍ଷିତ ଏବଂ ପ୍ରକ୍ରିୟାକରଣ ପାଇଁ ବ୍ୟବସ୍ଥା ନାହିଁ। ମଦ ତିଆରି ପାଇଁ ଚାହିଦା ବାହାର ରାଜ୍ୟରେ ରହିଛି। ଫଳରେ ଆମ ସଂଶାଧନ ହ୍ରାସ ପାଉଛି। ଉକ୍ତ ମହୁଲ ଉପରେ କ୍ରୟ ମୂଲ୍ୟ ଏବେ ପର୍ଯ୍ୟନ୍ତ ରାଜ୍ୟ ସରକାର ଧାର୍ଯ୍ୟ କରିନାହାନ୍ତି। ତେଣୁ ଲୋକେ ଏଥିରେ କମ୍ ଲାଭ ଦର୍ଶାଇ ବାହାର ବେପାରୀଙ୍କୁ ଏହାକୁ ବିକ୍ରୟକରି ଦୁଇ ପଇସା ଲାଭ କରୁଛନ୍ତି। ରାଉରକେଲା ସନ୍ନିକଟ ବିଶ୍ରା, ନୂଆଗାଁ, ଲାଠିକଟା ସମେତ ସୁନ୍ଦରଗଡ଼ ଜିଲାର ବଣେଇଗଡ଼, କୋଇଡା, ଲହୁଣୀପଡ଼ା, ଗୁରୁଣ୍ଡିଆ, କୁତ୍ରା ଆଦି ବ୍ଲକରେ ବ୍ୟାପକ ପରିମାଣରେ ମହୁଲ ବୃକ୍ଷ ରହିଛି। ଛତିଶଗଡ଼, ଝାଡଖଣ୍ଡ, ମଧ୍ୟପ୍ରଦେଶ ଆଦି ରାଜ୍ୟର ବେପାରି ଓଡ଼ିଶାର ସୀମାନ୍ତ ଅଞ୍ଚଳର ବ୍ଲକଗୁଡ଼ିକର ଗ୍ରାମ ଓ ସ୍ଥାନୀୟ ମାର୍କେଟରୁ ମହୁଲ ସଂଗ୍ରହ କରୁଛନ୍ତି। ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ଜରେଇକେଲା, ବିଶ୍ରା, ଭାଲୁଲତା, କୋଇଡା, ନୂଆଗାଁ, ଝୁଟଗାଁ ଆଦି ସାପ୍ତାହିକ ହାଟରେ ମହୁଲ ଖୋଲାବିକ୍ରୟ ହୋଇଥାଏ। କୁଇଣ୍ଟାଲ କୁଇଣ୍ଟାଲ ମହୁଲ ବେପାରୀମାନେ ଅତି କମ ଦରରେ ଏଠାରୁ ବୋହି ନିଅନ୍ତି। ବିଶ୍ରା ବ୍ଲକ କେମାଙ୍ଗ ଗ୍ରାମର ନିବାସୀ ସନିକା ଓରାମଙ୍କ କହିବା ଅନୁଯାୟୀ, ମହୁଲ ସଂଗ୍ରହ କରି କଞ୍ଚାରେ ସେଥିରୁ ନାନା ପ୍ରକାର ଜଳଖିଆ ଯଥା ଚକୁଲି, ସିଝାପିଠା, ମୁଆଁପିଠା, ଯାଉ, ଖିରି ଓ ଅନ୍ୟ ବ୍ୟଞ୍ଜନ ତିଆରି କରାଯାଇଥାଏ। ବର୍ଷ ତମାମ ସଂରକ୍ଷଣ କରିବା ଉକ୍ତ ମହୁଲର ମଞ୍ଜିକୁ ବାହାରକରି ଶୁଖାଇ ସାଇତି ରଖାଯାଏ। ସେଥିରୁ ତେଲ ପେଡ଼ା ଯାଇଥାଏ। କଞ୍ଚା ମହୁଲ କେଜି ପିଛା ୪୦ ଟଙ୍କା ଏବଂ ଶୁଖିଲା ମହୁଲ କେଜି ପିଛା ୮୦–୯୦ ଟଙ୍କାରେ ବିକ୍ରୟ ହୋଇଥାଏ। ଧାନ, ଗହମ ଭଳି ଏହାର ସର୍ବନିମ୍ନ ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରାଗଲେ ଲୋକଙ୍କ ମଧ୍ୟରେ ମହୁଲ ସଂଗ୍ରହ କରି ରାଜ୍ୟରେ ବିକ୍ରୟ ପାଇଁ ଆଗ୍ରହ ହୁଅନ୍ତା ବୋଲି ଓରାମ କହିଥିଲେ। ଓରମାସ୍ ଜିଲା ଉପସଭାପତି କେଶବ ଝା କହନ୍ତି, ମହୁଲ ସଂଗ୍ରହ କରିବା ଠାରୁ ଖାଦ୍ୟ ଦ୍ରବ୍ୟ ତିଆରି ପର୍ଯ୍ୟନ୍ତ ବିଭିନ୍ନ ସମୟ ସାପେକ୍ଷ ସୋପାନ ରହିଛି। ଅତ୍ୟାଧୁନିକ ମେଶିନ ଦ୍ୱାରା ଏହା କରାଯାଉଛି। ପ୍ରଥମ ରାଜ୍ୟ ଓଡ଼ିଶାରେ ମହୁଲରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପ୍ରଥମକରି କରାଯାଉଛି। ଏ ସମ୍ପର୍କରେ ସଚେତନତା ହେଲେ ଲୋକଙ୍କ ମଦତିଆରି ଉପରୁ ଆଗ୍ରହ ହ୍ରାସ ପାଇବ। ମହୁଲର ପ୍ରକୃତ ଉପଯୋଗ ହେବ ବୋଲି ଝା କହିଥିଲେ। ଏ ସମ୍ପର୍କରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚରାଯିବାରୁ ସେ କହିଲେ, ରାଜ୍ୟ ସରକାର ସିଧାସଳଖ ଏହାକୁ ପରିଚାଳନା କରୁ ନାହାନ୍ତି। ଜିଲାରେ କିଛି ଏସ୍‌ଏଚ୍‌ଜି ସଂଗ୍ରହ କରୁଛନ୍ତି। ସ୍ଥାନୀୟ ଉତ୍ପାଦ ତିଆରି କରୁଛନ୍ତି। ଏହି ମହୁଲକୁ ଅତ୍ୟଧିକ ମୂଲ୍ୟଯୁକ୍ତ (ଭାଲ୍ୟୁ ଆଡେଡ୍ ) ପାଇଁଏକ ଡିପିଆର୍ ପ୍ରସ୍ତୁତ କରି ଉଚ୍ଚସ୍ତରରେ ପ୍ରଦାନ କରାଯାଇଥିଲା। ଏବେ ପର୍ଯ୍ୟନ୍ତ ନୂତନ ସରକାରଙ୍କଠାରୁ ଉକ୍ତ ପ୍ରସ୍ତାବର କୌଣସି ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ଆସିଲେ ରାଜ୍ୟର ସଂଶାଧନ ସୁବିନିଯୋଗ ହେବ ବୋଲି ସେଠୀ କହିଥିଲେ।

# ଆଇଜିଏଚ୍ ବର୍ନ ସେଣ୍ଟରର ସୁବର୍ଣ୍ଣ ଜୟନ୍ତୀ ସମାରୋହ


ଅତିଥିମାନେ ରୋଗୀ ଶିକ୍ଷା ମାନୁଆଲକୁ ଉନ୍ମୋଚନ କରୁଛନ୍ତି।

ରାଉରକେଲା, ୨୩।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍) ବର୍ନ ସେଣ୍ଟରର ସୁବର୍ଣ୍ଣ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି, ସିଏମ୍‌ଓ ଇନ୍‌ଚାର୍ଜ (ଏମ୍‌ଆଣ୍ଡ୍‌ଏଚ୍‌ଏସ୍) ଡକ୍ଟର ଜେ. କେ. ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଏମ୍‌ଓ (ଏମଆଣ୍ଡଏଚଏସ) ଡକ୍ଟର ପ୍ରତିଭା ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ଡାକ୍ତର ଏବଂ ବହୁ ହସ୍ପିଟାଲ୍ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବର୍ମା ବର୍ନ ୟୁନିଟ୍‌ର ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଆନନ୍ଦ ପ୍ରକାଶ କରି ଏଥିରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ବର୍ନ ୟୁନିଟରେ ରକ୍ଷଣାବେକ୍ଷଣ ପାଇଁ ସ୍ୱଚ୍ଛତା ପ୍ରତି ଅଗ୍ରାଧିକାର ଦେଇ ଡିଆଇସି କହିଥିଲେ, ଅନେକ ବଡ଼ ହସ୍ପିଟାଲ ଉଚ୍ଚ ମୃତ୍ୟୁହାର ଯୋଗୁ ବର୍ଣ୍ଣ ୟୁନିଟ୍ ରକ୍ଷଣାବେକ୍ଷଣକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଏକ ଥର୍ମୋ–ସେନ୍ସିଟିଭ୍ ପ୍ଲାଣ୍ଟ ଭାବେ ଆମକୁ କେବଳ ଏହି ୟୁନିଟ୍ ରକ୍ଷଣାବେକ୍ଷଣ କରିବା ଉଚିତ ନୁହେଁ ବରଂ ଭାରତର ସର୍ବୋତ୍ତମ ବର୍ନ ୟୁନିଟ୍ ମଧ୍ୟରୁ ଗୋଟିଏ ହେବାକୁ ଚେଷ୍ଟା କରିବାକୁ ପଡିବ ବୋଲି ବର୍ମା କହିଥିଲେ। ଡକ୍ଟର ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ କହିଥିଲେ, ଆଇଜିଏଚ୍ ପାଇଁ ଏକ ଆବଶ୍ୟକତା ଭାବେ ଆରମ୍ଭ ହୋଇଥିବା ବର୍ନ ୟୁନିଟ୍ ଏବେ ଓଡ଼ିଶା ଲୋକଙ୍କ ଆଶା ପାଲଟିଛି। ସେ ରାଜ୍ୟ ସାରା ଗୁରୁତର ବର୍ନ ରୋଗୀଙ୍କ ପାଇଁ ଜୀବନରେଖା ଭାବେ ବର୍ନ ୟୁନିଟ୍‌ର ବଢୁଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଡକ୍ଟର ରୁବି ସିଂହ, ପରାମର୍ଶଦାତା (ବର୍ନ ଏବଂ ପ୍ଲାଷ୍ଟିକ୍ ସର୍ଜରୀ) ୧୯୭୬ରେ ପ୍ରତିଷ୍ଠା ହେବା ପରଠାରୁ ବର୍ନ ସେଣ୍ଟରର ଯାତ୍ରା ଉପସ୍ଥାପନା କରିଥିଲେ। ଏହି ଅବସରରେ ଡିଆଇସି ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ନିୟମିତ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଏକ ରୋଗୀ ଶିକ୍ଷା ମାନୁଆଲ୍ ମଧ ଉନ୍ମୋଚିତ ହୋଇଥିଲା। ଡକ୍ଟର ପି. ଶ୍ରବଣ, ଏସ୍. କୁମାର, ସ୍ୱାଗତ ଭାଷଣ ଦେଇଥିବାବେଳେ ଡକ୍ଟର ସୀମା ଲାକ୍ରା, ଏସିଏମ୍‌ଓ (ଏମ୍‌ଆଣ୍ଡ୍‌ଏଚଏସ୍) ସମାରୋହ ସଞ୍ଚାଳନ କରିଥିଲେ। ଡକ୍ଟର ଜି. ଏସ୍. ସାହୁ, (ପରାମର୍ଶଦାତା–ବର୍ନ ଏବଂ ପ୍ଲାଷ୍ଟିକ୍ ସର୍ଜରୀ) ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା, ୨୩।୪(ବିପ୍ଳବ ରଞ୍ଜନ ଦାଶ)

**ମହିଳା ସଂରକ୍ଷଣ ବିଲ୍ ବିଫଳ ପ୍ରସଙ୍ଗ**

ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗକୁ ନେଇ ଗୁରୁବାର ରାଉରକେଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସେକ୍ଟର–୨୧ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ଅଭିନାଶ ବ୍ରହ୍ମଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚାର ଶତାଧିକ କର୍ମକର୍ତ୍ତା କଂଗ୍ରେସ ଅଫିସ ସମ୍ମୁଖରେ ଏକାଠି ହୋଇଥିଲେ। ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ ବିରୋଧୀ ରାଜନୈତିକ ଦଳଗୁଡିକ ବିରୋଧରେ ନାରାବାଜି କରିବା ସହ କଂଗ୍ରେସ ଅଫିସକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ଏହି ବିକ୍ଷୋଭରେ ଭାଜପା ଅଳ୍ପ ସଂଖ୍ୟକ ମୋର୍ଚ୍ଚା ରାଜ୍ୟ ସଭାପତି ଗୁରିନ୍ଦର ସିଂ, ଯୁବନେତା ଅଙ୍କୁଶ ବର୍ମା, ଜିଲା ଉପସଭାପତି ପଦ୍ମିନୀ ଦାସ, ଯମୁନା ମୁଣ୍ଡା, ସମ୍ପାଦିକା ନମ୍ରତା ବାଘ, ମଣ୍ଡଳ ସଭାପତି ମମତା ମହାନ୍ତି, ରିତା କିସ୍ପୋଟାଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚା କର୍ମକର୍ତ୍ତା ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନାରୀଶକ୍ତି ବନ୍ଦନ ବିଲ୍ ବିଫଳ ବିରୋଧୀଙ୍କ ସଙ୍କୀର୍ଣ୍ଣ ରାଜନୈତିକ ସ୍ୱାର୍ଥ


ସମ୍ମିଳନୀରେ ମଞ୍ଚାସୀନ ବିଧାୟିକା ଏବଂ ଅନ୍ୟମାନେ।

ରାଉରକେଲା, ୨୩।୪(ବିପ୍ଳବ ରଞ୍ଜନ ଦାଶ)

ନାରୀଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧା ଦେଇ କଂଗ୍ରେସ ସମେତ ଅନ୍ୟ ବିରୋଧୀ ରାଜନୈତିକ ଦଳଗୁଡିକ ମହିଳା ଶକ୍ତିକୁ ଦେଶର ବିକାଶ ଏବଂ ପ୍ରଗତି କ୍ଷେତ୍ରରେ ସହଭାଗୀ ହେବାର ସୁଯୋଗକୁ ମହିଳାମାନଙ୍କଠାରୁ ଛଡେଇ ନେଇଛନ୍ତି। ଏହା ମହିଳାମାନଙ୍କ ସାମ୍ବିଧାନିକ ଅଧିକାରର ହତ୍ୟା ବୋଲି ଗୁରୁବାର ମଧ୍ୟାହ୍ନ ୧୨ଟାରେ ରାଉରକେଲା ପାନପୋଷସ୍ଥିତ ବ୍ରାହ୍ମଣୀ କ୍ଲବରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉପସ୍ଥିତ ରହି କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ଦେଶର ସାମ୍ବିଧାନିକ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଇଛା ପ୍ରକାଶ କରି ଲୋକସଭାରେ ମହିଳା ବିଲ୍, ନାରୀଶକ୍ତି ବନ୍ଦନ ଅଧିନିୟମ ସମେତ ଡିଲିମିଟେଶନ ବିଲ୍ ଆଗତ କରିଥିଲେ। ମାତ୍ର ଦେଶର ବିରୋଧୀ ରାଜନୈତିକ ଦଳଗୁଡିକ ନିଜ ସଙ୍କୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହି ବିଲ୍‌କୁ ନିଷ୍କ୍ରିୟ କରିଦେଲେ। ଫଳରେ ଏହାର ପ୍ରଭାବ ସାରାଦେଶ ସହିତ ଓଡିଶାର ମହିଳାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିଛି। ଓଡିଶା ବିଧାନସଭାର ୧୪୭ଟି ଆସନରୁ ମାତ୍ର ୧୧ଜଣ ମହିଳା ବିଧାୟକ ଅଛନ୍ତି। ଏହି ବିଲ୍ ପାରିତ ହୋଇଥିଲେ ମହିଳାମାନଙ୍କ ଆସନ ସଂଖ୍ୟା ବୃଦ୍ଧି ପାଇଥାନ୍ତା। ମାତ୍ର ବିରୋଧୀ କଂଗ୍ରେସ ଓ ବିଜେଡି ମହିଳାମାନଙ୍କୁ ରାଜ୍ୟରେ ଆଗକୁ ବଢିବା ସୁଯୋଗକୁ ବନ୍ଦ କରି ସେମାନଙ୍କୁ କେବଳ ନିଜ ଭୋଟ ବ୍ୟାଙ୍କ ମନେକରି ନିଜର ସଙ୍କୀର୍ଣ୍ଣ ରାଜନୈତିକ ସ୍ୱାର୍ଥକୁ ସିଦ୍ଧ କରିଛନ୍ତି। ଆଗକୁ ଏହାର ପରିଣାମ ଗାଁରୁ ପୁରପଲ୍ଲୀ ଯାଏଁ ବିରୋଧୀ ଦଳ ଭୋଗିବେ ଏବଂ ମହିଳାମାନେ ସଠିକ ଜବାବ ଦେବେ ବୋଲି ମହାପାତ୍ର କହିଥିଲେ। ପରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ବିରୋଧୀ ଦଳଗୁଡିକ ଉପରେ ବର୍ଷିବା ସହ ଏହା ମହିଳା ସମାଜ ପ୍ରତି ଅପମାନ ବୋଲି କହିଥିଲେ। ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ଅଳ୍ପ ସଂଖ୍ୟକ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ କମିଶନ ସଦସ୍ୟା କଳ୍ପନା ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଡେଡ୍‌ଲିଫ୍ଟ ଚାମ୍ପିୟନଶିପ୍ ବିଜେତା ଆର୍‌ଏସ୍‌ପି ଦଳ ସମ୍ମାନିତ


ବିଜେତା ଆର୍‌ଏସ୍‌ପି ଦଳକୁ ସମ୍ମାନିତ କରାଯାଉଛି।

ରାଉରକେଲା, ୨୩।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଓଡ଼ିଶାର ଶକ୍ତି କ୍ରୀଡ଼ା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଯୋଡି ଗତ ୧୮ ଏବଂ ୧୯ ଏପ୍ରିଲରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ଡେଡ୍‌ଲିଫ୍ଟ ଚାମ୍ପିୟନଶିପ୍‌ରେ ରନର୍ସ ଅପ୍ ବିବେଚିତ ହୋଇଛି। ଉକ୍ତ ଚାମ୍ପିୟନଶିପ୍‌ରେ ଆର୍‌ଏସ୍‌ପି ଦଳ ୯ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୧ କାଂସ୍ୟ ପଦକ ସହିତ ମୋଟ ୧୩ ପଦକ ଜିତିଛି। ଯାହା ରାଜ୍ୟର ପାୱାରଲିଫ୍ଟ ଏବଂ ଡେଡ୍‌ଲିଫ୍ଟ ସର୍କିଟରେ ରାଉରକେଲାର ବୃଦ୍ଧି ପାଉଥିବା ପତିଆରା ପ୍ରଦର୍ଶନ କରୁଛି। ମହିଳା ବିଭାଗରେ, ସୁଶ୍ରୀ ସ୍ୱାତୀ ଗୋଣ୍ଡ, ସୁଶ୍ରୀ ଗୁରଲୀନ କୌର, ସୁଶ୍ରୀ ବିଷ୍ଣୁପ୍ରିୟା ସ୍ୱାଇନ, ସୁଶ୍ରୀ ସୃଷ୍ଟି ସିଂହ ଏବଂ ସୁଶ୍ରୀ ଆଲିଶା ମହାରଣା ଚାମ୍ପିୟନ ହୋଇଥିଲେ। ପ୍ରତ୍ୟେକେ ନିଜ ନିଜ ସବ୍ ଜୁନିଅର ଏବଂ ଜୁନିଅର ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନୁରୂପ ଭାବେ ପୁରୁଷ ବିଭାଗରେ ରତନ ସିଂହ, ବସନ୍ତ କୁମାର ମଲ୍ଲିକ, ଏସ୍. କେ. ବାଶିଦ ଏବଂ ବିଜୟ କୁମାର ରାଉଳ ସିନିୟର ଏବଂ ମାଷ୍ଟର୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ଦଳ ସହିତ ଅଧିକାରୀ ଭାବେ ଆସିଥିବା ଏସ୍. କେ. ଭୂୟାଁ ମଧ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ବିକ୍ରମ ସ୍ୱାଇଁଙ୍କ ମାର୍ଗଦର୍ଶନରେ ତାଲିମ ଦିଆଯାଇଥିଲା। ଏପ୍ରିଲ ୨୨ରେ ଟାଉନ୍ ସର୍ଭିସେସ୍ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଜିଏମ୍ (ଟିଏ ଏବଂ ସିଏସ୍‌ଆର) ଟି. ଜି. କାନେକର ବିଜୟୀମାନଙ୍କୁ ସମ୍ମାନିତ କରିଥିଲେ। ଡେପୁଟି ମ୍ୟାନେଜର (କ୍ରୀଡ଼ା) ଆର୍. ଏନ୍. ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗ୍ରୀଷ୍ମ ପ୍ରବାହ: ବଢୁଛି ମାଟିହାଣ୍ଡି, ସୁରେଇ ଚାହିଦା

ରାଉରକେଲା, ୨୩।୪
(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ସମେତ ରାଉରକେଲା ସହରରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ରାଉରକେଲା ସହରର ତାପମାତ୍ରା ୪୩ ଡିଗ୍ରୀ ରହୁଥିଲାବେଳେ ଜନଜୀବନ ପ୍ରଭାବିତ ହେଉଛି। ପ୍ରବଳ ତାତି ଯୋଗୁ ରାସ୍ତାଘାଟ ଖାଁ ଖାଁ ହୋଇପଡୁଛି। ଅନ୍ୟପକ୍ଷେ, ରାଉରକେଲାରେ ମାଟି ହାଣ୍ଡି, ସୁରେଇର ଚାହିଦା ବଢିଛି। ତାତିକୁ ଦୃଷ୍ଟିରେ ରଖି ଲୋକମାନେ ତାହା କିଣୁଛନ୍ତି। ସହରରେ ମାଟି ହାଣ୍ଡି ୧୦୦ରୁ ୧୫୦ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ସୁରେଇ ୧୦୦ରୁ ୩୦୦ ଟଙ୍କାରେ ବିକ୍ରି ହେଉଛି। କୁମ୍ଭାରପଡ଼ା ଏବଂ ବନ୍ଧମୁଣ୍ଡାର କୁମ୍ଭକାରମାନେ ମାଟି ହାଣ୍ଡି, ସୁରେଇ ଆଦି ତିଆରି କରି ରାଉରକେଲା ସହରର ବିର୍ସା ଛକ, ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, କୁମ୍ଭାରପଡ଼ା ଏବଂ ପାନପୋଷ ଏନ୍‌ଏସି ମାର୍କେଟ ସମେତ ସହର ବଜାରରେ ବିକ୍ରି କରୁଥିବା ପରିଲକ୍ଷିତ ହେଉଛି।


ପାନପୋଷ ଛକରେ ମାଟି ହାଣ୍ଡି ବିକ୍ରି ହେଉଛି।

# ପୋଷଣ ପକ୍ଷ ପାଳନରେ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୨୩।୪(ବିପ୍ଳବ ରଞ୍ଜନ ଦାଶ)

ପୋଷଣ ପକ୍ଷ ପାଳନ ଅବସରରେ ଗୁରୁବାର ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ଶୁଭଜ୍ୟୋତି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ସାମଲ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଶିକ୍ଷା ବିଭାଗର ମୁଖ୍ୟ ଲଳିତା ମୁକ୍ତା ବାର୍ଲା ବକ୍ତା ଭାବେ ଯୋଗଦେଇ ପୋଷଣ ଯୋଜନାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସନ୍ଦର୍ଭ ପାଠ କରିଥିଲେ। ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଲିପିକା ଖମାରୀ ଅନ୍ୟତମ ବକ୍ତା ଭାବେ ଶିଶୁ ଏବଂ ମା'ମାନଙ୍କ ପୋଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକାରୀ ଅଧିକାରୀ ଡ. ସୋନିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ସମାଧାନ ହେଉନି ଭିଏସ୍‌ଏସ୍ ମାର୍କେଟ ସମସ୍ୟା

ରାଉରକେଲା, ୨୩।୪(ବିପ୍ଳବ ରଞ୍ଜନ ଦାଶ)


ଛେଣ୍ଡ ଭିଏସ୍‌ଏସ୍ ମାର୍କେଟରେ ବ୍ୟବସାୟୀ ବିକ୍ରିବଟା କରୁଛନ୍ତି।

ରାଉରକେଲା ଛେଣ୍ଡ ଭିଏସ୍‌ଏସ୍ ମାର୍କେଟକୁ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ଟେଣ୍ଡର ମାଧ୍ୟମରେ ରାଜସ୍ୱ ସଂଗ୍ରହ କରୁଥିବାବେଳେ ଏହାର ସମସ୍ୟା ପ୍ରତି ଆଖି ବୁଜିଦେଇଛି। ଏହି ବଜାରରୁ ମାସ ମାସ ଧରି ଅଳିଆ ଆବର୍ଜନା ଉଠୁନାହିଁ। ବଜାରରେ ଟ୍ରାଫିକ୍ ଜାମ୍ ଯୋଗୁ ବେପାରୀ ଓ ଗ୍ରାହକ ହଇରାଣ ହେଉଥିବା ଜୟଦେବ କର, ସୁଶୀଳା ମହନ୍ତ, ରମାକାନ୍ତ ବିନ୍ଧ ଏବଂ ଗଣେଶ ଓରାମ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଛେଣ୍ଡ ଭିଏସ୍‌ଏସ୍ ବଜାର ସହରର ବହୁ ପୁରୁଣା ବଜାର। ଏହି ବଜାର ଉପରେ ଛେଣ୍ଡ, ସିଭିଲଟାଉନଶିପ୍, ବାସନ୍ତୀ କଲୋନୀ ଏବଂ କଳିଙ୍ଗ ବିହାରର ଲୋକମାନେ ନିର୍ଭର କରିଥାନ୍ତି। ଏହା ସପ୍ତାହକୁ ସୋମବାର ଓ ବୁଧବାର ଦୁଇଥର ବସୁଥିବାବେଳେ ସହରର ଆଖପାଖ ଅଞ୍ଚଳ ଓ ଗ୍ରାମାଞ୍ଚଳରୁ ବ୍ୟବସାୟୀମାନେ ପରିବା, ରାସନ, କପଡା ସମେତ ଅନ୍ୟାନ୍ୟ ସାମଗ୍ରୀ ଏଠାରେ ବିକ୍ରି କରିଥାନ୍ତି। ଅନ୍ୟପଟେ ଆର୍‌ଏମ୍‌ସି ଏହି ବଜାରରୁ ଟେଣ୍ଡର ମାଧ୍ୟମରେ ରାଜସ୍ୱ କରୁଥିବାବେଳେ ଗ୍ରାହକ ଓ ବ୍ୟବସାୟୀମାନଙ୍କ ସୁବିଧା ପାଇଁ ପିଣ୍ଡି, ଶୀତଳ ମୃଦୁ ଜଳ ପ୍ରକଳ୍ପ, ଦୁଇଚକିଆ ଯାନ ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରିଛି। ମାତ୍ର ପରିତାପର ବିଷୟ, ମାସ ମାସ ଧରି ପିଣ୍ଡି ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ଗଚ୍ଛିତ ରହୁଛି। ଆର୍‌ଏମ୍‌ସି ସାନିଟାଇଜ ବିଭାଗ ପକ୍ଷରୁ ଏଠାରୁ ଆବର୍ଜନା ଉଠାଯାଉନି। ଅନ୍ୟପଟେ ଦୁଇ ଚକିଆ ଯାନବାହନ ରଖିବା ସକାଶେ ୨ଟି ବୃହତ ପାର୍କିଂ ପ୍ଲେସ ରହିଥିଲେ ମଧ ୨ଚକିଆ ଯାନ ପରିବର୍ତ୍ତେ ଚାରିଚକିଆ ଯାନବାହନ ଗୁଡିକ ବଜାର ମଧ ଦେଇ ପାର୍କିଂକୁ ଯାତାୟାତ କରୁଛି। ଏଥିଯୋଗୁ ଟ୍ରାଫିକ୍ ଜାମ୍ ହେଉଛି। ଏଥିସହ ବହୁ ଅମାନିଆ ପାର୍କିଂରେ ବାଇକ୍ ନ ରଖି ବଜାର ମୁଖ୍ୟମାର୍ଗରେ ରଖୁଥିବା ଯୋଗୁ ସ୍ଥାୟୀ ଦୋକାନୀଙ୍କ ବେପାରରେ ବାଧା ସୃଷ୍ଟି ହେଉଛି। ଏହି ବଜାର ବୁଲା ଗାଈଗୋରୁଙ୍କ ଚରାଭୂଇଁ ସାଜିଥିବାବେଳେ ସେମାନଙ୍କୁ ହଟାଯାଉନି। ଫଳରେ ଅନେକ ସମୟରେ ବଜାରକୁ ଆସୁଥିବା ଗ୍ରାହକମାନେ ବୁଲା ଗାଈଗୋରୁଙ୍କ ଆକ୍ରମଣର ଶିକାର ହୋଇ କ୍ଷତବିକ୍ଷତ ହେଉଛନ୍ତି। ଗ୍ରାହକ ଓ ଦୋକାନୀମାନଙ୍କ ପାଇଁ ମୃଦୁ ପାନୀୟ ଜଳ ପ୍ରକଳ୍ପ ବଜାରରେ ସ୍ଥାପିତ ହୋଇଥିଲେ ମଧ ଦୟନୀୟ ଅବସ୍ଥାରେ ରହିଛି। ବର୍ତ୍ତମାନ ରାଉରକେଲାରେ ପ୍ରବଳ ଖରା ହେଉଥିବା ବେଳେ ବଜାରରେ ପାଣି ପାଇଁ ହଇରାଣ ହେଉଛନ୍ତି। ଏଣୁ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିରଙ୍କୁ ପଚାରିବାରୁ ସେ କହିଲେ, ବଜାରରେ ଉପଲବ୍ଧ ସମସ୍ତ ବ୍ୟବସ୍ଥା ଉପରେ ଆର୍‌ଏମ୍‌ସି ପକ୍ଷରୁ ତଦନ୍ତ ହେବ। ତଦନ୍ତ ପରେ ଯାହା ସମସ୍ୟା ଥିବ ସମାଧାନ କରାଯିବ ବୋଲି ସେ କହିଥିଲେ।

## ବ୍ରିଜରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ସମ୍ବଲପୁର,(ପ୍ରମୋଦ ବହିଦାର): ବୁର୍ଲା ପାୱାର ଚ୍ୟାନେଲ ଉପରେ ଥିବା ସୁନ୍ଦରରାଜନ ବ୍ରିଜ ଉପରୁ ଜଣେ ମହିଳା ପାଣିକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ବୁର୍ଲା ପିଡବ୍ଲୁଡି କଲୋନୀ ଅଞ୍ଚଳର ଜଣେ ବିବାହିତ ମହିଳା ଗୁରୁବାର ସନ୍ଧ୍ୟାରେ ହଠାତ ଉକ୍ତ ବ୍ରିଜ ଉପରୁ ଡେଇଁବାକୁ ଉଦ୍ୟମ କରୁଥିଲେ। ଏହାଦେଖି ସେଠାରେ ଉପସ୍ଥିତ କେତେଜଣ ସ୍ଥାନୀୟ ଯୁବକ ତତ୍କ୍ଷଣାତ ତାଙ୍କୁ କୌଶଳକ୍ରମେ ଧରି ପକାଇ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପହଞ୍ଚି ମହିଳାଙ୍କୁ ଥାନାକୁ ନେଇ ପଚରା ଉଚରା କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଛି। ତେବେ ମହିଳା ଜଣକ ପାରିବାରିକ କଳହ କାରଣରୁ ମାନସିକ ଚାପରେ ରହି ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚ ହେଉଛି।

# ପଶ୍ଚିମ ଓଡ଼ିଶାବାସୀଙ୍କ ଜୀବନ ସହ ଖେଳୁଛନ୍ତି ସରକାର

■ମୁଖ୍ୟମନ୍ତ୍ରୀଙ୍କ ଶିଳ୍ପସଂସ୍ଥା ଗସ୍ତକୁ ସମାଲୋଚନା
■ସମ୍ବଲପୁରରେ ଜନଶୁଣାଣିର ଶ୍ୱେତପତ୍ର ଜାରି ଦାବି

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ରାଜ୍ୟ ସରକାର ଶିଳ୍ପପତି ଏବଂ ଶିଳ୍ପସଂସ୍ଥାଗୁଡ଼ିକର ସ୍ୱାର୍ଥ ପାଇଁ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ଜୀବନକୁ ବିପଦସଙ୍କୁଳ ଅବସ୍ଥାକୁ ଠେଲିଦେଉଛନ୍ତି ବୋଲି ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ଅଭିଯୋଗ କରିଛନ୍ତି। ସମ୍ବଲପୁର ବିଜେଡି କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ବ୍ୟାପକ ଭାବେ ବାୟୁ, ଜଳ ଓ ଭୂତଳ ଜଳ ପ୍ରଦୂଷଣ ଯୋଗୁ ସାଧାରଣ ଜୀବନ ଦୁର୍ବିଷହ ହୋଇପଡ଼ିଛି। କିନ୍ତୁ ସରକାର ଏଥିପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବୁଜିଦେଇଛନ୍ତି। ଏହି ଅବସରରେ ସେ ବିଶେଷ କରି ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଶିଳ୍ପ ଗସ୍ତକୁ ସମାଲୋଚନାକରି କହିଛନ୍ତି, କେବଳ କାରଖାନା ଗସ୍ତ କଲେ ଚଳିବ ନାହିଁ। ବରଂ ସମ୍ବଲପୁରରେ ୨୦୨୫ ଏପ୍ରିଲ ୨୧ ପରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ କେତେ ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇଛି ସେ



ଖବରଦାତା ସମ୍ମିଳନୀରେ ଇଂ. ରୋହିତ ପୂଜାରୀଙ୍କ ସହ ଅନ୍ୟମାନେ।

ନେଇ ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ ଦାବି କରିଛନ୍ତି।

ପୂଜାରୀ କହିଛନ୍ତି, ଶ୍ୟାମ ମେଟାଲିକ୍ସ କାରଖାନାକୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯେଉଁ ସବୁ ତ୍ରୁଟି ପାଇଁ ବନ୍ଦ କରିବାକୁ ନୋଟିସ ଦେଇଥିଲା, ସେଥିପ୍ରତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବ ରହିଛି। ସେହିପରି ସରକାର ଏହି କାରଖାନାକୁ ପୁଣି କେଉଁ ଆଧାରରେ କାର୍ଯ୍ୟକ୍ଷମ କରିବାକୁ ଅନୁମତି ଦେଲେ ଏବଂ କାରଖାନାର ଇଟିପି, ଇଏସ୍‌ପି ଓ ବ୍ୟାଗ୍ ଫିଲ୍ଟର ଭଳି ପ୍ରଦୂଷଣ ନିୟନ୍ତ୍ରଣ ଉପକରଣଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ସେ ନେଇ ସ୍ପଷ୍ଟୀକରଣ ରଖନ୍ତୁ। କେବଳ ଏହି ଗୋଟିଏ କାରଖାନା ନୁହେଁ, ବରଂ ଅନେକ ଶିଳ୍ପାନୁଷ୍ଠାନରେ ପ୍ରଦୂଷଣ ଓ ସୁରକ୍ଷାଜନିତ ଅବ୍ୟବସ୍ଥା ଲାଗି ରହିଛି। ଯାହା ସ୍ଥାନୀୟ ଲୋକଙ୍କୁ ଏକ 'ସ୍ଲୋ ଡେଥ୍' ବା ଧୀର ମୃତ୍ୟୁ ଆଡ଼କୁ ଠେଲିଦେଉଛି। ଏଥିସହ ଶିଳ୍ପ ସଂସ୍ଥାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିରେ ହେଉଥିବା ଅବହେଳା ଓ ବାହାର ରାଜ୍ୟର ଲୋକଙ୍କୁ ପ୍ରାଥମିକତା ପ୍ରସଙ୍ଗରେ ମଧ୍ୟ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କାରଖାନାଗୁଡ଼ିକ ଜଙ୍ଗଲ ଓ ଜଳ ସମ୍ପଦ ବିଭାଗର ଜମି ଜବରଦଖଲ କରୁଥିବା ବେଳେ ଚାଷୀମାନଙ୍କୁ ଅବହେଳା କରାଯାଉଛି। ଏପରିକି ହୀରାକୁଦ ଜଳଭଣ୍ଡାରର ମୂଲ୍ୟବାନ ଜମିକୁ କିସମ ପରିବର୍ତ୍ତନ କରି କମ୍ପାନୀକୁ ଟେକିଦେବାକୁ ସରକାର ଚକ୍ରାନ୍ତ କରୁଛନ୍ତି। ଯଦି ସରକାର ତୁରନ୍ତ ନିଜର ଆଭିମୁଖ୍ୟ ପରିବର୍ତ୍ତନକରି କାରଖାନା ବିରୋଧରେ କଠୋର ପଦକ୍ଷେପ ନ ନିଅନ୍ତି, ତା'ହେଲେ ଆଗାମୀ ଦିନରେ ବିଜେଡି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ପର୍ଯ୍ୟାୟକ୍ରମେ କାରଖାନା ଘେରାଉ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଥିରେ ରେଙ୍ଗାଲି ଜିଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀ, ବରିଷ୍ଠ ନେତା ମହମ୍ମଦ ସନାଉଲା, ବେଣୁଧର ଦାସ, ଏମ୍ ବି ସତ୍ୟେନ୍ (ଜଟିଆ), ସତ୍ୟେନ୍ଦ୍ର ଦାସ, ପ୍ରହ୍ଲାଦ ଗୁରୁ, ଛାତ୍ର ନେତା ଅନ୍‌ମୋଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ୫ କୋର୍ଟ ଚାଲାଣ

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେବା ଘଟଣାରେ ସମ୍ବଲପୁର ସାଇବର ଏବଂ ଇଓ ଥାନା ୫ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶାସନ ଥାନା ତବଲା ଗ୍ରାମର ରାଜା ବାଢେଇ (୨୨), ଧମା ଥାନା ବରଗାଁର ରବୀନ୍ଦ୍ରିୟ ସେଠ୍ (୩୨), ଜମନକିରା ଥାନା ଫଲସାବାହାଲର ସୁଶାନ୍ତ ବାଘ (୨୭), ରେଢ଼ାଖୋଲ ଥାନା କୁକୁଡ଼ାବାହାଲିର ଶମ୍ଭୁ ପ୍ରସାଦ ପ୍ରଧାନ (୨୯) ଏବଂ ସୋନପୁର ଜିଲା ଉଲୁଣ୍ଡା ଥାନା ବଡ଼ମାଲ ଗ୍ରାମର ଦୀପକ ମହାର (୨୫)। ଏହାକୁ ନେଇ ସାଇବର ଥାନାରେ ନଂ. ୧୬/୨୦୨୬ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୫ଟି ମୋବାଇଲ୍ ଫୋନ୍ ଜବତ କରିବା ସହ ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ଅଧିକ ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ନିକଟରେ ସମ୍ବଲପୁରର ଜଣେ କଳାକାରଙ୍କ ଏକ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା। ଯାହା ଏଠାରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ପୋଲିସ ପକ୍ଷରୁ ସୋସିଆଲ ମିଡିଆରେ କୌଣସି ପ୍ରକାରର ଅଶ୍ଳୀଳ କିମ୍ବା ସମ୍ବେଦନଶୀଳ ବିଷୟବସ୍ତୁ ସେୟାର କିମ୍ବା ଫରୱାର୍ଡ କରନ୍ତୁ ନାହିଁ, କାରଣ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଜନସାଧାରଣଙ୍କୁ ଏକ ସତର୍କ ସୂଚନା ଜାରି କରାଯାଇଛି।

### ବଡ଼ରମା ଘାଟିରେ ଓଲଟିଲା ଟ୍ୟାଙ୍କର, ଚାଳକ ଆହତ

ପଡିଆବାହାଲ,୨୩।୪(ରାଧାମୋହନ ଷଡ଼ଙ୍ଗୀ)

ଜମନକିରା ଥାନା ଜାତୀୟ ରାଜପଥ ନଂ. ୫୩ ବଡରମା ଘାଟିରେ ଗୁରୁବାର ଭାରସାମ୍ୟ ହରାଇ ବିଟୁମିନ ଟ୍ୟାଙ୍କର ନଂ. ଡବ୍ଲୁ ବି ୧୧ ପି ୭୫୯୬ ରାସ୍ତା ଉପରେ ଓଲଟି ପଡିବାରୁ ଭିତରେ ଡ୍ରାଇଭର ରହିଯାଇଥିଲେ। ପଛରେ ଆସୁଥିବା ଏକ ବୋଲେରୋର ଯାତ୍ରୀମାନେ ସ୍ଥାନୀୟ କେତେଜଣ ଲୋକଙ୍କ ସହାୟତାରେ ଚାଳକ ଉମେଶ କୁମାର ସାହୁଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନେ ପୋଲିସ ଓ ଆମ୍ବୁଲାନ୍ସ ସହ ଯୋଗାଯୋଗରେ ବିଫଳ ହୋଇ ଆହତଙ୍କୁ ନିଜ ଗାଡ଼ିରେ ଆଣି ପଡିଆବାହାଲ ଡାକ୍ତରଖାନାରେ ଛାଡିଥିଲେ। ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ଏବଂ ଅନ୍ୟ ମେଡିକଲ କର୍ମଚାରୀମାନେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦେଇ ଗାଡ଼ି ମାଲିକ ପ୍ରଭିନ ଝା ଓ ମ୍ୟାନେଜରଙ୍କୁ ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ। ଚାଳକ ଉମେଶଙ୍କ ମୁଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଥିବା ପ୍ରାଥମିକ ଭାବେ ଜଣାପଡିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଫାଣ୍ଡିରେ କୌଣସି ସୂଚନା ନ ଥିବା ଜଣାପଡିଛି।

### ସ୍କୁଟିକୁ ଧକ୍କା ଦେଲା ବାଇକ୍, ୨ ଆହତ

ପଡିଆବାହାଲ,୨୩।୪(ରାଧାମୋହନ ଷଡ଼ଙ୍ଗୀ)

ସଦର ଥାନା ଅନ୍ତର୍ଗତ ଖଲିଆପାଲି ହନୁମାନ ମନ୍ଦିର ଛକ ନିକଟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏକ ସ୍କୁଟିକୁ ପଛରୁ ଆସୁଥିବା ବାଇକ୍ ଧକ୍କା ଦେବାରୁ ୨ ଜଣ ରାସ୍ତାରେ ପଡି ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପଡିଆବାହାଲ ଡାକ୍ତରଖାନାକୁ ପଠାଇଥିଲେ। ବାଇକ୍ ଆରୋହୀ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ଅନ୍ୟ ଜଣକ ପଳାଇବାକୁ ଉଦ୍ୟମ କରୁଥିଲେ। ଆହତ ହୋଇଥିବାରୁ ତାକୁ ମଧ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳ ଓ ଡାକ୍ତରଖାନାକୁ ଯାଇ ତଦନ୍ତ କରିଥିଲା। ସ୍ଥାନୀୟ ଲୋକେ ବାଇକ୍ ଚାଳକ ମହିଳାଙ୍କ ବେକରୁ ସୁନା ହାର ଲୁଟିବା ଉଦ୍ୟମ ବେଳେ ଭାରସାମ୍ୟ ହରାଇଥିବା କହୁଥିଲାବେଳେ ସମ୍ପୃକ୍ତ ମହିଳା କିଛି ଜାଣିପାରି ନ ଥିବା କହିଛନ୍ତି। ସ୍କୁଟି ଚାଳକ ପଟୁଆମୁହାଣ ନିକଟ କୁଡୋପଦାର ଦୁର୍ଯ୍ୟୋଧନ ମିର୍ଦ୍ଧା (୪୫) ପୁଅ, ଝିଅ, ଓ ସ୍ତ୍ରୀଙ୍କ ସହ ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିଲେ। ବାଇକ୍ ଆରୋହୀ ଧନକାଉଡ଼ା ଅଞ୍ଚଳର ନମନ ଟପନୋ (୨୬) ପଛରୁ ଆସି ଧକ୍କା ଦେବା ଫଳରେ ସମସ୍ତେ ପଡି ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତଖାନାରୁ ଆହତ ଦ୍ୱୟ ଘରକୁ ଯାଇଛନ୍ତି।

## ଗଡ଼ମୁଣ୍ଡାରେ ତେଲେଙ୍ଗା ଖଡ଼ିଆଙ୍କୁ ଶ୍ରଦ୍ଧାଞ୍ଜଳି



ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ଶହୀଦ ତେଲେଙ୍ଗା ଖଡ଼ିଆଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କ ଶହୀଦ ଦିବସ ପାଳିତ

ସମ୍ବଲପୁର,୨୩।୪ (ପ୍ରମୋଦ ବହିଦାର)

ଜିଲା ଆଦିବାସୀ କଲ୍ୟାଣ ସଂଘ, ସମ୍ବଲପୁର ଆନୁକୂଲ୍ୟରେ ହୀରାକୁଦ ନିକଟସ୍ଥ ଗଡ଼ମୁଣ୍ଡା ଫଟଫଟିପଡାଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ତେଲେଙ୍ଗା ଖଡିଆଙ୍କ ୧୪୬ ତମ ଶହୀଦ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅକ୍ଷୟ ଭୋଇ, ସମ୍ପାଦକ ଜୟଦେବ ମିଂଜ, ତରଣୀ ଖଡିଆ, ରାଜୁ ଖଡିଆ, ବସନ୍ତ କୋକବାଗ, ସୁଭାସ ମିର୍ଦ୍ଧାଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଶହୀଦ ତେଲେଙ୍ଗାଙ୍କ ବଳିଦାନ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବୀରତ୍ୱ ଗାଥାର ସ୍ମୃତିଚାରଣ କରିଥିଲେ। ପ୍ରଥମେ ଅତିଥିମାନେ ତାଙ୍କ ଫଟୋ ଛିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଅତିଥିମାନେ ଦେଶ ଓ ସମାଜ ପ୍ରତି ଖଡିଆଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଖଡିଆ ଇଂରେଜ ଶାସନ ବିରୋଧରେ ଗରିଲା ଯୁଦ୍ଧର ନେତୃତ୍ୱ ନେଇ ତାଙ୍କ ନିଦ ହଜାଇ ଦେଇଥିଲେ। କଲିକତା ଜେଲରୁ ଫେରିବା ପରେ ୧୮୮୦ ଏପ୍ରିଲ ୨୩ ରେ ସେ ମୈଦାନରେ ପ୍ରଶିକ୍ଷଣ ଦେଉଥିବାବେଳେ ପଛପଟୁ ଇଂରେଜମାନଙ୍କ ଦଲାଲ ବୋଧନ ସିଂଙ୍କ ଗୁଳିମାଡ଼ର ଶିକାର ହୋଇ ଶହୀଦ ହୋଇଥିଲେ।

# ଜାତିଗତ ଜନଗଣନାରେ ଓବିସି ବର୍ଗଙ୍କୁ ସାମିଲ ଦାବି




ରାଜଧାନୀରେ ଜାତିଗତ ଜନଗଣନାରେ ଓବିସିଙ୍କୁ ସାମିଲ ଦାବିରେ ମଞ୍ଚର ବିକ୍ଷୋଭ।

### ରାଜଧାନୀରେ ଓବିସି ମଞ୍ଚର ବିଶାଳ ବିକ୍ଷୋଭ, ଧାରଣା

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ଚଳିତ ଜାତିଗତ ଜନଗଣନା ପ୍ରକ୍ରିୟାରେ ଓବିସି ବର୍ଗଙ୍କୁ ସାମିଲ ଦାବିରେ ରାଜଧାନୀ ଭୁବନେଶ୍ୱରରେ ଏକ ବିଶାଳ ବିକ୍ଷୋଭ, ପ୍ରତିବାଦ ସଭା ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜନଗଣନା ଫର୍ମର ୧୨ ନଂ. କଲମ ଏବଂ ରାଜ୍ୟ ସରକାରଙ୍କ ୧୩ ନଂ. କଲମରେ ଅନ୍ୟ ପଛୁଆ ବର୍ଗ ବା ଓବିସିମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରଖିବାକୁ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ସରକାରଙ୍କ କାଳକ୍ଷେପଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା। ବିଶେଷକରି ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଫର୍ମରେ ଓବିସି ବର୍ଗଙ୍କୁ ବାଦ୍ ଦିଆଯିବା ପଦକ୍ଷେପକୁ ତୀବ୍ର ନିନ୍ଦା କରାଯିବା ସହ ତୁରନ୍ତ ସଂଶୋଧନ ପାଇଁ ଦାବି କରାଯାଇଛି। ସରୋଜ ସାହୁଙ୍କ ସଂଯୋଜନାରେ ଓବିସି ମଞ୍ଚର ଶତାଧିକ ସଦସ୍ୟାସଦସ୍ୟ ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଧାରଣାସ୍ଥଳରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଶୁଭେନ୍ଦୁ ସାହୁ, ନାରେନ ସାହୁ, ପ୍ରତାପ ବାରିକ, ରଞ୍ଜିତା ରାଣୀ ପ୍ରଧାନ ପ୍ରମୁଖଙ୍କ ସମେତ ଅନେକ ବରିଷ୍ଠ ସଦସ୍ୟା ସଦସ୍ୟ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟ ପ୍ରବକ୍ତା ବିରଞ୍ଚି ସାହୁ ପ୍ରତିବାଦ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମଞ୍ଚର ଏକ ପ୍ରତିନିଧି ଦଳ ରାଜଭବନକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଇ ବିରୋଧରେ ଜିଲାପାଳଙ୍କୁ ଫେରାଦ ହେଲେ ବ୍ଲକ ଅଧ୍ୟକ୍ଷ

ରେଙ୍ଗାଲି,୨୩।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲା ରେଙ୍ଗାଲି ପଞ୍ଚାୟତ ଜେଇଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ବ୍ଲକ ଅଧୀନରେ ସମସ୍ତ ଉନ୍ନୟନ କାର୍ଯ୍ୟ ବିଭାଗୀୟ ସ୍ତରରେ କରାଯାଏ। କାର୍ଯ୍ୟାଦେଶ ଜୁନିୟର ଇଞ୍ଜିନିୟର (ଜେଇ)ଙ୍କ ନାମରେ ଜାରି କରାଯାଏ। ଯିଏ ପରବର୍ତ୍ତୀ ସମୟରେ ସ୍ଥାନୀୟ ଠିକାଦାର କାର୍ଯ୍ୟ ଦେଇଥାନ୍ତି। କାର୍ଯ୍ୟ ସମାପ୍ତ ହେବା ପରେ, ତାଙ୍କ ଜେଇଙ୍କ ଆକାଉଣ୍ଟରେ ଜମା କରାଯାଏ, ଯିଏ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଠିକାଦାରଙ୍କୁ ଟଙ୍କା ଦେଇଥାନ୍ତି। ରେଙ୍ଗାଲି ବ୍ଲକରେ, ଜଣେ କନିଷ୍ଠ ଇଞ୍ଜିନିୟର, ଟିକନାଥ ଭୈନସାଲ, ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଟଙ୍କା ନିଜ ଆକାଉଣ୍ଟରେ ନେଉଛନ୍ତି କିନ୍ତୁ କାମ କରିଥିବା ଠିକାଦାରଙ୍କୁ ଟଙ୍କା ଦେଇନାହାନ୍ତି। ଏ ନେଇ ରେଙ୍ଗାଲି ବ୍ଲକର ଠିକାଦାରମାନେ ବ୍ଲକ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ଘଟଣା ବିଷୟରେ କଥା ହେବା ପାଇଁ ଅଧ୍ୟକ୍ଷ ଠିକାଦାରମାନଙ୍କୁ ଓ ଉକ୍ତ ଜେଇଙ୍କୁ ବୁଧବାର ବ୍ଲକ କର୍ଯ୍ୟାଳୟକୁ ଡାକିଥିଲେ। କାର୍ଯ୍ୟାଳୟକୁ ଜେଇ ଆସି ଠିକାଦାରମାନଙ୍କୁ ଦେଖିବା ପରେ ବ୍ଲକ ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ରେଙ୍ଗାଲି ବିଡିଓ ଉତ୍ତମ ତନ୍ତୀଙ୍କୁ ପଚାରିବାରୁ ପାଖରେ ଅଭିଯୋଗ ମିଳିଛି, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ରୋଗୀ କଲ୍ୟାଣ ସମିତିର ବୈଠକ

ରେଢ଼ାଖୋଲ,୨୩।୪(ସନ୍ତୋଷ ବଘାର)

ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ପରିସରରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ, ଏସ୍‌ଡିଏମ୍ ଓ ବ୍ୟାସଦେବ ହୋତା, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁଖ୍ୟତଃ ଖରାଦିନ ପାଇ ରୋଗୀମାନଙ୍କୁ କୁଲର କିମ୍ବା ଏସି ବ୍ୟବସ୍ଥା କରାଯିବା, ପାନୀୟ ଜଳର ସୁବିଧା, ରୋଗୀମାନଙ୍କୁ ଉତ୍ତମ ସେବା ସହିତ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ଔଷଧ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଚଳ ହୋଇ ପଡ଼ିଥିବା ରକ୍ତ ଭଣ୍ଡାରକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବା, ସ୍ଥାୟୀ ହସ୍ପିଟାଲ ମ୍ୟାନେଜର ପଦବୀ ପୂରଣ କରାଯିବା, ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାସ୍କୁ ସୁଦୃଢ଼ କରିବା ପାଇଁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ମନୋଜ ରାୟ ଯୋଗଦେଇଥିଲେ।

## ୨ କୃତୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ




ଉଡ଼ାନ ଅନୁଷ୍ଠାନ ପକ୍ଷରୁ ୨ ନୃତ୍ୟଶିଳ୍ପୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ସ୍ଥାନୀୟ ପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନ 'ଉଡ଼ାନ'ର ୨ ପ୍ରତିଭାବାନ ନୃତ୍ୟଶିଳ୍ପୀ ନୃତ୍ୟ କ୍ଷେତ୍ରରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଗୁରୁବାର ଉଭୟ ନୃତ୍ୟଶିଳ୍ପୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ହେମନ୍ତ କୁମାର ମାହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ 'ଉଡ଼ାନ'ର ପ୍ରତିଷ୍ଠାତା ରମେଶ ଶାହ ଓ ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ କୃତୀ ନୃତ୍ୟଶିଳ୍ପୀ ଦ୍ୱୟଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସୂଚନାଯୋଗ୍ୟ, ଅନୁଷ୍ଠାନର ଛାତ୍ରୀ ନୃତ୍ୟଶିଳ୍ପୀ ଅମୃତୋୟା ସାହୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ସାଂସ୍କୃତିକ ସମ୍ପାଦକ ଓ ତାଲିମ କେନ୍ଦ୍ର (ସିସିଆରଟି) ପକ୍ଷରୁ ସମ୍ବଲପୁରୀ ଲୋକ ନୃତ୍ୟରେ ଶିଶୁ କଳାକାର ବୃତ୍ତି-୨୦୨୫-୨୬ ପାଇଁ ମନୋନୀତ ହୋଇଛନ୍ତି। ସେ ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ ଏହି ବିଭାଗରେ ଗୁରୁଙ୍କଠାରୁ ଉଚ୍ଚତର ଶିକ୍ଷା ଗ୍ରହଣ କରିବେ। ବର୍ତ୍ତମାନ ସେ ଅନୁଷ୍ଠାନର ଗୁରୁ ଭାରତ ଗୌରବ ଦାଶଙ୍କଠାରୁ ସମ୍ବଲପୁରୀ ନୃତ୍ୟ ଶିକ୍ଷା କରୁଛନ୍ତି। ସେହିପରି ଅନ୍ୟତମ ପ୍ରତିଭାଶାଳୀ ନୃତ୍ୟଶିଳ୍ପୀ ସମୃଦ୍ଧି ସାହୁ ଏକ ଘରୋଇ ଟିଭି ଚ୍ୟାନେଲରେ ଆୟୋଜିତ ମେଗା ଡ୍ୟାନ୍ସ ରିଆଲିଟି ଶୋ'ରେ ପ୍ରଥମ ରନର୍ସ-ଅପ୍‌ର ପୁରସ୍କାର ଅର୍ଜନ କରି ଅନୁଷ୍ଠାନର ସୁନାମ ବଢ଼ାଇଛନ୍ତି।

# ଗୋମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ଦାବିରେ ସଚେତନତା ରାଲି

### ୨୭ରେ ସମ୍ବଲପୁରରେ ଗୋ ସମ୍ମାନ ଅଭିଯାନ

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ସମଗ୍ର ଭାରତ ବର୍ଷରେ ଏପ୍ରିଲ ୨୭ ତାରିଖରେ 'ଗୋ ସମ୍ମାନ ଅଭିଯାନ'ର ଶୁଭାରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ସହରରେ ମଧ୍ୟ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ପକ୍ଷରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଓ ଦାବି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଅଗ୍ରେସନ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମେଳନର ସୂଚନା ଅନୁଯାୟୀ, ଉକ୍ତ ଦିନ ସକାଳ ୯ଟାରେ ସମ୍ବଲପୁର ପୌର ପରିଷଦ ଛକରୁ ଏକ ରାଲି ବାହାରି ସହର ପରିକ୍ରମା କରିବା ସହ ସମ୍ବଲପୁର ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଗୋ-ହତ୍ୟା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା, ଗୋମାତାଙ୍କ ଉପରେ ଗବେଷଣା ଓ ଅନୁଦାନ ପ୍ରଦାନ କରିବା ସହ ଗୋମାତାଙ୍କୁ 'ରାଷ୍ଟ୍ରମାତା' ଏବଂ ରାଷ୍ଟ୍ରର ଆଧାର ଭାବରେ ଘୋଷଣା କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଛି। ଗୋ ସମ୍ମାନ କାର୍ଯ୍ୟକ୍ରମର ସଂଯୋଜକ ମଣ୍ଟୁ ସାହୁଙ୍କ ସମେତ ଶ୍ରୀକୃଷ୍ଣ ଗୋଶାଳାର ସଭାପତି ଚନ୍ଦ୍ର କୁମାର ସରାଫ, ହରିଓମ ଗୋଶାଳାର ସଭାପତି ମାଧବ ଡାଲମିଆ, ମଙ୍ଗତୁରାମ ଅଗ୍ରୱାଲ ଏବଂ ଦିନେଶ ଅଗ୍ରୱାଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାର ନେତୃତ୍ୱ ନେବେ ବୋଲି ଜଣାପଡ଼ିଛି।

# କବରାପାଲିରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୨୩।୪(ବି.ଶଙ୍କର)

ସମ୍ବଲପୁର ଜିଲା ଧୁଝୁମୁରା ବ୍ଲକ ଅନ୍ତର୍ଗତ କବରାପାଲି ଗ୍ରାମରେ ଗୁରୁବାର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପରିବେଶରେ ୨ ଦିନ ଧରି ମନ୍ଦିର ପ୍ରତିଷ୍ଠାର ବିଭିନ୍ନ ବିଧି ବିଧାନ ସହ ହୋଇଥିଲା। ଏହିକ୍ରମରେ ବୁଧବାର ଅଧିବାସ ଅଙ୍କୁରାରୋପଣ, କୁମ୍ଭ ସ୍ଥାପନା, ଶଷ୍ୟାଭିଷେକ ଆଦି କର୍ମ ଅନୁଷ୍ଠିତ ହୋଇଥିଲା। କଳସ ଶୋଭାଯାତ୍ରାରେ ୧୧୬ ଜଣ ମହିଳା ସାମିଲ ହୋଇଥିଲେ। ଏଥିରେ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଗୁରୁବାର ସୂର୍ଯ୍ୟ ପୂଜା, ଅଙ୍କୁରାରୋପଣ ଆଦି ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ଶତାଧିକ ଗ୍ରାମବାସୀ ଘଣ୍ଟ, ଶଙ୍ଖ ଓ କୀର୍ତ୍ତନ ସହ ବିଗ୍ରହକୁ ସଜାଇ ପରିକ୍ରମା କରିଥିଲେ। ଏହାସହ ସୂର୍ଯ୍ୟ ପୂଜା, ସ୍ତମ୍ଭ ସ୍ଥାପନ ସହ ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଅବସରରେ ଅମାମୁଣ୍ଡାର ପଦ୍ମିନୀ ନାୟକ, ସନ୍ଧ୍ୟାରାଣୀ ମେଲିଙ୍କ ଦ୍ୱାରା ମହିଳା କୀର୍ତ୍ତନ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ନମିତା ପଧାନ ଏବଂ କମଳାକାନ୍ତ ପ୍ରଧାନ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସେହିପରି ଯଜ୍ଞ କାର୍ଯ୍ୟକୁ ଦୁଷ୍ମନ୍ତ ଶତପଥୀଙ୍କ ନେତୃତ୍ୱରେ ପ୍ରଭଞ୍ଜନ ଶତପଥୀ, ପ୍ରଦୀପ ଶତପଥୀ, ମିଲୁ ଶତପଥୀ, ପ୍ରବୀଣ ବିଦ୍ୟାଭୂଷଣ ନାୟକ ପରିଚାଳନା କରିଥିଲେ। ଏଥିରେ ସୁନିଲ ଶୁକ୍ଳ, ବର୍ଷା ଶୁକ୍ଳ ସହଯୋଗ କରିଥିଲେ।



# ମା' ବାଟମଙ୍ଗଳା ୧୧ ପଏଣ୍ଟରେ ବିଜୟୀ

### ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ସମ୍ବଲପୁର,୨୩।୪(ବି.ଶଙ୍କର)

ସମ୍ବଲପୁର କବାଡ଼ି କ୍ଲବ ଏବଂ ସମ୍ବଲପୁର ବୟଜ୍ ବିଭାଗର ଆୟୋଜିତ ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ (ଏସ୍‌କେପିଏଲ)ର ତୃତୀୟ ସଂସ୍କରଣ ଗୁରୁବାର ରାତି ୮ଟାରେ ସ୍ଥାନୀୟ ଗଙ୍ଗାଧର ମଣ୍ଡପ ପଡିଆରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ମାଁ ଘିକୁଣ୍ଡି ଯୋଦ୍ଧାସ ବନାମ ମା' ବାଟ ମଙ୍ଗଳା ୱାରୟର୍ସ ମଧ୍ୟରେ ହୋଇଥିଲା। ଏଥିରେ ମା' ଘିକୁଣ୍ଡି ଯୋଦ୍ଧାସ ୨୫ ପଏଣ୍ଟ ଏବଂ ବାଟ ମଙ୍ଗଳା ୩୬ ପଏଣ୍ଟ ପାଇଥିଲେ। ଯାହାଦ୍ୱାରା ବାଟମଙ୍ଗଳା ଦଳ ୧୧ ପଏଣ୍ଟରେ ବିଜୟ ଲାଭ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ଆଜିର ମ୍ୟାଚକୁ ରେଫରି ଦିଲୀପ କୁମାର ସାହୁ, କାର୍ତ୍ତିକ ବାରିକ, ଗୀତା କଂସାରୀ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ଆନନ୍ଦ ଚନ୍ଦ୍ର ପତି ନିର୍ବାହ କରିଥିଲେ। ଜଗବନ୍ଧୁ ବେହେରା ମ୍ୟାଚ କମିସନର ଭାବେ ଖେଳ ପରିଚାଳନା କରି ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମା' ବାଟମଙ୍ଗଳା ଦଳର ସିଦ୍ଧାନ୍ତ ନନ୍ଦକୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏସ୍‌କେପିଏଲ ସଭାପତି ସିଦ୍ଧାର୍ଥ ଶାହାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୨ଟି ଫ୍ରାଞ୍ଚାଇଜ ଦଳର ୨୦୦ରୁ ଅଧିକ ଖେଳାଳି ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସମ୍ପାଦକ ସୁଧିର ବହିଦାର ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ଉମାପତି ତ୍ରିପାଠୀ ଏବଂ ଯୁଗ୍ମ ସମ୍ପାଦକ ଦୀପକ ବରାଡ, ଅଭିନାଶ ମିତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଦଳର ମୁଖ୍ୟ ରାଜେଶ ସାହୁ, ସୁଶାନ୍ତ ବେହେରା, ଯୁବରାଜ ବେହେରା, ରାହୁଲ କାଣ୍ଡ, ବିକ୍ରମ ପଟ୍ଟନାୟକ, ବିକାଶ ତିଥୁଆର ମଧ୍ୟ ଉପସ୍ଥିତ ଥିଲେ। ଚଳିତ ମାସ ୨୬ ତାରିଖ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ବୋଲି ସଭାପତି ସିଦ୍ଧାର୍ଥ ସୂଚିତ କରିଛନ୍ତି।




ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

# ଆଜି କ'ଣ କେଉଁଠି

## କଟକ

- ବୟନଶିଳ୍ପ ନିର୍ଦ୍ଦେଶକଙ୍କ ନୂଆପାଟଣା ଗସ୍ତ, ସ୍ଥାନ: ନୂଆପାଟଣା ନଂ ୧. ବୁଣାକାର ସମିତି, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସି ମାଧମରେ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ତିଗିରିଆ: ସମୟ: ଅପରାହ୍ନ ୫ଟା।
- ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ, ସ୍ଥାନ: ସ୍ୱରାଜ ଆଶ୍ରମ, ସମୟ: ଅପରାହ୍ନ ୫ଟା।
- ହୋପ୍ ଏଜ୍ ଅନୁଷ୍ଠାନର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସତ୍ୟସାଇ ମନ୍ଦିରରେ ଆରାଧନା ଦିବସ, ନଗର ସଂକୀର୍ତ୍ତନ, ସ୍ଥାନ:ସତ୍ୟସାଇ ମନ୍ଦିର, ରୂପ୍‌ସା, ସମୟ : ଭୋର ୫ଟା ୧୫।
- ଷୋଡ଼ଷ ଉପଚାର ପୂଜା, ସ୍ଥାନ : ସତ୍ୟସାଇ ମନ୍ଦିର, ରୂପ୍‌ସା, ସମୟ : ସକାଳ ୭ଟା।
- ୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍-୨୦୨୬, ସ୍ଥାନ: ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ : ସକାଳ ୮ଟା।
- ପଶୁପତିନାଥ ମହାଦେବ, ବୀର ହନୁମାନ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ : ମଧ ଜଳସୋହରିଆ ଗ୍ରାମ, ଭୋଗରାଇ, ସମୟ : ସକାଳ ୮ଟା।
- ଲକ୍ଷ୍ୟାର୍ଚ୍ଚନା, ବେଦପାଟ ଓ ଭଜନ, ସ୍ଥାନ : ସତ୍ୟସାଇ ମନ୍ଦିର, ରୂପ୍‌ସା, ସମୟ : ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ରାଧା ବେଣୁମାଧବ ସେବାଧାମର ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ : ରାଧା ବେଣୁମାଧବ ସେବାଧାମ, ଧରମଦୁଆର, ବାଲିଆପାଳ, ସମୟ : ମଧାହ୍ନ ୧୨ଟା ୩୦।
- ପଞ୍ଚାୟତିରାଜ ଦିବସ, ସ୍ଥାନ : ବ୍ଲକ କାର୍ଯ୍ୟାଳୟ, ଖଇରା, ସମୟ : ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ : ବ୍ଲକ କାର୍ଯ୍ୟାଳୟ, ବସ୍ତା, ସମୟ : ଅପରାହ୍ନ ୫ ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ : ଆୟୁଷ୍ମାନ୍ କଲ୍ୟାଣ ମଣ୍ଡପ, ଗୋପାଳ ଗାଁ, ବାଲେଶ୍ୱର, ସମୟ : ଅପରାହ୍ନ ୫ଟା।
- ଶନିଶ୍ବର ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ : ଓଡ଼ିଆ ଶାସନ, ରୂପ୍‌ସା, ସମୟ : ଅପରାହ୍ନ ୫ଟା।

## ଭଦ୍ରକ

- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜୟକୃଷ୍ଣ ପୁର, ଧାମନଗର, ସମୟ: ସକାଳ ୭ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: କାଳୀ ପଡ଼ିଆ, ତିହିଡ଼ି, ସମୟ: ସକାଳ ୮ ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ କଳସ ଶୋଭାଯାତ୍ରା, ସ୍ଥାନ:ତ୍ରିକୋଣା,ବନ୍ତ, ସମୟ:ସକାଳ ୯ଟା ।
- ମା' ଗଜଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ଅପରାହ୍ନ ୩ ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର

- ଜିଲା ଓ ବ୍ଲକ୍‌ସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ', ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।
- ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ,ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ସକାଳ ୮ଟା
- ରକ୍ତଦାନ ଶିବିର, ସ୍ଥାନ:ଶ୍ରୀ ସତ୍ୟସାଇ ସେବା ସମିତି ବାରିପଦା,ସମୟ: ସକାଳ ୯ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍,ବାରିପଦା, ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଉଦଳା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ,ସମୟ: ଅପରାହ୍ନ ୫ଟା ୩୦।

## ବ୍ରହ୍ମପୁର

- ଶ୍ରମିକଙ୍କ ଧାରଣା, ସ୍ଥାନ: ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଏମସିର ବଜେଟ ବୈଠକ, ସ୍ଥାନ: ନୂଆ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ମହିଳା ଆକ୍ରୋଶ ସମାବେଶ, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ଜାତୀୟ ପଞ୍ଚାୟତ ରାଜ ଦିବସ ଉତ୍ସବ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ରାଜ୍ୟସ୍ତରୀୟ ସବ୍ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୧୦ଟା।
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ

- ମା' ମହାଲକ୍ଷ୍ମୀ ଓ ବିମଳାଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟ: ସକାଳ ୬ଟା।
- ପୂର୍ଣ୍ଣାହୁତି ପୂଜା ଓ ହୋମଯଜ୍ଞ, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ଷଷ୍ଠ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଶିଶୁ ଅନନ୍ତ ଆଶ୍ରମର ବାର୍ଷିକ ଉତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟ ମହୋତ୍ସବ କାନଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ହିନ୍ଦୀ ନାଟକ 'କୋଇ ବାତ୍ ଚଲେ' ମଞ୍ଚସ୍ଥ ହେବ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ସୀତା ନବମୀ ଉପଲକ୍ଷେ ଶ୍ରୀରାମ ଯଜ୍ଞୋତ୍ସବ, ସ୍ଥାନ: ଘିଘିଡିଆ, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶ୍ରୀ ଜଗନ୍ନାଥ ଓ ଆଦି ଅନାଦି ଗୋସେଇଁଙ୍କ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଳକାଟି, ଆଳି, ସମୟ: ସକାଳ ୭ଟା।
- ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ଇଣ୍ଡୋର ହଲ, କେନ୍ଦ୍ରପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସ୍ଥାନ: ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଶ୍ରୀ ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଷ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବରୀ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ : ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଧର୍ମଶାଳା ବ୍ଲକ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ପରିଷଦ ସୃଜନ ସମ୍ମିଳନୀ କକ୍ଷ, ସମୟ:ସକାଳ ୮ଟା।
- ଶିକ୍ଷାନବିସର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ ମ୍ୟାଚର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ ଗୋଡିବଣିଆ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା।
- ଚନ୍ଦନ ଯାତ୍ରାର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ପଞ୍ଚମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ପଞ୍ଚମ ଦିବସ, ସ୍ଥାନ: ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ପଞ୍ଚମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ଚନ୍ଦନ ଯାତ୍ରା ପଞ୍ଚମ ଦିବସ, ସ୍ଥାନ: ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଗଣିଆ, ସମୟ:ଅପରାହ୍ନ ୫ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ:ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ସିପିଆଇ (ଏମ୍‌ଏଲ୍) ଲିବରେସନ ତରଫରୁ ପାଣି ଡଙ୍ଗର ଜଳ ପ୍ରକଳ୍ପ ଦାବିରେ ଶୋଭାଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ଛକ, ଗୁଣପୁର, ସମୟ: ସକାଳ ୯ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କଲୋନୀ, ଚନ୍ଦ୍ରପୁର, ସମୟ: ସକାଳ ୯ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ନୂତନ ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଗୁଡାରି ନୂତନ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା। ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଗୁଣପୁର ବ୍ଲକ କାର୍ଯ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ବୋରିପଦର ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ : ଡାବୁଗାଁସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୫ଟା ୩୦।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ସିଦ୍ଧାର୍ଥ ଇଂଲିଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ସିଧାପ୍ରସାରଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତିରାଜ ଦିବସ, ସ୍ଥାନ: କୋଟପାଡ଼ ବ୍ଲକ୍ ପରିସର, ସମୟ: ଅପରାହ୍ନ ୫ଟା।
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ସଦ୍‌ଭାବନା ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ସକାଳ ୬ଟା।
- ଜେଏସ୍‌ଡବ୍ଲୁ ଷ୍ଟିଲରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ଠେଲକୋଲୋଇସ୍ଥିତ କମ୍ପାନୀ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଜାତୀୟ ପଞ୍ଚାୟତି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା। ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ଅପରାହ୍ନ ୬ଟା।

## ରାଉରକେଲା

- ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୬ଟା ୩୦।
- ଗୃହ ପ୍ରକଳ୍ପ ଅନିୟମିତତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ରେଳବାଇ ଷ୍ଟେଶନ ନିକଟ ହୋଟେଲ ଶୁଭମ୍, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରାର ୫ମ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଅଖଣ୍ଡ ପାଠ, ସ୍ଥାନ: ଗୁରୁ ସିଂହ ସଭା ଗୁରୁଦ୍ୱାରା, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକର ୫ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ପରିସର,
- ସମୟ:ଅପରାହ୍ନ ୫ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଜାମୁଟପାଲି, ଗାଇସିଲେଟ, ସମୟ:ସକାଳ ୭ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ,ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଗାଇସିଲେଟ, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜିଲା ଧାନ କ୍ରୟ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦।
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦।
- ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ ପାଳନ, ସ୍ଥାନ: କେସିଙ୍ଗାସ୍ଥିତ ପିଏମ୍‌ଶ୍ରୀ ବିଦ୍ୟାପୀଠ,
- ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦେବଗଡ଼ କଚେରି ସାହି, ସମୟ: ସକାଳ ୮ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଦେବଗଡ଼ ବଡ଼ବଗିଚା, ସମୟ: ଅପରାହ୍ନ ୪ଟା ୩୦।
- ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକ ସିଲାଟିମୁଣ୍ଡାରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ନାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ, ସମୟ: ଅପରାହ୍ନ ୫ ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ଜନ ସଂଗୋଷ୍ଠୀ, ସ୍ଥାନ: ଜିଲା ସାଧନ କେନ୍ଦ୍ର ନୂଆପଡା, ସମୟ: ସନ୍ଧ୍ୟା ୬ଟା ୩୦ ।
- ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ଅପରାହ୍ନ ୫ଟା ।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ପଞ୍ଚମ ଦିବସ, ସ୍ଥାନ: ନୂଆପଡ଼ା ଏନ୍‌ଏସି ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଲଟକନପଡା ଗାଁ, ସମୟ: ସକାଳ ୭ଟା ୩୦ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ସିନାପାଲି ବ୍ଲକ ବୈଗାପଡା, ସମୟ: ସକାଳ ୭ଟା ୪୫ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ଅପରାହ୍ନ ୫ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ଆଗ୍ରେନ ଗାଁ, ସମୟ: ସକାଳ ୮ଟା ।

## ଝାରସୁଗୁଡ଼ା

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କନକତୋରା ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଝାରସୁଗୁଡ଼ା ଦ୍ୱିତୀୟ ଓଏସ୍‌ଏପି ପଡ଼ିଆ, ସମୟ: ସକାଳ ୮ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ ତିରୀ**
**ଅଣ୍ଟାରୁ ଝଡ଼ୁଛି ସିଖା ବିରି ।**

ଢମ ଗପୁଥିବା ବା ବଡ଼େଇ କରି କହୁଥିବା ସ୍ତ୍ରୀଲୋକର ପ୍ରକୃତ ଧନ ଦରବର ଚିତ୍ର । ନିଜେ ଯେତେ ନୁହେଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ଗପିବା ଦ୍ୱାରା ନିଜର ଗୁମର ପଦାରେ ପଡ଼ିଯାଇଥାଏ । ଫଳରେ ଲୋକହସା ହେବାହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ତାଟିଆରେ ଦେଲି ଦହି,**
**ନିତି ପ୍ରତି ବାସି ପିନ୍ଧିବା ପାଇଁ**
**ଧୋବଣୀ ସାଙ୍ଗରେ ସହି ।**

ଯା'ଠାରୁ ଯାହାର କିଛି ଫାଇଦା ପାଇବାର ଆଶା ଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ । ଏପରିକି ତା'ର ମନ ଜାଣି କିଛି କିଛି ଉପହାର ଦେଇ ତା'ସହ ସମ୍ପର୍କ ବଢ଼ାଇଥାଏ । ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଭଳି ଧୋବଣୀ ପାଖରୁ ଧୁଆ ଲୁଗା ପାଇବା ଆଶାରେ ତାକୁ ମନେଇ ହାତେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ

## ପଶ୍ଚିମବଙ୍ଗରେ...

ଲାଠିଚାଳନା କରିବାକୁ ପଡ଼ିଥିଲା। ପଶ୍ଚିମବଙ୍ଗର କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଥିଲା।

ତାମିଲନାଡୁରେ ୪,୦୨୩ ପ୍ରାର୍ଥୀଙ୍କ ପାଇଁ ୫.୭୩ କୋଟିରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଠାରେ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ, ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଅଭିନେତା ବିଜୟଙ୍କ ଟିଭିକେ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କ୍ଷମତା ବଜାୟ ରଖିବା ପାଇଁ ଆଶାବାଦୀ ରହିଥିବାବେଳେ ଏଆଇଏଡିଏମ୍‌କେ ନେତା ଏଡାପାଡି କେ. ପାଲାନିସ୍ୱାମୀ ୫ ବର୍ଷ ପରେ ପୁଣିଥରେ କ୍ଷମତାକୁ ଫେରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ନେତାମାନଙ୍କ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିବାବେଳେ ପ୍ରଥମ ଥର ପାଇଁ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଥିବା ଟିଭିକେ ପ୍ରତିଦ୍ୱନ୍ଦ୍ୱିତାକୁ ନୂଆ ମୋଡ଼ ଦେଇଛି।

ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ଭୋଟ ହୋଇଥିବାବେଳେ ୩.୬୦ କୋଟିରୁ ଊର୍ଦ୍ଧ୍ୱ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଠାରେ ୩ ଥରର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି ଏବଂ ଭାଜପା ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଭାଜପା ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଢ଼ିବାକୁ ଉଦ୍ୟମ ଚଳାଇଛି। ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ ଆସନ ଲାଗି ମତଦାନ ହେବାକୁ ଥିବାବେଳେ ମେ' ୪ରେ ତାମିଲନାଡୁ, କେରଳ, ଆସାମ ଓ ପଣ୍ଡିଚେରୀ ସମେତ ପଶ୍ଚିମବଙ୍ଗ ଭୋଟ ଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ।

## ଝାରସୁଗୁଡ଼ା,...

୪୦.୬ ଡିଗ୍ରୀ ଛୁଇଁଥିଲା। ଶୁକ୍ରବାର ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଅନୁଗୋଳ ଏବଂ ଖୋର୍ଦ୍ଧା ଜିଲାକୁ ହିଟ୍ ୱେଭ୍ ୱାର୍ନିଂ ଜାରି କରାଯାଇଛି। ଏଥିସହ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ଗରମ ଓ ଗୁଳୁଗୁଳି ପାଇଁ ୱାର୍ନିଂ ଦିଆଯାଇଛି।

ଅପରପକ୍ଷେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ୨୬ ତାରିଖରୁ ରାଜ୍ୟରେ ପାଗ ବଦଳିବା ନେଇ ମଧ୍ୟ ସମ୍ଭାବନା ରହିଛି। ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହିତ ବର୍ଷା ପବନ ହେବା ନେଇ ଆକଳନ କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୬ ଓ ୨୭ ତାରିଖରେ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନ ଯିବାକୁ ବାରଣ କରାଯାଇଛି।

## ଖୋର୍ଦ୍ଧା ଜିଲାରେ...

ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ ଆଗୁଆ ଖରାଛୁଟି ହେଲେ ମଧ୍ୟ ଅଙ୍ଗନୱାଡ଼ି ପିଲାଙ୍କୁ ପୋଷଣ ପ୍ରଦାନ କରାଯିବ। ପିଲାଙ୍କ ଖାଦ୍ୟ ସାମଗ୍ରୀ ସେମାନଙ୍କ ଘରେ ପହଞ୍ଚିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପ୍ରାୟ ୧୮ଟି ଜିଲାରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି। ଖୋର୍ଦ୍ଧା ସମେତ ଆଉ କିଛି ଜିଲାରେ ସକାଳ ସାଢ଼େ ୬ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ଜିଲାପାଳମାନେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
EMAIL–PKMAHAPATRO@GMAIL.COM

**ମେଷ** ଅଶ୍ୱିନୀ ନକ୍ଷତ୍ରସ୍ଥ ରବି ଆପଣଙ୍କ ସୁସ୍ଥ ଚିନ୍ତାଧାରା ଓ କାର୍ଯ୍ୟକଳାପକୁ ପ୍ରଭାବିତ କରି ବ୍ୟଥିତ କରାଇପାରନ୍ତି। ଆକସ୍ମିକ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସଂସ୍କୃତି , ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରରେ ନିଜ ଲୋକଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବାର ସୂଚନା ରହିଛି।

**ବୃଷ** ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ କରାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଉତ୍ସାହ ଓ ପ୍ରେରଣା ପାଇ ଦୁସାଧ୍ୟ ସାଧନ କରିବେ। ସହକର୍ମୀଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ଆଇନ, ଅଦାଲତ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧନ ହୋଇପାରିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ସକାଶେ ଆଜି ନିଜ ଲୋକମାନଙ୍କ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣା ଓ ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମାଙ୍ଗଳିକ କାମରେ ଯୋଗ ଦେବାକୁ ପରିଜନଙ୍କ ସହିତ ଯାତ୍ରା କରିପାରନ୍ତି।

**କର୍କଟ** ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ଅସ୍ଥିରତାଜନିତ ମନ ଅଶାନ୍ତ ରହିପାରେ। ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ୍ୟ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ସକାଶେ ପାରିବାରିକ ଆବଶ୍ୟକତାକୁ ନେଇ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବେ।

**ସିଂହ** ବୃହସ୍ପତି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବାରେ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଧିକାଂଶ ସମୟ ବିତିପାରେ।

**କନ୍ୟା** ପାପଗ୍ରହ ପ୍ରଭାବରୁ ପାରିବାରିକ ଓ କର୍ମକ୍ଷେତ୍ରରେ ନକାରାତ୍ମକ ମାନସିକ ଚିନ୍ତା ସୃଷ୍ଟି ଆଶଙ୍କା ରହିଛି। ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ସାମାଜିକ ସ୍ଥିତିକୁ ବିଶୃଙ୍ଖଳିତ କରିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପରିଚିତ ହିତୈଷୀଙ୍କ ସାହାଯ୍ୟରୁ ସଠିକ୍ ଦିଗ୍‌ଦର୍ଶନ ଲାଭକରି ଉପକୃତ ହେବେ।

**ତୁଳା** ସ୍ୱାତୀ ନକ୍ଷତ୍ରର ଧନହାନି ସାଙ୍ଗକୁ ବନ୍ଧୁଙ୍କ ସହ ତିକ୍ତଆଲୋଚନା ମାନସିକ ଅଶାନ୍ତିର କାରଣ ହେବ। ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ପରିସ୍ଥିତିବଶତଃ ବନ୍ଧୁ ଗହଣରେ ଅଥବା କର୍ମକ୍ଷେତ୍ରରେ ଅପ୍ରିୟ ସତ କଥା କହି ବିରୋଧୀ ହେବେ। ରପ୍ତାନି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ବନ୍ଧୁ ଗହଣରେ କଥାବାର୍ତ୍ତା ଓ ବ୍ୟବହାରକୁ ନେଇ ବିତର୍କ ସୃଷ୍ଟି ଆଶଙ୍କା ଉପୁଜିପାରେ। ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି ଓ ଉନ୍ନତ ଚିନ୍ତା ଯୋଗୁ ଅନୁରାଧା ନକ୍ଷତ୍ର ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ସମସ୍ୟା ଅଶାନ୍ତିର କାରଣ ହେବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା, କଳା ତଥା ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ପରିସରରେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମକର** ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ ତଥା ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରିପାରନ୍ତି। ମାଲି ମକଦ୍ଦମା କିମ୍ବା ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି। ଧନିଷ୍ଠା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ଅନ୍ୟମାନଙ୍କର ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ଶତଭିଷା ନକ୍ଷତ୍ର ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କେତେକ ବ୍ୟକ୍ତିଗତ ପରାମର୍ଶ ଲାଭ କରିବାର ସୁଯୋଗ ପାଇପାରିବେ।

**ମୀନ** ରେବତୀ ନକ୍ଷତ୍ର ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମକୁ ବିନା ଟେନ୍‌ସନରେ ସମ୍ପନ୍ନ କରିବେ। ସଭାସମିତି, ଆଲୋଚନା, ଲେଖାପଢ଼ା, ସମ୍ପର୍କ ସ୍ଥାପନ ତଥା ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ୍ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ଏପ୍ରିଲ୍ ୨୪ ତାରିଖ, ମାନବ ଏକତା ଦିବସ, ସତ୍ୟସାଇ ବାବାଙ୍କ ତିରୋଧାନ ଦିବସ, ବୈଶାଖ ଶୁକ୍ଳପକ୍ଷର ନୀଳାଦ୍ରି ମହୋଦୟାଷ୍ଟମୀ ଶୁକ୍ରବାର, ନୀଳାଦ୍ରି ସତ୍‌ସଙ୍ଗର ପ୍ରତିଷ୍ଠା ଉତ୍ସବ, ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଦେବତା ଗଠନ ଓ ପ୍ରତିଷ୍ଠା, ନବବଧୂ ଯାତ୍ରା ଏବଂ ହଳପ୍ରବାହ, ବୀଜବପନ ପାଇଁ ଶୁଭଦିନ। ସକାଳ ଘ.୦୫।୨୬ ଗତେ ଘ.୦୬।୧୬ ମଧ୍ୟେ, ୦୭।୦୭ ଗତେ ଘ.୦୮।୩୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୦ ଗତେ ଘ.୧୧।୪୪ ମଧ୍ୟେ ରାହୁକାଳ।

# ପଞ୍ଚାୟତିରାଜ ଭିତ୍ତିଭୂମିରୁ ଅନ୍ତ୍ୟୋଦୟ


ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶା ସରକାର

ଇଂରେଜମାନଙ୍କ ବିରୋଧରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ପଛରେ ଆମ ନେତୃମଣ୍ଡଳୀର ସ୍ୱପ୍ନ ଥିଲା, ଆମ ଦେଶର ଶାସନ ଆମେ କରିବା ଏବଂ ଗଣତନ୍ତ୍ର ବ୍ୟବସ୍ଥା ସ୍ଥାପନ କରିବା। ଗଣତନ୍ତ୍ର ଶାସନ ଆସିଲେ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର କଥା ଶୁଣିବାକୁ ଅଗ୍ରାଧିକାର ଦିଆଯିବ। ସ୍ୱାଧୀନ ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା ସହ ଜଡ଼ିତ ହୋଇ ଆରମ୍ଭ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା। ସମ୍ବିଧାନର ୭୩ତମ ସଂଶୋଧନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା, ଯାହା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ଗଣତନ୍ତ୍ର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା।

ରାଜ୍ୟରେ ୨୦୨୪ ମସିହାରେ ଲୋକଙ୍କ ସରକାର ଗଠନ ହେଲାପରେ ବିକାଶ ମଡେଲ ୬ଟି ନୀତି ଉପରେ ଆଧାରିତ ହେଲା। ସେଗୁଡ଼ିକ ହେଲା ଲୋକ ପ୍ରଥମେ ଆଧାରିତ ବିକାଶ, ଗ୍ରାମ ସଶକ୍ତୀକରଣ, ଅନ୍ତର୍ଭୁକ୍ତି ଅଭିବୃଦ୍ଧି, ପ୍ରଯୁକ୍ତି ବିଦ୍ୟାର ଉନ୍ନତି, ସାଂସ୍କୃତିକ ଅସ୍ମିତା ଏବଂ ଦାୟିତ୍ୱପୂର୍ଣ୍ଣ ଶାସନ। ଏହାକୁ ପାଥେୟକରି ପଞ୍ଚାୟତିରାଜ ବିଭାଗ ଆଗକୁ ବଢ଼ିଚାଲିଛି। ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ। ଭିତ୍ତିଭୂମିର ବିକାଶ, ମୌଳିକ ସେବା ଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, କର୍ମ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ଆମ ଲକ୍ଷ୍ୟ। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ଓ କ୍ରିୟାଶୀଳ କରିବା ପଥରେ ଆମେ ଅଗ୍ରସର। ସହରୀକରଣର ଆଁ ଭିତରେ ଗାଁଗୁଡ଼ିକୁ ହଜିଯିବାକୁ ଦିଆଯିବନାହିଁ। ଏହା କେବଳ ଆମ ପ୍ରଚେଷ୍ଟା ନୁହେଁ, ଏହା ଆମ ପ୍ରତିବଦ୍ଧତା।

ଗ୍ରାମାଞ୍ଚଳ ଅଧିବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଘର, ରାସ୍ତା ଓ ପାନୀୟଜଳ ଯୋଗାଇଦେବା ପଞ୍ଚାୟତିରାଜ ବିଭାଗର ପ୍ରମୁଖ କାର୍ଯ୍ୟ। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯାଉଥିଲା, ତେବେ ଅନେକ ସ୍ଥଳରେ ସରକାରୀ ଦିଶାନିର୍ଦ୍ଦେଶର ପ୍ରତିବନ୍ଧକକୁ ଅତିକ୍ରମ କରି ଗରିବ, ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଘରଟିଏ ଦେବା ସମ୍ଭବ ହୋଇପାରୁ ନ ଥିଲା। ଏଭଳି କ୍ଷେତ୍ରରେ ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିବାକୁ ବାଧ୍ୟ ହେଉଥିଲେ। ଏହି ସମସ୍ୟାକୁ ଅନୁଭବ କରି ଆମ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ। ଏହି ଯୋଜନା ମାଧ୍ୟମରେ ଦଳିତ, ନିଷ୍ପେଷିତ, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀ ପରିତ୍ୟକ୍ତା, ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ଓ ସମାଜର ଅବହେଳିତ ବର୍ଗକୁ ବାସଗୃହ ଯୋଗାଇ ଦିଆଯାଇପାରୁଛି। ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି।

ରାଜ୍ୟରେ ଅନୁନ୍ନତ ଜିଲା ଓ ପଛୁଆ ଅଞ୍ଚଳରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଭାଇଭଉଣୀମାନଙ୍କ ସାମଗ୍ରିକ ବିକାଶ ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ(PM JANMAN) ଯୋଜନା ମାଧ୍ୟମରେ ଜନଜାତି ଗୋଷ୍ଠୀଗୁଡ଼ିକର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ସବୁକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାର ପ୍ରୟାସ ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ବର୍ଗର ୪୨୦୦୦ରୁ ଅଧିକ ଅନୁନ୍ନତ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି। କେବଳ ଭିତ୍ତିଭୂମିର ବିକାଶ ନୁହେଁ, ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ସଶକ୍ତୀକରଣ, ଗ୍ରାମସଭା ସଶକ୍ତୀକରଣ ଓ ପାରମ୍ପରିକ ଶାସନ ପ୍ରଣାଳୀ ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଆମ ରାଜ୍ୟରେ ୧୪ଟି ଆଦିବାସୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସାମାଜିକ ସମରସତ୍ତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ।

ବହୁଦିନ ବ୍ୟବଧାନରେ ଗାଁକୁ ଫେରୁଥିବା ଜଣେ ବ୍ୟକ୍ତି ତାଙ୍କ ଗାଁକୁ ଲମ୍ବିଥିବା ସୁନ୍ଦର ସଡ଼କକୁ ଦେଖି ବହୁତ ଖୁସିହେଲେ। ତେବେ ଗାଁରେ ପହଞ୍ଚିସାରିଲା ପରେ ଦୀର୍ଘଶ୍ୱାସଟିଏ ମାରି କହିଲେ, ସଡ଼କ ତମେ ଏବେ ଆମ ଗାଁକୁ ଆସିଲ ଯେତେବେଳେ ଆମ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ସହରକୁ ଚାଲିଗଲେଣି। ଏହାର ଅର୍ଥ କେବଳ ସଡ଼କ, ପୋଲ, କୋଠାବାଡ଼ି ଭଳି ଭୌତିକ ବିକାଶ ହେଲେ ଲୋକେ ଗାଁରେ ରହିବେ ନାହିଁ କିମ୍ବା ପଳାୟନ ବନ୍ଦ କରାଯାଇପାରିବ ନାହିଁ। ସେଥିପାଇଁ ଆବଶ୍ୟକ ଗାଁର ସର୍ବାଙ୍ଗୀନ ବିକାଶ। ଏଥିପାଇଁ ଆମ ସରକାରଙ୍କ ନିଜସ୍ୱ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ସଡ଼କ, ସେତୁ ସହିତ ଗ୍ରାମବାସୀଙ୍କ ଆବଶ୍ୟକ ମୁତାବକ କଲ୍ୟାଣମଣ୍ଡପ, କମ୍ୟୁନିଟି ସେଣ୍ଟର, ପାଠାଗାର, ଡ୍ରେନ୍, ପୋଖରୀ, ଗାଧୁଆତୁଠ, ପୋଷାକ ପରିବର୍ତ୍ତନ ଗୃହ, ବଜାର, ହାଟ, ଜଳ ଅମଳ ପ୍ରକଳ୍ପ, କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଭାଗବତ ଟୁଙ୍ଗି ନିର୍ମାଣ ଏବଂ ଅନ୍ୟାନ୍ୟ ଅଭିନବ ପ୍ରକଳ୍ପ ନିର୍ମାଣ କରାଯାଇପାରିବ। ୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ, ଏହାକୁ ଆଖିଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରଶୀଳ କରିବାର ଏକ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁକିଛି କିଣି ଖାଇବାକୁ ଯଦି ବୁଝାଏ ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ। ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଏବଂ ଆତ୍ମନିର୍ଭର ଜୀବନ ଜିଇବାର ସ୍ୱାଧୀନତା। ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି।

ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ପଳାୟନ ରୋକିବା। ଗ୍ରାମାଞ୍ଚଳରେ ନିଶ୍ଚିତ କର୍ମ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରିବର୍ତ୍ତେ ଅନ୍ୟ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଭିବି ଜୀ ରାମ ଜୀ ଆରମ୍ଭ ହୋଇଛି। ଏହି ଯୋଜନାରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତିକୁ ୧୨୫ଦିନକୁ ବୃଦ୍ଧି କରାଯାଇଛି ଏବଂ ଦିନକୁ ଦିନ ଆମ କୃଷି କ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ଅନୁଭବ କରି ଚାଷ ଦୁଇ ମାସ ଅର୍ଥାତ୍ ୬୦ଦିନକୁ ଏଥିରୁ ବାଦ୍ ଦିଆଯାଇଛି, ଫଳରେ କୃଷକ ଭାଇମାନେ ନିଜ ଚାଷ କାମ ସମ୍ପୂର୍ଣ୍ଣ କରି ବଳକା ସମୟରେ ୧୨୫ ଦିନର ନିଶ୍ଚିତ କର୍ମ ନିଯୁକ୍ତି ସୁଯୋଗ ପାଇପାରିବେ। ବିଶେଷ କ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରି ଏହାକୁ ବୃଦ୍ଧି ମଧ୍ୟ କରିପାରିବେ। କେବଳ ଭିବି ଜୀ ରାମ ଜୀ ନୁହେଁ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଅଧିବାସୀଙ୍କୁ ଯୋଗ୍ୟ କରିବାକୁ ଆମ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଓ ସଚିବସ୍ତରୀୟ ଟାସ୍କଫୋର୍ସ ଗଠନ କରି ଯୋଜନା ପ୍ରସ୍ତୁତ କରାଯାଉଛି।

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ମାଧ୍ୟମରେ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ନୂତନ ଯୁଗର ଦକ୍ଷତା ତାଲିମ ମାଧ୍ୟମରେ ଶ୍ରମ ବଜାର ଆବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ନେତୃତ୍ୱାଧୀନ ପଦ୍ଧତି ମାଧ୍ୟମରେ ଗ୍ରାମାଞ୍ଚଳର ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଉତ୍ପାଦକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା କ୍ଷେତ୍ରରେ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରିଆସୁଛି। ଏହି ସବୁ ଯୋଜନା ଓ କାର୍ଯ୍ୟକ୍ରମ ଦାଦନ ସମସ୍ୟା ଓ ପଳାୟନ ରୋକିବାରେ ସହାୟକ ହେବ।

ବିକଶିତ ଓଡ଼ିଶା ଗଠନର ଦୀର୍ଘମିଆଦୀ ଖସଡ଼ା ସାମାନ୍ୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ। ଏହି ରୂପାନ୍ତରଣ ପ୍ରକ୍ରିୟାର ଅନେକ ଗୌରବମୟ ଉଦାହରଣ ସବୁ ଉପଲବ୍ଧ ହେଲାଣି। ଆମେ କିଛି ବାଟ ଅତିକ୍ରମ କରିସାରିଲୁଣି ଏବଂ ଆମ ଚାରିପାଖରେ ଅପାର ସମ୍ଭାବନା ଭରିରହିଛି। ସମାଜର ଅନ୍ତିମ ସୋପାନରେ ଥିବା ଲୋକଟିକୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗଦର୍ଶନ କରିଚାଲିଛି।

## ସଶକ୍ତ ପଞ୍ଚାୟତ, ସାମଗ୍ରିକ ବିକାଶ

ପ୍ରତିବର୍ଷ ଏପ୍ରିଲ ୨୪ରେ ପାଳନ ହୋଇଆସୁଛି ଜାତୀୟ ପଞ୍ଚାୟତିରାଜ ଦିବସ। ୧୯୯୩ ମସିହାର ୭୩ତମ ସମ୍ବିଧାନ ସଂଶୋଧନ ଆଇନରୁ ଜାତୀୟ ପଞ୍ଚାୟତିରାଜ ଦିବସର ମୂଳଦୁଆ ପଡ଼ିଥିଲା। ଏହି ଆଇନ ସାରା ଭାରତରେ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ସାମ୍ବିଧାନିକ ମାନ୍ୟତା ଏବଂ ଆଇନଗତ ସ୍ୱୀକୃତି ଦେଇଥିଲା। ୨୦୧୦ରୁ ପାଳନ ହୋଇଆସୁଥିବା ଏହି ଦିବସ ଅବସରରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ପୁରସ୍କାର ବଣ୍ଟନ ଏବଂ ଗ୍ରାମସଭା ଆୟୋଜନ କରାଯାଏ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସଶକ୍ତ ପଞ୍ଚାୟତ, ସାମଗ୍ରିକ ବିକାଶ', ଯାହା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଇ-ଗ୍ରାମ ସ୍ୱରାଜ ଭଳି ଉପକରଣ ବ୍ୟବହାର କରି ଏହି ଦିବସ ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଡିଜିଟାଲ ଶାସନ ଉପରେ ଗୁରୁତ୍ୱାରୋପ କରୁଛି।

## ଜାତୀୟ ପଞ୍ଚାୟତିରାଜ ଦିବସ ସମ୍ପର୍କରେ...

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

- ଭାଜପାର ଦୋମୁହାଁ ନୀତି: ବିଜେଡି
- ଅସ୍ମିତାକୁ ଅସମ୍ମାନ କରୁଛି ଭାଜପା: କଂଗ୍ରେସ
- ପଞ୍ଚାୟତର ସୁଦୃଢ଼ୀକରଣ ଏକମାତ୍ର ଲକ୍ଷ୍ୟ: ଭାଜପା

ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେବ। ଓଡ଼ିଶାରେ ଦୀର୍ଘବର୍ଷ ଧରି ପଞ୍ଚାୟତିରାଜ ଦିବସ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ପାଳନ କରାଯାଉଥିଲା। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରେ ୨୦୨୫ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସରେ ରାଜ୍ୟ ସରକାର ଏହି ଦିବସ ପାଳନ କରିଥିଲେ। ଏହାକୁ ନେଇ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଚଳିତ ବର୍ଷ ଉକ୍ତ ଦିବସ ପାଳନକୁ ନେଇ ୩ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।


ପ୍ରତାପ ଜେନା

ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ତଥା ବିଜେଡି ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନା କହିଛନ୍ତି, ରାଜ୍ୟ ସରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁବାବୁଙ୍କୁ ଅସମ୍ମାନ କରୁଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ମହିଳା ସଶକ୍ତୀକରଣରେ ତାଙ୍କର ଭୂମିକା ଅତୁଳନୀୟ। ହେଲେ ୨୦୧୦ରୁ ତାଙ୍କ ଜୟନ୍ତୀରେ ପୂର୍ବ ସରକାର ପଞ୍ଚାୟତିରାଜ ଦିବସ ପାଳନ କରୁଥିବାବେଳେ ତାକୁ ଭାଜପା ସରକାର ପରିବର୍ତ୍ତନ କରିଛନ୍ତି। ଗୋଟିଏ ପଟେ ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କଥା ରାଜ୍ୟ ସରକାର କହୁଛନ୍ତି। ଅନ୍ୟପଟେ ତାଙ୍କ ନାମରେ ଥିବା ଯୋଜନାକୁ ଭାଙ୍ଗୁଛନ୍ତି। ଡବଲ ଇଞ୍ଜିନ ସରକାର ଦୋ ମୁହାଁ ନୀତି ଆପଣାଇଛନ୍ତି ବୋଲି ପ୍ରତାପ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଭାଜପା ସରକାର ଓଡ଼ିଆ ଅସ୍ମିତାର ଦୁହାଇ ଦେଇ କ୍ଷମତାସୀନ ହେଲେ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଅସ୍ମିତାକୁ ଅସମ୍ମାନ କରୁଛନ୍ତି। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନାମରେ ଦୀର୍ଘବର୍ଷ ଧରି ପଞ୍ଚାୟତିରାଜ ଦିବସ ପାଳନ ହେଉଥିଲା। ହେଲେ ତାହାକୁ ପରିବର୍ତ୍ତନ କରି ପରମ୍ପରାକୁ ଧୂଳିସାତ୍ କରାଯାଇଛି ବୋଲି କାଡ଼ାମ କହିଛନ୍ତି।


ରାମଚନ୍ଦ୍ର କାଡ଼ାମ

ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନରେ ରାଜ୍ୟକୁ ଅଧିକ ୧୦ପ୍ରତିଶତ ଅର୍ଥ ଯୋଗାଇଥିଲେ। ଏହାକୁ ନେଇ ୫ହଜାର ଏବଂ ୧୦ହଜାର ଜନସଂଖ୍ୟାବିଶିଷ୍ଟ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ମିଳୁଛି। ଉକ୍ତ ଅର୍ଥରେ ପଞ୍ଚାୟତର ଭିତ୍ତିଭୂମି ସୁଦୃଢ଼ୀକରଣ କରିବା ସହିତ ଆଲୋକୀକରଣ, ଶୌଚାଳୟ ଓ ପରିମଳ ବ୍ୟବସ୍ଥା ଭଳି ବିଭିନ୍ନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ଏହାଦ୍ୱାରା ସମ୍ମିଳିତ ଭାବେ ପଞ୍ଚାୟତର ଉନ୍ନତୀକରଣ କରାଯିବାକୁ ଡବଲ ଇଞ୍ଜିନ ସରକାର ଚିନ୍ତା କରୁଛନ୍ତି। ଏଥିରେ ଅସୁବିଧା ରହିଲା କେଉଁଠି, ଏହାକୁ ନେଇ ରାଜନୀତି କରିବା ଆଦୌ ସମୀଚୀନ ନୁହେଁ ବୋଲି ସମୀର କହିଛନ୍ତି।


ସମୀର ମହାନ୍ତି

# ଅପରାଧ

## ପୁରୁଷବନ୍ଧୁଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିଲେ ଝିଆରୀ

**ଅପହୃତ ଜମି ବ୍ୟବସାୟୀଙ୍କ ମୃତଦେହ ମିଳିବା ଘଟଣା**

- ଗୁଣିଗାରେଡ଼ି, ସମ୍ପତ୍ତି ଲୋଭ ହତ୍ୟାର କାରଣ, ୯ ଗିରଫ

ବ୍ରହ୍ମପୁର,୨୩।୪(ସୁବାସ ଚନ୍ଦ୍ର ପାଢ଼ୀ)


ଖବରଦାତା ସମ୍ମିଳନୀରେ ଆଇଜି ନୀତିଶେଖର ସୂଚନା ଦେଉଛନ୍ତି।

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟ ନାରାୟଣପୁର ଗ୍ରାମର ଅପହୃତ ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ରଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଗୁଣିଗାରେଡି ଓ ସମ୍ପତ୍ତି ଲୋଭରୁ ସୁଧୀରଙ୍କୁ ଅପହରଣ କରି ୨ କୋଟି ଟଙ୍କା ମୁଣ୍ଡଜାମିନ ରଖିବା ପରେ ପିଟିପିଟି ହତ୍ୟା କରାଯାଇଛି। ପୁରୁଷବନ୍ଧୁଙ୍କ ସହ ମିଶି ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଏହି ଷଡ଼ଯନ୍ତ୍ର କରିଥିଲେ ବୋଲି ଗୁରୁବାର ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହିଘଟଣାରେ ମୋଟ ୯ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଆଇଜି କହିଛନ୍ତି।

ପୋଲିସ ପ୍ରଥମେ ସୁଧୀରଙ୍କ ଝିଆରୀ ନିବେଦିତାଙ୍କ ମୋବାଇଲ ଫୋନ୍‌କୁ ଆସୁଥିବା ଅନ୍ୟମାନଙ୍କ କଲ ଡିଟେଲ ଯାଞ୍ଚ କରି ସୁରାକ ପାଇଥିଲା। ପରେ ତାଙ୍କୁ ଜେରାବେଳେ ସେ ତାଙ୍କ ଦାଦା ସୁଧୀରଙ୍କୁ ଅପହରଣ ପାଇଁ ନିଜ ପୁରୁଷବନ୍ଧୁଙ୍କ ସହାୟତାରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ନିବେଦିତା ପାତ୍ର (୨୩), ତାଙ୍କ ଭାଇ ତୁଷାର କୁମାର ପାତ୍ର (୧୯), ନିବେଦିତାଙ୍କ ପୁରୁଷବନ୍ଧୁ ଗାଙ୍ଗପୁର ଥାନା କାଳିଆଗୁଡ଼ା ଅଞ୍ଚଳର କାଳୁ ଚରଣ ପ୍ରଧାନ(୨୮), ବୁଗୁଡ଼ା ଥାନା ଅନ୍ତର୍ଗତ ବି. ବ୍ରହ୍ମପୁରର ଆଶିଷ ମହାପାତ୍ର (୨୫), ବୁଗୁଡ଼ାର ନାରାୟଣ ପ୍ରଧାନ(୨୮), ହିଞ୍ଜିଳି ଥାନା ଅନ୍ତର୍ଗତ ସାମଲାଇ ନଗରର ଶୁଭମ୍ ନାୟକ(୨୦), ଶୁଭମ୍ ଗୌଡ଼(୨୦), ଆଳିପୁର ଗ୍ରାମର ଜିତୁନ ପଲେଇ (୩୩) ଓ ଉତ୍ତରପ୍ରଦେଶ ବାରାଣସୀର ସୂର୍ଯ୍ୟ ପ୍ରତାପ ସିଂ(୨୮)। ଅଭିଯୁକ୍ତମାନେ ବ୍ୟବହାର କରିଥିବା ୨ଟି କାର, ବନ୍ଧୁକ, ମାଗାଜିନ୍ ୨ଟି ଗୁଳି, ୧୫ଟି ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ନିବେଦିତାଙ୍କ ବାପା ମନୋଜ ପାତ୍ରଙ୍କ ୪୯ ବର୍ଷରେ ମୃତ୍ୟୁ ଘଟିଥିଲା। ବାପାଙ୍କୁ ଦାଦା ଗୁଣିକରି ମାରିଥିବା ନିବେଦିତାଙ୍କ ସନ୍ଦେହ ହୋଇଥିଲା। ସେହିପରି ଜମି ବ୍ୟବସାୟରେ ବାପାଙ୍କ ଅଂଶଧନ ରହିଥିବା ବେଳେ ପରିବାରକୁ ଦାଦା ଜମି ବିକ୍ରି ବାବଦ କୌଣସି ଟଙ୍କା ଦେଉ ନ ଥିଲେ। ନିବେଦିତା ତାଙ୍କ ମା' ଓ ଭାଇ ଗୋଷାଣିନୂଆଗାଁ ଥାନା ଅନ୍ଧପସରା ରୋଡସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଦାଦାଙ୍କଠାରୁ ହକ୍ ପାଇବା ପାଇଁ ନିବେଦିତା ତାଙ୍କ ପୁରୁଷବନ୍ଧୁଙ୍କ ସହାୟତା ନେଇଥିଲେ। ଦାଦାଙ୍କୁ ଅପହରଣ ପାଇଁ ସୁପାରି ଦିଆଯିବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ସୁଧୀରଙ୍କୁ ଅପହରଣ ପାଇଁ ଗତ ଡିସେମ୍ବର ମାସରୁ ଯୋଜନା କରାଯାଇଥିଲା। ନିବେଦିତା ପୁରୁଷବନ୍ଧୁ କାଳୁଙ୍କୁ ଦାଦା ସୁଧୀରଙ୍କ ଫଟୋ ଦେଇଥିଲେ। ପୂର୍ବରୁ ୨ ଥର ଅପହରଣ ଉଦ୍ୟମ ହୋଇଥିବା ବେଳେ ତାହା ବିଫଳ ହୋଇଥିଲା। ଗତ ୧୫ ତାରିଖ ଅପରାହ୍ନ ସାଢ଼େ ୪ଟାରେ ସୁଧୀର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ପ୍ରେମ ସଂସ୍ଥା ଛକ ନିକଟରେ ବନ୍ଧୁକ ଦେଖାଇ ତାଙ୍କୁ ଅପହରଣ କରି ନିଆଯାଇଥିଲା। ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଅପହରଣକାରୀମାନେ ୨ କୋଟି ଟଙ୍କା ଦାବି କରିଥିଲେ। ପରେ ସେମାନେ ଏକ ଭିଡିଓ ପଠାଇଥିଲେ, ଯେଉଁଥିରେ ସୁଧୀରଙ୍କ ମୁଣ୍ଡରେ ବନ୍ଧୁକ ଲଗାଯାଇଥିବା ବେଳେ ତାଙ୍କୁ କେତେଜଣ ପାଦରେ ଦଳୁଥିବା ଦେଖାଯାଇଥିଲା। ଏ ନେଇ ସୁଧୀରଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ସେହି ରାତିରେ ବୁଗୁଡ଼ା ନିକଟରେ ଥିବା ରାମପାଦ ମନ୍ଦିର ନିକଟରେ ଅଭିଯୁକ୍ତମାନେ ସୁଧୀରଙ୍କୁ ପିଟିପିଟି ହତ୍ୟା କରିଥିଲେ। ୧୬ ତାରିଖ ଭୋରରେ ସେମାନେ ମୃତଦେହକୁ କାର୍ ଡିକିରେ ନେଇ ସୋରଡା ଥାନା ଗାଜଲବାଡ଼ି ନିକଟ ରସିପଙ୍କାଳ କେନାଲ କଡ଼ରେ ଫିଙ୍ଗି କନ୍ଧମାଳ ଜିଲା ବାଲିଗୁଡା ଯାଇଥିଲେ। ସେଠାରେ କାର୍ ଖରାପ ହୋଇଯାଇଥିଲା। କାର୍ ମରାମତି କରି ସେମାନେ ସୁରଟ ଚାଲିଯାଇଥିଲେ। ଘଟଣାରେ ୨ଟି କାର ବ୍ୟବହାର ହୋଇଥିଲା। ସୁଧୀରଙ୍କୁ ଅପହରଣଠୁ ବୁଗୁଡ଼ା ନିଆଯିବା ପର୍ଯ୍ୟନ୍ତ ନିବେଦିତା ପୁରୁଷବନ୍ଧୁ କାଳୁଙ୍କ ସହ ଫୋନ୍‌ରେ ଯୋଗାଯୋଗରେ ଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ବ୍ରହ୍ମପୁର ଏଏସ୍‌ପି ଆଲୋକ ଜେନା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ଗୋପାଳପୁର ଥାନାଧିକାରୀ ସତ୍ୟରଞ୍ଜନ ଲେଙ୍କା ଉପସ୍ଥିତ ଥିଲେ।

## ୪ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡ

**ନାବାଳିକା ଗଣବଳାତ୍କାର ମାମଲା**

କେନ୍ଦୁଝର,୨୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ମୋନାଲିସା ମହାନ୍ତି ଗୁରୁବାର ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ଗଣବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଘଟଣାରେ ୪ ଅଭିଯୁକ୍ତ ଘଷିପୁରା ଥାନା ଅନ୍ତର୍ଗତ ଜଳନନ୍ଦା ଗ୍ରାମର ନେଦା ନାୟକ (୨୪), ଗେଲୁ ନାୟକ (୨୪), ସାଗର ନାୟକ (୨୪) ଓ ସୁଶାନ୍ତ ନାୟକ (୨୬)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଫାଇନ ଅନାଦାୟେ ଅତିରିକ୍ତ ୧ ବର୍ଷ କାରାଦଣ୍ଡାଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୯ ଡିସେମ୍ବର ୨୦୨୦ ସନ୍ଧ୍ୟାରେ ପୀଡ଼ିତା ପାଖ ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ତାଙ୍କର ଜଣେ ପୁରୁଷ ସାଙ୍ଗ ସହିତ ଦେଖାହୋଇଥିଲା। ସେମାନେ କଥାବାର୍ତ୍ତା ହେଉଥିବା ସମୟରେ ୪ ଯୁବକ ପହଞ୍ଚି ସେମାନଙ୍କୁ ମାରପିଟ କରିବା ସହ ପୀଡ଼ିତାଙ୍କୁ ଉଠାଇନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହାକୁ ନେଇ ପୀଡ଼ିତା ତଥା ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ପରେ ଜାନୁଆରୀ ୧ରେ ପୀଡ଼ିତା ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା(ନଂ.୧/୨୦୨୧) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ୨୯ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ଉପରୋକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଞ୍ଜୟ ପାଇକରାୟ ସୂଚନା ଦେଇଛନ୍ତି। ସେହିପରି କୋର୍ଟ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି।

## ପାରିବାରିକ ସଂଘର୍ଷ ଘଟଣା: ଗିରଫଦାରି ଭୟରେ ଅଭିଯୁକ୍ତ ଫେରାର

ହାଟଡିହୀ,୨୩।୪ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଜମ୍ବରା ଗ୍ରାମରେ ଚଳିତ ମାସ ୭ ତାରିଖ ମଙ୍ଗଳବାର ରାତିରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟଣାରେ ଗିରଫ ଭୟରେ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ବିନିତା ଲାକ୍ରା କହିଛନ୍ତି।

ସୂଚନାଯୋଗ୍ୟ, ଜମିବାଡ଼ି ବିବାଦକୁ ନେଇ ଅନିଲ ବାରିକ ଏବଂ ମାତାଜୀ ବାରିକଙ୍କ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ମାତାଜୀ ବାରିକଙ୍କ ପରିବାର ଲୋକେ ଏବଂ ଅନ୍ୟ ଜିଲାର ତାଙ୍କ ସମ୍ପର୍କୀୟମାନେ ଅନିଲଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅନିଲଙ୍କ ସହ ତାଙ୍କ ସ୍ତ୍ରୀ ରମାମଣି, ପୁଅ ସୁଧାଂଶୁ(୧୪) ଏବଂ ଝିଅ ଇପସାଲି (୧୭) ଆହତ ହୋଇଥିଲେ। ରମାମଣି ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଅନିଲଙ୍କ ଅଭିଯୋଗକ୍ରମେ ଭଦ୍ରକ ଜିଲା ବନ୍ତ ଥାନା କୁମ୍ଭକରାଳ ଗ୍ରାମର ବୃନ୍ଦାବନ ବେହେରା ଏବଂ ଜମ୍ବରାର ମାତାଜୀ ବାରିକ, କାଳନ୍ଦୀ ବାରିକ, ଦୋଳଗୋବିନ୍ଦ ବାରିକ, ରାମୁ ରଞ୍ଜନ ବାରିକ, ବିଶ୍ୱରଞ୍ଜନ ବାରିକ, ସ୍ମୃତିରଞ୍ଜନ ବାରିକ, ଚନ୍ଦ୍ରଶେଖର ବାରିକ, ଶୁକଦେବ ବାରିକ, ସୁନିତା ବାରିକ, ରମ୍ଭା ବାରିକଙ୍କ ନାମରେ ପୋଲିସ ମାମଲା(ନଂ. ୧୩୯/୨୦୨୬) ରୁଜୁ କରିଥିଲା। ଅନ୍ୟପକ୍ଷରୁ ମାତାଜୀ ବାରିକଙ୍କ ଅଭିଯୋଗ କ୍ରମେ ଏକ ପାଲଟା ମାମଲା (ନଂ. ୧୪୦/୨୦୨୬)ରୁଜୁ ହୋଇଛି। ଅପରପକ୍ଷେ ଗିରଫରୁ ବର୍ତ୍ତିବା ପାଇଁ ମାତାଜୀ ବାରିକଙ୍କ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ କରାଯାଇଛି।

## ଗୋଇଠା ମାରି ସ୍ତ୍ରୀଙ୍କୁ ହତ୍ୟା

ମୋରଡ଼ା,୨୩।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଯୌତୁକ ଦାବିରେ ସ୍ତ୍ରୀଙ୍କ ପେଟକୁ ଗୋଇଠା ମାରି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬୬/୨୬) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଜଗଦୀଶ ପାତ୍ରଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ମିତା ପାତ୍ର।

ମୋରଡ଼ା ଥାନା ବଗଲାଡିପା ଗ୍ରାମର ଗଣେଶ ପାତ୍ରଙ୍କ ପୁଅ ଜଗଦୀଶ ୭ ବର୍ଷ ତଳେ ବେତନଟୀ ଥାନା ଅଧୀନ ଆଗଡ଼ା ଗ୍ରାମର ମିତା ପାତ୍ରଙ୍କୁ ବିବାହ କରିଥିଲେ। ବାହାଘରର କିଛି ବର୍ଷ ପରେ ଅଧିକ ଯୌତୁକ ଦାବିକରି ମିତାଙ୍କୁ ସେ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ପୂର୍ବରୁ ୨ ପରିବାର ଭିତରେ ଆପୋସ ବୁଝାମଣା ହୋଇଥିଲେ ମଧ୍ୟ ଜଗଦୀଶ ମିତାଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ରାତିରେ ମିତାଙ୍କ ସହ ଜଗଦୀଶ ଝଗଡ଼ାକରି ମାରପିଟ କରିଥିଲେ ବୋଲି ମିତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ମିତାଙ୍କୁ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହତ୍ୟା ଅଭିଯୋଗକୁ ସ୍ୱାମୀ ଜଗଦୀଶ ଅସ୍ୱୀକାର କରିବା ସହ ପେଟ ଯନ୍ତ୍ରଣା ଯୋଗୁ ମିତାଙ୍କ ମୃତ୍ୟୁ ଘଟିଥିବା କହିଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ

**ପରକୀୟା ପ୍ରୀତି ସନ୍ଦେହ**

ଫୁଲବାଣୀ/ଖଜୁରିପଡ଼ା,୨୩।୪ (ରାକେଶ କୁମାର ରାଉତ/ ବିଦୂର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସୁଡ୍ରେଜୁ ଗାଁରେ ପରକୀୟା ପ୍ରୀତିକୁ ନେଇ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ମମତା ସାହୁ। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଆଲୋକ ସାହୁଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ଅନୁଯାୟୀ, ସୁଡ୍ରେଜୁ ଗାଁର ଆଲୋକ ପ୍ରାୟ ୧୧ ବର୍ଷ ପୂର୍ବେ ଦୂତିପଡ଼ାଗାଁର ମମତାଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଅଛି। ତେବେ ଗତ କିଛି ଦିନ ହେବ ଆଲୋକଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିବା ମମତା ସନ୍ଦେହ କରୁଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ବୁଧବାର ବିଳମ୍ବିତ ରାତିରେ ଆଲୋକ ମମତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘର ଭିତରେ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ। ପରେ ସେ ଫେରାର ହୋଇଯାଇଥିଲେ। ଖବରପାଇ ମମତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

**ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା**

**ଦେବଗଡ଼ (ଶଶାଙ୍କ ଶେଖର ଝାଙ୍କର):** ସ୍ଥାନୀୟ କଚେରୀସ୍ଥିତ ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ମନ୍ଦିର କମିଟି ପକ୍ଷରୁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ଶତାଧିକ ମହିଳା ଶୋଭାଯାତ୍ରାରେ ପ୍ରଧାନପାଟ ଜଳପ୍ରପାତରୁ କଳସରେ ଜଳ ସଂଗ୍ରହ କରି ଆଣିବା ପରେ ମନ୍ଦିରର ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏଥିସହ ପଞ୍ଚକର୍ମ, ହନୁମାନ ଚାଳିଶା ପାଠ ଓ ଅଧିବାସ ସମ୍ପନ୍ନ ହୋଇଥିଲା। ପୂଜକ ଓମ୍ ପ୍ରକାଶ ଦ୍ୱିବେଦୀ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ଦାୟିତ୍ୱ ଅଭୟ କୁମାର ନନ୍ଦ ଓ ତାଙ୍କ ପତ୍ନୀ ସ୍ମୃତିରେଖା ନନ୍ଦ ତୁଲାଇଥିଲେ।



# ବାଲିବନ୍ଧ କରି ଅଟକାଯାଇଛି ଭେଡେନ୍ ନଦୀର ଜଳପ୍ରବାହ

**ଝାରସୁଗୁଡ଼ା, ୨୩।୪ (ଆଶିଷ ରଞ୍ଜନ ଦାଶ)**



ଭେଡେନ୍ ନଦୀରେ ତିଆରି ହୋଇଥିବା ବାଲିବନ୍ଧ।

ହୀରାକୁଦ ନଦୀବନ୍ଧ ନିକଟସ୍ଥ ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ହିର୍ମାଠାରେ ଥିବା ଭେଡେନ୍ ନଦୀର ଜଳପ୍ରବାହକୁ ବାଲିବନ୍ଧ ଦ୍ୱାରା ଅଟକାଇ ଦିଆଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ହିର୍ମା ଓ ମଳଦା ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ସହିତ ପରିବେଶ ଅସନ୍ତୁଳନ ହେବା ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଭେଡେନ୍ ନଦୀରେ ହିର୍ମାଠାରୁ ମଳଦା ପର୍ଯ୍ୟନ୍ତ ବିରାଟ ବାଲିବନ୍ଧ ତିଆରି କରାଯାଇଛି। ଏଥିଯୋଗୁ ଜଳପ୍ରବାହରେ ବାଧା ସୃଷ୍ଟି ହେଉଛି। ନଦୀର ଉପରମୁଣ୍ଡରେ ଥିବା ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନଦୀର ସ୍ୱାଭାବିକ ଗତି ଅଟକିବା ଦ୍ୱାରା ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ବଂଶବୃଦ୍ଧିରେ ବାଧା ସୃଷ୍ଟି ହୋଇଛି। ଏହାଦ୍ୱାରା ଭେଡେନ୍ ନଦୀର ଜଳ ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରିପାରୁନାହିଁ। ଏନେଇ ହିର୍ମା, ମଳଦା ଅଞ୍ଚଳର କେତେଜଣ ଜନସାଧାରଣ କହିଛନ୍ତି, କେଉଁ ସଂସ୍ଥା କେଉଁ ଉଦ୍ଦେଶ୍ୟରେ ଏହି ପାଣିକୁ ରୋକିଛି, ତାହା ଜଣା ପଡୁନାହିଁ, କିନ୍ତୁ କିଛି କମ୍ପାନୀ ଏବଂ ଠିକା ସଂସ୍ଥା ନିଜର ସ୍ୱାର୍ଥ ସାଧନ ପାଇଁ ନଦୀ ପାଣିକୁ ରୋକିଥିବା ସନ୍ଦେହ କରାଯାଉଛି। ଏହି ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ, ଜଳସେଚନ ବିଭାଗ, ପରିବେଶ ମନ୍ତ୍ରଣାଳୟ ଏବଂ ଝାରସୁଗୁଡ଼ା ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ନଦୀର ପ୍ରାକୃତିକ ପ୍ରବାହ ବଜାୟ ରଖିବା ପାଇଁ ଗ୍ରାମସଭା ଓ ପଞ୍ଚାୟତ ସ୍ତରରେ ବିଧିବଦ୍ଧ ପ୍ରସ୍ତାବ ପାରିତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଝାରସୁଗୁଡା ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର କହିଛନ୍ତି, ଭେଡେନ୍ ନଦୀରେ ବାଲିବନ୍ଧ ନିର୍ମାଣ କରାଯିବା ଘଟଣା ସତ୍ୟ। ଏନେଇ ପ୍ରଶାସନ କୌଣସି ଅନୁମତି ମଧ୍ୟ ଦେଇନାହିଁ। ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ।

# ନବନିର୍ମିତ ମନ୍ଦିରକୁ ପ୍ରବେଶ କରିବେ ଜଗନ୍ନାଥ



**ଲଖନପୁର, ୨୩।୪ (ଗୌତମ ସାହୁ)**

**ଆଜିଠାରୁ ପ୍ରତିଷ୍ଠା ଉତ୍ସବ**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତ କନକତୋରା ଗ୍ରାମରେ ନବନିର୍ମିତ ବିଶାଳ ମନ୍ଦିର ପ୍ରଭୁ ଜଗନ୍ନାଥଙ୍କ ପ୍ରବେଶ ଅପେକ୍ଷାରେ ରହିଛି। ସୂଚନା ଅନୁଯାୟୀ, ଓଡ଼ିଶାର ପ୍ରବେଶ ପଥରେ ଅବସ୍ଥିତ କନକତୋରା ଗ୍ରାମର ସ୍ୱତନ୍ତ୍ର ପରିଚୟ ରହିଛି। ଗ୍ରାମର ପୁରୁଖା ବ୍ୟକ୍ତିଙ୍କ ତଥ୍ୟ ଅନୁଯାୟୀ, ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ୧୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ। ଯେହେତୁ ଗ୍ରାମଟି ସୀମାନ୍ତରେ ରହିଛି ଗ୍ରାମବାସୀ ଓଡ଼ିଆ, ଛତିଶଗଡ଼ି ଭାଷାରେ କଥାବାର୍ତ୍ତା ହେଉଥିବାବେଳେ ୧୨ ମାସରେ ୧୩ପର୍ବ ପାଳନ କରିଥାନ୍ତି। ଗ୍ରାମ ମଝିରେ ଏକ ମାଟିଘରେ ଜଗନ୍ନାଥ ଦୀର୍ଘବର୍ଷ ଅବସ୍ଥାନ କରିବା ପରେ ଗ୍ରାମବାସୀ ୨୦୦୭ରେ ଏକ ମନ୍ଦିର ନିର୍ମାଣ ପାଇଁ ପରିକଳ୍ପନା କରିବା ସହିତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ନିଜସ୍ୱ ଅର୍ଥରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହ ବିଭିନ୍ନ ସମୟରେ ଅନେକ ଯୋଜନା ମାଧ୍ୟମରେ ଦୀର୍ଘ ୧୮ ବର୍ଷ ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୬୫ ଫୁଟ ଉଚ୍ଚତା, ୨୦୪୬ ବର୍ଗଫୁଟର ଏହି ମନ୍ଦିର ପାଇଁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଶୁକ୍ରବାରଠାରୁ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବ। ପ୍ରଥମ ଦିନରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ କଳସ ଯାତ୍ରା, ତୃତୀୟ ଦିନରେ ଦେବ ବିଗ୍ରହଙ୍କ ନିତ୍ୟ ପୂଜା, ଚତୁର୍ଥ ଦିନରେ ନୀଳଚକ୍ର ସ୍ଥାପନ, ଧ୍ୱଜା ରୋହଣ, ପାର୍ଶ୍ୱ ଦେବଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ବିଗ୍ରହଙ୍କ ମନ୍ଦିର ପ୍ରବେଶ ସହିତ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଉତ୍ସବରେ ପୁରୀ ମୁକ୍ତି ମଣ୍ଡପ କାର୍ଯ୍ୟକାରୀ ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ର ପୂଜା ସମ୍ପାଦନ କରିବେ। ମଥୁରାର ଜାତୀୟ ସ୍ତରର ଭଗବତ କଥାବାଚକ ଅନିରାଦ୍ଧାଚାର୍ଯ୍ୟଙ୍କ ପ୍ରବଚନ, ଅନନ୍ତା ନନ୍ଦ ଦାସଙ୍କ ପ୍ରବଚନ, ଘଣ୍ଟବାଦ୍ୟ, ଭଜନ ସନ୍ଧ୍ୟା, ସଞ୍ଚାର, କୀର୍ତ୍ତନ ଧାରା, ଆର୍କେଷ୍ଟା ଆଦି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜନ କରାଯାଇଛି।

# ଆଜି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭେଡେନ୍ ନଦୀରୁ ବେଆଇନ ଜଳ ଉଠାଣ ଅଭିଯୋଗ**

**ଝାରସୁଗୁଡ଼ା, ୨୩।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାର ଜୀବନରେଖା କୁହାଯାଉଥିବା ଭେଡେନ୍ ନଦୀରୁ ଏସ୍ଏମ୍ସି କମ୍ପାନୀ ବେଆଇନ ଭାବେ ଜଳ ଉଠାଉଥିବା ନେଇ ହିର୍ମା, ଜମେରା, ମଳଦା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଗତ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଏସ୍ଏମ୍ସି ୟୁନିଟ୍-୨ କମ୍ପାନୀର ପମ୍ପ ହାଉସ ସମ୍ମୁଖରେ ଧାରଣା ଦେଇଥିଲେ। ଝାରସୁଗୁଡ଼ା ତହସିଲଦାର ଧାରଣାସ୍ଥଳକୁ ଯାଇ ସ୍ଥାନୀୟ ଜନସାଧାରଣ, ଜନ ପ୍ରତିନିଧି, ବରିଷ୍ଠ ଅଧିକାରୀ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ଏକ ମିଳିତ ବୈଠକ କରି ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ମହିଳାମାନେ ଧାରଣାରୁ ହଟିଥିଲେ। ତେଣୁ ଏପ୍ରିଲ ୨୪ ତାରିଖ ଅର୍ଥାତ୍ ଶୁକ୍ରବାର ଏହି ସମସ୍ୟାର ସମାଧାନ ପାଇଁ ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳିନ ବୈଠକ ଡକାଯାଇଛି। ଏହି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ହେବ। ଏଥିରେ ବୁର୍ଲା ଡ୍ୟାମ୍ ଡିଭିଜନର ସୁପରିଟେଣ୍ଡିଂ ଇଞ୍ଜିନିୟର, ଏସ୍ଏମ୍ସି କମ୍ପାନୀ ଲିମିଟେଡ୍ର ଜେନେରାଲ ମ୍ୟାନେଜରଙ୍କ ସମେତ ଜମେରା, ହିର୍ମା ଓ ମଳଦା ପଞ୍ଚାୟତର ସରପଞ୍ଚଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଝାରସୁଗୁଡ଼ା ଏସ୍ଡିପିଓ, ଝାରସୁଗୁଡ଼ା ତହସିଲଦାର, ବଡ଼ମାଲ ଓ ସଦର ଥାନାର ଆଇଆଇସିଙ୍କୁ ବୈଠକରେ ଯୋଗଦେବାକୁ ଅବଗତ କରାଯାଇଛି। ନଦୀର ସୁରକ୍ଷା ଏବଂ ଗ୍ରାମବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ବୈଠକରେ କି ନିଷ୍ପତ୍ତି ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ସିଏମ୍ ଟ୍ରଫି ଭଲିବଲ ପ୍ରତିଯୋଗିତା ଉଦ୍ଯାପିତ



କାର୍ଯ୍ୟକ୍ରମରେ ଚାମ୍ପିୟନ ଟିମ୍ର ଖେଳାଳିଙ୍କ ସହିତ ଅତିଥିବୃନ୍ଦ।

**ଝାରସୁଗୁଡ଼ା, ୨୩।୪ (ଆଶିଷ ରଞ୍ଜନ ଦାଶ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଝାରସୁଗୁଡ଼ାସ୍ଥିତ ବିଟିଏମ୍ ପଡ଼ିଆରେ ଅନୁଷ୍ଠିତ ୨ ଦିନିଆ ସିଏମ୍ ଟ୍ରଫି ଭଲିବଲ ପ୍ରତିଯୋଗିତା ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଜେଏନ୍ଭି ଝାରସୁଗୁଡ଼ା ଉଭୟ ବାଳିକା ଓ ବାଳକ ବର୍ଗରେ ଚାମ୍ପିୟନ ହୋଇଛି। ବାଳିକା ବିଭାଗର ଫାଇନାଲ ମ୍ୟାଚ୍ରେ ଜେଏନ୍ଭି ଦଳ ବେଲପାହାଡ଼ ବିବେକାନନ୍ଦ ସ୍କୁଲକୁ ୨-୧ ସେଟ୍ରେ ପରାସ୍ତ କରିଥିଲା। ସେହିପରି ବାଳକ ବିଭାଗରେ ଜେଏନ୍ଭି ଝାରସୁଗୁଡ଼ା ୨-୦ ସେଟ୍ରେ ପଲସଦା (ଲଖନପୁର) ଦଳକୁ ହରାଇ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ଉଦ୍ଯାପନୀ ଉତ୍ସବରେ ଓଏସ୍ଏପି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ପୂର୍ବତନ ଖେଳାଳି ଟି. ଭାସ୍କର ରାଓ ଓ କଳ୍ପତରୁ ସୋୟାଇଙ୍କୁ ସମ୍ମାନିତ କରାଯାଇଥିଲା।

# ଦେଶୀ ବିହନ ମେଳା

**କୋଲବିରା, ୨୩।୪ (ସଞ୍ଜୟ ପୂଜାରୀ):** କୋଲାବିରା ବ୍ଲକ୍ ସେୱା ଅନୁଷ୍ଠାନ ପକ୍ଷରୁ ଜିୱା ପ୍ରୋଜେକ୍ଟ ଜରିଆରେ ଲଇକେରା ବ୍ଲକ୍ ଅଧୀନ ହୁଡୁକୁଡିହି ଗ୍ରାମରେ ଦେଶୀ ବିହନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଧାନ, ମାଣ୍ଡିଆ, ଡାଲି, ତୈଳବୀଜ ଓ ପନିପରିବା ଆଦିର ବିଭିନ୍ନ ପ୍ରକାର ଦେଶୀ ବିହନ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବାବୁଛିପିଡିହି ଓ ଜାମମାଳ ପଞ୍ଚାୟତର ଚାଷୀମାନେ ଅଂଶଗ୍ରହଣ କରି ପ୍ରତ୍ୟେକ କିସମ ବିହନର ବିଶେଷତ୍ୱ, ଅମଳ କ୍ଷମତା ଓ ଜଳବାୟୁ ଉପଯୋଗିତା ସମ୍ପର୍କରେ ଅବଗତ ହୋଇଥିଲେ। ଦେଶୀ ବିହନର ସଂରକ୍ଷଣ, ବିନିମୟ ଏବଂ ଜୈବିକ କୃଷିର ପ୍ରସାର ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏହି ପ୍ରୟାସ ଚାଷୀଙ୍କ ଆୟ ବୃଦ୍ଧି ଏବଂ କୃଷି ବିବିଧତା ସଂରକ୍ଷଣ ଦିଗରେ ସହାୟକ ହେବ ବୋଲି ସେୱା ଅନୁଷ୍ଠାନର ସମ୍ପାଦକ ସୁଶୀଲ କୁମାର ଦାଶ ସୂଚନା ଦେଇଛନ୍ତି। ସେୱା ଦ୍ୱାରା ପରିଚାଳିତ କୃଷି ଉତ୍ପାଦକ କ୍ଲଷ୍ଟର ପ୍ରୋଜେକ୍ଟ କର୍ମୀ ଓ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର କର୍ମୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ଲକ୍ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ଦେବଗଡ଼, ୨୩।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ କନ୍ଫରେନ୍ସ ହଲ୍ଠାରେ ବ୍ଲକ୍ସ୍ତରୀୟ ସାମାଜିକ ସମୀକ୍ଷା ଜଣଶୁଣାଣି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସଭାପତିତ୍ୱ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ଓ ବ୍ଲକ୍ର ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଦର୍ଶନ କୁମାର ବକ୍ତବ୍ୟ ରଖିଥିଲେ। ଏହି ଜନଶୁଣାଣିରେ ଗତ ୬ ମାସରେ ପଞ୍ଚାୟତ ଓ ଗ୍ରାମସ୍ତରରେ ହୋଇଥିବା ସାମାଜିକ ସମୀକ୍ଷାର ରିପୋର୍ଟ ଉପସ୍ଥାପନ କରାଯିବା ସହ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକ୍ର ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ଭିଆର୍ପି ଓ ଜନସାଧାରଣ ଯୋଗଦେଇଥିଲେ। ବ୍ଲକ୍ ସାମାଜିକ ସମୀକ୍ଷକ ଘନଶ୍ୟାମ ଦାଶ, କମ୍ପ୍ୟୁଟର ପ୍ରୋଗ୍ରାମର ସୁବାସ ପ୍ରଧାନ, ଶୁଭଙ୍କର ଦେବତା, ମାନସ ଟାଲି ଓ ସୁଜିତ୍ ଭୋଜ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକ୍ ସୋସିଆଲ ଅଡିଟର ଘନଶ୍ୟାମ ଦାଶ ଧନ୍ୟବାଦ ଦେଇଥିଲେ।

# କୋଲାବିରା ବିଡିଓ ହେଲେ ଝାରସୁଗୁଡ଼ା ଉପଜିଲାପାଳ

**କୋଲାବିରା, ୨୩।୪ (ସଞ୍ଜୟ ପୂଜାରୀ):** ଝାରସୁଗୁଡ଼ା ଜିଲା କୋଲାବିରା ବିଡିଓ ଅଶୋକ ମାଝୀଙ୍କୁ ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ହେଲେ ତାଙ୍କ ବିରୋଧରେ ଅସହଯୋଗ ଅଭିଯୋଗ ଆଣି ଗୁରୁବାର ବିଜେଡି ପକ୍ଷରୁ କୋଲାବିରା ବ୍ଲକ୍ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏପରି ଅସହଯୋଗ ଲାଗି ରହିଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ତେବେ ହଠାତ୍ ଗୁରୁବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଡିଓ ମାଝୀଙ୍କ ପଦୋନ୍ନତି ସହ ବଦଳି ଆଦେଶ ପ୍ରକାଶ ପାଇଛି । ତାଙ୍କୁ ଝାରସୁଗୁଡ଼ା ଉପଜିଲାପାଳ ଭାବେ ନୂତନ ନିଯୁକ୍ତି ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଉପଜିଲାପାଳ ଥିବା ସବ୍ୟସାଚୀ ପଣ୍ଡାଙ୍କୁ ବାମନଘାଟି ରାଇରଙ୍ଗପୁରର ଉପଜିଲାପାଳ ଭାବେ ବଦଳି କରାଯାଇଛି। ବିଡିଓଙ୍କ ପଦୋନ୍ନତି ସହ ବଦଳି ବିରୋଧୀ ବିଜେଡି ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି ।

# ବିଜେଡି ପକ୍ଷରୁ ରାଲି, ଗଣଧାରଣା

**କୋଲାବିରା, ୨୩।୪ (ସଞ୍ଜୟ ପୂଜାରୀ)**



ଦୀପାଳି ଦାସ ଓ ଅନ୍ୟମାନେ କୋଲାବିରା ବ୍ଲକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

ଝାରସୁଗୁଡ଼ା ଜିଲା କୋଲାବିରା ବିଡ଼ିଓଙ୍କ ମନମୁଖୀ ଶାସନ, ଜନସାଧାରଣଙ୍କ ସହ ନିର୍ବାଚିତ ପ୍ରତିନିଧିଙ୍କୁ ଅସମ୍ମାନ କରୁଥିବା ପ୍ରତିବାଦରେ ଗୁରୁବାର ବିଜେଡି ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ଏକ ଗଣଧାରଣା ଦିଆଯାଇଥିଲା । ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ବିଜେଡି କର୍ମୀଙ୍କ ସହ ଶତାଧିକ ଜନସାଧାରଣ ସ୍ଥାନୀୟ କରୁଣାକର ଛକରୁ ବିଭିନ୍ନ ପ୍ରତିବାଦ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ବ୍ଲକ ଅଫିସ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଅଫିସ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣା ସଭାରେ ପୂର୍ବତନ ବିଧାୟିକା ଦୀପାଳି ଦାସ ବିଡ଼ିଓଙ୍କ ସହ ବ୍ଲକ ପ୍ରଶାସନକୁ ଗଭୀର ସମାଲୋଚନା କରିଥିଲେ । ବିଡ଼ିଓ ନିଜର ଦାୟିତ୍ୱ ଠିକ ଭାବରେ ସମ୍ପାଦନ ନ କରନ୍ତି ତାହା ହେଲେ ବ୍ଲକ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରି ଦିଆଯିବ ବୋଲି ଦୀପାଳି ଚେତାବନୀ ଦେଇଥିଲେ । ଅନୁଷ୍ଠିତ ପ୍ରତିବାଦ ଓ ଗଣଧାରଣା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ,ବିଜେଡି ଜିଲା ଉପସଭାପତି ତୁଳାରାମ ସେନାପତି, ବିଜେଡି ବ୍ଲକ ସଭାପତି ପୁରୁଷୋତ୍ତମ ନାଏକ, ବିଜେଡି ଜିଲା ମହିଳା ସଭାନେତ୍ରୀ ଜୟନ୍ତୀ ବାହୁକ ପ୍ରମୁଖ ବ୍ଲକ ପ୍ରଶାସନର ଅବହେଳା ପ୍ରତିବାଦରେ ନିଜର ଅଭିଭାଷଣ ରଖିଥିଲେ । ଶେଷରେ ବିଡ଼ିଓ ଅଶୋକ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରଘୁନାଥପାଲି ସରପଞ୍ଚ ରଞ୍ଜନ ସରାଫ, ସମାସିଂହା ସରପଞ୍ଚ ସୁରଭି ସେନାପତି, କୋଲାବିରା ସରପଞ୍ଚ ଅଞ୍ଜଳି ବାଗ, ସମିତିସଭ୍ୟ ସନ୍ତୋଷ ପଟେଲ, ସମିତିସଭ୍ୟା ପାର୍ବତୀ ମହାନନ୍ଦ, ରମ୍ଭାବତୀ ଭୁଏ, ନୀଳାନ୍ଦ୍ରି କାଲୋ, ସମିତିସଭ୍ୟ ବୃନ୍ଦାବନ ନାଏକ, ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ। ଏ ନେଇ କୋଲାବିରା ବିଡିଓ ଅଶୋକ କୁମାର ମାଝୀ କହିଛନ୍ତି, କୌଣସି ଜନ ପ୍ରତିନିଧିଙ୍କୁ ଅସମ୍ମାନ କରିନାହଁି, ଏହି ଅଭିଯୋଗ ଭିତ୍ତିହୀନ।

# ବେଲପାହାର ଏବେ ବେଲପାହାଡ଼

**ସ୍ଥାନନାମର ଶୁଦ୍ଧିକରଣ କଲେ ରାଜ୍ୟ ସରକାର**

ବେଲପାହାଡ଼, ୨୩।୪ (ସୁବାସ ପ୍ରଧାନ): ଓଡ଼ିଆ ଭାଷାର ଠିକ ଉଚ୍ଚାରଣ ଓ ମୌଳିକତାକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଝାରସୁଗୁଡ଼ା ଜିଲାର ଶିଳ୍ପାଞ୍ଚଳ ବେଲପାହାର ନାମକୁ ପରିବର୍ତ୍ତନ କରାଯାଇ ଓଡ଼ିଆ ଧ୍ୱନି ଅନୁଯାୟୀ ବେଲପାହାଡ଼ ଭାବେ ଅନୁମୋଦନ କରାଯାଇଛି। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଜାରି ହୋଇଥିବା ଏହି ନିଷ୍ପତ୍ତି ଅନୁଯାୟୀ, ଏବେଠାରୁ ସରକାରୀ ସ୍ତରରେ ଇଂରାଜୀ ବନାନରେ ମଧ୍ୟ ଏହି ଶୁଦ୍ଧତା ଦେଖିବାକୁ ମିଳିବ। ପୂର୍ବରୁ ବ୍ୟବହୃତ ବେଲପାହାର ବଦଳରେ ଓଡ଼ିଆ ଉଚ୍ଚାରଣ ସହ ସାମଞ୍ଜସ ରଖି ନୂତନ ବନାନ ପ୍ରଚଳିତ ହେବ। ସରକାରଙ୍କ ଏହି ନିଷ୍ପତ୍ତିକୁ ବେଲପାହାଡ ଅଞ୍ଚଳବାସୀ ଭାଷାବିତମାନେ ସ୍ୱାଗତ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଓଡ଼ିଆ ଭାଷାର ସମ୍ମାନ ଓ ଆଞ୍ଚଳିକ ପରିଚୟକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ମହିଳା ଆରକ୍ଷଣ ବିଲ୍‌କୁ ବିରୋଧ: ବିରୋଧୀ ନେତାଙ୍କ କୁଶପୁତ୍ତଳିକା ଦାହ

**ଝାରସୁଗୁଡ଼ା, ୨୩।୪ (ଆଶିଷ ରଞ୍ଜନ ଦାଶ):** ସଂସଦରେ ମହିଳା ଆରକ୍ଷଣ ବିଲ୍‌କୁ ବିରୋଧ କରିଥିବା ଦଳଗୁଡ଼ିକ ବିରୋଧରେ ଝାରସୁଗୁଡ଼ାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ନାରୀଶକ୍ତି ବନ୍ଦନା ଅଧିନିୟମକୁ ବିରୋଧୀ ଦଳଗୁଡ଼ିକ ବିରୋଧ କରିବା ଫଳରେ ବିଲ୍‌ଟି କାଟ ଖାଇଥିବାରୁ ଗୁରୁବାର ଶତାଧିକ ମହିଳା ଓ ଯୁବକ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ ମୂର୍ତ୍ତି ତଳେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ବିରୋଧୀ ନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ ଓ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିରୋଧୀ ଦଳଗୁଡ଼ିକ ମହିଳାଙ୍କ ସମ୍ମାନ ପ୍ରତି କୁଠାରଘାତ କରିଥିବା ଅଭିଯୋଗ କରି ଆଗାମୀ ଦିନରେ ମହିଳା ସମାଜ ଏହାର ଉଚିତ ଜବାବ ଦେବ ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରୁବି ମହାନ୍ତି, ପିଙ୍କି ଦୀପ, ସୁଇଟି ପରିଡା, ଅଂଶୁଳ ପଟେଲ, ବିବେକ ଶ୍ରୀବାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ କେଜି ଗଞ୍ଜେଇ ଜବତ, ୩ ଗିରଫ

**ବ୍ରଜରାଜନଗର, ୨୩।୪ (ବିଜୟ ବରାଡ଼)**

ଝାରସୁଗୁଡ଼ା ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ବନହରପାଲି ପୋଲିସ ମଙ୍ଗଳବାର ରାତ୍ରିରେ ପାଟ୍ରୋଲିଂ କରୁଥିବାବେଳେ ସ୍ଥାନୀୟ ସିନାପାଲି ଛକଠାରେ ୨ ଜଣଙ୍କୁ ଧରିଥିଲା। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର କମାଲ ଉଦ୍ଦିନ ଓ ସୁରେଶ ସିଂ। ଉଭୟ ଏକ ବାଇକ୍ରେ ୨୧ କେଜି ୯୪ ଗ୍ରାମ୍ ଗଞ୍ଜେଇ ନେଇ ଆସୁଥିଲେ। ସେମାନଙ୍କୁ ପୋଲିସ କାବୁ କରିବା ସହ ସେମାନଙ୍କଠାରୁ ଏକ ଦେଶୀ ପିସ୍ତଲ ଓ ୫ଟି ଗୁଳି ଜବତ କରିଥିଲା। ପରେ ଏମାନଙ୍କଠାରୁ ସୂଚନାପାଇ ମୁଖ୍ୟ ସପ୍ଲାୟର ନରେନ୍ଦ୍ର ପ୍ରସାଦ ବୈଶଙ୍କୁ ଗିରଫ କରାଯାଇଛି। ସମସ୍ତଙ୍କଠାରୁ ମୋଟ ୪ ଲକ୍ଷ ୮୭ ହଜାର ୯୯୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୦୭/୨୬) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏସ୍ଡିପିଓଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀ ଏସ୍ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Category | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR

**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com

Lt. No. 1010/Dev/2026 **e-NOTICE** Dated: 20.04.2026

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Category | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR

**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in

No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

**ଲୋଇସିଂହାରେ ବନ୍ଦ ପ୍ରଭାବ ଶୂନ୍ୟ**

ଲୋଇସିଂହା,(ସୁଶାନ୍ତ ବାରିକ): ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତରଫରୁ ଗୁରୁବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ତେବେ ବଲାଙ୍ଗୀର ଜିଲା ଲୋଇସିଂହାରେ ବନ୍ଦ ପ୍ରଭାବ ଶୂନ୍ୟ ଥିଲା। ଲୋଇସିଂହାରେ ସମସ୍ତ ଦୋକାନ ବଜାର ଓ ସରକାରୀ କାର୍ଯ୍ୟାଳୟ ଖୋଲାଥିବା ଦେଖିବାକୁ ମିଳିଥିଲା। ଜାତିଭିତ୍ତିକ ଜନଗଣନା ଓ ଓବିସି ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗରେ ଓବିସିଙ୍କ ପ୍ରତି ସରକାରଙ୍କ ଦ୍ୱାରା କରାଯାଉଥିବା ପ୍ରତାରଣା ବିରୋଧରେ ଏବଂ ଏସସି, ଏସଟି ଓ ଓବିସିଙ୍କ ସମର୍ଥନରେ ଏକ ୟୁଜିସି ବିଲ୍ କାର୍ଯ୍ୟକାରୀ କରିବା ଦାବି ରଖି ଗୁରୁବାର ଏହି ଆନ୍ଦୋଳନ ଡ଼ାକରା ଦିଆଯାଇଥିଲା। ଲୋଇସିଂହାରେ ବନ୍ଦ ପ୍ରଭାବ ଶୂନ୍ୟ ହୋଇଥିଲେ ସୁଦ୍ଧା ସ୍ଥାନୀୟ ବିଜୁ ଜନତା ଦଳ ବନ୍ଦକୁ ସମର୍ଥନ ଜଣାଇଥିଲା।

**ସଂକ୍ଷେପରେ**

## ଦେଓଗାଁ ପ୍ରିମିୟର ଲିଗ୍ ଉଦ୍‌ଯାପିତ, ବୁଲେଟ ଇଲେଭେନ ଚାମ୍ପିୟନ

**ଦେଓଗାଁ,୨୩।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନି ଷ୍ଟାଡିୟମଠାରେ ଚାଲିଥିବା ଦେଓଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ହିଟମେନ ୱାରିୟର ଓ ବୁଲେଟ ଇଲେଭେନ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ରାଜା ନାଗ, ହୃଷିକେଶ ଭୋଇ, ରବିନ୍ଦ୍ର ଓ ରାମ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ନୀଳକଣ୍ଠ ବେହେରା ଓ ତପନ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ୫ଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଦୀପ କୁମାର ଛତ୍ରିଆ , ସମ୍ମାନିତ ଅତିଥି ଭାବେ ଖେଳ ଶିକ୍ଷକ ବିରେନ୍ଦ୍ର ସୁନା, ନୀଳକଣ୍ଠ ନାଗ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ ।

## ଗଣେଶ ଓ ତ୍ରିନାଥଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ଟିଟିଲାଗଡ଼,୨୩।୪(ଶରତ ମିଶ୍ର)**

ଟିଟିଲାଗଡ ସହରର ମହାରାଜ ସାଗରଠାରେ ନବନିର୍ମିତ ଗଣେଶ ଓ ତ୍ରିନାଥ ମନ୍ଦିରରେ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି । ଏହି ଉତ୍ସବରେ ପଣ୍ଡିତ ସିଦ୍ଧାନ୍ତ ମହାପାତ୍ର, ସାଧୁଚରଣ ଆଚାର୍ଯ୍ୟ, ଡି. ଦାଶ, ମାନସ ରଞ୍ଜନ ପଣ୍ଡା, ବିପୁଳ ବିକ୍ରାନ୍ତ ପଣ୍ଡା, ଅଜିତ ଦ୍ୱିବେଦୀ, ଚିନ୍ମୟ ନାୟକ, ଗୋବର୍ଦ୍ଧନ ତ୍ରିପାଠୀ ଓ ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ । ବିଧାୟକ ନବୀନ ଜୈନ ଓ ପୌରାଧକ୍ଷା ମମତା ଦେବୀ ଜୈନ ମଧ୍ୟ ଯୋଗ ଦେଇଥିଲେ । କବି ଟିକେଲାଲ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ସୁନୀଲ ସାହୁ, ସୁଧୀର ସାହୁ, ସଞ୍ଜୟ ବର୍ମା ଓ ଅଜିତ ସାହୁ ସହଯୋଗ କରିଥିଲେ । ଏହି ଉପଲକ୍ଷେ ଚାଲିଥିବା ନାମଯଜ୍ଞର ଆସନ୍ତାକାଲି ପୂର୍ଣ୍ଣାହୂତି ହେବ ।

## ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

**ପାଟଣାଗଡ଼,୨୩।୪(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ବ୍ଲକ ଲରମ୍ବା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ଏହି ଯୋଜନାରେ ଜଣେ ମହିଳାଙ୍କ ଘର ନିର୍ମାଣ କରା ନ ଯାଇ ଲକ୍ଷାଧିକ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ପାଟଣାଗଡ଼ ବିଡ଼ିଓ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ବ୍ଲକ ଅଧକ୍ଷ ନୀଳକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ଲରମ୍ବା ପଞ୍ଚାୟତ ଲରମ୍ବା ଗାଁର ଜଣେ ମହିଳାଙ୍କୁ ପାଟଣାଗଡ଼ ପଞ୍ଚାୟତ ସମିତି ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ତାଙ୍କୁ କାର୍ଯ୍ୟାଦେଶ ମିଳିବା ସମୟରେ ଘର ନିଅଁ ନିର୍ମାଣ କରିବା ପାଇଁ ତାଙ୍କ ଜମା ଖାତାରେ ସରକାରଙ୍କ ତରଫରୁ ୪୦ ହଜାର ଟଙ୍କା ଦିଆଯାଇଥିଲା । କିନ୍ତୁ ହିତାଧିକାରୀ ଜଣକ ତାହା ନିର୍ମାଣ ନ କରି ଘର କାର୍ଯ୍ୟ ଛାତ ପର୍ଯ୍ୟନ୍ତ ଯାଇଛି ବୋଲି ଦର୍ଶାଇଥିଲେ। ଫଳରେ ତାଙ୍କ ଜମା ଖାତାରେ ପୁଣି ଦ୍ୱିତୀୟ କିସ୍ତିରେ ୬୫ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଜମା ହୋଇଥିଲା। ତେବେ ପ୍ରକୃତରେ ଘର କାମ ହୋଇ ନ ଥିବା ଅଭିଯୋଗ ହେବା ପରେ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ଏହାର ତଦନ୍ତ କରାଯାଇଥିଲା। ଉପରୋକ୍ତ ଘଟଣା ସମ୍ପର୍କରେ ଅବଗତ ପରେ ପାଟଣାଗଡ଼ ବିଡ଼ିଓ ଚିଠି ନଂ ୧୦୮/ ୨୧।୪।୨୦୨୬ ରେ ପାଟଣାଗଡ଼ ଷ୍ଟେଟବ୍ୟାଙ୍କକୁ ହିତାଧିକାରୀଙ୍କ ଜମାଖାତାକୁ ହୋଲଡ୍ କରିଥିବା ନେଇ ବିଡ଼ିଓ ସୁମନ ମିଞ୍ଜ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ସହ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ବ୍ଲକ ଅଧକ୍ଷ ବାଗ ଦାବି କରିଛନ୍ତି।

# ବଡ଼ ପ୍ରକଳ୍ପ ଘୋଷଣାକୁ ଜିଲାବାସୀଙ୍କ ଅପେକ୍ଷା

## ଆଜି ବଲାଙ୍ଗୀର ଆସିବେ ମୁଖ୍ୟମନ୍ତ୍ରୀ

### ପାଳନ ହେବ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

**ବଲାଙ୍ଗୀର,୨୩।୪(ବୀରେନ୍ଦ୍ର କୁମାର ଝାଙ୍କର)**



ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମ ପାଇଁ ଗାନ୍ଧୀ ଷ୍ଟାଡିୟମ ଠାରେ ମଞ୍ଚ ପ୍ରସ୍ତୁତି ଚାଲିଛି।

ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବଡ଼ଧରଣର ଆୟୋଜନ କରାଯାଇଛି। ସନ୍ଧ୍ୟା ୬ଟାରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦାନ କରି ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହକୁ ଉଦ୍‌ଘାଟନ କରିବେ। ପ୍ରାରମ୍ଭରେ ପଞ୍ଚାୟତିରାଜ ବିଭାଗ ସଚିବ ଗିରିଶ ଏସ ଏନ ସ୍ୱାଗତ ଭାଷଣ ଦେବେ। ଏହାପରେ ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଭିଭାଷଣ ପ୍ରଦାନ କରିବେ। ଏହା ପରେ ମୁଖ୍ୟମନ୍ତ୍ରୀ ସଭାରେ ସମ୍ବୋଧିତ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଏହାସହିତ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଦେଶ ବଣ୍ଟନ କରିବେ। ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କ ସହ ବଲାଙ୍ଗୀରର ଜନସାଧାରଣ ଉପସ୍ଥିତ ରହିବେ । ଜିଲାପାଳ ଗୌରବ ଶିବାଜୀ ଇସଲୱାର ଧନ୍ୟବାଦ ଅର୍ପଣ କରିବେ । ରାତି ୮ଟାରେ ସଭା ଶେଷ ହେବ ବୋଲି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତରେ ଆସୁଥିବାରୁ ତାଙ୍କ ଉପରେ ଜିଲାବାସୀଙ୍କ ନଜର ରହିଛି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ଇତିମଧ୍ୟରେ ପ୍ରାୟ ଦୁଇ ବର୍ଷ ହେବାକୁ ଥିବା ବେଳେ ବଲାଙ୍ଗୀର ଜିଲାରେ କୌଣସି ଆଖିଦୃଶିଆ ବିକାଶ ମୂଳକ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ବଲାଙ୍ଗୀର ଜିଲା ପାଇଁ ମୁଖ୍ୟମନ୍ତ୍ରୀ କିଛି ବଡ଼ଧରଣର ପ୍ରକଳ୍ପ ଘୋଷଣା କରିପାରନ୍ତି ବୋଲି ଜିଲାବାସୀ ଆଶାବାଦୀ ଅଛନ୍ତି। ବିଶେଷକରି ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ ନେଇ ଘୋଷଣା କରିବେ ବୋଲି ଆଶା ରଖିଛନ୍ତି। ଆଇପିଏଲ ସଂସ୍ଥା ଏହି ଚିନିକଳ କାର୍ଯ୍ୟକ୍ଷମ କରିବା ପାଇଁ ଆଗ୍ରହୀ ବୋଲି କୁହାଯାଉଥିଲେ ମଧ୍ୟ ଏଯାଏ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଏହାସହିତ ପୂର୍ବରୁ ଘୋଷିତ କୃଷି ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ଡେଣ୍ଟାଲ କଲେଜ, ନର୍ସିଂ କଲେଜ, ଆଇଟି ପାର୍କ, ତୁଷରା ଏୟାରଷ୍ଟ୍ରିପ୍ ବିକାଶର ଶିଳାନ୍ୟାସ କରିବେ ବୋଲି ଆଶା କରାଯାଉଛି। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଆୟୁର୍ବେଦିକ କଲେଜ, ସରକାରୀ କଲେଜରେ ପ୍ରଫେସର ଓ ଅଣଶିକ୍ଷକ ପଦବୀ ପୂରଣ ହେଉନାହିଁ। ଏହା ସାଇନ ବୋର୍ଡ ଶିକ୍ଷାନୁଷ୍ଠାନ ଭାବେ ପଡିରହିଛି। ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲାର ବିଭିନ୍ନ ଉପଖଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସହ ଅନ୍ୟାନ୍ୟ ସମସ୍ୟା ଲାଗିରହିଛି। ଜିଲାରେ ଦାଦନ ଶ୍ରମିକ ସମସ୍ୟା ବଢି ଚାଲିଛି। ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ । ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତରେ ଆସୁଥିବାରୁ ଜିଲାବାସୀ ଏହି ସବୁ ସମସ୍ୟାର ସମାଧାନ ଆଶା ରଖିଛନ୍ତି।

## ଜମିର ବେଞ୍ଚମାର୍କ ମୂଲ୍ୟ ବୃଦ୍ଧିକୁ ନେଇ ଅସନ୍ତୋଷ



ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ପୁନର୍ବିଚାର ପାଇଁ ଦାବି କଲା ପ୍ରେସ କ୍ଲବ

**କଣ୍ଟାବାଞ୍ଜି,୨୩।୪(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମୌଜାରେ ଜମିର ବେଞ୍ଚମାର୍କ ମୂଲ୍ୟର ଅଶାତୀତ ବୃଦ୍ଧିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ କଣ୍ଟାବାଞ୍ଜି ପ୍ରେସ କ୍ଲବ ତରଫରୁ ସ୍ଥାନୀୟ ତହସିଲଦାର ବିଶ୍ୱନାଥ ଖାଲକୋଙ୍କ ଜରିଆରେ ଏହାର ପୁନଃବିଚାର କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଗୁରୁବାର ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କଣ୍ଟାବାଞ୍ଜି 'କ', 'ଖ' ଓ 'ଗ' ମୌଜାରେ ଚଳିତ ଆର୍ଥିକ ବର୍ଷରେ ଜମିର ବେଞ୍ଚମାର୍କ ମୂଲ୍ୟ ପୂର୍ବବର୍ଷ ତୁଳନାରେ ପ୍ରାୟ ୧୦ ଗୁଣା ବଢ଼ିଛି। ଏହି ଅଚାନକ ବୃଦ୍ଧିରେ ମଧ୍ୟମ ବର୍ଗ, କ୍ଷୁଦ୍ର ଜମି ମାଲିକ ଓ ସାଧାରଣ କ୍ରେତାମାନେ ଅଧିକ ପ୍ରଭାବିତ ହୋଇଛନ୍ତି। ଏହାର ପରିଣାମ ସ୍ୱରୂପ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେଶନ ଖର୍ଚ୍ଚ ବଢ଼ିଯାଇଥିବାରୁ ଜମି କ୍ରୟ ବିକ୍ରୟ କାରବାର ଏକରକମ ବନ୍ଦ ହୋଇଯାଇଛି । ସେହିପରି ସ୍ଥାନୀୟ ବଜାର ପରିସ୍ଥିତି ଓ ଲୋକଙ୍କ ଆର୍ଥିକ ସାମର୍ଥ୍ୟକୁ ଧ୍ୟାନରେ ନ ରଖି ଏହା ବୃଦ୍ଧି କରାଯାଇଥିବା ଅଭିଯୋଗ କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟର କଟକ, ଭୁବନେଶ୍ୱର ଭଳି ଉନ୍ନତ ସହର ତୁଳନାରେ କଣ୍ଟାବାଞ୍ଜି ଭଳି ଅନୁନ୍ନତ ଅଞ୍ଚଳରେ ଏତେ ବେଶି ମୂଲ୍ୟ ବୃଦ୍ଧି ନେଇ ଜମି କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ସ୍ଥାନୀୟ ପ୍ରେସ କ୍ଲବ ପକ୍ଷରୁ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ବେଞ୍ଚମାର୍କ ମୂଲ୍ୟ ପୁନଃବିଚାର କରିବାକୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରେସ କ୍ଲବ ସଭାପତି ପ୍ରବଜିତ୍ ସିଂହ ସାଲୁଜା, ସମ୍ପାଦକ ସୁରଦାସ ବାଗ, ଉପ ସଭାପତି ମନୋଜ ଶର୍ମା ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ବନ୍ଦ ପାଳନ




ବଲାଙ୍ଗୀର ବନ୍ଦ ପରିପ୍ରେକ୍ଷୀରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ଧାରଣା ଦେଇଛନ୍ତି।

### ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ସୁରକ୍ଷା ଦାବି

**ବଲାଙ୍ଗୀର,୨୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଭାରତ ମୁକ୍ତି ମୋର୍ଚ୍ଚା, ଏସସି , ଏସଟି ଓ ଓବିସି ମୁକ୍ତିମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ପରିପ୍ରେକ୍ଷୀରେ ଗୁରୁବାର ବଲାଙ୍ଗୀରରେ ବନ୍ଦ ପାଳନ କରାଯାଇଥିଲା । ସକାଳ ୬ଟାରୁ ବଲାଙ୍ଗୀରରେ ଭାରତ ବନ୍ଦ ପାଳନର ପ୍ରଭାବ ଅନୁଭୂତ ହୋଇଥିଲା। ଆନ୍ଦୋଳନକାରୀମାନେ ବିଭିନ୍ନ ସରକାରୀ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ସେମାନେ ପ୍ରଥମେ ଜିଲା ମୁଖ୍ୟ ଡାକଘରକୁ ବନ୍ଦ କରିବା ସହିତ ଭାଗିରଥି ଛକ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ି ମୋଟର ଅଟକାଇ ଥିଲେ। ଏପରି କି ସରକାରୀ ଓ ବେସରକାରୀ ଅଫିସ, ଦୋକାନ ବଜାର ବନ୍ଦ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଆନ୍ଦୋଳନକାରୀମାନଙ୍କ ପକ୍ଷରୁ ଆଡଭୋକେଟ ଦିନେଶ ନାଗ କହିଥିଲେ ଯେ, ଭାରତ ବନ୍ଦ ଡାକରା ଦେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସରକାର ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରିନାହାନ୍ତି। କେନ୍ଦ୍ର ସରକାରଙ୍କୁ ଚାପ ପକାଇବା ଲାଗି ଭାରତ ବନ୍ଦରେ ଆମେ ସମସ୍ତେ ସାମିଲ ହୋଇଛୁ ବୋଲି ସେ କହିଥିଲେ । ଜାତି ଜନଗଣନାକୁ ସୁଚାରୁ ରୂପେ ସମ୍ପାଦନ କରିବା, ଓବିସି ତଥା ଏସଟି, ଏସସିଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଦାବି ପୂରଣ ନ ହେଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଆନ୍ଦୋଳନରେ ଓବିସି ସଙ୍ଗଠନର ପରଦେଶୀ ବିଶ୍ୱାଳ, ଏସଟି, ଏସସି ଓ ଓବିସି ସଙ୍ଗଠନର ସରୋଜ କୁମାର ମେଶ୍ରା, ଶଙ୍କର୍ଷଣ ପ୍ରଧାନ, ଶାନ୍ତନୁ ଭୋଇ ଓ ବାସୁଦେବ ମୁଗ୍ରୀ ସାମିଲ ହୋଇଥିଲେ।

## ସପ୍ତାହେ ହେଲା କର୍ଲିପାର୍ଟ ଜଳ ଯୋଗାଣ ପ୍ରକଳ୍ପ ଅଚଳ

**ଲୋଇସିଂହା,୨୪।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନବଗଠିତ ଏନଏସି ଅଧୀନ କର୍ଲିପାର୍ଟ ଜଳ ଯୋଗାଣ ପ୍ରକଳ୍ପ ଗୋଟିଏ ସପ୍ତାହ ହେଲା ଅଚଳ ହୋଇପଡ଼ିଛି। ପ୍ରକଳ୍ପର କେବୁଲକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହି କାରଣରୁ କର୍ଲିପାର୍ଟ ବସ୍ତିକୁ ଜଳଯୋଗାଣ ଠପ୍ ହୋଇଯାଇଛି। କର୍ଲିପାର୍ଟର ୨ଟି ବସ୍ତିରେ ବସବାସ କରୁଥିବା ଦୁଇ ଶହରୁ ଉର୍ଦ୍ଧ୍ୱ ପରିବାର ପିଇବା ପାଣି ନେଇ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ୩ ବର୍ଷ ପୂର୍ବରୁ କର୍ଲିପାଟ ଗ୍ରାମ ନିକଟ ଦେଇ ଯାଇଥିବା ନାଳାରେ ବସା ଯାଇଥିବା ପ୍ରକଳ୍ପ ଠିକ ଭାବେ କାମ ନ କରିବାରୁ ବସ୍ତି ମୁଣ୍ଡ ଓଭର ହେଡ ଟାଙ୍କି ନିକଟରେ କିଛିଦିନ ପୂର୍ବରୁ ଆଉ ଏକ ଗଭୀର ବୋରୱେଲ ଖୋଲା ଯାଇଛି। ୫୦୦ ଫୁଟ ଖୋଲିଥିଲେ ସୁଦ୍ଧା ନୂତନ ପ୍ରକଳ୍ପ ଦ୍ୱାରା ଚାହିଦା ମୁତାବକ ପାଣି ଆସୁ ନ ଥିବା ବସ୍ତିବାସିନ୍ଦା ଜଣାଇଛନ୍ତି। ନୂତନ କେବୁଲ ସଂଯୋଗ କରିବା ସହିତ ଟ୍ୟାଙ୍କରରେ ପାଣି ଯୋଗାଣ ପାଇଁ ବସ୍ତି ବାସିନ୍ଦା ଦାବି କରିଛନ୍ତି। ଗୁରୁବାର ବିଜେଡ଼ି ତରଫରୁ ସ୍ଥାନୀୟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ ବେଳେ ବ୍ଲକରେ ଜଳ ଯୋଗାଣ ଅନିୟମିତତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ ଗର୍ଜିଲା ଲୋଇସିଂହା ବିଜେଡି

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଲୋଇସିଂହା,୨୩।୪(ସୁଶାନ୍ତ ବାରିକ)**




ଦାବିପତ୍ର ପ୍ରଦାନ ପାଇଁ ବିଜେଡି ପ୍ରତିନିଧି ଦଳ ଶୋଭାଯାତ୍ରାରେ ଯାଉଛନ୍ତି ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବଲାଙ୍ଗୀର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ଗୁରୁବାର ସ୍ଥାନୀୟ ବିଜୁ ଜନତା ଦଳ ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରି ଗର୍ଜିଛି। ଏହି ଅବସରରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଅକ୍ଷୟପାଣି ଉଦ୍ଧଙ୍କୁ ପ୍ରଦାନ କରାଯାଇଛି । ଏହାସହିତ ନିର୍ବାଚନ ବେଳେ ମିଛ ପ୍ରତିଶ୍ରୁତି, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଲୋଇସିଂହା ନିର୍ବାଚନ ମଣ୍ଡଳୀ ପ୍ରତି ବୈମାତୃକ ମନୋଭାବ ଅଭିଯୋଗ ଆଣି ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ଆଗରେ ୨୬ ନଂ ଜାତୀୟ ରାଜପଥ କଡରେ ବିଜେଡି ଯୁବ ସଭାପତି ତଥା ସରଗାଡ ସରପଞ୍ଚ ସରୋଜ ବେହେରାଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥରେ ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ଯୁବନେତା ଆକାଶ ମିଶ୍ର, ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ପୁଇଁତଲା ବ୍ଲକ ଅଧକ୍ଷ ସରୋଜ ପଧାନ, ଆଦିବାସୀ ନେତା ତଥା ଜିଲା ସମ୍ପାଦକ ସତ୍ୟ ନାରାୟଣ ଭୋଇ, ବିଜୟ ଦାଶ, ବୀଣାପାଣି ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ବବିତା ପଟେଲ,ଉତ୍ତମ ଭୋଇ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକ ପ୍ରତି ଅବହେଳାକୁ ନେଇ ସେମାନେ ବିକ୍ଷୋଦ୍‌ଗାର କରିଥିଲେ।

ସଭା କାର୍ଯ୍ୟ ପରେ ଲୋଇସିଂହା ବ୍ଲକ ସଭାପତି ପଟେଲଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟକୁ ଏକ ଶୋଭାଯାତ୍ରାରେ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିଗୁଡିକ ମଧ୍ୟରେ ନବଗଠିତ ଲୋଇସିଂହା ଏନଏସିର ସର୍ବାଙ୍ଗୀନ ଉନ୍ନତୀକରଣ, ଲୋୟର ସୁକତେଲ ପ୍ରକଳ୍ପରୁ ୩ଟି ଯାକ ବ୍ଲକର ସମସ୍ତ ଜମିକୁ ଜଳସେଚନ, ଚାଷୀଙ୍କ ଉନ୍ନତି ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଅଙ୍ଗନଦୀରେ ପ୍ରସ୍ତାବିତ ଭୂତଳ ଜଳ ସଂରକ୍ଷଣ ବ୍ୟାରେଜ କାମ ତ୍ୱରାନ୍ୱିତ, ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଆଦି ରହିଛି । ପ୍ରତିବାଦ ସଭା ଅବସରରେ ଭାରତ ବନ୍ଦ ଡାକରାକୁ ଦଳ ତରଫରୁ ସମର୍ଥନ କରାଯାଇଥିବା କୁହାଯାଇଥିଲା ।

# ଲାଠୋର ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ଦାବି

**ଲାଠୋର,୨୩।୪(ଭୁବନେଶ୍ୱର ବାରିକ)**



ଲାଠୋର ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନାହିଁ। ଉକ୍ତ ଅସ୍ଥାୟୀ ବସଷ୍ଟାଣ୍ଡରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ପ୍ରାୟ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲାଠୋର ଗ୍ରାମରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ବସ୍ ଚଳାଚଳ ହେଉଛି। ଆଜିଯାଏ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ହୋଇନାହିଁ। ରେଳ ଫାଟକ ନିକଟରେ ଅସ୍ଥାୟୀ ଭାବରେ ବସଷ୍ଟାଣ୍ଡ କରାଯାଇଛି। ସେଠାରେ ଯାତ୍ରୀ ପ୍ରତୀକ୍ଷାଳୟ କିମ୍ବା ଶୌଚାଳୟର ବ୍ୟବସ୍ଥା ନାହିଁ। ଯାତ୍ରୀମାନେ ଯିବା ଆସିବା ବେଳେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ବୈଶାଖ ମେଳା ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟକ ମହିଳା ପୁରୁଷ ଟ୍ରେନ ଯୋଗେ ଲାଠୋର ଆସିବାର ସମ୍ଭାବନା ରହିଛି। ଏଣୁ ଉକ୍ତ ବସଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଖପ୍ରାଖୋଲ ବ୍ଲକ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR

**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com

Lt. No. 1010/Dev/2026 Dated: 20.04.2026

**e-NOTICE**

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR

**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in

No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

# ସୁସ୍ଥ ଶିଶୁ ପାଇଁ ଉତ୍ତମ ପୋଷଣ ଆବଶ୍ୟକ

## ସୁବର୍ଣ୍ଣପୁରରେ ପୋଷଣ ପକ୍ଷ ପାଳିତ



ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ୮ମ ପୋଷଣ ପକ୍ଷ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଡ. ନୃପରାଜ ସାହୁ ଯୋଗଦାନକରି ଉପସ୍ଥିତ ଅଙ୍ଗନୱାଡି କର୍ମୀମାନଙ୍କୁ ଶିଶୁମାନଙ୍କର ପୋଷଣ ଉପରେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଉଷାରଣୀ ଦାଶ, ଜିଲା ଶିଶୁ ବିକାଶ ଅଧିକାରୀ ଚତୁର୍ଭୁଜ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ବୀଣାପାଣି ମିଶ୍ର ପରିଚାଳନା କରିଥିଲେ। ଜିଲାପାଳ ଡ. ସାହୁ ଅଙ୍ଗନୱାଡି କର୍ମୀମାନଙ୍କୁ କହିଥିଲେ, ସେମାନେ ନିଜ କେନ୍ଦ୍ର ଅଧୀନରେ ୬ ବର୍ଷରୁ କମ୍ ଶିଶୁମାନଙ୍କର ପୋଷଣ ମାତ୍ରାର ତଥ୍ୟ ରଖିବା ସହ ପ୍ରତିମାସ ତାହାର ତୁଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜିତ ସଚେତନତା ସଭାରେ ସୁସ୍ଥ ଶିଶୁ ଓ ମାନସିକ ବିକାଶ ପାଇଁ ଉତ୍ତମ ପୋଷଣ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଗତ ୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲାରେ ପୋଷଣ ପକ୍ଷ ପାଳନ କରାଯାଇଛି। ୯ ତାରିଖରୁ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା କେନ୍ଦ୍ର, ମଣ୍ଡଳ ସ୍ତରରେ ଏବଂ ପରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସ୍ତରରେ ଏହା ପାଳିତ ହୋଇଥିଲା। ଏହି ପକ୍ଷରେ ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପକ୍ଷ ପାଳନରେ ମା' ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ୍ ଟାଇମ କମ୍ କରିବାରେ ମାତାପିତା ଓ ସମୁଦାୟର ଭୂମିକା ଏବଂ ଅଙ୍ଗନୱାଡି କେନ୍ଦ୍ରର ସଶକ୍ତୀକରଣ ପାଇଁ ସାମୂହିକ ସମର୍ଥନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ପରିଦର୍ଶିକା, ସ୍ୱୟଂ ସହାୟକ ଗୋଷ୍ଠୀ, କିଶୋରୀ ବାଳିକା ଓ ପୋଷଣ ଗୋଷ୍ଠୀ ସଂଯୋଜକମାନେ ଭାଗ ନେଇଥିଲେ। ଜନ ଆନ୍ଦୋଳନ ପୋର୍ଟାଲରେ ଭଲ ପ୍ରଦର୍ଶନ ପାଇଁ ବିନିକା ସମନ୍ୱିତ ଶିଶୁ ବିକାଶ ସେବା ଏବଂ ବୀରମହାରାଜପୁରର ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲାପାଳ ପ୍ରଧାନ, ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ଏବଂ ଅନ୍ୟ ସମସ୍ତ ଅଧିକାରୀବୃନ୍ଦ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୌଷ୍ଟିକ ଖାଦ୍ୟ ପରିଦର୍ଶନକରି ସେଗୁଡ଼ିକର ସ୍ୱାଦ ପରଖିଥିଲେ। ପୋଷଣ କାର୍ଯ୍ୟକ୍ରମର ଜିଲା ସଂଯୋଜକ ସଞ୍ଜୀବ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୁସ୍ତକ ଜ୍ଞାନର ଗନ୍ତାଘର



ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନଠାରେ ବିଶ୍ୱ ପୁସ୍ତକ ଦିବସରେ ଅତିଥିଗଣ।

ବୀରମହାରାଜପୁର,୨୩।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଅନୁଷ୍ଠାନର ପୂର୍ବତନ ସଭାପତି ଡ.ପ୍ରଫୁଲ୍ଲ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସଭାପତି ଭଗବାନ ମିଶ୍ର, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ରାଧେଶ୍ୟାମ ପୁରୋହିତ, ସମ୍ମାନିତ ଅତିଥି ଭାବରେ ବାସୁଦେବ ପଣ୍ଡା ଯୋଗଦାନ କରିଥିଲେ। ପୁସ୍ତକ ଜ୍ଞାନର ଗନ୍ତାଘର ଏବଂ ଏହା ପଢିଲେ ଚିନ୍ତାଚେତନା ଓ ଭାବ ଭାବନାର ଅଭିବୃଦ୍ଧି ଘଟିଥାଏ ତଥା ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରେଇ ଜ୍ଞାନର ଆଲୋକ ପ୍ରଦାନ କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସମ୍ପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସଦସ୍ୟ ଶ୍ୟାମସୁନ୍ଦର ସେଠୀ ସ୍ୱାଗତ କରିବା ସହିତ ଶେଷରେ କୋଷାଧ୍ୟକ୍ଷ ଅକ୍ଷର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ସୁରୁ ସାହୁ, ଜିତେନ୍ଦ୍ର ପ୍ରଧାନ, ତ୍ରିନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଅଙ୍ଗନୱାଡି ସହାୟିକା ନିଯୁକ୍ତି ପୁନଃ ବିଜ୍ଞପ୍ତି ପ୍ରକାଶ ଦାବି

ବଘିଆପଡା,୨୩।୪(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମପଞ୍ଚାୟତ ଇସିରିସିଙ୍ଗା ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ ଦାବିରେ ଗ୍ରାମର ଶତାଧିକ ମହିଳା ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ସହାୟିକା ନିଯୁକ୍ତି ପାଇଁ ୨୦୨୫ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଓ ତାକୁ ବୌଦ୍ଧ ସିଡ଼ିପିଓ ବାତିଲ କରିଥିଲେ। ତେବେ ଆଉ ଦ୍ୱିତୀୟ ବିଜ୍ଞପ୍ତି ପ୍ରକାଶ ନ କରି ଜଣେ ମହିଳାଙ୍କୁ ସେହି ପଦରେ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଁ ଦାବି କରିଥିଲେ। ତା ୨୪।୩।୨୦୨୫ରେ ବୌଦ୍ଧ ସିଡ଼ିପିଓ ଓ ତହସିଲଦାର ଗ୍ରାମବାସୀଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ଷେରୁ ଅଧିକ ସମୟ ଧରି କେନ୍ଦ୍ରରେ ତାଲା ପଡିବା ପରେ ଗତ ତା ୧୮।୪।୨୦୨୬ରେ ସିଡ଼ିପିଓ ତହସିଲଦାର, ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗ୍ରାମରେ ପହଞ୍ଚି ଗ୍ରାମବାସୀ ବର୍ଷେ ତଳେ ପକାଇଥିବା ତାଲା ଭାଙ୍ଗି ଦେଇଥିଲେ। ଏହାକୁ ବିରୋଧ କରି ଗ୍ରାମର ମହିଳାମାନେ ସହାୟିକା ନିଯୁକ୍ତି ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା।

# ମାତୃ, ଶିଶୁ ମୃତ୍ୟୁହାର ଶୂନ୍ୟ କରିବାକୁ ନିର୍ଦ୍ଦେଶ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ବୌଦ୍ଧରେ ଅଷ୍ଟମ ପୋଷଣ ପକ୍ଷ ପାଳିତ

ବୌଦ୍ଧ, ୨୩।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅଷ୍ଟମ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉପଲକ୍ଷେ ଆୟୋଜିତ ଏକ ଖାଦ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ବିନୟ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ଜିଲାପାଳ ଉପସ୍ଥିତ ଅଙ୍ଗନୱାଡି କର୍ମଚାରୀମାନଙ୍କୁ ସମ୍ବୋଧିତ କରି କହିଥିଲେ, ସେମାନେ ନିଜ ଅଞ୍ଚଳର ୬ ବର୍ଷରୁ କମ୍ ଶିଶୁମାନଙ୍କ ପୋଷଣ ମାତ୍ରାର ତଥ୍ୟ ରଖିବା ସହ ପ୍ରତି ମାସ ତାର ତୁଳନା କରିବା ଆବଶ୍ୟକ। ସେମାନଙ୍କ ଖାଦ୍ୟ, ପାନୀୟ ଏବଂ ସଫା ସୁତୁରା ଉପରେ ସ୍ୱତନ୍ତ୍ର ନଜର ରଖିବା ଉଚିତ। ଅଙ୍ଗନୱାଡି ଶିକ୍ଷା,ସ୍ୱାସ୍ଥ୍ୟ ବିଭାଗ ଓ ଜନପ୍ରତିନିଧିମାନଙ୍କ ମିଳିତ ସହଯୋଗରେ ଜିଲାରୁ ମାତୃ ଓ ଶିଶୁ ମୃତ୍ୟୁହାର ଶୂନ୍ୟ କରିବା ପାଇଁ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ଶିଶୁମାନଙ୍କ ମାନସିକ ପୋଷଣ ବିଷୟରେ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ମା' ଓ ଶିଶୁର ପୋଷଣ, ଶିଶୁମାନଙ୍କ ମାନସିକ ବିକାଶ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ସେମାନଙ୍କୁ ମୋବାଇଲ୍‌ରୁ ଦୂରେଇ ରଖିବା, ମାତାପିତା ଓ ସମୁଦାୟର ଭୂମିକା ଏବଂ ଅଙ୍ଗନୱାଡି କେନ୍ଦ୍ର ସଶକ୍ତୀକରଣ ପାଇଁ ସାମୂହିକ ସମର୍ଥନ ଆଦି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରୋଗ୍ରାମ ଅଫିସର ଗୀତାଞ୍ଜଳି ଦଲାଲ, ଡି ସି (ପୋଷଣ) ଋତୁରାଜ ଛତ୍ର, ଡିପିସି ମମତା ଆଶିଷ ମହାନ୍ତି, ଡିପିଏ ପୋଷଣ ଆଶିଷ କୁମାର ମେହେର, ସିଡ଼ିପିଓ ଦିପ୍ତିମୟୀ ପାତ୍ର, ୱାହିଦା ବେଗମ୍ ପ୍ରମୁଖ ସହଯୋଗ କରିଥିଲେ। ସମାଜ କଲ୍ୟାଣ ଅଧିକାରୀ ସୋମ୍ୟରଞ୍ଜନ ରାୟ, ଅତିରିକ୍ତ ଶିକ୍ଷାଧିକାରୀ ଚନ୍ଦ୍ରମଣି ବାରିକ୍, ଡିପିସି ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୨ ଶୈବପୀଠକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା

ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ୨ ଶୈବପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେଇଛନ୍ତି। ସେଗୁଡ଼ିକ ହେଲା, ପଶ୍ଚିମ ଓ ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ଅନ୍ୟତମ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ବିଶ୍ୱେଶ୍ୱର ମନ୍ଦିର ଏବଂ ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁର ବୈଦ୍ୟନାଥ ମନ୍ଦିର। ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇବା ଖବର ପାଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇବା ପରେ ଉକ୍ତ ଶୈବପୀଠଗୁଡ଼ିକର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ମନରେ ଆଶା ବାନ୍ଧିଛନ୍ତି।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Category | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR



**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com

Lt. No. 1010/Dev/2026 Dated: 20.04.2026

**e-NOTICE**

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC


## ପୁଣି ଡାକ୍ତରଙ୍କ ଘରକୁ ପଥରମାଡ଼

ବିନିକା,୨୩।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସାସ୍ଥ୍ୟାଧିକାରୀ ଡ. ସନ୍ତୋଷ କୁମାର ବିଭାରଙ୍କ ବାସଭବନକୁ ପୁଣି ଥରେ ବୁଧବାର ରାତିରେ ପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ୯ ଓ ୧୦ ତାରିଖରେ ଡ. ବିଭାର କ୍ୱାର୍ଟରରେ ନ ଥିବା ଜାଣି କେହି ଦୁର୍ବୃତ୍ତ ତାଙ୍କ ବାସଭବନକୁ କେନାଲ ପାର୍ଶ୍ୱରୁ ଝରକାକୁ ପଥର ମାରି ଭାଙ୍ଗି ଦେଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ପୁଣି ବୁଧବାର ରାତିରେ ପଥର ମାଡ଼ କରାଯାଇଥିବା ଡ. ବିଭାର ବୁଧବାର ପୁଣି ଥରେ ଥାନାରେ ଅଭିଯୋଗ କରିଛନ୍ତି। ଡାକ୍ତର ହେଉଛନ୍ତି ଭଗବାନ ସଦୃଶ। ପୁଣି ସେହି ଡାକ୍ତରଙ୍କ ଘରକୁ ପଥର ମାଡ ହେବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏଣୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ମହିଳାଙ୍କୁ ଧୋକା ଦେଇଛନ୍ତି ବିରୋଧୀ: ଭାଜପା

ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ)




ସୁବର୍ଣ୍ଣପୁରରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଜନୀତି କ୍ଷେତ୍ରରେ ଦେଶରେ ମହିଳାମାନଙ୍କ ଭାଗୀଦାରିକୁ ବିରୋଧି ଦଳଗୁଡିକ ବିରୋଧ କରୁଛନ୍ତି। କଂଗ୍ରେସ, ବିଜେଡି, ସମାଜବାଦୀ ପାର୍ଟି, ଡିଏମ୍‌କେ ଓ ଟିଏମ୍‌ସି ଭଳି ବିରୋଧିଙ୍କ ବିରୋଧ ପାଇଁ ମହିଳା ସଂରକ୍ଷଣ ବିଲ ପାରିତ ହୋଇ ପାରିଲାନି ବୋଲି ଭାଜପା ଅଭିଯୋଗ କରିଛି। ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଅଭାବରୁ ଲୋକସଭାରେ ସମ୍ବିଧାନ(୧୩୧ତମ ସଂଶୋଧନ) ବିଲ୍ ୨୦୨୬ କାଟ୍ ଖାଇଲା। ଫଳରେ ଦେଶର ମହିଳାମାନଙ୍କ ଭିତରେ ବିରୋଧୀଙ୍କୁ ନେଇ ଆକ୍ରୋଶ ସୃଷ୍ଟି ହୋଇଛି। ମହିଳାଙ୍କ ଆକ୍ରୋଶକୁ ସମର୍ଥନ ଜଣାଇ ଭାଜପା ମହିଳା ଆକ୍ରୋଶ ଯାତ୍ରା କରୁଛି। ଗୁରୁବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୁବର୍ଣ୍ଣପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଲକୁ ବିରୋଧ କରି ବିରୋଧି ଦଳଗୁଡିକ ମହିଳାଙ୍କୁ ଧୋକା ଦେଇଥିବା ଭାଜପା ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ବିକ୍ଷୋଭରେ ଯୋଗଦେଇ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା କହିଥିଲେ, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ପ୍ରଚେଷ୍ଟା କରୁଛନ୍ତି। ରାଜନୀତି କ୍ଷେତ୍ରରେ ସେମାନଙ୍କ ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ନାରୀ ବନ୍ଦନ ଅଧିନିୟମ ଆଣିଥିଲେ। ଏହି ବିଲ୍ ଲୋକ ସଭା ଓ ରାଜ୍ୟ ବିଧାନସଭା ଗୁଡିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ତେବେ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିକୁ ବିରୋଧୀ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡିକ ଚାହୁଁନାହାନ୍ତି। ଓଡ଼ିଶାର ମହିଳାମାନେ ଏହାକୁ କେବେ ହେଲେ କ୍ଷମା ଦେବେ ନାହିଁ ବୋଲି ବିଧାୟକ କହିଛନ୍ତି। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ବେଣୁଧର ଦାଶ, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ନବକୃଷ୍ଣ ଦନ୍ତା, ଅଶୋକ ପୃଷ୍ଟି, ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ରିତେଶ ପୃଷ୍ଟି, ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ରଶ୍ମି ଷଡଙ୍ଗୀ, ଜିଲା ପରିଷଦ ସଭ୍ୟା ପ୍ରମିଳା କଲତା, ରାଜେଶ୍ୱରୀ ବିଷୋୟୀ, କାଉନସିଲର ସୁକାନ୍ତ ସାହୁ, ବିଶ୍ୱମ୍ଭର ମିଶ୍ର, ବାବୁଲୁ ବିଶି, ଦୀପକ ମହାପାତ୍ର, ଚନ୍ଦ୍ରଶେଖର ନାଏକ, ଅନନ୍ତ ମିଶ୍ର ଓ ସୁରୁବାବୁ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ବିଜୁ ପଟ୍ଟନାୟକ ଛକରେ କଂଗ୍ରେସ ଓ ବିଜେଡି ନେତୃତ୍ୱଙ୍କ ବିରୋଧରେ ଭାଜପା କର୍ମକର୍ତ୍ତା ନାରାବାଜି କରିଥିଲେ। ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରା ଯାଇଥିଲା।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Category | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR




ଗୋପାଜୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା।

# ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା

ବୀରମହାରାଜପୁର,୨୩।୪(ଯୁଗଳ କିଶୋର ମିଶ୍ର)

ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଘଣ୍ଟପାଲିଠାରେ ନବନିର୍ମିତ ଗୋପାଳଜୀ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟପାଲି ଗ୍ରାମବାସୀ ଓ ଆଖପାଖ ୫ଖଣ୍ଡ ଗାଁର ଶତାଧିକ ମହିଳା ଭୂତିଆପାଲି ନିକଟସ୍ଥ ଘୁଙ୍ଗୀ ନାଳରୁ କଳସରେ ପାଣିତୋଳି ଶୋଭାଯାତ୍ରା କରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସୁନ୍ଦରକାଣ୍ଡ ପାରାୟଣ ଏବଂ ବଲାଙ୍ଗୀରର ଦଣ୍ଡମାଳ କଳାକାରଙ୍କ ଦ୍ୱାରା ରାମଲୀଳା ନାଟକ ଅନୁଷ୍ଠିତ ହେବ। ଏହି ଅବସରରେ ପୂଜକ ଭାବେ ବନମାଳୀ ଚାନ୍ଦ, କର୍ତ୍ତା ଭାବେ ଗୌରୀ ଶଙ୍କର ହୋତା ଓ ଗିନାରାଣୀ ପଣ୍ଡା ସସ୍ତ୍ରିକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ଘଣ୍ଟପାଲି, କର୍ଡ଼ପାଲ, ତେଲିପାଲି, ଭୁତିଆପାଲି ଗ୍ରାମବାସୀ ସହଯୋଗରେ ନ୍ୟାୟମୂର୍ତ୍ତି ରାମଶଙ୍କର ହୋତା, ପୂର୍ବ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ ଉପଦେଷ୍ଟା ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in

No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

**ହେମଗିର ଥାନାରେ ଜନଗଣନା**

**ହେମଗିର (ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକଠାରେ ଜନଗଣନା ଚାଲିଥିବା ବେଳେ ଗୁରୁବାର ହେମଗିର ଥାନାରେ ଜନ ଗଣନା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟରେ ଗଣନାକାରୀ ରାଜକୁମାରୀ ପଟେଲ ଓ ପର୍ଯ୍ୟବେକ୍ଷକ ସାଳିକରାମ ପଟେଲ ହେମଗିର ଥାନାରେ ପହଞ୍ଚି ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ସହିତ ଆଲୋଚନା କରି ଜନଗଣନା ସମ୍ପର୍କିତ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥିଲେ। ପୋଲିସ ବିଭାଗ ତରଫରୁ ଏହି ଜନଗଣନାରେ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ମିଳିଥିବା ପର୍ଯ୍ୟବେକ୍ଷକ ପଟେଲ ପ୍ରକାଶ କରିଛନ୍ତି।

# ଭଡ଼ାଘରେ ଚାଲିଛି ୩୭୬ ଅଙ୍ଗନୱାଡି କେନ୍ଦ୍ର

**ସୁନ୍ଦରଗଡ,୨୩।୪(ଜୟ ନାରାୟଣ ମେଣ୍ଡୁଲି)**

ସରକାରଙ୍କ ପକ୍ଷରୁ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ପ୍ରଦାନ ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ସୁନ୍ଦରଗଡ ଜିଲାରେ ଅଧିକାଂଶ କେନ୍ଦ୍ରର ଏ ପର୍ଯ୍ୟନ୍ତ ସ୍ଥାୟୀ ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରୁନାହିଁ। ୟୁନିସେଫ ତରଫରୁ ମା' ଓ ଶିଶୁ ମାନଙ୍କ କଲ୍ୟାଣ ନିମନ୍ତେ ଦେଶରେ ପ୍ରଥମ କରି ଆରମ୍ଭ ହୋଇଥିବା ଏହି ଯୋଜନା ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାର ସବଡେଗା ବ୍ଲକରୁ ହିଁ ଆରମ୍ଭ ହୋଇଥିଲା। ଏହି ଯୋଜନା ସଫଳ ହେବାପରେ ପରବର୍ତ୍ତୀ ସମୟରେ ସରକାରଙ୍କ ତରଫରୁ ଦେଶର ସମସ୍ତ ରାଜ୍ୟରେ କାର୍ଯ୍ୟକାରୀ ହୋଇ ବର୍ତ୍ତମାନ ଏହା ଏକ ସଫଳ ଯୋଜନା ଭାବେ ମାନ୍ୟତା ଲାଭ କରିଛି । ଏହି ଯୋଜନାରେ ନିଯୁକ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ଅନ୍ୟାନ୍ୟ କର୍ମଚାରୀ ତଥା ଅଧିକାରୀମାନେ କେବଳ ମା' ଓ ଶିଶୁ ମାନଙ୍କ ଯତ୍ନ ବ୍ୟତୀତ ସରକାରଙ୍କ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଗୁଡିକରେ ମଧ୍ୟ ସହଯୋଗ କରୁଛନ୍ତି। ହେଲେ ସୁନ୍ଦରଗଡ ଜିଲାରେ ଥିବା ୩୯୧୯ ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୨୮୩୬ଟିର ନିଜସ୍ୱ କୋଠା ଥିବା ବେଳ ୩୭୬ଟି କେନ୍ଦ୍ର ଭଡାଘରେ ଚାଲୁଅଛି। ସେହିପରି ୧୫୮ଟି ସ୍କୁଲ ବିଲଡିଂ ଭିତରେ ଓ ୫୪୯ଟି କେନ୍ଦ୍ର କମ୍ୟୁନିଟି ସେଣ୍ଟର ଘରେ ଚାଲୁଅଛି। ମିଳିଥିବା ତଥ୍ୟ ଅନୁସାରେ, ଜିଲାର ବାଲିଶଙ୍କରା ବ୍ଲକରେ ୧୩ ଟି କେନ୍ଦ୍ର ଭଡାଘରେ ଚାଲୁଥିବା ବେଳେ ବୀରମିତ୍ରପୁର ପୌରାଞ୍ଚଳର ୧୮ଟି, ବିଶ୍ରା ବ୍ଲକରେ ୨୪,କୁଆଁରମୁଣ୍ଡା ବ୍ଲକରେ ୩, କୁତ୍ରା ବ୍ଲକରେ ୨୪, ଲେଫ୍ରିପଡା ବ୍ଲକରେ ୧୩, ନୂଆଗାଁ ବ୍ଲକରେ ୨୩, ରାଜଗାଙ୍ଗପୁର ବ୍ଲକରେ ୨୩, ରାଉରକେଲା ସହରାଞ୍ଚଳରେ ୧୧୩ଟି, ରାଉରକେଲା ସିଭିଲ ଟାଉନଶିପରେ ୩୯, ରାଉରକେଲା ଶିଳ୍ପାଞ୍ଚଳରେ ୭୩, ସବଡେଗା ବ୍ଲକରେ ୫ ଓ ସୁନ୍ଦରଗଡ ସଦର ବ୍ଲକରେ ୫ଟି କେନ୍ଦ୍ର ଭଡାଘରେ ଚାଲୁଅଛି। ଜିଲାରେ ଥିବା ୨୧ପ୍ରକଳ୍ପରେ ଥିବା ୩୯୧୯ଟି ଅଙ୍ଗବାଡି କର୍ମୀ ପଦବୀ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୮ଟି ପଦବୀ ଖାଲି ପଡିଛି। ଏ ସମ୍ପର୍କରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଚିତ୍ରା ଦାଶଙ୍କୁ ପଚାରିବାରୁ, ଭଡାଘରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ସ୍ଥାୟୀ ଗୃହ ନିର୍ମାଣ ଓ ଖାଲି ଥିବା ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ଦିଗରେ ପ୍ରକ୍ରିୟା ଚାଲୁ ରହିଥିବା କହିଛନ୍ତି।






ଭଡା ଘରେ ଚାଲୁଥିବା ରାଜଗାଙ୍ଗପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ଲିପଲୋଇ କୁମ୍ଭାର ପଡା ଅଙ୍ଗନୱାଡି କେନ୍ଦ୍ର।

**ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା**

## ବୁଥ୍ ସ୍ତରରୁ ସଙ୍ଗଠନକୁ ସକ୍ରିୟ କର



କଂଗ୍ରେସ ଦଳରେ ଯୋଗଦେଇ ଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରାଯାଉଛି।

**ଟାଙ୍ଗରପାଲି ବ୍ଲକ କଂଗ୍ରେସର କର୍ମୀ ବୈଠକ**

**ସୁନ୍ଦରଗଡ,୨୩।୪(ଜୟ ନାରାୟଣ ମେଣ୍ଡୁଲି)**

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମହୁଲପାଲି ଠାରେ ବ୍ଲକ କଂଗ୍ରେସ କମିଟିର ସଭାପତି ଅଶୋକ କୁମାର ନାଏକଙ୍କ ସଭାପତିତ୍ୱରେ ଦଳୀୟ କର୍ମୀମାନଙ୍କର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ନିର୍ମଳ ନାଏକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଟେଲ ଓ ଜିଲା ସମ୍ପାଦକ ଉଦିତ କୁମ୍ଭାର ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ତଥା ବୁଥ ସ୍ତରରୁ ସଂଗଠନକୁ କିଭଳି ଆହୁରି ସକ୍ରିୟ କରାଯାଇପାରିବ ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀଦିନରେ ପ୍ରତି ବୁଥରେ ଜଣେ ଲେଖାଏଁ ବୁଥ ସ୍ତରୀୟ ଏଜେଣ୍ଟମାନଙ୍କୁ ରଖାଯିବା ସହିତ ଦଳୀୟ କାର୍ଯ୍ୟକ୍ରମ କୁ କିପରି ଆହୁରି ସକ୍ରିୟ କରାଯାଇପାରିବ ସେ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥଲେ। ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦଳରେ ସକ୍ରିୟ ଥିବା କର୍ମକର୍ତ୍ତାମାନେ ଜିଲା ସଭାପତିଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ଜିଲା ସଭାପତି ଓ ଉପସ୍ଥିତ ନେତୃବୃନ୍ଦ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। କଂଗ୍ରେସ ଦଳରେ ଯୋଗ ଦେଇଥିବା ବ୍ୟକ୍ତି ମାନେ ହେଲେ ସୁବୋଧ ନାଏକ, ଫୁଲେଶ୍ୱର ନାଏକ, ରାଜେନ୍ଦ୍ର ପାଣ୍ଡ, ହେମସାଗର ସେଠ, କୁଞ୍ଜ ଦେହୁରୀ, ଶ୍ରୀବସ୍ତ ଖିଲେଇ, ଦ୍ରୋଣ ତଣ୍ଡିଆ, ଲୋକନାଥ ପଟେଲ, ମନୋଜ ମୁଣ୍ଡା, ମଧୁସୂଦନ କମାର, ବୀର ପୁଝାରୀ,ଖୁଦିରାମ ଖଣ୍ଡା, ନବକିଶୋର ଚଛାନ, ହର୍ଷ ମାଝୀ, ଭାସ୍କର ମାଝୀ, ଗଣେଶ ରାମ ସାହୁ, ବରୁଣ ଭୋଇ, ଗିରିଧାରୀ ମାଝୀ ହରିହର ପଟେଲ, ଛଡା ମୁଣ୍ଡା ପ୍ରମୁଖ। ଏହି କର୍ମୀ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଉତ୍କଳମଣି ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ରାଉରକେଲା,୨୩।୪(ଦିନେଶ ମିଶ୍ର)**

ସେକ୍ଟର-୨୧ସ୍ଥିତ ନୟାବଜାର ଅଞ୍ଚଳରେ ଥିବା ଉତ୍କଳମଣି ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟର ୫୦ତମ ବାର୍ଷିକୋତ୍ସବ ଅଧ୍ୟକ୍ଷ ଶୁଭାଶିଷ ସେଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ମଙ୍ଗଳ ସମିତି ସଭାପତି ମୁକେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ଡ. ସନାତନ ପ୍ରଧାନ, ଡ. ଲକ୍ଷ୍ମୀକାନ୍ତ ନନ୍ଦ, ଡ. ଭରତ ଭୂଷଣ ଦାସ, ଜଗନ୍ନାଥ ବେହେରା, ଶୋଭନ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୁଷ ଛାତ୍ରୀ ପ୍ରିୟା କୁମାରୀ ଓ ସହିତା ହଲଦର ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଅମିତ କୁମାର ବେହେରା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାବ୍ୟତୀତ ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ଓ ଶୈକ୍ଷିକ କ୍ଷେତ୍ରରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅମିତ କୁମାର ବେହେରାଙ୍କ ସମେତ ସମସ୍ତ ଆୟୁଷ ଡାକ୍ତର ସହଯୋଗ କରିଥିଲେ।

### ଭାଗବତ ପାରାୟଣ ଉତ୍ସବ ଉଦ୍‌ଯାପିତ

**ରାଉରକେଲା,୨୩।୪(ଦିନେଶ ମିଶ୍ର)**

ଉଦିତନଗର ଶାନ୍ତି କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଚାଲିଥିବା ଦୁଇ ଦିନିଆ ଭାଗବତ ପାରାୟଣ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବକୁ ରାଧାକୃଷ୍ଣ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା। ପ୍ରଥମ ଦିନରେ ପଣ୍ଡିତ ପ୍ରାଣବନ୍ଧୁ ରଥଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ପାର୍ଶ୍ୱଦେବାଦେବୀ ପୂଜା କରାଯାଇଥିଲା। ପରେ ରାଧାକୃଷ୍ଣଙ୍କୁ ଏକ ଖଟୁଲିରେ ସ୍ଥାପନ କରି ୧୦୮ ତୁଳସୀ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାରେ ଶାନ୍ତି କଲୋନୀର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ଭକ୍ତଙ୍କ ଲାଗି ସାମୂହିକ ଦର୍ଶନ ଓ ଆଳତୀ ହୋଇଥିଲା। ସନ୍ଧ୍ୟା ସମୟରେ ଆୟୋଜିତ ଭାଗବତ ପାରାୟଣରେ ମହିଳାମାନେ ଭାଗବତର ବିଭିନ୍ନ ସ୍କନ୍ଦ ପଠନ କରିଥିଲେ। ପରେ ହୋମଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ସତ୍ୟନାରାୟଣ ପଣ୍ଡା, ଗୋକୁଳ ମହାନ୍ତି, ନରେଶ ରାଉତ, ସୁବାଷ ସ୍ୱାଇଁ, ଜିତେନ୍ଦ୍ର ନାଥ, ହିମାଂଶୁ ନାୟକ, ଗୋକୁଳ ପରିଡା, ହଳଧର ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ସିବିଏସଇ ପରୀକ୍ଷାରେ ଟପ୍ପରଙ୍କୁ ସମ୍ବର୍ଦ୍ଧନା




ଅତିଥିଙ୍କ ସହିତ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

**ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ସିବିଏସଇ ପରୀକ୍ଷାରେ ଟପ୍ପର ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ.ପୁଷ୍ପମିତ୍ରା ଷଡ଼ଙ୍ଗୀ, ଟ୍ରଷ୍ଟି ସଦସ୍ୟ ନିମାଇଁ ଚରଣ ନାଏକ, ବେଣୁ ମାଧବ ତ୍ରିପାଠୀ, ବରିଷ୍ଠ ଶିକ୍ଷକ ଦେବାଶିଷ ଦାସ, ଗୋପାଳ ପୁରୋହିତ ଓ ମାୟାକେଲା ଖାଲ୍କୋ ମଞ୍ଚରେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକ ଓ ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତସଙ୍ଗୀତ ପରିବେଷଣ କରାଯାଇଥିଲା। ଟ୍ରଷ୍ଟି ସମ୍ପାଦକ ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ଡ.ପୁଷ୍ପମିତ୍ରା ଷଡ଼ଙ୍ଗୀ ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ନିଷ୍ଠାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏହି ସଫଳତା ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ। ଏହାପରେ ଟପ୍ପର ଛାତ୍ରୀଛାତ୍ର ଚିନ୍ମୟ ମିଶ୍ର, ଶିଲକି ସ୍ମିତା ପଟେଲ, ଅଙ୍କିତା କଂସରାଲି, ଫରହାନ ରାଜା, ଲିଙ୍କନ ସା, ଅୟେଶା ପଟେଲ, ଧରିତ୍ରୀ ପରିଡ଼ା, ସୀତାଂଶୁ ନାୟକ, ବନ୍ଦନା ସିଂ, ଶାଶ୍ୱତ ସ୍ୱରୂପ ପାଲ, ପୁଷ୍କର ମାଝୀ, ପଲକ ବିଶ୍ୱକର୍ମା, ରୋନକ ନାୟକ ଏବଂ ତାଙ୍କ ଅଭିଭାବକଙ୍କୁ ପୁଷ୍ପ ଗୁଚ୍ଛ,ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟତ୍ରୀ ପ୍ରିୟଙ୍କା ଜେନା ଧନ୍ୟାବାଦ ଜ୍ଞାପନ କରାଯାଇଥିଲା।

## ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଧରିତ୍ରୀ ଦିବସ

**ସୁନ୍ଦରଗଡ,୨୩।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ବୁଧବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଇକୋ କ୍ଲବ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ବାଇପାସ ଛକ ଓ ଶଙ୍କରା ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରାକୁ ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପ ମିତ୍ରା ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ବିଦ୍ୟାଳୟରେ ଆୟୋଜିତ ସଭାରେ ଅଧ୍ୟକ୍ଷା ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ ପିଲା ମାନଙ୍କୁ ପରିବେଶକୁ କିଭଳି ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପରେ ଇକୋ କ୍ଲବ ଶିକ୍ଷକ ପରିଡାଙ୍କ ଦ୍ୱାରା ପ୍ରସ୍ତୁତ ଏକ ନାଟିକା ୪୦ଜଣ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଏହାପରେ ପୃଥିବୀକୁ କିଭଳି ରକ୍ଷା କରାଯାଇପାରିବ ସେନେଇ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ବିଦ୍ୟାଳୟର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମାଇକେଲ ଖାଲକୋ, ଦେବାଶିଷ ଦାସ, ସନ୍ତୋଷ ମହାନ୍ତ, ସୂର୍ଯ୍ୟକାନ୍ତି ପଟେଲ, ଜ୍ୟୋସ୍ନା ପଟେଲ, ପ୍ରିୟଙ୍କା ଜେନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟାନୁଷ୍ଠାନ ଶୂନ

- ବଢ଼ି ଚାଲିଛି କାରଖାନା ବର୍ଜ୍ୟ ଗଦା
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**କୁଆଁରମୁଣ୍ଡା,୨୩।୪(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଯମୁନାନାକି ଠାରୁ ବୀରମିତ୍ରପୁର ପର୍ଯ୍ୟନ୍ତ ୧୪୩ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ସ୍ପଞ୍ଜ ଆଇରନ କାରଖାନାଗୁଡ଼ିକର ବିଷାକ୍ତ କଠିନ ବର୍ଜ୍ୟ ଗଦା କରାଯାଉଛି। ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ବିଶେଷ ଭାବେ ପ୍ରଦୂଷିତ ହେଉଛି। ଏହି ବେଆଇନ କାର୍ଯ୍ୟ ସ୍ପଷ୍ଟ ଦିବାଲୋକରେ ହେଉଥିଲା ବେଳେ କାର୍ଯ୍ୟାନୁଷ୍ଠାନ ହେଉନି। ଏହି ବେଆଇନ କାର୍ଯ୍ୟକୁ ରୋକିବା ରାଜସ୍ୱ ବିଭାଗ,ପ୍ରଦୂଷଣ ବିଭାଗ ଓ ପୋଲିସର କାମ। ହେଲେ ରାଜସ୍ୱ ବିଭାଗ କହିଛି ଏହି କାର୍ଯ୍ୟ ପ୍ରଦୂଷଣ ବିଭାଗ କାମ ଓ ପ୍ରଦୂଷଣ ବିଭାଗ ଓଲଟା କହୁଛି ଯେ ସେହି କାର୍ଯ୍ୟ ତହସିଲ ଓ ପୋଲିସର ଦାୟିତ୍ୱ। ଅନ୍ୟ ପକ୍ଷରେ ପୋଲିସ କହୁଛି ଆମକୁ ତହସିଲ ଓ ପ୍ରଦୂଷଣ ବିଭାଗ ଖବର ଦେଲେ ଆମେ ସହଯୋଗ କରିବୁ। ମାତ୍ର ଏହି ସୁଯୋଗର ଫାଇଦା ନେଇ ଅସାଧୁ ବ୍ୟକ୍ତିମାନେ ବେଆଇନ ଡମ୍ପିଂ କାର୍ଯ୍ୟ ଜୋରଦାର ଚାଲୁ ରଖିଛନ୍ତି। ଏନେଇ ମଧ୍ୟ ଗତ ମାସ ଜାନୁଆରୀ ମାସ ୧୮ ତାରିଖରେ ପ୍ରଦୂଷଣ କରୁଛି କାରଖାନା ବର୍ଜ୍ୟ ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ସେତେବେଳେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ମତ ଦେଇଥିଲେ। ହେଲେ ଦୀର୍ଘ ୪ ମାସ ପରେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଶୈଳେଶ ତିୱାରୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ପାନପୋଷ ଉପଜିଲାପାଳ ନାୟକଙ୍କୁ ପଚାରିବାରୁ, ମୁଁ ତହସିଲଦାରଙ୍କୁ ଘଟଣାସ୍ଥଳକୁ ପଠାଇ ଖୁବ ଶୀଘ୍ର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।



ଗଦା ହୋଇଥିବା କାରଖାନାର ବର୍ଜ୍ୟ।

## ବିକଟାଳ ଶବ୍ଦ କରୁଥିବା ୧୧ ବାଇକ୍ ଜବତ, ୨୫୦୦୦ ଜରିମାନା



ଜବତ ହୋଇଥିବା ବାଇକ୍।

**ରାଜଗାଙ୍ଗପୁର,୨୩।୪(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ବିକଟାଳ ଶବ୍ଦ କରୁଥିବା ୧୧ ବାଇକକୁ ପୋଲିସ ଗୁରୁବାର ଜବତ କରିଛି। ଏଥିସହ ବାଇକ ଗୁଡିକର ସାଇଲେନ୍ସର ଖୋଲିବା ସହ ସମୁଦାୟ ୨୫୦୦୦ ଟଙ୍କା ଜରିମାନା କରାଯାଇଛି। ଆଗାମୀ ଦିନରେ ଏହିପରି ଯାଞ୍ଚ ରହିବ ଓ ଯେଉଁମାନେ ଏଭଳି ବାଇକ ଚଳାଉଥିବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ବିଜୟ କିଶୋର ଦାଶ କହିଛନ୍ତି। ବିଭିନ୍ନ ପ୍ରକାରର ବାଇକ ଗୁଡିକରେ ସାଇଲେନ୍ସର ଗୁଡିକ ରୁପାନ୍ତରିତ କରି ବିକଟାଳ ଶବ୍ଦ କରିବା ସହିତ ଶବ୍ଦ ପ୍ରଦୁଷଣ କରି ବାଇକ ଚଳାଇ ବୁଲୁଥିବା ଅଭିଯୋଗରେ ରାଜଗାଙ୍ଗପୁର ପୋଲିସ ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲା।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

ADVERTISEMENT FOR RECRUITMENT OF DEAN, STUDENTS' WELFARE

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR

**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com
Lt. No. 1010/Dev/2026 Dated: 20.04.2026

e-NOTICE

BID IDENTIFICATION No. KOD-NAC-02/2026-27

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

ADVERTISEMENT FOR RECRUITMENT OF CONTROLLER OF EXAMINATIONS

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR

**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in
No. 22497 Date: 21.04.2026
XXXVIII(Market)-46/21

ORDER

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏନ୍ଏମ୍‌ଡିସିର ସମାବେଶୀ ବିକାଶ କାର୍ଯ୍ୟକ୍ରମ



**ରାୟପୁର, ୨୩।୪**

ଜାତୀୟ ଖଣିଜ ବିକାଶ ନିଗମ (ଏନ୍ଏମ୍‌ଡିସି) ପକ୍ଷରୁ ଛତିଶଗଡ଼ସ୍ଥିତ ଦାନ୍ତେୱାଡ଼ାରେ ଏକ ସମାବେଶୀ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାନ୍ତେୱାଡ଼ାରେ ଚାଲିଥିବା ଏନ୍ଏମ୍‌ଡିସି ପ୍ରକଳ୍ପ କାର୍ଯ୍ୟକୁ ନେଇ ନିଗମର ବରିଷ୍ଠ ଅଧିକାରୀମାନଙ୍କ ସହ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ସେଠାକାର ପଞ୍ଚାୟତ ମୁଖିଆମାନଙ୍କ ସହ ଆଲୋଚନା କରିଛନ୍ତି। ଦାନ୍ତେୱାଡ଼ା ନିକଟସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲାବେଳେ ସ୍ଥାନୀୟ ଅଞ୍ଚଳର ସାମୂହିକ ବିକାଶ ନେଇ ଏନ୍ଏମ୍‌ଡିସି ପକ୍ଷରୁ ସେମାନଙ୍କ ସହ ଆଲୋଚନା କରାଯାଇଛି। ବିଶେଷକରି ଗ୍ରାମାଞ୍ଚଳବାସୀଙ୍କୁ ପାନୀୟ ଜଳ, ବିଦ୍ୟୁତ୍ ସେବା ଏବଂ ଯାତାୟାତ ଲାଗି ସଡ଼କ ସୁବିଧା ଯୋଗାଇଦେବାକୁ କୁହାଯାଇଛି। ଏନ୍ଏମ୍‌ଡିସି ପକ୍ଷରୁ ବିଭିନ୍ନ ସ୍ଥାନରେ ଖଣି ଖନନ କରାଯାଇଥିଲେ ହେଁ ଏହାର ନିକଟସ୍ଥ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ଲାଗି ବିକାଶମୂଳକ କାର୍ଯ୍ୟ କରିବାକୁ ନିଗମ ଅଗ୍ରାଧିକାର ଦେଇ ଆସିଛି ବୋଲି ଏହାର ବରିଷ୍ଠ ଅଧିକାରୀମାନେ କହିଛନ୍ତି।

# ୧ ଡଲାର= ୯୪.୦୧ ଟଙ୍କା

**ମୁମ୍ବାଇ, ୨୩।୪ (ପି.ଟି.)**

ଭାରତୀୟ ମୁଦ୍ରା 'ଟଙ୍କା'ର ମୂଲ୍ୟରେ କ୍ରମାଗତ ହ୍ରାସ ଜାରି ରହିଛି। ଗୁରୁବାର କାରବାର ଶେଷ ସୁଦ୍ଧା ଆମେରିକୀୟ ଡଲାର ତୁଳନାରେ ଟଙ୍କା ୨୩ ପଇସା ହ୍ରାସ ପାଇ ୯୪.୦୧ ସ୍ତରରେ ସ୍ଥିର ହୋଇଛି। ଏହି ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଟଙ୍କା ୯୪ ସୀମା ଅତିକ୍ରମ କରିବା ପରେ ଦେଶର ଆର୍ଥିକ ବଜାରରେ ଚିନ୍ତା ବଢ଼ିଛି। ପଶ୍ଚିମ ଏସିଆରେ ଚାଲିଥିବା ଅସ୍ଥିରତା ଏବଂ ଆମେରିକା-ଇରାନ୍ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଅନ୍ତ ନ ଘଟିବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୩.୮୩ ଡଲାରରେ ପହଞ୍ଚିଛି। ଏଲ୍‌କେପି ସିକ୍ୟୁରିଟିଜ୍‌ର ବିଶେଷଜ୍ଞ ଯତୀନ ତ୍ରିବେଦୀଙ୍କ ଅନୁଯାୟୀ, ଆମେରିକା-ଇରାନ୍ ଆଲୋଚନାରେ ଅନିଶ୍ଚିତତା ଯୋଗୁ ଡଲାର ମଜଭୁତ ହେବାରେ ଲାଗିଛି। ଗତ ୪ଟି କାର୍ଯ୍ୟ ଦିବସ ମଧ୍ୟରେ ଟଙ୍କା ପ୍ରାୟ ୧.୩ ପ୍ରତିଶତ (୧୨୦ ପଇସା) ଦୁର୍ବଳ ହୋଇଛି। ଏପ୍ରିଲ ୧୭ରେ ଏହା ୯୨.୯୧ ସ୍ତରରେ ଥିବାବେଳେ ଗୁରୁବାର ତାହା ୯୪ ଟପିଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୩୦ରେ ଟଙ୍କା ଏହାର ସର୍ବନିମ୍ନ ସ୍ତର ୯୫.୨୨ କୁ ଛୁଇଁଥିଲା। ଯଦିଓ ଆରବିଆଇର ହସ୍ତକ୍ଷେପ ପରେ ଏଥିରେ କିଛିଟା ସୁଧାର ଆସିଥିଲା, ମାତ୍ର ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତି ଟଙ୍କାକୁ ପୁଣି ଥରେ ଦୁର୍ବଳ କରିଦେଇଛି। ଆଗାମୀ ଦିନରେ ଟଙ୍କା ୯୩.୮୦ରୁ ୯୪.୫୦ ମଧ୍ୟରେ ରହିପାରେ ବୋଲି ଆକଳନ କରାଯାଉଛି।

## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ଶ୍ରେୟାଂଶୀ ବେହେରା**
ବାଲକାଟି, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହିତ ଚଲାପଥ କୁସୁମିତ ହେଉ, ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୮୧

## ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ

# ଆଗକୁ ୨୫ ରୁ ୨୮ ଟଙ୍କା ବଢ଼ିପାରେ ପେଟ୍ରୋଲ ଦର

**ନୂଆଦିଲ୍ଲୀ, ୨୩।୪**

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଯଦି ସବୁଠୁ ଅଧିକ କିଛି ପ୍ରଭାବିତ ହୋଇଥାଏ, ତାହା ହେଉଛି ଇନ୍ଧନ ଯୋଗାଣ କ୍ଷେତ୍ର। ବୈଶ୍ୱିକ ସ୍ତରରେ ହେଉଥିବା ମୋଟ ତୈଳ ଓ ଗ୍ୟାସ୍ ଯୋଗାଣ ମଧ୍ୟରୁ ପ୍ରାୟ ୩୦ ଭାଗ ଇନ୍ଧନ ଇରାନ୍ ଉପକୂଳ ନିକଟସ୍ଥ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। କିନ୍ତୁ ଗତ ଫେବୃଆରୀ ଶେଷ ଭାଗରୁ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ଯୋଗୁ ହର୍ମୁଜ୍ ଦେଇ ତୈଳ ଏବଂ ଗ୍ୟାସ୍ ପରିବହନ ଏକ ପ୍ରକାର ଠପ୍ ହୋଇଯାଇଛି। ଯାହାକୁ ନେଇ ଏବେ ଭାରତ ସମେତ ବହୁ ଦେଶରେ ଇନ୍ଧନଜନିତ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଚାହିଦା ତୁଳନାରେ ଆମଦାନୀ ଏବଂ ଯୋଗାଣ ବ୍ୟାହତ ହୋଇଥିବାରୁ ଏବେ ଅନେକ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଅହେତୁକ ବୃଦ୍ଧି ହୋଇଛି। ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆମେରିକା, ଯୁକ୍ତରାଜ୍ୟ, ୟୁରୋପ, ଚାଇନା, ଅଷ୍ଟ୍ରେଲିଆ, କାନାଡା, ପାକିସ୍ତାନ, ଶ୍ରୀଲଙ୍କା ଭଳି





ଅନେକ ଦେଶରେ ପେଟ୍ରୋଲ ମୂଲ୍ୟ ପୂର୍ବ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ ଭାରତରେ ତୈଳ ସଙ୍କଟ ସ୍ଥିତିକୁ ନେଇ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ କିମ୍ବା ଡିଜେଲ ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ପ୍ରାୟ ୪ ବର୍ଷ ଧରି ୨୦୨୨ ଏପ୍ରିଲରୁ ଏହି ଦୁଇଟି ପେଟ୍ରୋଲିୟମଜାତ ସାମଗ୍ରୀ ମୂଲ୍ୟ ଅପରିବର୍ତ୍ତିତ ରହିଛି। କିନ୍ତୁ ଆଗକୁ ସ୍ଥିତି ବଦଳିବ ଏବଂ ପେଟ୍ରୋଲ ମୂଲ୍ୟରେ ଲିଟର ପିଛା ଅନ୍ୟୁନ ୨୫ ରୁ ୨୮ ଟଙ୍କା ବୃଦ୍ଧି ହେବ ବୋଲି ଭାରତର ବହୁ ଆର୍ଥିକ ଅନୁଷ୍ଠାନ ପକ୍ଷରୁ ଆକଳନ କରାଯାଇଛି। ଆମଦାନୀ ଏବଂ ଯୋଗାଣଜନିତ ସମସ୍ୟା ସତ୍ତ୍ୱେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ମୂଲ୍ୟବୃଦ୍ଧି କରି ନ ଥିଲେ ମଧ୍ୟ ଆଗାମୀ ଦିନରେ ଆଉ କ୍ଷତି ସହିବାକୁ ସକ୍ଷମ ହେବେ ନାହିଁ ଏବଂ ମୂଲ୍ୟବୃଦ୍ଧି କରିବାକୁ ବାଧ ହେବେ ବୋଲି କୋଟକ୍ ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୱିଟିଜ୍‌ର ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଚାଲିଥିବା ବିଧାନସଭା ନିର୍ବାଚନ ପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି ହେବ ବୋଲି ସେମାନେ କହିଛନ୍ତି। କିନ୍ତୁ କେନ୍ଦ୍ର ସରକାର ଏହି ରିପୋର୍ଟକୁ ଅସ୍ୱୀକାର କରିବା ସହ ଅଚାନକ ଭାବେ ପେଟ୍ରୋଲ କିମ୍ବା ଡିଜେଲ ମୂଲ୍ୟରେ ବୃଦ୍ଧି କରିବାକୁ କୌଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତ ନିଜର ତୈଳ ଚାହିଦାର ୮୯ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ। ଏହି କ୍ରମରେ ଦୈନିକ ପ୍ରାୟ ୪.୫ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରାଯାଇଥାଏ। ଏଥିମଧ୍ୟରୁ କେବଳ ରୁଷିଆରୁ ୨.୨୫ ନିୟୁତ ତୈଳ ଆମଦାନୀ କରାଯାଇଥିଲାବେଳେ ବାକି ଅଂଶ ସର୍ବାଧିକ ଭାବେ ଉପସାଗରୀୟ ଦେଶଗୁଡିକରୁ ଆସିଥାଏ। କିନ୍ତୁ ଯୁଦ୍ଧ ପରେ ଏବେ ଉକ୍ତ ଆମଦାନୀରେ ୬୧ ପ୍ରତିଶତ ହ୍ରାସ ଘଟିଛି। ଅର୍ଥାତ୍ ଉପସାଗରୀୟ ଦେଶଗୁଡିକରୁ ଦୈନିକ ଆସୁଥିବା ତୈଳ ପରିମାଣ ୧.୧୮ ନିୟୁତ ବ୍ୟାରେଲ ହ୍ରାସ ପାଇଛି। ଏପଟେ ଯୋଗାଣ ହ୍ରାସ ପାଇଥିଲାବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୨୦ ଡଲାର ନିକଟବର୍ତ୍ତୀ ହେବା ଆମଦାନୀଜନିତ ବ୍ୟୟ ବୃଦ୍ଧିର କାରଣ ହୋଇଛି। ଯାହାକୁ ନେଇ ତୈଳ କମ୍ପାନୀଗୁଡିକ ପେଟ୍ରୋଲ ଲିଟର ପିଛା ୨୦ ଟଙ୍କା ଏବଂ ଡିଜେଲ ପିଛା ୧୦୦ ଟଙ୍କା କ୍ଷତି ସହୁଛନ୍ତି। ଯଦି ଯୁଦ୍ଧକୁ ନେଇ ତୁରନ୍ତ ବୁଝାମଣା ନ ହୁଏ ତେବେ ଆଗକୁ ତୈଳ କମ୍ପାନୀଗୁଡିକ କ୍ଷତି ସହ୍ୟ କରିବାକୁ ସମର୍ଥ ହେବେ ନାହିଁ ଏବଂ ସରକାର ମୂଲ୍ୟବୃଦ୍ଧି କରିବାକୁ ବାଧହେବେ ବୋଲି କୋଟକ୍ ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୱିଟିଜ୍ ପକ୍ଷରୁ କୁହାଯାଇଛି।



ବିଏସ୍‌ଇ ସେନ୍‌ସେକ୍ସ
୭୭,୬୬୪ (-୮୫୨)



୧ ଡଲାର = ୯୪.୦୬ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୧୦୩.୬୦ ଡଲାର

# ଅକ୍ଷୟ ତୃତୀୟାରେ ମାଲାବାର୍ ଗୋଲ୍ଡର ସର୍ବକାଳୀନ ରେକର୍ଡ



**ଭୁବନେଶ୍ୱର, ୨୩।୪**

ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନ ତଥା ଲୋକପ୍ରିୟ ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଅକ୍ଷୟ ତୃତୀୟା ଅବସରରେ ବିକ୍ରିରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ଗ୍ରାହକ ଚାହିଦା, ଉନ୍ନତ ଗ୍ରାହକ ସମ୍ପର୍କ ଓ କମ୍ପାନୀର ସମନ୍ୱିତ ଉତ୍ପାଦନ କ୍ଷମତାକୁ ନେଇ ଅକ୍ଷୟ ତୃତୀୟା ସମୟରେ ବିଶ୍ୱସ୍ତରରେ କମ୍ପାନୀ ବାର୍ଷିକ ୫୩% ଅଭିବୃଦ୍ଧି ହାସଲ କରିଥିବା ବେଳେ ମୋଟ ବିକ୍ରି ପରିମାଣ ୨୬୪୬ କୋଟି ଟଙ୍କାରେ ପହଞ୍ଚିଥିବା କହିଛି। ଭାରତରେ ୭୧% ଏବଂ ଅନ୍ତର୍ଜାତୀୟ ସ୍ତରରେ କମ୍ପାନୀ ୨୨% ଅଭିବୃଦ୍ଧି ହାସଲ କରିଛି।

## କଟକ ଶୋ'ରୁମ୍‌ରେ ବ୍ରାଇଡାଲ ଶୋ'

ଏହି ସଫଳତା ସମ୍ପର୍କରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, 'ଆମ ଗ୍ରାହକମାନଙ୍କ ପାଇଁ ଅକ୍ଷୟ ତୃତୀୟା ଏକ ଗୁରୁତ୍ୱପୂର୍ଣ୍ଣ ଅବସର ହୋଇ ରହିଛି ଏବଂ ଏହି ବର୍ଷର ପ୍ରଦର୍ଶନ ଉଭୟ ଚାହିଦାର ଶକ୍ତି ଓ ଗ୍ରାହକଙ୍କ ଗଭୀର ସମ୍ପର୍କକୁ ପ୍ରତିଫଳିତ କରୁଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ବାର୍ଷିକ ୫୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା କମ୍ପାନୀର ମାନ ଓ ଉଚ୍ଚ ଗୁଣବତ୍ତାକୁ ପ୍ରମାଣିତ କରିଛି। ଅକ୍ଷୟ ତୃତୀୟା ଏବଂ ବିବାହ ଉତ୍ସବ ପରିପ୍ରେକ୍ଷୀରେ କମ୍ପାନୀ ୧.୨୫ ଲକ୍ଷରୁ ଅଧିକ ଗ୍ରାହକଙ୍କ ସହ ଯୋଡ଼ିହୋଇଥିଲା। କଟକସ୍ଥିତ ମାଲବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଶୋ'ରୁମ୍‌ରେ ଗୁରୁବାରଠାରୁ ବ୍ରାଇଡାଲ୍ ଶୋ' ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ଓଡ଼ିଆ ମଡେଲ ତଥା ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀ ଉଦ୍‌ଘାଟନ କରିଛନ୍ତି। ବିବାହ ଉତ୍ସବ ଲାଗି ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମେ' ୩ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ସୁନା, ହୀରା, ପୋଲକି ଏବଂ ରତ୍ନପଥର ଖଚିତ ସ୍ୱତନ୍ତ୍ର ବ୍ରାଇଡାଲ ଅଳଙ୍କାର ପ୍ରଦର୍ଶନ କରାଯିବ।

# ଜେଇ ମେନ୍-୨ରେ କିଟ୍ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର, ୨୩।୪**

ସଦ୍ୟ ପ୍ରକାଶିତ ଜେଇ ମେନ୍-୨ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଉକ୍ତ ପରୀକ୍ଷାରେ ୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୭ଜଣ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ମାନ ବଜାୟ ରଖିଛନ୍ତି। କ୍ଷେତ୍ରବାସୀ ମହନ୍ତ ୯୭.୬, ଶୁଭଲକ୍ଷ୍ମୀ ମୁଦୁଲି ୯୭.୦୩, ଶୁକ୍ରୁ ମହନ୍ତ ୯୫.୪, ଗୋପୀନାଥ ସେଠୀ ୯୪.୧୨ ଓ ସୌମ୍ୟା ଯସ୍‌ମିନ୍ ୯୨.୮୪ ପ୍ରତିଶତ ମାର୍କ ରଖିବା ସହ ଅନେକ ଛାତ୍ରୀଛାତ୍ର ଉଚ୍ଚ ନମ୍ବର ମଧ୍ୟ ରଖିଛନ୍ତି। ଉକ୍ତ ଅନୁଷ୍ଠାନରେ ଛାତ୍ରୀଛାତ୍ରମାନେ +୨ ବିଜ୍ଞାନ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସହ କିପରି ଭାବରେ ଜେଇ ଓ ନିଟ୍ ପରୀକ୍ଷାରେ ଭଲ କରିବେ ସେଥିପାଇଁ ସ୍ୱତନ୍ତ୍ରଭାବେ ତାଲିମପ୍ରାପ୍ତ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ କୋଚିଂ ବ୍ୟବସ୍ଥା ଦିଆଯାଇଥାଏ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ଭଲ କରିବା ସହ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ମଧ୍ୟ ଉଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହେଉଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଞ୍ଚଳ ପକ୍ଷରୁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ





**ସମ୍ବଲପୁର, ୨୩।୪**

ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଞ୍ଚଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଉପ-ମହାପ୍ରବନ୍ଧକ ଓ ଆଞ୍ଚଳିକ ମୁଖ୍ୟ ଦେବୀପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ୨୦୨୫-୨୬ ଆର୍ଥିକ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ସଫଳତାକୁ ପ୍ରଶଂସା କରିଥିଲେ। ସେ ସମସ୍ତ ଶାଖା ପ୍ରବନ୍ଧକଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ପ୍ରଶଂସାକରି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅଧିକ ସଫଳତା ହାସଲ କରିବାକୁ କହିଥିଲେ। ମୁଖ୍ୟ ଅତିଥି ପାଣିଗ୍ରାହୀ ସମ୍ବଲପୁର ଅଞ୍ଚଳର ପର୍ଯ୍ୟାପ୍ତ ବ୍ୟବସାୟିକ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ ଏବଂ ଯେଉଁ କ୍ଷେତ୍ରରେ ଆହୁରି ସୁଧାର ଆବଶ୍ୟକ ତାହାକୁ ଗୁରୁତ୍ୱ ଦେଇଥିଲେ। ବିଶେଷକରି ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ୍ ବୃଦ୍ଧି, ସିଏଏସ୍‌ଏ ସଂଗ୍ରହ, ରିକଭରି ପରିଚାଳନା ଏବଂ ରିଟେଲ ଓ ଏମ୍ଏସ୍ଏମ୍‌ଇ ବ୍ୟବସାୟକୁ ସୁଦୃଢ଼ କରିବା ଉପରେ ସେ ଜୋର୍ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟବସାୟିକ ମାନଦଣ୍ଡ ଆଧାରରେ ୨୦୨୫-୨୬ ମଧ୍ୟରେ ଅସାଧାରଣ ପ୍ରଦର୍ଶନ ଓ ଅବଦାନ ପାଇଁ ଶ୍ରେଷ୍ଠ ଶାଖା ପ୍ରବନ୍ଧକ ଏବଂ ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମନେ ପଡ଼ନ୍ତି

**ତୁମେ ସଦା ପ୍ରଣମ୍ୟ**



**ସ୍ୱ ଅଶ୍ୱିନୀ କୁମାର ରାଉତ**
Badagada Brit Colony, Bhubaneswar
ପୂର୍ବତନ ଡେପୁଟି ସେକ୍ରେଟାରୀ
ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ଧରାବତରଣ- ୨୦.୦୪.୧୯୫୦
ସର୍ଗାରୋହଣ- ୧୪.୦୪.୨୦୨୬
ଆଜିର ଏ ପବିତ୍ର ଦିନରେ ତୁମକୁ ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ
ସ୍ତ୍ରୀ- ହେମଲତା ରାଉତ,
ପରିବାର ବର୍ଗ- ଅରୁଣ, ଅମୀୟ, ଅନିଲ, ଅତସୀ, ଶୁଭଲକ୍ଷ୍ମୀ, ସୋନିଆ, ନିହାରିକା, ଅମୀୟ, ଆୟୁଷି, ଅଲିଶା, ଅନ୍ୱେଶ, ଆୟେଶା, ଅନ୍ୱିତା।
ଧ-୭୬୯୬୨

# ସେନ୍‌ସେକ୍ସରେ ୮୫୨ ପଏଣ୍ଟ ହ୍ରାସ

**ମୁମ୍ବାଇ, ୨୩।୪**

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଥମିବାକୁ ନାଁ ଧରୁ ନ ଥିଲାବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବେଳକୁ ବେଳ ବୃଦ୍ଧି ପାଇ ଚାଲିଥିବାରୁ ଶେୟାର ବଜାରରେ ଅସ୍ଥିରତା ଲାଗି ରହିଛି। ଏହିକ୍ରମରେ ଗୁରୁବାର ମୁମ୍ବାଇ ଶେୟାର ବଜାରରେ ଦ୍ରୁତ ଅବନତି ଘଟିଛି। ବିଏସ୍‌ଇ ସେନ୍‌ସେକ୍ସରେ ୮୫୨ ପଏଣ୍ଟ ହ୍ରାସ ଘଟି କାରବାର ଶେଷବେଳକୁ ଏହା ୭୭,୬୬୪ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୨୦୫ ପଏଣ୍ଟ ହ୍ରାସ ଘଟି ଏହା ୨୪, ୧୭୩ରେ ବନ୍ଦ ରହିଛି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଘଟିଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ୩୩ ପଇସା ହ୍ରାସ ସହିତ ବିନିମୟ ମୂଲ୍ୟ ୯୪.୦୬ ରହିଥିବା ଜଣାପଡ଼ିଛି।


# Classified Everyday
0674-2580101, 9692975378




**REAL ESTATE**
**SALE**

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32

3BHK flat for sale S.B.A 1550sqft. Near Pahala, Atala Rera Approved. 9937080005, 8118055505. D-179

3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate-Three crores (Negotiable). Cell. 9040188940, 93481 21441. D-166

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

Now Matrimonial ads. only on Wednesday & Sunday
Book 1 Get 1 FREE

Plot Sale Near Sundarpada OEC College with Boundary wall- 6372670155. D-30





All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly opening full body massage. Best therapist, Good Looking: 7205888795. D-135

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before the Executive Magistrate, Puri on dated 24.12.2025, I, Urmila Pani, W/o.- Sushil Pani, Village- Gadi Sahi, Chandanpur, P.S.- Chandanpur, Dist.- Puri, PIN- 752012 declare that now I have changed my daughter's name from Urnika Pani to Unika Pani. Henceforth, she shall be known as Unika Pani for all purposes. D-178

By virtue of an affidavit regd. No.- 855 before the Executive Magistrate, Bari, on dated 20.04.2026, CHHAYA DAS, W/o- FAKIR CHARAN DAS, AT/P.O.- Serapur, P.S.- Bari-Ramachandrapur, Dist.- Jajpur, PIN- 755010 declare that I have changed my name from CHHAILATA DAS to CHHAYA DAS. Henceforth, I will known as CHHAYA DAS for all purpose. D-177

**Email ମାଧ୍ୟମରେ**
କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

Letter No.649, dtd.- 22.04.26

ଅତିରିକ୍ତ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀମତୀ କନକଚମ୍ପା ମେହେର, ଓଡ଼ିଶା ପ୍ରଶାସନିକ ସେବା, ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୧୭୪/୨୦୧୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସଙ୍ଗୀତା ଦାସ ଏବଂ ଅନ୍ୟମାନେ ..........ବାଦୀ
ବନାମ
ପ୍ରଭାକର ସାମନ୍ତରାୟ ଏବଂ ଅନ୍ୟମାନେ .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ: ୫. କୈଳାସ ଚନ୍ଦ୍ର ସାହୁ, ପିତା- ନଟବର ସାହୁ, ୬. କେଲୁ ଚରଣ ସାହୁ, ପିତା- ଭୀମ ସାହୁ, ୭. ଶ୍ୟାମ ସାହୁ, ପିତା- କୃଷ୍ଣ ସାହୁ, ୮. ଜାମ୍ବୁ ସାହୁ, ପିତା- ବୈଷ୍ଣବ ସାହୁ, ୯. ଦାମୋଦର ସାହୁ, ପିତା- ଯୋଗୀ ସାହୁ
ଉପରୋକ୍ତ ସମସ୍ତଙ୍କର ଠିକଣା:- ଗ୍ରାମ /ପୋଷ୍ଟ- ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୫।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନିୟୁ କ୍ୟାପିଟାଲ୍, ମୌଜା- ମଧୁସୂଦନ ନଗର, ୟୁନିଟ୍-୧୪
ସାବକ: ଖାତା ନମ୍ବର-୧୪୧, ପ୍ଲଟ୍ ନମ୍ବର- ୧୦୬/୧୫୦୧, ରକବା- ମୋଟ ଏ୦.୩୩୦ଡି. ରୁ ଏ.୦୬୦ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୧୨୯, ପ୍ଲଟ୍ ନମ୍ବର- ୬୯, ରକବା- ମୋଟ ଏ୦.୯୮୦ଡି. ରୁ ଏ.୦୬୦ଡି., ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: ୨୨।୦୪।୨୦୨୬ ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୧୮୦

# ଆଇପିଏଲ୍ ରୋମାଞ୍ଚ



ନିର୍ମଳ କୁମାର ମିଶ୍ର

**ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୬ ମଧ୍ୟଭାଗରେ ପହଞ୍ଚିଥିବାବେଳେ ବିଭିନ୍ନ ଦଳର ଶକ୍ତି ଓ ଦୁର୍ବଳତା ପଦାରେ ପଡ଼ିବାରେ ଲାଗିଛି। ତ୍ରୁଟିକୁ ସୁଧାରି ଦଳ ଗୁଡ଼ିକ ଟିମ୍ କମ୍ବିନେଶନରେ ପରିବର୍ତ୍ତନ କରୁଛନ୍ତି। ଫଳରେ ଲିଗ୍‌ର ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକର ହେବା ନିଶ୍ଚିତ ହୋଇଛି...**



ତିଳକ ବର୍ମା



ଅଭିଷେକ ଶର୍ମା



ସଞ୍ଜୁ ସାମସନ



କ୍ୱିଣ୍ଟନ ଡିକକ୍

ଆଇପିଏଲ-୨୦୨୬ର ପାଖାପାଖି ଅଧା ଲିଗ୍ ମ୍ୟାଚ ସମାପ୍ତ ହେଇଛି। ଫଳରେ ସ୍ୱାଭାବିକ ଭାବେ ରୋମାଞ୍ଚ ବଢ଼ିବାରେ ଲାଗିଛି। କିଛି ଯୁବ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଛନ୍ତି। ହାତ ଗଣତି ଅଳ୍ପ କେତୋଟି ମ୍ୟାଚକୁ ଛାଡ଼ିଦେଲେ ଅଧିକାଂଶ ଦଳର ଅଧିନାୟକ ଟସ୍ ଜିତିବାପରେ ଫିଲ୍ଡିଂ କରିବାକୁ ପସନ୍ଦ କରୁଛନ୍ତି। ରନ ଚେଜ୍‌ରେ ଦଳ ଗୁଡ଼ିକୁ ଫାଇଦା ମଧ୍ୟ ମିଳୁଛି। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗ୍ସ ଏ ପର୍ଯ୍ୟନ୍ତ ଅପରାଜିତ ରହି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ୪ ମ୍ୟାଚରେ ପରାଜିତ ହେବାପରେ ୬ଷ୍ଠ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି। ଦୀର୍ଘ ୧୨ବର୍ଷ ପରେ ଏପ୍ରିଲ ୨୦ ତାରିଖରେ ଏହି ଦଳ ଅହମ୍ମଦାବାଦରେ ପ୍ରଥମଥରପାଇଁ ଗୁଜୁରାଟ ଟାଇଟାନ୍ସକୁ ହରାଇଛି। ଏପର୍ଯ୍ୟନ୍ତ ସର୍ବାଧିକ ଦଳଗତ ସ୍କୋର ପଞ୍ଜାବ କିଙ୍ଗ୍ସ (୨୫୪) ନାମରେ ରହିଛି। ୨୫୦ ରନ ସହ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦ୍ୱିତୀୟ ସ୍ଥାନରେ ରହିଛି। ସିଜନର ସର୍ବନିମ୍ନ ଦଳଗତ ସ୍କୋର (୧୦୦ ରନ) ଗୁଜରାଟ ଟାଇଟନ୍ସ ନାମରେ ରହିଛି। ଗୋଟିଏ ମ୍ୟାଚ ବର୍ଷାରେ ଧୋଇଛି।

ଏପ୍ରିଲ ୨୨ ସୁଦ୍ଧା ବ୍ୟକ୍ତିଗତ ପ୍ରଦର୍ଶନ ଦେଖିଲେ ସନରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା (୩୨୩), ହେନେରିଚ କ୍ଲାସେନ (୩୨୦), ଗୁଜରାଟ ଟାଇଟନ୍ସର ଶୁବମନ ଗିଲ (୨୬୫), ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ (୨୫୪) ଓ ଆରସିବିର ବିରାଟ କୋହଲି (୨୪୭) ଟପ୍ ସ୍କୋରର ତାଲିକା (ଏପ୍ରିଲ ୨୩ ସୁଦ୍ଧା)ର ପ୍ରଥମ ୫ ସ୍ଥାନରେ ରହିଛନ୍ତି। ସେହିପରି ବୋଲରଙ୍କ ତାଲିକାରେ ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ ପ୍ରିନ୍ସ ଯାଦବ (୧୩),ଚେନ୍ନାଇ ସୁପର କିଙ୍ଗ୍ସର ଅଂଶୁଲ କମ୍ବୋଜ (୧୩), ସନ୍‌ରାଇଜର୍ସ ହାଇଦ୍ରାବାଦର ଏହସାନ ମାଲିଙ୍ଗା (୧୨), ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା (୧୨) ଓ ରାଜସ୍ଥାନ ରୟାଲ୍ସର ଜୋଫ୍ରା ଆର୍ଚର (୧୧) ଟପ୍-୫ରେ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ତାରକା ବୋଲର ଯଶପ୍ରୀତ୍ ବୁମ୍‌ରା ୫ ମ୍ୟାଚରେ ଉଇକେଟ ଶୂନ୍ୟ ରହିବା ଅନେକଙ୍କୁ ବିସ୍ମିତ କରିଛି। ତେବେ ମୁମ୍ବାଇ ଇଣ୍ଡିଆନ୍ସର ୬ଷ୍ଠ ମ୍ୟାଚରେ ସେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନଙ୍କୁ ଆଉଟ କରି ଏହି ଶୂନ୍ୟତାକୁ ପୂରଣ କରିଛନ୍ତି।

ଇତିମଧ୍ୟରେ ଆଇପିଏଲ୍‌ର ୩୨ଟି ମ୍ୟାଚ ଶେଷ ହୋଇଥିବାବେଳେ ମାତ୍ର ୪ ଖେଳାଳି ଶତକ ହାସଲ କରିଛନ୍ତି। ଏହି ଖେଳାଳିମାନେ ହେଲେ ଚେନ୍ନାଇ ଦଳର ସଞ୍ଜୁ ସାମସନ, ମୁମ୍ବାଇର କ୍ୱିଣ୍ଟନ ଡିକକ୍ ଓ ତିଳକ ବର୍ମା ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା। ପ୍ରତିଯୋଗିତାର ପ୍ରଥମାର୍ଦ୍ଧ ଶେଷ ହେବାକୁ ଯାଉଥିବାବେଳେ ଖରାପ ପ୍ରଦର୍ଶନପାଇଁ କୋଲକାତା ନାଇଟ ରାଇଡର୍ସ, ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ଟେବୁଲର ନିମ୍ନଭାଗରେ ରହିଛନ୍ତି। ତେଣୁ ଦ୍ୱିତୀୟାର୍ଦ୍ଧରେ ଏହି ଦଳ ଗୁଡ଼ିକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ପଞ୍ଜାବ, ରାଜସ୍ଥାନ, ଆରସିବି, ହାଇଦ୍ରାବାଦ, ଦିଲ୍ଲୀ ଓ ଗୁଜରାଟ ଦଳ ପ୍ରଥମ ୬ ସ୍ଥାନରେ ରହିଛନ୍ତି। ବ୍ୟାଟରଙ୍କ ମଧ୍ୟରେ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ବିରାଟ କୋହଲି, ଶୁବମନ ଗିଲ, ପ୍ରିୟାଂଶ ଆର୍ଯ୍ୟ, ରଜତ ପଟିଦାର, ହେନରିଚ କ୍ଲାସେନ ଆଦି ପ୍ରଭାବୀ ରହିଛନ୍ତି। ପେସ୍ ବୋଲରଙ୍କ ମଧ୍ୟରେ ଅନଶୁଲ କମ୍ବୋଜ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଭୁବନେଶ୍ୱର କୁମାର, ଅଶ୍ୱିନୀ କୁମାର ଭଲ ପ୍ରଦର୍ଶନ କରିଛନ୍ତି। ସ୍ପିନର ରସିଦ୍ ଖାନ୍, ରବି ବିଷ୍ଣୋଇ, ନୁର ଅହମ୍ମଦଙ୍କ ପ୍ରଦର୍ଶନ ଭଲ ରହିଛି।

କୋଲକାତା ଦଳର ସବୁଠାରୁ ଦାମୀ ଖେଳାଳୀ କାମେରନ ଗ୍ରୀନ୍ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ପ୍ରଦର୍ଶନ ଦେଇପାରି ନାହାନ୍ତି। ଅନ୍ୟ ଖେଳାଳିମାନେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରଖି ନ ପାରିବା କାରଣରୁ ନାଇଟ ରାଇଡର୍ସ ୭ ମ୍ୟାଚରୁ ମାତ୍ର ଗୋଟିଏ ବିଜୟ ହାସଲ କରିପାରିଛି। ପଞ୍ଜାବ କିଙ୍ଗ୍ସର ଟପ୍ ଅର୍ଡର ଚମତ୍କାର ପ୍ରଦର୍ଶନ କରି ଦଳକୁ ଫାଇଦାରେ ରଖିଛି। ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ହେନେରିଚ କ୍ଲାସେନ, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ଆରସିବିର ବିରାଟ କୋହଲି ଏବଂ ରଜତ ପଟିଦାର ଭଲ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ପରି ଖେଳାଳିଙ୍କ ପ୍ରଦର୍ଶନ ଫିକା ରହିଥିବାବେଳେ କ୍ୱିଣ୍ଟନ ଡିକକ୍, ତିଳକ ବର୍ମା ଓ ନମନ ଧିର ମୁମ୍ବାଇପାଇଁ ଆଶା ଉଜ୍ଜୀବିତ ରଖିଛନ୍ତି। ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍ୱାଡ୍‌ଙ୍କ ଫର୍ମ ମଧ୍ୟ ଚିନ୍ତାର କାରଣ ପାଲଟିଛି। ଫଳରେ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରତ୍ୟାବର୍ତ୍ତନ ଦଳ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟନ୍ସ ଦଳର ପ୍ରଦର୍ଶନରେ ମଧ୍ୟ ଅସ୍ଥିରତା ପ୍ରକାଶ ପାଇଛି। ଯଥାଶୀଘ୍ର ତ୍ରୁଟିକୁ ସୁଧାରି ଦଳଗତ ପ୍ରଦର୍ଶନ ଦେବାକୁ ପଡ଼ିବ। ଚମତ୍କାର ଆରମ୍ଭ କରି ପ୍ରଥମ ୪ଟି ମ୍ୟାଚରେ ବିଜୟ ହାସଲ କରିଥିବା ରାଜସ୍ଥାନ ରୟାଲ୍ସ ପରେ କ୍ରମାଗତ ୨ଟି ମ୍ୟାଚରେ ପରାଜୟ ସ୍ୱାଦ ଚାଖିଛି। ଭାରତୀୟ ଷ୍ଟାର ଓପନର ଯଶସ୍ୱୀ ଜୟସ୍ୱାଲ ଓ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଦଳ ଅନେକ ନିର୍ଭର କରୁଛି। ଆଗକୁ ଦଳ ଗୁଡ଼ିକର କମ୍ବିନେଶନ କିପରି ରହୁଛି ତା ଉପରେ ନଜର ରହିବ।

ରେକର୍ଡ ଦେଖିଲେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ୨୦୧୩, ୨୦୧୫, ୨୦୧୭, ୨୦୧୯, ୨୦୨୦ରେ ଚାମ୍ପିୟନ ହୋଇ ସଫଳ ଦଳର ମାନ୍ୟତା ପାଉଛି। ଏଥର ମଧ୍ୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ବୋଲିଂ ବିଭାଗରେ ଯଶପ୍ରୀତ ବୁମରା, ଟ୍ରେଣ୍ଟ ବୋଲ୍ଟ, ଶାର୍ଦ୍ଦୁଳ ଠାକୁର, ଦୀପକ ଚହର, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମିଚେଲ ସାଣ୍ଟନରଙ୍କ ପରି ନାମୀଦାମୀ ବୋଲର ରହିଛନ୍ତି। ମାତ୍ର ଦଳଗତଭାବେ ଏପର୍ଯ୍ୟନ୍ତ କ୍ଲିକ୍ କରି ପାରିନାହିଁ। ସେହିପରି ଚେନ୍ନାଇ ସୁପର କିଙ୍ଗ୍ସ ୨୦୧୦, ୨୦୧୧, ୨୦୧୮, ୨୦୨୧ ଏବଂ ୨୦୨୫ରେ ଚାମ୍ପିୟନ ହୋଇ ଅନ୍ୟତମ ସଫଳ ଦଳ ବିବେଚିତ ହେଉଛି। ମାତ୍ର ପ୍ରତିଷ୍ଠା ଅନୁସାରେ ଏପର୍ଯ୍ୟନ୍ତ ଫଳ ମିଳିନାହିଁ। ୨୦୨୫ ସିଜନରେ ମାତ୍ର ୪ଟି ମ୍ୟାଚ ଜିତି ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିଲା। ସେହିପରି ନାଇଟ ରାଇଡର୍ସ ୨୦୧୨, ୨୦୧୪, ୨୦୨୪ରେ ୩ ଥର ଚାମ୍ପିୟନ ହୋଇମଧ୍ୟ ଏଥର ସଂଘର୍ଷ କରୁଛି।

ଗତ ସଂସ୍କରଣର ଫାଇନାଲରେ ଆରସିବିଠାରୁ ମାତ୍ର ୬ ରନରେ ହାରିବାରୁ ପଞ୍ଜାବ କିଙ୍ଗ୍ସର ଟାଇଟଲ ଜିତିବା ଆଶା ଅଧୁରା ରହିଥିଲା। ବେଙ୍ଗାଲୁରୁ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇ ସ୍ୱପ୍ନ ସାକାର କରିଥିଲା। ରନରଅପ୍ ପଞ୍ଜାବ ଏଥର କିନ୍ତୁ ପ୍ରତିଶ୍ରୁତିବଦ୍ଧତା ଦେଖାଇଛି। ପ୍ରଭାବୀ ପ୍ରଦର୍ଶନ ସହ ଆଗକୁ ବଢ଼ୁଛି। ୨୦୨୫ରେ ସୁଯୋଗ ହାତକୁ ଆସିଥିଲେ ମଧ୍ୟ ଅଳ୍ପକେ ଦୂରେଇ ଗଲା। ଅତୀତରେ ବାରମ୍ବାର କୋଚ ଓ ଅଧିନାୟକ ପରିବର୍ତ୍ତନ ଦଳକୁ ଫାଇଦା ଦେଇପାରି ନ ଥିଲା। ୧୮ବର୍ଷରେ ୧୭ଜଣ ଅଧିନାୟକ ପରିବର୍ତ୍ତନ ହୋଇଥିଲେ। କିଙ୍ଗ୍ସ ଇଲେଭେନ ପଞ୍ଜାବରୁ ନାମ ପରିବର୍ତ୍ତନ ହୋଇ ପଞ୍ଜାବ କିଙ୍ଗ୍ସ ରଖାଗଲା। ମାତ୍ର ବୋଲିଂ ବ୍ୟାଟିଂରେ ଅସ୍ଥିର ପ୍ରଦର୍ଶନ ଯୋଗୁ ଦଳ ଆଗକୁ ଯାଇପାରି ନ ଥିଲା। ଏଥର ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳ ଟାଇଟଲ ହାସଲ କରିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ ପାଇଁ ମଧ୍ୟ ଟ୍ରଫି ହାସଲ ଏପର୍ଯ୍ୟନ୍ତ ଅପହଞ୍ଚ ହୋଇ ରହିଛି। ୬ଥର ପ୍ଲେ ଅଫ୍ ରେ ସ୍ଥାନ ପାଇଥିବା ଦିଲ୍ଲୀ ୨୦୨୦ରେ ଫାଇନାଲ ଖେଳିଥିଲା। ମାତ୍ର ମୁମ୍ବାଇ ଇଣ୍ଡିଆନ୍ସଠାରୁ ୫ ଉଇକେଟରେ ହାରି ଯାଇଥିଲା। ଏଥର ଅକ୍ଷର ପଟେଲଙ୍କ ହାତରେ ଦିଲ୍ଲୀର ଭାଗ୍ୟ ରହିଛି। ସେହିପରି ଲକ୍ଷ୍ମୌ ସୁପର ଜାଏଣ୍ଟସ ୨୦୨୨ ଓ ୨୦୨୩ରେ ପ୍ଲେ-ଅଫକୁ କ୍ୱାଲିଫାଏ କରିଥିଲେ ମଧ୍ୟ ବିଫଳ ହୋଇଛି। ଏଥର ଋଷଭ ପନ୍ତଙ୍କ ନେତୃତ୍ୱରେ ଦଳର ଭାଗ୍ୟ ପରିବର୍ତ୍ତନ ହେବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଏଥର ଟ୍ରଫି କାହା ଭାଗ୍ୟରେ ଅଛି ତାହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି। ଯେଉଁ ଦଳ ଟ୍ରଫି ଜିତୁ ନା କାହିଁକି ଆଇପିଏଲର ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ନିଶ୍ଚିତ ମନେ ହେଉଛି।

# ଏଫ୍-୧ ସେନ୍‌ସେଶନ ଆଣ୍ଟୋନେଲି

**ଫର୍ମୁଲାୱାନ ମୋଟରରେସିଂ ୨୦୨୬ର ପ୍ରଥମ ୩ଟି ରେସ୍ ଅନୁଷ୍ଠିତ ହୋଇଯାଇଛି। ଏହି ତିନୋଟି ଯାକ ରେସ୍‌ରେ ପୋଡିୟମ ମଣ୍ଡନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି ଇଟାଲୀର ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି। ୩ ରେସ୍‌ରୁ ଦୁଇଟିରେ ଜିତି ଏହି ଯୁବ ଡ୍ରାଇଭର ଅନେକ ରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି...**





ଫର୍ମୁଲାୱାନ ମୋଟର ରେସିଂ-୨୦୨୬ର ପ୍ରଥମ ୩ଟି ଗ୍ରାଁ ପ୍ରି ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେଲବୋର୍ନରେ ମାର୍ଚ୍ଚ ୮ରେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି, ସଂଘାଇରେ ୧୫ରେ ଚାଇନିଜ୍ ଗ୍ରାଁ ପ୍ରି ଏବଂ ୨୯ରେ ସୁଜୁକାରେ ଜାପାନ ଗ୍ରାଁ ପ୍ରି ଆୟୋଜିତ ହୋଇଛି। ସିଜନ ପ୍ରାରମ୍ଭ ଏହି ୩ଟି ଗ୍ରାଁ ପ୍ରିରେ ଚମତ୍କାର ପ୍ରଦର୍ଶନ କରି ଫର୍ମୁଲା-୧ ସର୍କିଟରେ ନୂଆ ତାରକା ଭାବେ ଉଭା ହୋଇଛନ୍ତି ଇଟାଲୀର ଯୁବ ମର୍ସିଡିଜ୍ ଡ୍ରାଇଭର ଆଣ୍ଡ୍ରେଆ କିମି ଆଣ୍ଟୋନେଲି। ବୋଲୋଗନାରେ ୨୦୦୬ ଅଗଷ୍ଟ ୨୫ରେ ଜନ୍ମିତ ଆଣ୍ଟୋନେଲିଙ୍କ ବାପା ହେଉଛନ୍ତି ସ୍ପୋର୍ଟ୍ସକାର ରେସିଂ ଡ୍ରାଇଭର ମାର୍କୋ ଆଣ୍ଟୋନେଲି। ସଫଳ କାର୍ଟିଂ କ୍ୟାରିୟର ପରେ ସେ ୨୦୨୦ ଓ ୨୦୨୧ରେ ସିନିୟର ୟୁରୋପିଆନ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଥିଲେ। ସେ ଇଟାଲୀ ପାଇଁ ଫିଆ ମୋଟରସ୍ପୋର୍ଟ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଫର୍ମୁଲା ରିଜିଓନାଲ ୟୁରୋପିଆନ ଓ ମିଡିଲ ଇଷ୍ଟ ଚାମ୍ପିୟନଶିପ୍ ଜିତିଥିଲେ। ୨୦୨୪ରେ ସେ ଫିଫା ଫର୍ମୁଲା-୨କୁ ଉନ୍ନୀତ ହୋଇଥିଲେ। ସେ ଦୁଇଟି ରେସ୍ ଜିତିବା ସହ ଷଷ୍ଠ ସ୍ଥାନରେ ରହିଥିଲେ।

୨୦୧୯ ଏପ୍ରିଲରେ ଆଣ୍ଟୋନେଲି ମର୍ସିଡିଜ ଜୁନିୟର ଦଳରେ ଯୋଗ ଦେଇଥିଲେ। ସେହିମାସର ୧୭ ଓ ୧୮ ତାରିଖରେ ଦୁଇଟି ଟେଷ୍ଟ ରେସ କରାଯାଇଥିଲା। ପରେ ସେ ସିଲଭରଷ୍ଟୋନ, ବାର୍ସେଲୋନା-କାଟାଲୁନ୍ୟା, ସ୍ପା-ଫ୍ରାନକରଚାମ୍ପ ଟେଷ୍ଟ ରେସିଂରେ ଭାଗ ନେଇଥିଲେ। ୨୦୨୪ ସିଜନ ମଝିରେ ଆଣ୍ଟୋନେଲି, ଲୋଗାନ ସାର୍ଜେଣ୍ଟଙ୍କ ସ୍ଥାନ ନେବେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ତାଙ୍କ ବଦଳରେ ମିକ ସୁମାକରଙ୍କୁ ଚୟନ କରାଯାଇଥିଲା। ୨୦୨୪ ଇଟାଲିଆନ ଗ୍ରାଁ ପ୍ରିର ପ୍ରଥମ ସେସନରେ ସେ ଭାଗ ନେଇଥିଲେ। ସେସନ ଆରମ୍ଭ ହେବାର ୧୦ ମିନିଟ୍ ମଧ୍ୟରେ ସେ କରଭା ଆଲବୋରେଟୋ କର୍ନରଠାରେ ତାଙ୍କ ଗାଡ଼ି ଧକ୍କା ହୋଇଥିଲା। ଦୁର୍ଘଟଣା ସତ୍ତ୍ୱେ ଟୋଟୋ ୱୋଲଫ ତାଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିଥିଲେ। ସିଜନ ପରେ ସେ ରସେଲଙ୍କ ସହ ୟାସ ମାରିନାଠାରେ ଟେଷ୍ଟ ରେସରେ ଭାଗ ନେଇଥିଲେ।

୨୦୨୫ରେ ଲୁଇସ ହାମିଲଟନଙ୍କ ବଦଳରେ ଆଣ୍ଟୋନେଲିଙ୍କ ସହ ମର୍ସିଡିଜ ଏକ ବର୍ଷ ଲାଗି ଚୁକ୍ତି କରିଥିଲା। ସେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ପଦାର୍ପଣ କରିଥିଲେ। ୨୦୨୧ରେ ଆଣ୍ଟୋନିଓ ଜିଓଭିନାଜିଙ୍କ ପରେ ପ୍ରଥମ ଇଟାଲିଆନ ଡ୍ରାଇଭର ଭାବେ ଫର୍ମୁଲା-୧ରେ ଭାଗ ନେଇଥିଲେ। ଫର୍ମୁଲା-୧ ଇତିହାସରେ ପଦାର୍ପଣ କରିବାରେ ସେ ତୃତୀୟ ସର୍ବକନିଷ୍ଠ ଡ୍ରାଇଭର ହୋଇଥିଲେ।

ଚଳିତ ବର୍ଷ ଚାଇନିଜ ଗ୍ରାଁ ପ୍ରିରେ ୧୯ ବର୍ଷୀୟ ଆଣ୍ଟୋନେଲି କ୍ୟାରିୟରର ପ୍ରଥମ ଥର ପାଇଁ ପୋଲ ପୋଜିଶନ ହାସଲ କରିଥିଲେ। ଏଥିସହିତ ସେବାଷ୍ଟିଆନ ଭେଟେଲଙ୍କ ନାମରେ ଥିବା ରେକର୍ଡ ଭଙ୍ଗ କରି ସେ ସର୍ବକନିଷ୍ଠ ଫର୍ମୁଲା-୧ ପୋଲସିଟର ହୋଇପାରିଥିଲେ। ପୋଲ ପୋଜିଶନକୁ ସେ ରେସ ବିଜୟରେ କନଭର୍ଟ କରି ଅନେକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିଲେ। ୨୦୧୬ରେ ମ୍ୟାକ୍ସ ଭର୍ଷ୍ଟାପେନଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଡ୍ରାଇଭର ଭାବେ ଗ୍ରାଁ ପ୍ରି ଜିତିଥିଲେ। ଗତ ଦୁଇ ଦଶନ୍ଧିରେ ସେ ପ୍ରଥମ ଇଟାଲିଆନ ଡ୍ରାଇଭର ଭାବେ କୌଣସି ଫର୍ମୁଲା-୧ ରେସ ଜିତିଥିଲେ। ଫର୍ମୁଲ-୧ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ତୃତୀୟ ପର୍ଯ୍ୟାୟରେ ଜାପାନିଜ ଗ୍ରାଁ ପ୍ରିରେ ଆଣ୍ଟୋନେଲି ପୋଲ ପୋଜିଶନକୁ ବିଜୟରେ ପରିଣତ କରିଥିଲେ। ସେ ଏହି ରେସରେ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ) ଓ ଚାର୍ଲ୍ସ ଲେକରେକ (ଫେରାରି)ଙ୍କୁ ପଛରେ ପକାଇଥିଲେ। ଆଣ୍ଟୋନେଲି କ୍ୟାରିୟରରେ ପ୍ରଥମ ଥର ପାଇଁ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ସେ ୧୯ ବର୍ଷ ଓ ୨୧୬ ଦିନ ବୟସରେ ଲୁଇସ ହାମିଲଟନଙ୍କ ରେକର୍ଡକୁ ପଛରେ ପକାଇ ସର୍ବକନିଷ୍ଠ ୱାର୍ଲ୍ଡ ଡ୍ରାଇଭର୍ସ ଚାମ୍ପିୟନଶିପ୍ ହେବାର ସଫଳତା ପାଇଥିଲେ। ଆଣ୍ଟୋନେଲି ଜାପାନିଜ୍ ଗ୍ରାଁ ପ୍ରିରୁ ୨୫, ଚାଇନିଜ୍ ଗ୍ରାଁ ପ୍ରିରୁ ୨୫ ଓ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରୁ ୧୮ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟାନ୍ୟ ରେସ୍ ପଏଣ୍ଟକୁ ମିଶାଇ ୩ ଗ୍ରାଁ ପ୍ରି ଶେଷରେ ସେ ୭୨ ପଏଣ୍ଟ ହାସଲ କରି ଡ୍ରାଇଭର୍ସ ଷ୍ଟାଣ୍ଡିଂର ଶୀର୍ଷରେ ରହିଛନ୍ତି। ଚଳିତ ସିଜନରେ ଆହୁରି ୨୦ଟି ଗ୍ରାଁ ପ୍ରି ହେବାକୁ ଥିବାରୁ କେଉଁ ଡ୍ରାଇଭର ଟାଇଟଲ ହାସଲ କରିବେ ତାହା ଏବେଠାରୁ କହିବା କଷ୍ଟକର। ମାତ୍ର ଆଣ୍ଟୋନେଲି ଯେପରି ଆରମ୍ଭ କରିଛନ୍ତି ତାହା ସମସ୍ତଙ୍କୁ ପ୍ରଭାବିତ କରିଛି ଏବଂ ଚଳିତ ସିଜନରେ ସେ ଓଭରଅଲ୍ ଷ୍ଟାଣ୍ଡିଂର ଟପ୍-୩ରେ ରହିବେ ବୋଲି ଆଶା କରାଯାଉଛି।

## ମାନ୍ୟତା

କାର୍ଲୋସ ଅଲକାରାଜ, ସାବଲେଙ୍କା ନେଲେ
ଲୌରିଅସ ପୁରସ୍କାର
ସ୍ପୋର୍ଟ୍ସ ମ୍ୟାନ, ଓମେନ ଅଫ ଦି ଇଅର
ଦୁହେଁ ହେଲେ ବରାବର
ଟପ୍‌ରେ ଆରିନା ଘର
ଶୀର୍ଷ ରାଙ୍କିଙ୍ଗ୍ ପ୍ରାପ୍ତ ଲେଡି ଖେଳାଳିଙ୍କ
କେହି ନୁହେଁ ସମ ତାର...



ଶିବାନୀ ନଙ୍ଗମେଇକା ପାମଙ୍କ ଡବଲ
ଗୋଲ୍ କଲା ବଡ଼ ଖେଳ
ଏଏଫ୍‌ସି କୋଡିଏ ବର୍ଷରୁ କମ ଲେଡି
ଏସିଆ କପରେ ଦଳ
ଜିତିଛି, ଏ ବିଗ୍ ଫଳ
ପ୍ରଫେଶନାଲ ଚାଇନିଜ ତାଇପେଇ
ବନାମ ଇଣ୍ଡିଆ ଦଳ...
ବ୍ୟାଡ଼ମିଣ୍ଟନରେ ଭାରତର ନିୟୁ
ପ୍ରତିଭା ଆୟୁଷ ଶେଟ୍ଟି
ଓଡ଼ିଶାର ଝିଅ ମାନ୍ୟତା ସିଂଙ୍କ
ମାନ୍ୟତାକୁ ଦିଅ ଭେଟି
ବସି ବସି ବେଟା ବେଟି
ଉତ୍କରେଟ କିଣି ମାଗଲା ମାନ୍ୟତା
ପାଆନ୍ତି ଅନେକ ଏଠି...
-ସୁବାସ ଚନ୍ଦ୍ର ପ୍ରଧାନ

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>